# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୨୫/୨୦୧୯ (୨୦ ପୃଷ୍ଠା) Sambalpur, Wednesday, September 25 / 2019 ★★

୧୫ଶ ଭାଗ ୨୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ସଲମାନ୍‌ଙ୍କୁ ହତ୍ୟା ଧମକ**

କୃଷ୍ଣସାର ମୃଗ ଶିକାର ମାମଲାରେ ଯୋଧପୁର କୋର୍ଟ ୨୭ରେ ଶୁଣାଣି କରିବାକୁ ଥିବାବେଳେ ଏହା ପୂର୍ବରୁ ସଲମାନଙ୍କୁ ସୋସିଆଲ ମିଡିଆରେ ହତ୍ୟା ଧମକ ମିଳିଛି।

୧୬

୧୯

**ସର୍ବକନିଷ୍ଠା ଶେଫାଳୀ**

ଭାରତର ସର୍ବକନିଷ୍ଠା ମହିଳା ଖେଳାଳିଭାବେ ମଙ୍ଗଳବାର ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ପଦାର୍ପଣ କରିଛନ୍ତି ଶେଫାଳୀ ବର୍ମା।



## ୮.୬୫%କୁ ବୃଦ୍ଧି ପାଇଲା ଇପିଏଫ୍ ସୁଧ ହାର

**ନୂଆଦିଲ୍ଲୀ,୨୪।୯:** ୭ ମାସ ଧରି ଅପେକ୍ଷା କରିବା ପରେ କେନ୍ଦ୍ର ସରକାର ମଙ୍ଗଳବାର ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଇପିଏଫ୍ ସୁଧ ହାର ୮.୬୫%କୁ ମଞ୍ଜୁରୀ ଦେଇଛନ୍ତି। ଏଥିଯୋଗୁ ପ୍ରାୟ ୬ କୋଟି ପିଏଫ୍ ଆକାଉଣ୍ଟଧାରୀଙ୍କୁ ଫାଇଦା ମିଳିବ। କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ) ଚଳିତବର୍ଷ ଫେବୃୟାରୀରେ ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଇପିଏଫ୍ ଉପରେ ସୁଧ ହାରକୁ ୮.୬୫%କୁ ବୃଦ୍ଧି ଲାଗି ନିଷ୍ପତ୍ତି ନେଇଥିଲା। ଅର୍ଥ ମନ୍ତ୍ରଣାଳୟର ମଞ୍ଜୁରୀ ପ୍ରଦାନ ପରେ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। ୨୦୧୭-୧୮ ଲାଗି ଇପିଏଫ୍‌ଓ ୮.୫୫ ପ୍ରତିଶତ ସୁଧ ପ୍ରଦାନ କରୁଥିଲା। ୨୦୧୬-୧୭ରେ ମଧ୍ୟ ସମାନ ସୁଧ ହାର ପ୍ରଦାନ କରାଯାଉଥିଲା। ଗଙ୍ଗୱାର କହିଛନ୍ତି ଯେ, ଅର୍ଥ ମନ୍ତ୍ରଣାଳୟ ସୁଧ ହାର ବୃଦ୍ଧିକୁ ଅନୁମୋଦନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଯାହାକୁ ପାଳନ କରାଯାଇଛି।

**ଆଜିର ସମ୍ପାଦକୀୟ**

**ଜଳବାୟୁ**

**ଆଜିର ମନ୍ତବ୍ୟ**

" ଦେଶ ବିଭାଜନଠାରୁ ମଧ୍ୟ ଭୟଙ୍କର ଭାଜପା-ଶିବସେନା ଆସନ ଭାଗବଣ୍ଟା।

**-ସଞ୍ଜୟ ରାଉତ୍, ଶିବସେନା ନେତା**

# ପିଓକେରେ ଶକ୍ତିଶାଳୀ ଭୂକମ୍ପ

**ଇସ୍‌ଲାମାବାଦ/ନୂଆଦିଲ୍ଲୀ, ୨୪।୯(ପି.ଟି.)**




ମଙ୍ଗଳବାର ଅପରାହ୍ନରେ ଭୂକମ୍ପ ଯୋଗୁ ପିଓକେର ରାସ୍ତା ଫାଟି ଯାଇଛି।

- ବଢ଼ିପାରେ ମୃତ୍ୟୁସଂଖ୍ୟା
- ପାକିସ୍ତାନ, ଉତ୍ତର ଭାରତରେ ଝଟକା ଅନୁଭୂତ
- ତୀବ୍ରତା ୫.୮, କେନ୍ଦ୍ରସ୍ଥଳ ମିରପୁର

ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ମଙ୍ଗଳବାର ଅପରାହ୍ନରେ ଏକ ଶକ୍ତିଶାଳୀ ଭୂକମ୍ପ ହୋଇଛି। ରିକ୍ଟର ସ୍କେଲ୍‌ରେ ୫.୮ ତୀବ୍ରତା ବିଶିଷ୍ଟ ଭୂକମ୍ପରେ ରାଜଧାନୀ ଇସ୍‌ଲାମାବାଦ ସମେତ ପାକିସ୍ତାନର ଉତ୍ତରଭାଗର ଅନେକ ଅଞ୍ଚଳ ଥରିଉଠିଛି। ଏଥିରେ ଅନ୍ୟୂନ ୧୯ ଜଣ ପ୍ରାଣ ହରାଇଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧିପାଇପାରେ ବୋଲି ଆଶଙ୍କା କରାଯାଉଛି। ୮ରୁ ୧୦ ସେକେଣ୍ଡ ଧରି ଅନୁଭୂତ ହୋଇଥିବା ଭୂକମ୍ପର କେନ୍ଦ୍ରସ୍ଥଳ ପିଓକେର ନ୍ୟୁ ମିରପୁର ବୋଲି ଆମେରିକାର ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ଭୂକମ୍ପର ପ୍ରଭାବ ଦିଲ୍ଲୀ-ଏନ୍‌ସିଆର୍ ସମେତ ଉତ୍ତର ଭାରତର କେତେକେ ଅଞ୍ଚଳରେ ମଧ୍ୟ ଅନୁଭୂତ ହୋଇଛି।

ପାକିସ୍ତାନ ପାଣିପାଗ ବିଭାଗର ଆର୍ଥକ୍ୱେକ୍ ସେଣ୍ଟର ପକ୍ଷରୁ କୁହାଯାଇଛି ଯେ, ଅପରାହ୍ନ ୪ଟା ପରେ ୫.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ପଞ୍ଜାବ ପ୍ରଦେଶର ପାର୍ବତ୍ୟ ସହର ଝେଲମରେ ପ୍ରଥମେ ଅନୁଭୂତ ହୋଇଥିଲା। ଏହାର ଗଭୀରତା ଥିଲା ୧୦ କି.ମି.। ତେବେ ଭୂକମ୍ପର ତୀବ୍ରତା ୭.୧ ବୋଲି ପାକିସ୍ତାନର ବିଜ୍ଞାନ ମନ୍ତ୍ରୀ ଫୱାଦ୍ ଚୌଧୁରୀ ସୂଚନା ଦେଇଛନ୍ତି। ପିଓକେର ମିରପୁର ପୋଲିସ ଡିଆଇଜି କହିଛନ୍ତି, ଶକ୍ତିଶାଳୀ ଭୂକମ୍ପ ଯୋଗୁ ମିରପୁର ଓ ଏହାର ଆଖପାଖ ଅଞ୍ଚଳର ବହୁ ଘରଦ୍ୱାର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଲୋକେ ଭୟରେ ଘରୁ ବାହାରିଯାଇଛନ୍ତି। ରାସ୍ତାଗୁଡ଼ିକ ଫାଟି ଆଁ କରିଛି। ଏଥିରେ ୧୦ ଜଣ ପ୍ରାଣ ହରାଇଛନ୍ତି। ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହସ୍ପିଟାଲଗୁଡ଼ିକରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ପ୍ରଶାସନକୁ ପାକିସ୍ତାନୀ ସେନାମୁଖ୍ୟ ଜେନେରାଲ କମାର ଜାଭେଦ୍ ବାଜ୍‌ୱା ନିର୍ଦ୍ଦେଶ ଦେଇଛନ୍ତି। ସେନା ପକ୍ଷରୁ ହେଲିକପ୍ଟରରେ ମେଡିକାଲ୍ ଟିମ୍‌କୁ ବିଭିନ୍ନ ସ୍ଥାନକୁ ପଠାଯାଇଛି। ପ୍ରକୃତରେ କେତେ ଧନଜୀବନ ନଷ୍ଟ ହୋଇଛି ସେନେଇ ଆକଳନ କରାଯାଉଛି ବୋଲି ପାକିସ୍ତାନର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧ୍ୟକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ମହମ୍ମଦ ଅଫ୍‌ଜଲ୍ କହିଛନ୍ତି। ଇସ୍‌ଲାମାବାଦ ସମେତ ପେଶାୱର, ରାୱଲପିଣ୍ଡି, ଲାହୋର, ସ୍କାର୍ଦୁ, କୋହାଟ, ଚର୍ସାଦା, କସୁର, ଫୈସଲାବାଦ, ଗୁଜରାଟ, ସିଆଲକୋଟ, ଆବୋଟାବାଦ, ମନସେରା, ଚିତ୍ରାଲ, ମାଲାକଣ୍ଡ, ମୁଲତାନ, ଶାଙ୍ଗଲା, ଓକାରା, ନୌସେରା, ଆଟକ ଓ ଖାଇବରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି।

ପ୍ରକାଶ ଯେ, ୨୦୦୫ ଅକ୍ଟୋବର ୮ରେ ପିଓକେରେ ଏକ ଶକ୍ତିଶାଳୀ ଭୂକମ୍ପ ହୋଇଥିଲା। ୭.୬ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପ ଯୋଗୁ ୭୩,୦୦୦ ଲୋକ ପ୍ରାଣ ହରାଇଥିବାବେଳେ ଲକ୍ଷାଧିକ ଲୋକ ବାସହରା ହୋଇଯାଇଥିଲେ।

## ଅମିତାଭଙ୍କୁ ଦାଦାସାହେବ ଫାଲ୍‌କେ ଆୱାର୍ଡ



**ନୂଆଦିଲ୍ଲୀ,୨୪।୯(ପି.ଟି.):** ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ଚଳିତବର୍ଷ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯିବ। ନିଜର ଦମ୍‌ଦାର ଅଭିନୟ ଓ ଭାରତୀୟ ସିନେମା ଲାଗି ଜୀବନବ୍ୟାପୀ ଯୋଗଦାନ ପାଇଁ ତାଙ୍କୁ ଏହି ସମ୍ମାନ ଲାଗି ମନୋନୀତ କରାଯାଇଛି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭ୍‌ଡେକର ଏନେଇ ଟୁଇଟରରେ ଉଲ୍ଲେଖ କରିବା ସହ ଅମିତାଭଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦୁଇ ପିଢି ଲାଗି ମନୋରଞ୍ଜନ ଓ ପ୍ରେରଣା ଯୋଗାଇଥିବା ଏହି ଅଭିନେତାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିବା ସେ କହିଛନ୍ତି। ଏହାକୁ ନେଇ ସାରା ଦେଶ ଓ ଅନ୍ତର୍ଜାତୀୟ ସ୍ତରରେ ଥିବା ଅମିତାଭ ପ୍ରେମୀଙ୍କ ମନରେ ଆନନ୍ଦ ଖେଳିଯାଇଛି। ପ୍ରକାଶଥାଉ କି, ପ୍ରଖ୍ୟାତ ଫିଲ୍ମ ନିର୍ଦ୍ଦେଶକ ଓ ପ୍ରଯୋଜକ ଦାଦାସାହେବ ଫାଲ୍‌କେଙ୍କ ନାମରେ ୧୯୬୯ରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି।

## ସବୁ ବ୍ଲକ, ସବ୍‌ଡିଭିଜନରେ ମିଳିବ ଲର୍ନିଂ ଲାଇସେନ୍ସ

- ଖୋଲିବ ଅସ୍ଥାୟୀ କ୍ୟାମ୍ପ
- ପ୍ରଦୂଷଣ ସାର୍ଟିଫିକେଟ୍ ବି ମିଳିବ
- ନୂଆ ନିଷ୍ପତ୍ତି ସମ୍ପର୍କରେ ଅଧିକାରୀ ଜାଣିପାରୁ ନାହାନ୍ତି

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ରାଜ୍ୟର ସବୁ ବ୍ଲକ ଏବଂ ସବ୍‌ଡିଭିଜନ ସ୍ତରରେ ଖୋଲିବ ଅସ୍ଥାୟୀ ଲର୍ନିଂ ଲାଇସେନ୍ସ କ୍ୟାମ୍ପ। ସେଠାରେ ଗାଡ଼ିଗୁଡ଼ିକ ପାଇଁ ପ୍ରଦୂଷଣ ସାର୍ଟିଫିକେଟ୍ ଦିଆଯିବାର ବ୍ୟବସ୍ଥା ହେବ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମଙ୍ଗଳବାର କହିଛନ୍ତି। ଡ୍ରାଇଭିଂ ଲାଇସେନ୍ସ, ଲର୍ନିଂ ଲାଇସେନ୍ସ, ପ୍ରଦୂଷଣ ସାର୍ଟିଫିକେଟ୍ ଆଦି କାଗଜପତ୍ର ନ ଥିଲେ କେନ୍ଦ୍ର ସରକାରଙ୍କ ନୂଆ ମୋଟର ଯାନ ଆଇନ ଅନୁଯାୟୀ ବଡ଼ଧରଣର ଜରିମାନା ଆଦାୟ କରାଯାଉଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ୩ ମାସ ପାଇଁ କୋହଳ କରିଛନ୍ତି। ଏହି ସମୟ ମଧ୍ୟରେ ନୂଆ ମୋଟର ଯାନ ଆଇନ ଅନୁଯାୟୀ କାଗଜପତ୍ର ପ୍ରସ୍ତୁତ କରିବାକୁ ଲୋକଙ୍କୁ କୁହାଯାଇଛି। ତେଣୁ ଲୋକମାନେ ଆବଶ୍ୟକ ☞ପୃଷ୍ଠା-୪

# ଆହୁରି ୨୪ ଘଣ୍ଟା ପ୍ରବଳ ବର୍ଷା

- ୭ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ
- ପ୍ରମୁଖ ନଦୀର ଜଳପତ୍ତନ ବୃଦ୍ଧି

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**



ମଙ୍ଗଳବାର ଭୁବନେଶ୍ୱରରେ ହୋଇଥିବା ବର୍ଷା।

ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାଛଡ଼ା ଓଡ଼ିଶା ଏବଂ ଝାଡ଼ଖଣ୍ଡ ଉପର ଦେଇ ଏକ ଟ୍ରପଲାଇନ ରହିଛି। ଏଥିସହିତ ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁ ବଙ୍ଗୋପସାଗରରୁ ପୂର୍ବ ଦିଗ ସ୍ଥଳଭାଗ ଆଡ଼କୁ ବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଉପକୂଳ, ଉତ୍ତର ଓ ଆଭ୍ୟନ୍ତରୀଣ ଅଞ୍ଚଳର କେତେକ ସ୍ଥାନରେ ଦିନ ତମାମ ବର୍ଷା ଲାଗି ରହିଛି। ତୁହାକୁ ତୁହା ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପ୍ରବଳ ବର୍ଷା ଯୋଗୁ କେତେକ ନଦୀ ମଧ୍ୟ ଫୁଲିବା ଆରମ୍ଭ କରିଛି। ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀର ନରାଜ, ବୁଢାବଳଙ୍ଗ ନଦୀର ବାଲି ମୁଣ୍ଡଳୀ, କୁଶଭଦ୍ରାର ନିମାପଡା, ସୁବର୍ଣ୍ଣରେଖା ନଦୀର ଜାମଶୋଳା, ଋଷିକୁଲ୍ୟା ନଦୀର ମାଧବରିଡା ଓ ପୁରୁଷୋତ୍ତମପୁର, ବଂଶଧାରାର ଗୁଣୁପୁରଠାରେ ବନ୍ୟା ଜଳ ବୃଦ୍ଧି ପାଉଛି। ତେବେ ବର୍ଷା ହ୍ରାସ ପାଇବା ସମ୍ଭାବନା ଥିବାରୁ କୌଣସି ନଦୀରେ ବନ୍ୟା ଆଶଙ୍କା ନାହିଁ।

ଗତ ୨୪ ଘଣ୍ଟା ମଧ୍ୟରେ ଯାଜପୁରରେ ୭୮ ମିଲିମିଟର ବର୍ଷା ହୋଇଥିବାବେଳେ ବାଲିମେଳା ୫୬.୪, ଏନ.ଏଚ-୫ ଗୋବିନ୍ଦପୁର ୪୨.୮, ନୀଳଗିରି ୬୬.୬, ସୋରେ ୪୨, ଉଦଳା ୨୭, ଜୟପୁର ୨୭.୨, ହିନ୍ଦୋଳ ୩୨, ପୁରୀ ୫୪.୬, ଗୋପ ୩୭.୨, ନୟାଗଡ଼ ୨୬.୪, ରଣପୁର ୨୬.୨, ପଟ୍ଟାମୁଣ୍ଡାଇ ୫୭, ଗୋପାଳପୁର ୪୯.୪, ପୁରୁଷୋତ୍ତମପୁର ୮୮.୨, ଛତ୍ରପୁର ୪୫.୫, ଆଖୁଆ ପଦା ୪୦, ଆନନ୍ଦପୁର ୨୯, ବାଲେଶ୍ୱର ୩୫, ଭୁବନେଶ୍ୱରରେ ୩୮, ଚାନ୍ଦବାଲିରେ ୧୨.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ବର୍ଷା ଆସନ୍ତା ୨୮ ତାରିଖ ଯାଏ ଲାଗି ରହିବ। ତେବେ ୨୬ ତାରିଖ ଠାରୁ ବର୍ଷା ପରିମାଣ ହ୍ରାସ ପାଇବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ତେବେ ମୟୂରଭଞ୍ଜ, ବାଲେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ, ଭଦ୍ରକ, ଗଞ୍ଜାମ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, କେନ୍ଦୁଝର, କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ଏଲୋୱାର୍ନିଂ ଜାରି କରିଛି। ଗୁରୁବାରଠାରୁ ବର୍ଷା ପରିମାଣ କମି ଗଲେ ମଧ୍ୟ ଦକ୍ଷିଣ, ପଶ୍ଚିମ ଏବଂ ଉପକୂଳ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ନଭେମ୍ବର ଯାଏ ନିସ୍ତାର ନାହିଁ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

**ପିଆଜ ବଜାରରେ ନିଆଁ**



- ୬୦ ଡେଇଁବ: ବ୍ୟବସାୟୀ ସଂଘ
- ଖାଉଟି ମୁଣ୍ଡରେ ଚଡ଼କ
- କାମରେ ଲାଗୁନି ପିଏସ୍ଏଫ୍
- ଦର ବୁଝିବାରେ ବୈଠକ ଶେଷ

ଆଜ୍ଞା ଆମେ ତ ଦିନ ମଜୁରିଆ। ଖଟିଲେ ଖାଉଛୁ। ପଖାଳ ସାଙ୍ଗକୁ ପିଆଜ ଲଙ୍କା ଲୁଣ ଟିକେ ହେଲେ ଆମର ଚଳି ଯାଉଛି। ଘରେ ୫ ପ୍ରାଣୀ କୁଟୁମ୍ବ। ପିଆଜ କିଲୋରୁ କମ୍ ଆଣିଲେ ହେଉନି। ବଜାରରେ ପନିପରିବା ଦର ଆକାଶ ଛୁଆଁ ହୋଇଛି। ପିଆଜରେ କାମ ଚଳୁଥିଲା। ହେଲେ ମାସେ ହେବ ଦର ହୁ ହୁ ହୋଇ ବଢୁଛି। ହାଟରେ ପିଆଜ ଦର ମଧ୍ୟ ୫୦ଟପି ଗଲାଣି। କ’ଣ କରିବୁ କିଛି ବୁଦ୍ଧି ବାଟ ଦିଶୁନି। ସତ୍‌ସଙ୍ଗ ବିହାର ନିକଟରେ ଦିନ ମଜୁରି ପାଇଁ ଅପେକ୍ଷା କରିଥିବା ସନିଆ ବେହେରା ପିଆଜ ଦରକୁ ନେଇ ମଙ୍ଗଳବାର ଏମିତି ପ୍ରତିକ୍ରିୟା ଦେଇଛନ୍ତି। କେବଳ ସନିଆ କାହିଁକି ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକମାନେ ପିଆଜ ଦର ବୃଦ୍ଧିକୁ ନେଇ ତ୍ରାହି ତ୍ରାହି ଡାକୁଛନ୍ତି। ଖୁଚୁରା ବଜାରରେ ପିଆଜ ସତେ ଯେମିତି ଖାଉଟିଙ୍କ ମୁଣ୍ଡରେ ଚଡ଼କ ପକାଇ ଦେଇଛି। ପିଆଜ ଦରକୁ ନେଇ ସାଧାରଣ ଲୋକେ ଘାଣ୍ଟି ଚକଟି ହେଉଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନୀରବ ଦ୍ରଷ୍ଟା ସାଜିଛି। କେବଳ ପିଆଜ ଦର ବୁଝିବା ଛଡ଼ା ବିଭାଗ ନିକଟରେ ଆଉ କିଛି ସତେଯେମିତି ବିକଳ୍ପ ନାହିଁ। ଦର କିଲୋ ପିଛା ୫୦ ଟପିବା ପରେ ମଙ୍ଗଳବାର ବିଭାଗୀୟ ସଚିବ ଓଡ଼ିଶା ବ୍ୟବସାୟୀ ମହାସଂଘ କୁବେରପୁରୀ ବ୍ୟବସାୟୀ ସଂଘ ଏବଂ କଟକର କେତେଜଣ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରିଛନ୍ତି। ବୈଠକ କେବଳ ପିଆଜର ଆମଦାନୀ ଏବଂ ହୋଲସେଲ ଦର ମଧ୍ୟରେ ସୀମିତ ରହିଗଲା। ଆସନ୍ତା ନଭେମ୍ବର ଶେଷ ଯାଏ ପିଆଜ ଦର କମିବାର ପ୍ରଶ୍ନ ଉଠୁନି ବୋଲି ସଂଘର ପ୍ରତିନିଧି ସରକାରଙ୍କୁ ଜଣାଇଲେ। ଓଡ଼ିଶାକୁ ଆମଦାନୀ ହେଉଥିବା ମହାରାଷ୍ଟ୍ରର ନାସିକରେ ହୋଲ୍‌ସେଲ ଦର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ବ୍ୟବସାୟୀମାନଙ୍କୁ ସରକାର ରିହାତି ଦେବାର ବ୍ୟବସ୍ଥା କଲେ ଦରକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇ ପାରିବ ବୋଲି କର୍ମକର୍ତ୍ତା ମତ ଦେଇଛନ୍ତି। ଅନ୍ୟପକ୍ଷରେ ନାଫେଡ କିଲୋ ପ୍ରତି ୪୦ ଟଙ୍କାରେ ପିଆଜ ବିକ୍ରି କରୁଛି। ରାଜ୍ୟ ସରକାର ନାଫେଡ ଠାରୁ ଆଣି ରିହାତି ଦରରେ ଲୋକଙ୍କୁ ପିଆଜ ଯୋଗାଇବାକୁ ବିଭିନ୍ନ ମହଲରେ ଦାବି ହେଉଛି। ମାତ୍ର ସରକାର ପିଆଜ ଦର ଉପରେ ଅଙ୍କୁଶ ଲଗାଇବାକୁ କୌଣସି ପଦକ୍ଷେପ ନେବା ମୁଡ୍‌ରେ ନାହାନ୍ତି। ନୂଆ ପିଆଜ ଉତ୍ପାଦନ ପର୍ଯ୍ୟନ୍ତ ଅପେକ୍ଷା କରାଯିବ କି ନାଫେଡ ଠାରୁ କିଣି ଲୋକଙ୍କୁ ଯୋଗାଇବେ ତାହା ଆସନ୍ତା ୭ ଦିନ ପରେ ହେବାକୁ ଥିବା ବୈଠକରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି। ଯୋଗାଣ ବିଭାଗର ଡେପୁଟି ଡାଇରେକ୍ଟର କେ. ପ୍ରତାପ ପାତ୍ର କହିଛନ୍ତି ଯେ, ପିଆଜ ଦରବୃଦ୍ଧି ଏକ ଜାତୀୟ ସମସ୍ୟା। ଉତ୍ପାଦନ କମ୍ ହେବା ସହ ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE 24.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 67 | 115 | 125 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers







ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଯିବା ପରେ କଶ୍ମୀରୀମାନଙ୍କୁ ଜମି ଓ ଚାକିରି ହରାଇବା ଭୟ ଘାରିଛି। ଏହି ଧାରଣା ଭୁଲ ଏବଂ ଏହା ସେମାନଙ୍କୁ ସାହାଯ୍ୟ କରିବ ବୋଲି ଉପତ୍ୟକାବାସୀଙ୍କୁ ବୁଝାଇବାକୁ ପଡ଼ିବ।
-ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ





୫.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ପାକିସ୍ତାନକୁ ଥରାଇଦେଇଛି। ରାଜଧାନୀ ଇସ୍‌ଲାମାବାଦରେ ଏହାର ଝଟକା ଅନୁଭୂତ ହେବା ପରେ ଲୋକେ ଭୟରେ ଘରୁ ବାହାରିଆସିଛନ୍ତି।



କୋଲ୍ ଇଣ୍ଡିଆ (ସିଆଇଏଲ୍) ଏବଂ ସିଙ୍ଗାରେନି କୋଲିଏରିଜ୍ କମ୍ପାନୀ ଲିଃ (ଏସ୍‌ସିସିଏଲ୍)ରେ ୧୦୦% ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାର ଶ୍ରମିକମାନେ ଧର୍ମଘଟ କରିଛନ୍ତି। ଏଥିଯୋଗୁ ଝାଡ଼ଖଣ୍ଡର ଧାନବାଦସ୍ଥିତ ଏକ କୋଇଲା ଖଣି ଖାଲି ପଡ଼ିଛି।



ଦେଶବ୍ୟାପୀ ପିଆଜ ଦର ଆକାଶଛୁଆଁ ହୋଇଛି। ନୂଆଦିଲ୍ଲୀର କୃଷି ଭବନ ବାହାରେ ରିହାତି ମୂଲ୍ୟରେ ପିଆଜ କିଣିବା ପାଇଁ ଲୋକେ ଧାଡ଼ିରେ ଛିଆ ହୋଇଛନ୍ତି।

## ଉତ୍ତର ଭାରତରେ ଭୂକମ୍ପ ଝଟକା

**ନୂଆଦିଲ୍ଲୀ,୨୪।୯(ପି.ଟି.):** ପିଓକେରେ ୫.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ପାକିସ୍ତାନ ପାଇଁ ବିପର୍ଯ୍ୟୟ ଆଣିଦେଇଥିବାବେଳେ ଉତ୍ତର ଭାରତରେ ମଧ ଏହାର ଝଟକା ଅନୁଭୂତ ହୋଇଛି। ରାଜଧାନୀ ଦିଲ୍ଲୀ ସମେତ ଏନ୍‌ସିଆର, ଜମ୍ମୁ-କଶ୍ମୀର, ପଞ୍ଜାବର ଚଣ୍ଡିଗଡ଼ ଓ ଉତ୍ତରାଖଣ୍ଡର ଡେରାଡୁନରେ କିଛି ସେକେଣ୍ଡ ପାଇଁ ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିଯୋଗୁ ଭାରତର କୌଣସି ସ୍ଥାନରେ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିନାହିଁ।

## 'କଶ୍ମୀର ସ୍ଥିତି ଅତି ଖରାପ'



**ଜମ୍ମୁ,୨୪।୯(ପି.ଟି.):** ଜମ୍ମୁ-କଶ୍ମୀର ସ୍ଥିତି ଅତ୍ୟନ୍ତ ଖରାପ ରହିଛି ବୋଲି ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ୍ ମଙ୍ଗଳବାର କହିଛନ୍ତି। ବର୍ତ୍ତମାନ ସେ ଗଣମାଧ୍ୟମକୁ କିଛି କହିବେ ନାହିଁ। ଯାହା କହିବାର ଅଛି ଗସ୍ତ ଶେଷ ହେବା ପରେ ହିଁ କହିବେ। ତାଙ୍କୁ ମାତ୍ର ୧୦% ସ୍ଥାନକୁ ଯିବାକୁ ପ୍ରଶାସନ ଅନୁମତି ଦେଇଛି । ସେଠାରେ ସ୍ୱାଧୀନତାର ଚିହ୍ନବର୍ଣ୍ଣ ନାହିଁ ବୋଲି ନିଜ ବାସଭବନ ଆଗରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି। ୬ ଦିନିଆ କଶ୍ମୀର ଗସ୍ତରେ ଥିବା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଆଜାଦ୍ ଚତୁର୍ଥ ଦିନରେ ଜମ୍ମୁରେ ପହଞ୍ଚିଛନ୍ତି। ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାର ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆଜାଦଙ୍କ ଏହା ହେଉଛି ଉପତ୍ୟକାକୁ ପ୍ରଥମ ଗସ୍ତ। ଏହା ପୂର୍ବରୁ ସେ କଶ୍ମୀର ଯିବା ପାଇଁ ୩ ଥର ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ଗତ ୧୬ ତାରିଖରେ ସୁପ୍ରିମକୋର୍ଟଙ୍କ ଅନୁମତି ମିଳିବା ପରେ ସେ ଏହି ଯାତ୍ରା କରିପାରିଛନ୍ତି। ଆଜାଦ୍ ଦିଲ୍ଲୀ ଫେରିବା ପରେ ସୁପ୍ରିମକୋର୍ଟଙ୍କୁ ସ୍ଥିତି ନେଇ ଏକ ରିପୋର୍ଟ ପ୍ରଦାନ କରିବେ ବୋଲି ସେ କହିଛନ୍ତି।

# ଅଲ୍ କାଏଦାକୁ ପ୍ରଶିକ୍ଷଣ ଦେଇଥିଲା ପାକ୍ ସେନା

**ଇସ୍‌ଲାମାବାଦ/ନ୍ୟୁୟର୍କ,୨୪।୯**

## ଇମ୍ରାନ୍‌ଙ୍କ ସ୍ୱୀକାରୋକ୍ତି



ଶେଷରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସତ ଓକାଳିଛନ୍ତି। ଆତଙ୍କବାଦକୁ ନେଇ ଏକଘରକିଆ ହୋଇପଡ଼ିଥିବା ପାକିସ୍ତାନ ଅଲ୍ କାଏଦା ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦେଇଥିବା କଥା ମାନିଛି। ନିଜେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏ କଥା ସ୍ୱୀକାର କରିବା ସହ ପାକିସ୍ତାନ ସେନା ଓ ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଅଲ୍ କାଏଦା ଆତଙ୍କବାଦୀଙ୍କୁ ପ୍ରଶିକ୍ଷିତ କରାଇଥିବା କହିଛନ୍ତି। ଅଲ୍ କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍ ପାକିସ୍ତାନରେ ଆଶ୍ରୟ ନେବା ପଛରେ ଥିବା ପାକିସ୍ତାନର କଳା କାରନାମା ସମ୍ପର୍କରେ ଏବେ ତଥ୍ୟ ପଦାକୁ ଆସିଛି। ଆଫଗାନିସ୍ତାନରେ ଏହି ଆତଙ୍କବାଦୀ ସଙ୍ଗଠନ ଓ ଅନ୍ୟ କେତେକ ଗୋଷ୍ଠୀର ଆତଙ୍କବାଦୀଙ୍କୁ ପାକ୍ ସେନା ପ୍ରଶିକ୍ଷଣ ଦେଇଥିବା ସେ କହିଛନ୍ତି। ଏଥିସହ ୨୦୦୧ ଆତଙ୍କବାଦୀ ଆକ୍ରମଣ (୯/୧୧)ପରେ ଆମେରିକାକୁ ସମର୍ଥନ କରିବା ମସ୍ତ ବଡ଼ ଭୁଲ୍ ଥିଲା ବୋଲି ମଧ ସେ କହିଛନ୍ତି। ସେନା ଏହାକୁ ଗ୍ରହଣ କରି ନ ଥିଲେ ବି ପରିସ୍ଥିତିରେ ପଡ଼ି ଆମେ ଆମେରିକାକୁ ସହଯୋଗ କରିବା ଲାଗି ଆଗେଇ ଆସିଥିଲୁ ବୋଲି ଇମ୍ରାନ୍ କହିଛନ୍ତି। ପାକିସ୍ତାନ ଆମେରିକାକୁ ସମର୍ଥନ ନ କରି ନିରପେକ୍ଷ ରହିବା ଉଚିତ ହୋଇଥାନ୍ତା। ନ୍ୟୁୟର୍କରେ ଖବରଦାତାଙ୍କ କେତେକ ପ୍ରଶ୍ନର ଉତ୍ତର ଦେଇ ଇମ୍ରାନ୍ ଏହା ପ୍ରକାଶ କରିଛନ୍ତି।

ସୋଭିଏଟ୍ ରୁଷ ୧୯୮୦ରେ ଆକ୍ରମଣ କରିବାବେଳେ ଆମେରିକା ହିଁ ପାକିସ୍ତାନକୁ ସହଯୋଗ କରିଥିଲା। ଆଇଏସ୍‌ଆଇ ସହାୟତାରେ ଆତଙ୍କବାଦୀଙ୍କୁ ସେତେବେଳେ ପ୍ରଶିକ୍ଷଣ ଦିଆଯାଇଥିଲା। ୯୦ ଦଶକରେ ଜେହାଦ୍ ହିଁ ଅସ୍ତ୍ର ଭାବେ ଛିଡ଼ା ହୋଇଥିଲା। ୯/୧୧ ଆତଙ୍କବାଦୀ ଆକ୍ରମଣ ପରେ ଆମେରିକାକୁ ପାକିସ୍ତାନ ସହଯୋଗ କରିଥିଲା। ଏବେ ଆମେରିକା ଆଫଗାନିସ୍ତାନରେ ଆତଙ୍କ ଚଳାଇଛି। ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଶାନ୍ତି ସେଠାରେ ଫେରିବା ଅସମ୍ଭବ ବୋଲି ଇମ୍ରାନ୍ କହିଛନ୍ତି। ଦୀର୍ଘ ୧୯ ବର୍ଷର ଫଳ ଏପର୍ଯ୍ୟନ୍ତ ମିଳିନାହିଁ। ଆମେରିକା ପଦକ୍ଷେପ ପୂର୍ବରୁ ଆଫଗାନିସ୍ତାନରେ ତାଲିବାନ ସରକାର ଗଠନ କରିବାରେ ପାକିସ୍ତାନର ପ୍ରମୁଖ ହାତ ଥିଲା। ଏବେ ପାକିସ୍ତାନ ତାଲିବାନ ବିରୋଧରେ ଲଢି ଆମେରିକାକୁ ସହଯୋଗ କରୁଛି ବୋଲି ଇମ୍ରାନ ପ୍ରକାଶ କରିଛନ୍ତି।

## ବୋରିସ୍‌ଙ୍କୁ ସୁପ୍ରିମକୋର୍ଟ ଝଟକା

# ପାର୍ଲାମେଣ୍ଟ ନିଲମ୍ବନ ବେଆଇନ



**ଲଣ୍ଡନ,୨୪।୯ (ପି.ଟି./ଆଇଏଏନ୍‌ଏସ୍)**

ବ୍ରିଟେନ ପାର୍ଲାମେଣ୍ଟକୁ ନିଲମ୍ବନ କରିବା ବେଆଇନ ଓ ଅବୈଧ ବୋଲି ମଙ୍ଗଳବାର ସେଠାକାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏହି ଐତିହାସିକ ନିଷ୍ପତ୍ତି ଯୋଗୁ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କୁ ଶକ୍ତ ଝଟକା ଲାଗିଛି।

ଚଳିତ ମାସ ଆରମ୍ଭରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ପାର୍ଲାମେଣ୍ଟକୁ ସେପ୍ଟେମ୍ବର ମଧ୍ୟଭାଗରୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ୫ ସପ୍ତାହ ପାଇଁ ନିଲମ୍ବନ କରିଥିଲେ ବା ସ୍ଥଗିତ ରଖିଥିଲେ। ତାଙ୍କ ସରକାରର ନୀତିଗୁଡ଼ିକ ଉପରେ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ନିଜ ଅଭିଭାଷଣରେ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ସେ ଏପରି କରିଥିବା ବୋରିସ୍ କହିଥିଲେ। ତେବେ ବିରୋଧୀ ଓ ତାଙ୍କ ନିଜ ଦଳ କଞ୍ଜରଭେଟିଭ୍ ପାର୍ଟି ଏମ୍‌ପିମାନେ ଏହାକୁ ବିରୋଧ କରିଥିଲେ। ଅକ୍ଟୋବର ୩୧ ବ୍ରେକ୍‌ଜିଟ୍ ତାରିଖ ପୂର୍ବରୁ ଏସମ୍ପର୍କିତ ବିତର୍କର ସମୟକୁ ହ୍ରାସ କରିବା ପାଇଁ ବୋରିସ୍ ପାର୍ଲାମେଣ୍ଟକୁ ସ୍ଥଗିତ କରିଥିବା ସେମାନେ ଅଭିଯୋଗ ଆଣିଥିଲେ। ଭାରତୀୟ ବଂଶୋଦ୍ଭବ ବ୍ରେକ୍‌ଜିଟ୍ ବିରୋଧୀ କ୍ୟାମ୍ପେନର ଜିନା ମିଲର ଏହି ନିଷ୍ପତ୍ତିକୁ ବ୍ରିଟେନ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଏହାର ଶୁଣାଣି ସୁପ୍ରିମକୋର୍ଟରେ ହେବ ବୋଲି ସର୍ବୋଚ୍ଚ ଅଦାଲତକୁ ପଠାଇ ଦେଇଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ମଙ୍ଗଳବାର ଐତିହାସିକ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ ଅଧ୍ୟକ୍ଷ ଲେଡି ବ୍ରେଣ୍ଡା ହାଲେ କହିଛନ୍ତି, ପାର୍ଲାମେଣ୍ଟକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେବା ଲାଗି ମହାରାଣୀଙ୍କୁ ପରାମର୍ଶ ଦେବା ବେଆଇନ ଥିଲା। ସଂସଦକୁ କର୍ତ୍ତବ୍ୟ ପାଳନରେ ରୋକାଯିବା ଭୁଲ। ଏଥିଯୋଗୁ ଆମ ଗଣତନ୍ତ୍ରର ମୌଳିକ ଢାଞ୍ଚା ଉପରେ ଗଭୀର ପ୍ରଭାବ ପଡ଼ିଛି। ୧୧ ବିଚାରପତି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛନ୍ତି ଯେ, ପାର୍ଲାମେଣ୍ଟ ଏବେ ନିଲମ୍ବିତ ହୋଇନାହିଁ। ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ବେଆଇନ ଓ ଅବୈଧ। ଆଗକୁ କ'ଣ କରାଯିବ ସେନେଇ ହାଉସ୍ ଅଫ୍ କମନ୍ସ ଓ ଲର୍ଡସ୍‌ର ବାଚସ୍ପତିମାନେ ନିଷ୍ପତ୍ତି ନେବେ। ରାୟ ପରେ କମନ୍ସ ବାଚସ୍ପତି ଜନ୍ ବର୍କାଓ କହିଛନ୍ତି, ବୁଧବାରଠାରୁ ପାର୍ଲାମେଣ୍ଟ ପୁଣି ଚାଲିବ। ପୂର୍ବାହ୍ନ ୧୧ଟା ୩୦ରେ ଅଧିବେଶନ ଆରମ୍ଭ କରିବା ଲାଗି ଆବଶ୍ୟକ ପଦକ୍ଷେପ ନିମନ୍ତେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ସେ ସ୍ପଷ୍ଟ କରିଛନ୍ତି। ରାଜନୈତିକ ପ୍ରସଙ୍ଗରେ ଅଦାଲତ ହସ୍ତକ୍ଷେପ କରିବା ଅନୁଚିତ ବୋଲି ପୂର୍ବରୁ ମନ୍ତବ୍ୟ ଦେଇଥିବା ଜନ୍‌ସନ୍‌ଙ୍କୁ ଅଦାଲତଙ୍କ ରାୟ ଏକ ବଡ଼ ଝଟକା ବୋଲି କୁହାଯାଉଛି। ଜାତିସଂଘ ସାଧାରଣ ସଭାରେ ଯୋଗଦେବା ପାଇଁ ନ୍ୟୁୟର୍କରେ ଥିବା ଜନ୍‌ସନ୍ କହିଛନ୍ତି, ରାୟ ସହ ସେ ଏକମତ ନୁହନ୍ତି। ତେବେ ଏହାକୁ ସେ ସମ୍ମାନ ଦେବେ। ଅନ୍ୟପକ୍ଷରେ ଏକ ବାସ୍ତବ ଗଣତନ୍ତ୍ରରେ ପାର୍ଲାମେଣ୍ଟକୁ ନୀରବ କରିଦେବା ଅନୁଚିତ ବୋଲି ୟୁରୋପୀୟ ଆଇନପ୍ରଣେତାମାନେ ରାୟକୁ ସ୍ୱାଗତ କରିଛନ୍ତି।

## ଜାତିସଂଘ ସାଧାରଣ ସଭାରେ ଟ୍ରମ୍ପ୍

# ବାଣିଜ୍ୟ, ହଂକଂ ଉପରେ ଚାଇନାକୁ ଚେତାବନୀ

**ନ୍ୟୁୟର୍କ,୨୪।୯**



ବେଜିଂର ବାଣିଜ୍ୟିକ ସ୍ୱେଚ୍ଛାଚାରିତା ଶେଷ ହୋଇଛି। ହଂକଂବାସୀଙ୍କ ଗଣତାନ୍ତ୍ରିକ ଉପାୟରେ ଜୀବନକୁ ଚାଇନା ସୁରକ୍ଷା ଦେଉ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ବାଣିଜ୍ୟ ଓ ହଂକଂ ପ୍ରସଙ୍ଗରେ ଚାଇନାକୁ ଏଭଳି ଭାଷାରେ ଚେତାବନୀ ଦେଇଛନ୍ତି।

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)କୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ବାଣିଜ୍ୟକୁ ନେଇ ଚାଇନାର ଅନ୍ୟାୟ ଓ ସ୍ୱେଚ୍ଛାଚାରିତାକୁ ଅନେକ ବର୍ଷ ଧରି ବରଦାସ୍ତ କରାଯାଇଛି। କେତେବେଳେ ଏହାକୁ ଅଣଦେଖା କରାଯାଇଥିବାବେଳେ ଆଉ କେବେ ପ୍ରୋତ୍ସାହନ ମଧ ଦିଆଯାଇଛି। ବିଶ୍ୱବାଦ ଯୋଗୁ ବିଶ୍ୱନେତାମାନେ ନିଜ ଦେଶର ଜାତୀୟ ସ୍ୱାର୍ଥକୁ ଅଣଦେଖା କରିଛନ୍ତି। କିନ୍ତୁ ଯେତେଦୂର ଆମେରିକା କଥା ଉଠୁଛି, ସେହିଦିନଗୁଡ଼ିକ ଶେଷ ହୋଇଯାଇଛି। ସେହିପରି ହଂକଂ ସଙ୍କଟକୁ ଚାଇନା ଯେପରି ପରିଚାଳନା କରୁଛି, ତା' ଉପରେ ତାଙ୍କ ପ୍ରଶାସନ ସତର୍କତା ସହ ଅନୁଧ୍ୟାନ କରୁଛି। ସେ ଆହୁରି କହିଛନ୍ତି, ହଂକଂର ସ୍ୱାଧୀନତା, ଆଇନ ବ୍ୟବସ୍ଥା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନେଇ ସମ୍ପାଦିତ ଚୁକ୍ତିକୁ ଚାଇନା ପୂର୍ଣ୍ଣ ସମ୍ମାନ ଦେବ ବୋଲି ବିଶ୍ୱ ଆଶାବାଦୀ। ଆମେରିକାବାସୀଙ୍କ ପାଇଁ ସେ ଏକ ଖରାପ ଚୁକ୍ତିକୁ ଗ୍ରହଣ କରିବେ ନାହିଁ ବୋଲି ଏହି ବିଶ୍ୱମଞ୍ଚରେ ସେ ସ୍ପଷ୍ଟ କରିଛନ୍ତି। ସେହିପରି ଇରାନ ଯୋଗୁ ଆମେରିକାର ନିରାପତ୍ତା ଉପରେ ବିପଦ ସୃଷ୍ଟି ହୋଇଛି। ତେହେରାନ ୱାଶିଂଟନ ଓ ମଧ୍ୟପ୍ରାଚ୍ୟରେ ଏହାର ସହଯୋଗୀମାନଙ୍କ ଆଡ଼କୁ ଅଗ୍ରସର ହେବା ବନ୍ଦକରୁ। ଇରାନର ବିପଜ୍ଜନକ ବ୍ୟବହାର ଜାରି ରହିଲେ ଆମେରିକା ଏହା ଉପରୁ କଟକଣା ହଟାଇବ ନାହିଁ, ବରଂ ଅଧିକ କଡ଼ାକଡ଼ି କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଆମେରିକା କୌଣସି ରାଷ୍ଟ୍ର ସହ ଯୁଦ୍ଧ ଚାହେଁ ନାହିଁ। ଆମେ ଶାନ୍ତି, ସହଯୋଗ ଓ ପାରସ୍ପରିକ ଲାଭ ଚାହୁଁ। ଆମେରିକାର ସ୍ୱାର୍ଥକୁ ସୁରକ୍ଷା ଦେବାରେ ସେ କେବେ ବିଫଳ ହେବେ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି।

## 'ଡିସେମ୍ବର ୬ରୁ ରାମମନ୍ଦିର ନିର୍ମାଣ'

**ଏଟା,୨୪।୯(ଆଇଏଏନ୍‌ଏସ୍)**

ଅଯୋଧ୍ୟାରେ ଆସନ୍ତା ଡିସେମ୍ବର ୬ ତାରିଖରୁ ରାମମନ୍ଦିର ନିର୍ମାଣ ଆରମ୍ଭ ହେବ ବୋଲି ମଙ୍ଗଳବାର ଭାଜପା ଏମ୍‌ପି ସାକ୍ଷୀ ମହାରାଜ କହିଛନ୍ତି। ଉତ୍ତରପ୍ରଦେଶର ଉନ୍ନାଓ ଆସନର ଭାଜପା ଏମ୍‌ପି ସାକ୍ଷୀ କହିଛନ୍ତି, ରାମମନ୍ଦିର ସମ୍ପର୍କିତ ମାମଲାର ଶୁଣାଣି ପ୍ରାୟ ଶେଷ ହୋଇଗଲାଣି। ତେଣୁ ମନ୍ଦିର ନିର୍ମାଣ ଡିସେମ୍ବର ୬ରେ ଆରମ୍ଭ ହେବ ବୋଲି ସେ ଅନୁଭବ କରୁଛନ୍ତି। ହିନ୍ଦୁତ୍ୱ ବିଚାରଧାରା କେବେହେଲେ ମସ୍‌ଜିଦ୍ କିମ୍ବା ଚର୍ଚ୍ଚ ଭାଙ୍ଗିବାକୁ ଉଦ୍ୟମ କରିନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଯୋଧ୍ୟା ଶୁଣାଣି ମଙ୍ଗଳବାର ୩୦ ଦିନରେ ପହଞ୍ଚିଥିବାବେଳେ ମୁସ୍‌ଲିମ୍ ପକ୍ଷର ଓକିଲ ରାଜୀବ ଧଓ୍ୱନ ତାଙ୍କ ଯୁକ୍ତିକୁ ଆଗକୁ ବଢ଼ାଇଛନ୍ତି। ଏହା ପୂର୍ବରୁ ହିନ୍ଦୁ ମହାସଭା ଓ ନିର୍ମୋହୀ ଆଖଡ଼ାର ଓକିଲ ନିଜ ନିଜ ପକ୍ଷ ରଖିସାରିଛନ୍ତି।



# ଚିନ୍ମୟାନନ୍ଦଙ୍କ ଜାମିନ ଆବେଦନ ଖାରଜ

**ଶାହଜାହାନପୁର,୨୪।୯(ପି.ଟି.)**

ଜଣେ ଆଇନ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇଥିବା ଭାଜପା ନେତା ସ୍ୱାମୀ ଚିନ୍ମୟାନନ୍ଦଙ୍କ ଜାମିନ ଆବେଦନକୁ ଉତ୍ତରପ୍ରଦେଶର ଶାହଜାହାନପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଖାରଜ କରିଦେଇଛନ୍ତି। ସେସନ୍ସ କୋର୍ଟରେ ଏନେଇ ଆବେଦନ କରିବାକୁ କୋର୍ଟ ପରାମର୍ଶ ଦେଇଥିବା ଚିନ୍ମୟାନନ୍ଦଙ୍କ ଓକିଲ ଓମ୍ ସିଂ ମଙ୍ଗଳବାର କହିଛନ୍ତି। ଅନୁରୂପ ଭାବେ ଗିରଫ ସଞ୍ଜୟ, ସଚିନ ଓ ବିକ୍ରମଙ୍କ ଜାମିନ ଆବେଦନକୁ ମଧ କୋର୍ଟ ଖାରଜ କରିଛନ୍ତି। ଏହି ୩ ଅଭିଯୁକ୍ତଙ୍କୁ ଏସ୍‌ଆଇଟି ୯୫ ଘଣ୍ଟା ରିମାଣ୍ଡରେ ନେଇଥିଲା।

[ଇତିହାସର ଆଇନାରେ]

## ସେପ୍ଟେମ୍ବର ୨୫ର ପ୍ରମୁଖ ଘଟଣା

### ଜାପାନରେ ଭୂକମ୍ପ

୨୦୦୩ ସେପ୍ଟେମ୍ବର ୨୫ରେ ଜାପାନର ହୋକାଇଡୋରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୮.୩ ଥିଲା। ଏହାର ପ୍ରଭାବରେ ସୁନାମି ହେବାରୁ ସମୁଦ୍ର ଜୁଆର ୪ ମିଟର ପର୍ଯ୍ୟନ୍ତ ଉପରକୁ ଉଠିଥିଲା। ରାସ୍ତାଘାଟ ଫାଟି ଆଁ କରିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପ୍ରାୟ ୮୦୦ ଲୋକ ଆହତ ହୋଇଥିଲେ। ହୋନ୍‌ସୁ ଓ ଟୋକିଓରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା।

### ଚିକାଗୋ ମାରାଥନ୍

୧୯୭୭ ସେପ୍ଟେମ୍ବର ୨୫ରେ ଆମେରିକାର ଚିକାଗୋ ସହରରେ ଅନୁଷ୍ଠିତ ମାରାଥନରେ ୪,୨୦୦ ଲୋକ ଅଂଶଗ୍ରହଣ କରିଥିଲେ। ବୋଷ୍ଟନ, ନ୍ୟୁୟର୍କ, ଲଣ୍ଡନ, ବର୍ଲିନ ଓ ଟୋକିଓ ମାରାଥନ ଭଳି ଏହା ବେଶ୍ ଚର୍ଚ୍ଚିତ। ମେୟର ଡାଲେ ମାରାଥନଙ୍କ ନାମରେ ଏହାର ନାମକରଣ କରାଯାଇଛି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୧ | ୨୩.୧ |
| ଚାନ୍ଦବାଲି | ୩୧.୭ | ୨୫.୬ |
| କଟକ | ୨୯.୨ | ୨୩.୦ |
| ପାରାଦ୍ୱୀପ | ୨୯.୧ | ୨୬.୩ |
| ଭୁବନେଶ୍ୱର | ୨୮.୫ | ୨୪.୫ |
| ଗୋପାଳପୁର | ୨୮.୦ | ୨୪.୯ |
| ପୁରୀ | ୨୯.୪ | ୨୩.୬ |
| ଅନୁଗୋଳ | ୨୯.୧ | ୨୧.୬ |
| ବାରିପଦା | ୨୮.୪ | ୨୫.୦ |
| ଝାରସୁଗୁଡ଼ା | ୩୧.୮ | ୨୪.୬ |
| କେନ୍ଦୁଝର | ୨୬.୮ | ୨୩.୩ |
| ସମ୍ବଲପୁର | ୩୧.୬ | ୨୨.୮ |
| ସୁନ୍ଦରଗଡ଼ | ୩୦.୦ | ୨୨.୦ |
| ହୀରାକୁଦ | ୩୦.୧ | ୨୪.୧ |
| ତାଳଚେର | ୨୯.୩ | ୨୪.୩ |
| ଭବାନୀପାଟଣା | ୩୧.୫ | ୨୫.୦ |
| ବଲାଙ୍ଗୀର | ୩୨.୩ | ୨୪.୫ |
| କୋରାପୁଟ | ୨୭.୦ | ୨୧.୬ |
| ଫୁଲବାଣୀ | ୨୮.୦ | -- |
| ଟିଟିଲାଗଡ଼ | ୩୩.୨ | ୨୨.୧ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୮.୮ | ୨୨.୨ |
| ଦାରିଙ୍ଗିବାଡ଼ି | ୨୪.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## ସୋସିଆଲ ମିଡିଆ ଅପବ୍ୟବହାର ରୋକିବାକୁ ହେବ ଗାଇଡ୍‌ଲାଇନ

# ୩ ସପ୍ତାହ ମଧ୍ୟରେ ଜଣାଇବାକୁ କେନ୍ଦ୍ରକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୪।୯(ପି.ଟି.)**



ସୋସିଆଲ ମିଡିଆର ଅପବ୍ୟବହାର ଦିନକୁ ଦିନ ବଢିବାରେ ଲାଗିଛି। ଫେକ୍ ଆକାଉଣ୍ଟ ଖୋଲି ଏଥିରେ ମନଇଚ୍ଛା ମତପ୍ରକାଶ କରାଯାଉଛି। ଏମିତିକି ମେସେଜ୍ ପଠାଉଥିବା ଲୋକଙ୍କୁ ଧରିବାରେ ସମସ୍ୟା ସୃଷ୍ଟିହେଉଛି। ବିଭିନ୍ନ ସୋସିଆଲ ମିଡିଆର ଏଭଳି ଅପବ୍ୟବହାର ରୋକିବା ଲାଗି ସୁପ୍ରିମକୋର୍ଟ କେନ୍ଦ୍ର ସରକାରକୁ ପରାମର୍ଶ ଦେଇଛନ୍ତି। ଏନେଇ କେତେ ସମୟ ମଧ୍ୟରେ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇ ପାରିବ, ସେନେଇ ୩ ସପ୍ତାହ ମଧ୍ୟରେ ସୂଚନା ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜଷ୍ଟିସ ଦୀପକ ଗୁପ୍ତା ଓ ଜଷ୍ଟିସ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ସରକାର ଏବେଠାରୁ ଏନେଇ ପଦକ୍ଷେପ ଗ୍ରହଣ କରିବା ଲାଗି ପରାମର୍ଶ ଦେଇଛନ୍ତି। ପ୍ରକାଶଥାଉ କି, ପୂର୍ବରୁ ସୋସିଆଲ ମିଡିଆ ୟୁଜର୍ସଙ୍କ ଲାଗି ଆଧାର ଲିଙ୍କ୍ କରାଯିବା ଠିକ୍ ହେବ କି ବୋଲି ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ କହିଥିଲେ। ଏମିତି କରାଗଲେ ସୋସିଆଲ ମିଡିଆର ଅପବ୍ୟବହାରକାରୀଙ୍କୁ ଚିହ୍ନଟ କରାଯିବା ସହଜ ହେବ ବୋଲି ଦର୍ଶାଯାଇଥିଲା। ଆଧାର ଲିଙ୍କ୍ ନେଇ ମାଡ୍ରାସ ହାଇକୋର୍ଟ, ବମ୍ବେ ଓ ମଧ୍ୟପ୍ରଦେଶରେ ମାମଲା ଚାଲିଥିଲା। ଫେସ୍‌ବୁକ୍ ଇଙ୍କ୍ ଓ ଅନ୍ୟ ସୋସିଆଲ ମିଡିଆ କମ୍ପାନୀ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ। ଗତ ଅଗଷ୍ଟ ୨୦ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଗୁଗ୍‌ଲ, ହ୍ୱାଟ୍ସଆପ୍, ଟ୍ୱିଟର, ୟୁଟ୍ୟୁବ୍, ଫେସ୍‌ବୁକ୍ ଆଦିଠାରୁ ଏନେଇ ସ୍ପଷ୍ଟୀକରଣ ମାଗିଥିଲେ।



www.tvsxl.com tvsxl
25 LAKH EDITION
TVS
ଆଗାମି କାଲିର ଟେକ୍‌ନୋଲୋଜୀ,
ବିଶେଷ ବୈଶିଷ୍ଟ୍ୟାବଳୀ ସହିତ
₹29,990 ରୁ ଆରମ୍ଭ#
2-ହ୍ୱୀଲ୍‌ରରେ ପ୍ରଥମଥର ପାଇଁ^
ଆଇ-ଟଚ୍ ଷ୍ଟାର୍ଟ
30%
ବ୍ୟାଟେରୀ ସେଭିଙ୍ଗ୍*
ଆରମ୍ଭର ଆନନ୍ଦ ଅନୁଭବ କରନ୍ତୁ
ମୋବାଇଲ୍ ଚାର୍ଜିଙ୍ଗ୍
ମିସ୍‌ଡ କଲ୍ : 1800 3157 100
CSD ରେ ମଧ୍ୟ ଉପଲବ୍ଧ ଅଟେ
TVS XL100
HEAVY DUTY
i-TOUCH start
ମୋର ତ ଭାଗ୍ୟ ବଦଳିଗଲା
ଭିନ୍ନରୂପେ ସକ୍ଷମ ବ୍ୟକ୍ତିମାନଙ୍କ ପାଇଁ ରେଟ୍ରୋ ଫିଟ୍ କିଟ୍ ନିମନ୍ତେ, 8114371924 ନମ୍ବରକୁ ଯୋଗାଯୋଗ କରନ୍ତୁ ।
ଚେକ୍ ର ଆବଶ୍ୟକତା ନାହିଁ । ଇଏମ୍‌ଆଇ ନଗଦ ପଇଠ କରାଯାଇପାରେ ।
ଡାଉନ ପେମେଣ୍ଟ ₹2999 ରୁ ଆରମ୍ଭ##
0%## ସୁଧ ହାର
Paytm CASHBACK up to ₹7,000**
T&C Apply
*Based on internal test conditions. ^ i-Touchstart with ISG technology is introduced for the first time in India. ** Paytm cashback+Vouchers worth ₹7000. Only through paytm at select dealerships. # Ex-showroom price of Comfort variant.
## Finance at the sole discretion of the financier. Schemes cannot be clubbed. Low down payment mentioned is applicable on select variants only. T&C apply.
TVS 3 YEAR WARRANTY
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Unique TVS, Ph : 8114372182, 8114372181, Gurugobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732 Authorised Dealers: Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Nuapara, Ph.: 9937653638; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Binka, Ph : 7894255589; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; San Balichuan, Ph : 8658502167; Khariar Road, Ph.: 9938098888; Sohela, Ph.: 9938739550; Thuvapali, Ph : 9937452169 ; Bhatli, Ph : 9090140103; Titlagarh, Ph : 9438096285; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401;Padampur, Ph : 9938110070; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Tarbha : Ph : 9439135679 ; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417.
dentsuindia/dha sam/36/19

**କିଛି ତଥ୍ୟ**

୫୯ ମିନିଟ ଋଣ ଯୋଜନାରେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୩୫ ହଜାର କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। -ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆହାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ଲାଷ୍ଟିକ କଟକଣାକୁ ମାନୁ ନାହାନ୍ତି ସରକାରୀ କର୍ମଚାରୀ

## ନିର୍ଦ୍ଦେଶନାମା ଜାରି କଲା ସାଧାରଣ ପ୍ରଶାସନ ବିଭାଗ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ କିମ୍ବା ୫୦ ମାଇକ୍ରନରୁ କମ ମୋଟେଇ ପଲିଥିନ ପରିବେଶ ପାଇଁ ମାରାତ୍ମକ । ଏହାର ବ୍ୟବହାରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି। ୨୦୧୮ ଅକ୍ଟୋବର ୨ ତାରିଖରୁ ରାଜ୍ୟରେ ୬ଟି ସହରାଞ୍ଚଳରେ ଏହାର ବ୍ୟବହାରକୁ ନିଷେଧ କରାଯାଇଥିବା ବେଳେ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଏହାକୁ ବାରଣ କରାଯାଇଛି। ତେବେ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ କର୍ମଚାରୀମାନେ ପାଳନ କରୁ ନାହାନ୍ତି। ପଲିଥିନ, ପ୍ଲାଷ୍ଟିକ ବୋତଲ, କପ, ପ୍ଲେଟ ଆଦିର ବହୁଳ ବ୍ୟବହାର ଚାଲିଛି। ଏପରିକି ଭୋଜି ସମୟରେ ଥର୍ମୋପ୍ଲେଟଗୁଡ଼ିକର ବହୁଳ ବ୍ୟବହାର କରାଯାଉଛି।

ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସରକାରୀ କର୍ମଚାରୀଙ୍କ ପାଇଁ ସରକାର ପୁଣି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ଏକ ନିର୍ଦ୍ଦେଶନାମା ସବୁ ବିଭାଗର ସଚିବମାନଙ୍କୁ ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ପ୍ଲାଷ୍ଟିକ ଏକ ନଷ୍ଟ ହେଉ ନ ଥିବା ମାରାତ୍ମକ ବସ୍ତୁ। ପରିବେଶ ପାଇଁ ଏହା ବଡ ବିପଦ ଭାବେ ଛିଡା ହୋଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପ୍ଲାଷ୍ଟିକ ଉପରେ କଟକଣା ଲଗାଇବାକୁ ଅନେକ ପଦକ୍ଷେପ ନେଇଛି। ଏହାସତ୍ତ୍ୱେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅବାଧରେ ପ୍ଲାଷ୍ଟିକ ବ୍ୟବହାର ଚାଲିଛି। ପାଣିପାଉଚ, ବୋତଲ, ପ୍ଲାଷ୍ଟିକ କପ, ପ୍ଲେଟ ଆଦିକୁ କୌଣସି ବୈଠକରେ ବ୍ୟବହାର କରାଯିବ ନାହିଁ। କର୍ମଚାରୀମାନେ ନିଜ ବିଭାଗରେ ଲାଗିଥିବା ଆକ୍ୱାଗାର୍ଡରୁ ଷ୍ଟେନଲେସ ଷ୍ଟିଲ କିମ୍ବା କାଚ ବୋତଲରେ ପାଣି ନେଇ ବ୍ୟବହାର କରି ପାରିବେ। ସରକାରୀ ସଭାସମିତିରେ ମଧ୍ୟ ପ୍ଲାଷ୍ଟିକ ବ୍ୟବହାରକୁ ବାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୈନନ୍ଦିନ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ପ୍ଲାଷ୍ଟିକରେ ନିର୍ମିତ ଫ୍ଲେକ୍ସ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ବିଭାଗଗୁଡ଼ିକ ପ୍ଲାଷ୍ଟିକର ବିକଳ୍ପ ଯୋଗାଡ କରିବାକୁ ମଧ୍ୟ କୁହାଯାଇଛି। ତୁରନ୍ତ ଏଠିହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ସବୁ ବ୍ଲକ, ...

କାଗଜପତ୍ର ପାଇଁ ଆରଟିଓ ଏବଂ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରଗୁଡ଼ିକରେ ପ୍ରବଳ ଭିଡ଼ ଲଗାଉଛନ୍ତି। ଅନେକ ଲୋକଙ୍କୁ କାଗଜପତ୍ର ପ୍ରସ୍ତୁତ ପାଇଁ ବହୁ ଦୂରରୁ ଆସିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ବ୍ଲକ ଏବଂ ସବ୍‌ଡିଭିଜନ ସ୍ତରରେ ଅସ୍ଥାୟୀ ଲର୍ଣ୍ଣିଂ ଲାଇସେନ୍ସ କ୍ୟାମ୍ପ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ହେଲେ ଏହି ନିଷ୍ପତ୍ତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଜାଣି ନ ଥିବା ଜଣାପଡ଼ିଛି। ବୁଧବାର ମନ୍ତ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବାର ଅଛି। ବୈଠକରେ ମନ୍ତ୍ରୀ ଏନେଇ ଆଲୋଚନା କରିପାରନ୍ତି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ବାହାରେ ରଖୁଥିବା ମତ ଅଧିକାରୀମାନେ ଜାଣୁ ନ ଥିବା ନେଇ ମଧ୍ୟ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଆସନ୍ତା ୧ ତାରିଖରୁ ଅନ୍‌ଲାଇନରେ ଆବେଦନ କରିବାକୁ ଯେଉଁ ଖବର ପ୍ରକାଶ ପାଇଛି ତାକୁ ନେଇ ମଧ୍ୟ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାରଣ ଏନେଇ ଅଧିକାରୀମାନେ ମଧ୍ୟ ଅବଗତ ନାହାନ୍ତି। ଏକ ବିଜ୍ଞପ୍ତି ସୋମବାର ବାହାରକୁ ଆସିଥିଲା, ଯେଉଁଥିରେ ଉଲ୍ଲେଖ ରହିଥିଲା, ଆସନ୍ତା ୧ ତାରିଖରୁ କେବଳ ଅନଲାଇନ ପ୍ରଦୂଷଣ ସାର୍ଟିଫିକେଟ ବୈଧ ପ୍ରମାଣିତ ହେବ। ବର୍ତ୍ତମାନ ରାଜ୍ୟରେ ୧୬୩ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଥିବାବେଳେ ସେଥିରୁ ୫୭ଟି ସେଣ୍ଟର ସହ ପରିବହନ ବିଭାଗର 'ବାହନ' ସଫ୍ଟୱେରର ଲିଙ୍କ୍ ନାହିଁ। ସେମାନେ ଅନଲାଇନ ପ୍ରଦୂଷଣ ସାର୍ଟିଫିକେଟ ଦେଇପାରିବେ ନାହିଁ। ସମ୍ପୃକ୍ତ ଅଧିକାରୀଙ୍କ କହିବାନୁଯାୟୀ, ଯଦି ସବୁ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରକୁ ଏ ପର୍ଯ୍ୟନ୍ତ ଅନ୍‌ଲାଇନରେ ସାର୍ଟିଫିକେଟ ଦେବା ଲାଗି ବ୍ୟବସ୍ଥା କରାଯାଇନାହିଁ, ତେବେ ଲୋକଙ୍କୁ କାହିଁକି ବାଧ୍ୟ କରାଯାଉଛି। ସରକାରୀ ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରକୁ ପ୍ରଥମେ ଅନ୍‌ଲାଇନ ବ୍ୟବସ୍ଥା ସହ ଲିଙ୍କ୍ କରାଯାଉ ବୋଲି ସେ କହିଛନ୍ତି।

### ନଭେମ୍ବର ଯାଏ ...

ବର୍ଷା ଯୋଗୁ ଦରବୃଦ୍ଧି ହୋଇଛି। ନୂଆ ପିଆଜ ଆସିବା ଯାଏ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ମୋଟା ମୋଟି କହିବାକୁ ଗଲେ ଦରବୃଦ୍ଧି ନିୟନ୍ତ୍ରଣ କରିବା ନେଇ ସରକାର ଏକପ୍ରକାରେ ଅସହାୟ ହୋଇ ପଡ଼ିଛନ୍ତି। ପିଆଜ ଦରବୃଦ୍ଧି କେବଳ ଆଜିର ସମସ୍ୟା ନୁହେଁ। ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ, ପିଆଜ ଦରବୃଦ୍ଧି ଏକ ପରମ୍ପରାରେ ପରିଣତ ହେଲାଣି। ଦରବୃଦ୍ଧିକୁ ନିୟନ୍ତ୍ରିତ କରିବାକୁ କେନ୍ଦ୍ର ସରକାର ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ (ପିଏସ୍ଏଫ୍) ଗଠନ କରିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କା ରଖିବେ। ଅଗଷ୍ଟରୁ ନଭେମ୍ବର ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ନିୟନ୍ତ୍ରଣ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ। ବର୍ଷ ଆରମ୍ଭରୁ ରାଜ୍ୟ ସରକାର ଆଳୁ, ପିଆଜ, ଡାଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ କ୍ରୟ କରି ରଖିବେ। ଦରବୃଦ୍ଧି ସମୟରେ ଏହାକୁ ବଜାର ଚାହିଦା ମେଣ୍ଟାଇବା ପାଇଁ ଛଡ଼ାଯିବ। ରାଜ୍ୟରେ ୨୦୧୫ରୁ ପିଏସ୍ଏଫ୍ ପାଣ୍ଠି ଗଠନ କରାଯାଇଥିଲେ ମଧ୍ୟ ତାହାର ଉପଯୋଗ କରାଯାଉନାହିଁ। ରାଜ୍ୟ ସରକାର ନିଜ ଅଂଶ ବାବଦରେ ୫୦ କୋଟି ଟଙ୍କା ଦେଇଥିବାବେଳେ କେନ୍ଦ୍ର ସରକାର ୨୫କୋଟି ଦେଇଛନ୍ତି। ଏହି ଅର୍ଥରେ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବା କଥା, ୭୫ କୋଟି ଟଙ୍କା ପିଏସ୍ଏଫ୍‌ରେ ଗଚ୍ଛିତ ଥିଲେ ମଧ୍ୟ ଯୋଗାଣ ବିଭାଗ ଏହାର ସଦୁପଯୋଗ କରିବାକୁ ଆଗ୍ରହ ଦେଖାଉ ନାହିଁ। ଫଳରେ ପିଆଜ ଜ୍ୱାଳାରେ ସାଧାରଣ ଗରିବ ଲୋକମାନେ ଛଟପଟ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କ କହିବା କଥା ହେଲା ୨୦୧୬ରେ ଶୀତଳ ଭଣ୍ଡାରରେ ଆଳୁ କ୍ରୟ କରି ରଖାଯାଇଥିଲା। ବଜାର ନ ବଢ଼ିବାରୁ ଗଚ୍ଛିତ ଆଳୁକୁ ୨/୩ ଟଙ୍କାରେ ମଧ୍ୟ ବିକ୍ରି କରାଯାଇପାରିଲା ନାହିଁ। ଏଥିଯୋଗୁ ଶୀତଳ ଭଣ୍ଡାର ଭଡ଼ା ଏବଂ ଆଳୁ କ୍ରୟ ବାବଦରେ ରାଜକୋଷରୁ ୫୦ ଲକ୍ଷ ବରବାଦ ହୋଇଯାଇଥିଲା। ପିଆଜ ଏକ ଶୀଘ୍ର ନଷ୍ଟକାରୀ ଫସଲ ହୋଇଥିବାରୁ ଏହାକୁ ଗଚ୍ଛିତ ରଖିବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ନାଫେଡ କମ୍ ଦରରେ ପିଆଜ ଯୋଗାଉଥିବା ବେଳେ ରାଜ୍ୟ ସରକାର ସେହି ପିଆଜକୁ ଖାଉଟିଙ୍କୁ ନୋ ପ୍ରଫିଟ୍ ନୋ ଲସ୍‌ରେ ଯୋଗାଇବା ବ୍ୟବସ୍ଥା କାହିଁକି କରୁନାହାନ୍ତି। ସରକାରୀ ଉଦାସୀନତାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପିଆଜ ସାଙ୍ଗକୁ ପନିପରିବା ଦର ଆକାଶଛୁଆଁ ହୋଇଥିବାରୁ ରୋଷେଇ ଶାଳା ଭାରାକ୍ରାନ୍ତ ହୋଇପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବନ୍ଧୁମାନଙ୍କ ସହ ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ବନ୍ଧୁବାନ୍ଧବ, ସହକର୍ମୀ, ଧାରକରଜ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ବୃଷ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ, ପୂର୍ବ ପରିକଳ୍ପିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ ପାଇଁ ମନ ବଳାଇପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ। କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ବାହାରକୁ ଯିବା ସମୟରେ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ।

**ମିଥୁନ**
ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶେ ମନ ଭଲ ରହିବ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**କର୍କଟ**
ଆଜି ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ତଥାପି ତାହାଠାରୁ ପ୍ରତିବଦଳରେ କିଛି ପାଇବେ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ ତତ୍ପରତା ବୃଦ୍ଧି ପାଇବ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ସିଂହ**
ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇପାରେ। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ। ପରିବହନ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାଇଲେ ଆଶା ପୂରଣ ହୋଇପାରିବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପରିବାର ଭିତରେ ସୃଷ୍ଟି ହୋଇଥିବା ଅପ୍ରୀତିକର ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ, ଅବଶ୍ୟ ଲାଭବାନ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**
ଆଜି ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡିବ।

**ଧନୁ**
ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନମାନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର**
ଆଜି ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରି କାମ ହାସଲ କରିବାରେ ସମର୍ଥ ହେବେ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣି ମନ ଭଲ ରହିବ ନାହିଁ।

**କୁମ୍ଭ**
ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ**
ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଓ ସମସ୍ୟା ସମାଧାନ ବଦଳରେ ବଢେଇଦେବେ। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ସର୍ବସମ୍ମତ ଇନ୍ଦିରା ଏକାଦଶୀ ବୁଧବାର, ସେପ୍ଟେମ୍ବର ୨୫ ତାରିଖ, ଦିବା ଘ୯।୨୦ମି. ପରେ ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, କର୍କଟ ରାଶିର ଘାତବାର,ଏକାଦଶୀ ଓ ଦ୍ୱାଦଶୀର ଶ୍ରାଦ୍ଧ, ଏକାଦଶୀର ଉପବାସ, ଦିବା ଘ୬।୨୮ମି. ମଧ୍ୟେ ଘ୭।୧୫ମି. ଗତେ, ଘ୮।୦୨ମି. ମଧ୍ୟେ ଘ୧୦।୨୬ମି. ଗତେ, ଘ୧୨।୪୬ମି. ମଧ୍ୟେ ଅମୃତ ବେଳା । ସକାଳ ଘ୭।୧୧ମି. ମଧ୍ୟେ ଘ୧୦।୧୧ମି. ଗତେ, ଘ୧।୪୧ମି. ମଧ୍ୟେ ଘ୪।୦୫ମି. ଗତେ, ଘ୫।୪୫ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୧।୩୮ମି. ଗତେ ଘ୧।୦୮ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**BRIDE WANTED**

Son age 32 B.Tech NIT Rourkela MBA ISB Hyderabad working in OYO Bangalore 30 lakhs cast-no-bar 7008986005. D-14499

Son age 29 B.Tech, M.Tech, IIT Delhi, working Deput Executive Engineer in Hyderabad, 8144589551. D-14508

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68201

Wanted bride for my son, 5'7", 29, Khandayat, B.Tech, NIT Rourkela, Dy. Manager MCL, 9778704512. D-14450

**GROOM WANTED**

Girl age 26 B.Tech, CET, M.Tech, NIT Rourkela working in Pune 22 lakhs cast-no-bar 7008986003. D-14500

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର କନ୍ୟାପାତ୍ରୀ ପାଇଁ ବରପାତ୍ର ଆବଶ୍ୟକ। 7978736177. D-68202

Divorcee bride Lecturer 40, clerk 43 (caste-no-bar) contact:- 7873374269. D-67071

Wanted groom for beautiful Khandayat girl, 1988, 5'3", 14/6, PHD. Contact Swayamver: 9861501286, 9437763780. D-60839

Income 45,000, age- 30, divorcee କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460016. D-67906

Now Matrimonial ads. only on Wednesday & Sunday Book 1 Get 1 FREE




**SALE**

SMLI SUZU- 13seater AC coach- 2012, 27seater AC executive coach- 2012 in excellent condition for sale. Ph: 9040087574, 8908153123. D-14492




**SALE**

1BHK simplex 9,99,000/- corehouse Bhingarpur, Plot 300sqft. Atala- 9337155580. D-67075

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622.** D-66784

50 x 41', residential stithiban plot 30' road, 400 mtr from Times Gurukul, Nuagaon, Bhubaneswar, Contact: 6371358272. D-68102

**Gharabari boundary plot near Kalinganagar DAV School, Sum hospital (Nuagoan) (size-2024) sqft. 1950/-, Patrapada 600mtr distance from NH- sqft. 2200/-. 9937044887, 8249240653.** D-66790

1BHK simplex 9,99,000/- corehouse Bhingarpur, plot 300sqft., Atala. 8249125856. D-67073

**5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999.** D-68004

**4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999.** D-68005

9230 sqft yellowzone, Gharabari stithiban plot connecting 60ft road, close to 200ft wideroad, Mouza- Sundarpur, Bhubaneswar. Contact Owner: 9338342502. D-67394

**Dussehra Offer: Pay 1.5 lakh book a 1BHK flat at best tourist zone Puri and get all modern home accessories free. 9437929773.** D- 14484

ଭୁବନେଶ୍ୱର ଗୁଡ଼ିଆପୋଖରୀଛକ ନିକଟରେ ଘରବାରି, ଇଲେକ୍ଟ୍ରି, ପାଚେରି, 30ଫୁଟ ରୋଡ଼ଥାଇ ପ୍ଲଟ୍ ବିକ୍ରିହେବ। ପୂଜା ପୂର୍ବରୁ ବୁକିଙ୍ଗ୍‌କଲେ 5ଗ୍ରାମ୍ Gold ମାଗଣା-8917527308, 7653060821 (ସର୍ତ୍ତାବଳୀ ଲାଗୁ) D-67069

**2400 sqft GA plot sale at Bharatpur (Sum Hospital) Bhubaneswar, contact- Deepak- 9937329999 (Broker excuse).** D-68008

ବିଡ଼ିଏ ଏଲୋକୋନଥାଇ ଭୁବନେଶ୍ୱର ସିଭି ରମଣ କଲେଜପାଖରେ ସୁଲଭ ମୂଲ୍ୟରେ ପ୍ଲଟ୍ ମିଳୁଅଛି। ସ୍କୋୟାରଫୁଟ ୧୦୫୦/-, ୫୫୦/-, ୪୫୦/- ଓ ୩୫୦/-. 7978871709, 7735400988. D-67070

**PURCHASE**

Stithiban gharabari land requires in around Bhubaneswar. Contact: 9937816565, 9937568585. D-67392




One room with attachbath for serviceholder at Acharya Vihar. M: 8847882402. D- 53645

**ACCOMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Kajal ayurvedic massage club fully relaxed by smart lady, home service available. 9937637219. D-66969

Refresh your mind and soul with best therapy at Orchid Salon/ Spa. 9937287222. D-66970




ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**AFFIDAVIT**

By virtue of an affidavit before the Notary Bhubaneswar on 21.09.2019, I, Banaja Bala Mohanty, W/o- Pabitra Mohanty and Banaja Bala Parida D/o- Late Birakishore Parida is one and same woman in our locality who is non but myself that I, swear this affidavit which is required to be produced before the concerned authority for all purposes.

Sd./ -
Banaja Bala Mohanty
D-14495



ଧ-୧୪୪୯୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ






# ନାୟକ ହେବାପାଇଁ ପିଲାବେଳୁ ଇଚ୍ଛା ଥିଲା

ଜଣେ ଶିଶୁ କଳାକାର ଭାବେ କ୍ୟାରିୟର ଆରମ୍ଭ କରି 'ତୁ ମୋ ଲଭ୍‌ଷ୍ଟୋରି' ଫିଲ୍ମରେ ମୁଖ୍ୟ ନାୟକ ଭାବେ ନଜରକୁ ଆସିଥିଲେ ସ୍ୱରାଜ। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ଚୁଲ୍‌ବୁଲ୍ ନାୟକ ଭାବେ ଜଣାଶୁଣା ସ୍ୱରାଜଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର।




***ଧାରାବାହିକ, ଫିଲ୍ମରେ ଆମେ ଶିଶୁ କଳାକାରଭାବେ ଆପଣଙ୍କୁ ଦେଖିଥିଲୁ। ଏବେ ମୁଖ୍ୟ ନାୟକଭାବେ ଦେଖୁଛୁ। କ'ଣ ତଫାତ୍ ରହୁଛି?***

➢ ଆକାଶ ପାତାଳ ଫରକ ଅଛି। ଯେତେବେଳେ ଶିଶୁ କଳାକାରଭାବେ ଅଭିନୟ କରୁଥିଲି, ସେତେବେଳେ ମନରେ ଡର ନ ଥିଲା। ଫିଲ୍ମ କ'ଣ ଜାଣିପାରୁ ନ ଥିଲି। କିଛି ଚିନ୍ତା ନ ଥିଲା। ବାସ୍ ଯାଇକି ଅଭିନୟ କରି ପଳେଇ ଆସୁଥିଲି। ହେଲେ ଏବେ ମୁଖ୍ୟନାୟକ ଭାବେ ଅଭିନୟ କରିବାପରେ ଲାଗୁଛି ଯେମିତି ପୂରା ଫିଲ୍ମର ବୋଝ ମୋ କାନ୍ଧ ଉପରେ ଅଛି। ତା'ର ଓଜନ ଅନୁଭବ ହେଉଛି। ତେବେ ଭଗବାନ୍‌ଙ୍କ ଆଶୀର୍ବାଦ ଓ ଦର୍ଶକଙ୍କ ଭଲପାଇବା ଯୋଗୁ ସବୁକିଛି ଠିକ୍‌ଠାକ୍ ଚାଲିଛି।

***ନାୟକ ହେବାପାଇଁ ପିଲାବେଳୁ ଇଚ୍ଛା ଥିଲା ନା ଏମିତି ହେଉ ହେଉ ହୋଇଯାଇଥିଲେ?***

➢ ପିଲାବେଳୁ ଇଚ୍ଛା ଥିଲା। ଯେତେବେଳେ ଶିଶୁ କଳାକାର ଥିଲି, ସେତେବେଳେ ବହୁତ ଇଚ୍ଛା ଥିଲା ହିରୋ ହେବା ପାଇଁ। ସେତେବେଳେ ବି ମୁଁ ଚରିତ୍ର ବାଛିକି କରୁଥିଲି। ଅନୁଭବ ଭାଇ କେମିତି ଫାଇଟ୍ କରୁଛନ୍ତି, ବାବୁସାନ୍ ଭାଇ କେମିତି ଡ୍ୟାନ୍ସ କରୁଛନ୍ତି, ତାହା ଦେଖି ସେମିତି କରିବା ପାଇଁ ମୋ ମନରେ ବି ଉତ୍ସାହ ଆସୁଥିଲା।

**ସମ୍ପୂର୍ଣ୍ଣ ସାକ୍ଷାତ୍‌କାର ପାଇଁ ଦେଖନ୍ତୁ ▼**
YouTube /dharitrilive

# ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

## ■ଶିକ୍ଷାଦାନ ଆରମ୍ଭ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ରାଜ୍ୟର ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ କରୁଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନ ଦ୍ୱାରା ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିଲା, ତେଣୁ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ସେହିପରି ଆସନ୍ତା ସପ୍ତାହକ ମଧ୍ୟରେ ଛାତ୍ରୀଛାତ୍ରଙ୍କ ସମସ୍ତ ଅଭିଯୋଗର ସମାଧାନ କରାଯିବ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

ବିଭିନ୍ନ ମହାବିଦ୍ୟାଳୟରେ ଆନ୍ଦୋଳନ ଚାଲୁଥିବା ଜାଣିବା ପରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ରୀଡ଼ା ନିର୍ଦ୍ଦେଶକଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ଚଳିତ ମାସ ୨୦ରେ ମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ବେହେରାଙ୍କ ସହ ଆଲୋଚନା କରିସାରିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟର ପାଇଁ ଶାରୀରିକ ଶିକ୍ଷା ମହାବିଦ୍ୟାଳୟକୁ ସାମୟିକ ଭାବେ ଆପେକ୍ସ କଲେଜରେ ଶିକ୍ଷାଦାନ ପାଇଁ ନିଷ୍ପତ୍ତି ହୋଇଛି। ତେବେ ସଂପୃକ୍ତ କଲେଜ ସହ ଚୁକ୍ତିନାମା ହୋଇ ନ ଥିବାରୁ ସେଠାରେ ଶିକ୍ଷାଦାନ ଆରମ୍ଭ ହୋଇପାରି ନାହିଁ। ଏଥିସହିତ କଲେଜର ନୂଆ ବିଲଡିଂ ପାଇଁ ତମାଣ୍ଡୋ ମଉଜାରେ ଜମି ଚିହ୍ନଟ ହୋଇସାରିଛି ବୋଲି କଲେଜ ଅଧ୍ୟକ୍ଷ ମନ୍ତ୍ରୀଙ୍କୁ ଅବଗତ କରିଥିବା ଜଣାପଡିଛି। କଲେଜର ନୂଆ ବିଲଡିଂ କାର୍ଯ୍ୟ ପ୍ରକ୍ରିୟା ସହ ପାଠପଢ଼ା ତୁରନ୍ତ ଆରମ୍ଭ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହ ସ୍ଥାୟୀ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ତୁରନ୍ତ ଶିକ୍ଷାଦାନ ଆରମ୍ଭ କରାଯିବ। ସର୍ବୋପରି ଛାତ୍ରୀଛାତ୍ର ଶିକ୍ଷାଦାନ ଯେପରି ବ୍ୟାହତ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



କରିମ୍ ଖାନ୍



ଅସ୍ମିତା ବେଉରା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ବଜ୍ରପାତରେ ଜଣେ ମୃତ, ୪ ଆହତ

**ବରଗଡ଼ ଅଫିସ୍/ଅମ୍ବାଭୋନା,୨୪।୯**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବେହେରାପାଲି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ହେବାରୁ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଉକ୍ତ ଗ୍ରାମର ଧନପତି ପ୍ରଧାନ (୫୨) । ବଜ୍ରପାତରେ ଅନ୍ୟ ଜଣେ ମହିଳା ତଥା ଧନପତିଙ୍କ ଭାଇବୋହୂ କ୍ଷୀରେନ୍ଦ୍ରୀ(କ୍ଷୀର) ଗୁରୁତର ଆହତ ହୋଇଛନ୍ତି। ସେହିପରି ଆଉ ୩ ଜଣ ମଧ୍ୟ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରେ କ୍ଷୀରଙ୍କ ସ୍ୱାମୀ ତପନ ପ୍ରଧାନ, ଉତ୍ତରା ଭୋଇ ଓ ମାଳତୀ ଦେହେରୀ ରହିଛନ୍ତି । ଏହି ତିନିଜଣଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଡିସଚାର୍ଜ କରି ଦିଆଯାଇଛି। ଅନ୍ୟପଟେ କ୍ଷୀରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁକୁ ସ୍ଥାନାନ୍ତର କରାଯାଇଛି। ମୃତାହତମାନେ ଗୋଟିଏ ପରିବାରର ଏବଂ ନିଜ କିଆରୀରେ ବାଦାମ ଅମଳ କରୁଥିବା ସମୟରେ ବଜ୍ରପାତ ହୋଇଥିଲା। ଧନପତିଙ୍କ ଶବକୁ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି ।

## ■ ଉଚ୍ଚଶିକ୍ଷା ବିଭାଗର କଡ଼ା ନିଷ୍ପତ୍ତି

# କର୍ମଚାରୀଙ୍କୁ ଜଗିବ ବାୟୋମେଟ୍ରିକ ମେଶିନ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

କାର୍ଯ୍ୟରେ ଠକୁଥିବା କର୍ମଚାରୀଙ୍କ ପାଇଁ ଉଚ୍ଚଶିକ୍ଷା ବିଭାଗ କଡ଼ା ନିଷ୍ପତ୍ତି ନେଇଛି। କର୍ମଚାରୀମାନେ ଆଉ ଅଳ୍ପ ସମୟ କାମ କରି ପଳାଇ ଯାଇପାରିବେ ନାହିଁ। କାରଣ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସ ରେଜିଷ୍ଟର୍ ସିଷ୍ଟମ୍ ଲାଗିବ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶ ଜାରି କରାଯାଇଛି। କର୍ମଚାରୀମାନେ କାର୍ଯ୍ୟାଳୟରେ ଲାଗିଥିବା ବାୟୋମେଟ୍ରିକ ଆଟେଣ୍ଡାନ୍ସ ରେଜିଷ୍ଟ୍ରି ମେଶିନ୍‌ରେ ନିଜର ଉପସ୍ଥାନ ପକାଇବେ। ଏହି ମେସିନରେ ଆଟେଣ୍ଡାନ୍ସ ରେଜିଷ୍ଟ୍ରି ନ ହେଲେ ଅନୁପସ୍ଥିତ ବୋଲି ବିବେଚନା କରାଯିବ। ଶତ ପ୍ରତିଶତ ଉପସ୍ଥାନ ପାଇଁ ଉଚ୍ଚଶିକ୍ଷା ବିଭାଗ ଏଭଳି ନିୟମ ଆପଣେଇଛି।

**ସାଢ଼େ ସାତ ଘଣ୍ଟା କାର୍ଯ୍ୟ କରିବାକୁ ନିର୍ଦ୍ଦେଶ**

କର୍ମଚାରୀ ମେଶିନରେ ଆଙ୍ଗୁଠି ଛାପ ଦେଇ 'ଅଫିସ ଇନ୍' ଓ 'ଅଫିସ ଆଉଟ୍' କରିବେ। ନିୟମାନୁସାରେ, ପ୍ରତିଦିନ କର୍ମଚାରୀମାନେ ସକାଳ ୧୦ଟାରେ ଅଫିସରେ ପହଞ୍ଚିବେ। ତେବେ ବିଭିନ୍ନ ସ୍ଥିତିକୁ ନଜରରେ ରଖି ଅଧ ଘଣ୍ଟା ରିହାତି ରଖାଯାଇଛି। ଅର୍ଥାତ୍ ପ୍ରତିଦିନ ୧୦ଟାରୁ ସାଢ଼େ ୧୦ଟା ଭିତରେ କର୍ମଚାରୀମାନେ ଅଫିସରେ ପହଞ୍ଚିବେ। ସାଢ଼େ ସାତ ଘଣ୍ଟା ହିସାବ କରି ସେମାନେ ଅଫିସ ଛାଡ଼ିପାରିବେ। ୧୦ଟା ୩୦ ପରେ ଓ ୧୧ଟା ପୂର୍ବରୁ ପଞ୍ଚ ଇନ୍ କଲେ ଲେଟ୍ ଆଟେଣ୍ଡାନ୍ସ ଭାବେ ବିବେଚନା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚାଇ ଦିଆଯାଇଛି। ଏମିତି ହେଲେ ସମ୍ପୃକ୍ତ କର୍ମଚାରୀ କାଜୁଆଲ୍ ଲିଭ୍ ପାଇଁ ଆବେଦନ କରିବେ। ଏଭଳି ଭୁଲ୍ ୩ ଦିନ ଯାଏ ଗ୍ରହଣୀୟ ହେବ। ତା'ପରେ ହେଲେ ଅନୁପସ୍ଥିତି ଭାବେ ବିଚାର କରାଯିବ। ବିଭାଗ ନିର୍ଦ୍ଦେଶ ଅନୁସାରେ, ସାଢ଼େ ୭ଘଣ୍ଟା କାର୍ଯ୍ୟ କଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ଯଦି କେହି ୪ଘଣ୍ଟାରୁ ଅଧିକ, କିନ୍ତୁ ସାଢ଼େ ୭ଘଣ୍ଟାରୁ କମ୍ କାର୍ଯ୍ୟ କରିବେ ତେବେ ସେମାନଙ୍କର ହାଫ୍ ଡେ' ଲିଭ୍ ପଡ଼ିବ। ଯଦି କେହି ୪ଘଣ୍ଟାରୁ କମ୍ କାର୍ଯ୍ୟ କରିବେ, ତେବେ ସେହିଦିନ ସେ ଅନୁପସ୍ଥିତ ବୋଲି ଗଣାଯିବ। ସେହିଭଳି ଦିନ ୧୧ଟା ପରେ ଆଟେଣ୍ଡାନ୍ସ ପଡ଼ିଲେ ଛୁଟି ବୋଲି ଗ୍ରହଣ କରାଯିବ।

## ■ଡିଭା ମିସ୍ ଏଣ୍ଡ ମିସେସ୍-୧୯ ସୁନ୍ଦରୀ ପ୍ରତିଯୋଗିତା

# ମିସ୍ ପଲକ୍, ମିସେସ୍ ବର୍ଷା ପ୍ରଥମ

**ବଲାଙ୍ଗୀର ଅଫିସ, ୨୪।୯**

ଡିଭା ମିସ୍ ଏଣ୍ଡ ମିସେସ୍-୨୦୧୯ ପଶ୍ଚିମ ଓଡିଶା ସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତା ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀରର ବ୍ଲୁ ଅରେଞ୍ଜ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ଉଭୟ ମିସ୍ ଏବଂ ମିସେସ୍ ବର୍ଗରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୭୦ ପ୍ରତିଯୋଗୀ ଭାଗ ନେଇଥିଲେ । ଉଭୟ ବର୍ଗର ଫାଇନାଲ ପର୍ଯ୍ୟାୟକୁ ୨୦ ଜଣ ପ୍ରତିଯୋଗୀ ମନୋନୀତ ହୋଇଥିଲେ। ଶେଷରେ ଡିଭା ମିସ୍ ପଶ୍ଚିମ ଓଡ଼ିଶା ଭାବେ ବରଗଡର ମିସ୍ ପଲକ ମନୋନୀତ ହୋଇଥିଲେ। ଏହି ବର୍ଗରେ ବଲାଙ୍ଗୀରର ମିସ୍ ସ୍ୱାଗତିକା ଦ୍ୱିତୀୟ ଓ ଭବାନୀପାଟଣାର ମିସ୍ ନିୟତି ତୃତୀୟ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଥିଲେ । ମିସେସ୍ ବର୍ଗରେ ଡିଭା ମିସେସ୍ ପଶ୍ଚିମ ଓଡ଼ିଶା ଭାବେ ସୋନପୁରର ମିସେସ୍ ବର୍ଷା ପ୍ରଥମ ହୋଇ ପୁରସ୍କୃତ ହୋଇଥିଲେ । ଏହି ବର୍ଗରେ ବଲାଙ୍ଗୀରର ରିଙ୍କି ତ୍ରିପାଠୀ ଦ୍ୱିତୀୟ ଓ ଅଙ୍କିତା ମହାପାତ୍ର ତୃତୀୟ ସ୍ଥାନ ଅକ୍ତିଆର କରିଥିଲେ । ସମୁଦାୟ ପର୍ଯ୍ୟାୟରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ମିସେସ୍ ବିଜୟଲକ୍ଷ୍ମୀ ଓ ଶ୍ରୀପଦାଙ୍କୁ ସ୍ୱତନ୍ତ୍ର ଭାବେ ସଙ୍ଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଝାଡ଼ଖଣ୍ଡରୁ ଆସିଥିବା ନମ୍ରତା ସୋନୀ, ସ୍ନେହା ଭଗତ୍, ରିଙ୍କି ଜୟସ୍ୱାଲ ଯୋଗଦାନ କରିଥିଲେ । ଜୁରି ସଦସ୍ୟଭାବେ ପ୍ରିୟଙ୍କା ସିଂ, ପଞ୍ଚମୀ ମାଝି ଓ ଦୀପକ ଶର୍ମା ଯୋଗଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସୁଶୋଭିତା ଗୁରୁ ସଂଯୋଜନା କରିଥିଲେ । ଆୟୋଜକ ବ୍ଲୁ ଅରେଞ୍ଜ ସଙ୍ଗଠନର ଜିତେନ୍ଦ୍ର ସ୍ୱାଇଁ, ସୁରଜ, ଅନିଲ, ଫଗୁ ଓ ସଞ୍ଜୀବ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଡି କାର୍ଯ୍ୟକ୍ରମରେ ବହୁ ଦର୍ଶକ ଉପସ୍ଥିତ ଥିଲେ ।



ଡିଭା ମିସ୍ ଏଣ୍ଡ ମିସେସ୍ ପଶ୍ଚିମ ଓଡିଶା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।



ପ୍ରତ୍ୟେକ କଥାର ସମୟ ଓ ସୀମା ରହିଛି। ଦୀର୍ଘ ଦିନ ଧରି ପାଳିତ ହେଉଥିବା ପ୍ରଥା ସବୁ, ସେହି ସମୟ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲେ। ଏପରି କି ପ୍ରତୀକ ପୂଜାର ପ୍ରଥା ବା ବହୁଭର୍ତ୍ତୃତ୍ୱ ପ୍ରଥା ମଧ୍ୟ। ଆମ୍ଭେମାନେ ଅତୀତରେ ଉପଯୋଗିତାକୁ ଅସ୍ୱୀକାର କରିବା ନାହିଁ। କିନ୍ତୁ ବର୍ତ୍ତମାନର ଓ ଭବିଷ୍ୟତର ଉପଯୋଗିତାକୁ ଆମେ ଅଧିକ ଗୁରୁତ୍ୱ ଦେବା ଉଚିତ। –ଶ୍ରୀଅରବିନ୍ଦ



# ଜଳବାୟୁ

ଆଜିର ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛି। ଏହାର ପରିଣତି ବିଷୟରେ ଅସଂଖ୍ୟ ଆଲୋଚନା ଓ ପତ୍ରପତ୍ରିକାରେ ଲେଖାମାନ ପ୍ରକାଶ ପାଇଚାଲିଛି। ଅନ୍ତର୍ଜାତୀୟ ସମୁଦାୟ ଏହାର ମୁକାବିଲା କରିବା ଲାଗି ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ସମ୍ମିଳନୀରେ ମତ ପ୍ରକାଶ କରିଚାଲିଛନ୍ତି। ବିକଶିତ ରାଷ୍ଟ୍ରଗୁଡ଼ିକ ବିକାଶଶୀଳ ଓ ଅନୁନ୍ନତ ଦେଶଗୁଡ଼ିକୁ ଏଥିପାଇଁ ଦାୟୀ କରୁଛନ୍ତି। ୨୦୧୭ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ୟାରିସ ଜଳବାୟୁ ପରିବର୍ତ୍ତନ ରାଜିନାମାକୁ ବିରୋଧ କରି ସେଥିରୁ ଓହରି ଯାଇଥିଲେ। ଟ୍ରମ୍ପଙ୍କ କହିବା ଅନୁସାରେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ବୋଲି କିଛି ନାହିଁ ଏବଂ ଏହାସବୁ ଅସତ୍ୟ। ସେଭଳି ଜଣେ ବ୍ୟକ୍ତିଙ୍କୁ ଭାରତର ପ୍ରଧାନମନ୍ତ୍ରୀ ଖୋଲାଖୋଲି ସମର୍ଥନ ଜଣାଇଥିବାରୁ ମୋଦିଙ୍କ ଏହି କାର୍ଯ୍ୟ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନାର ବିଷୟ ପାଲଟିଛି। କେତେକ ବିଦେଶୀ ଗଣମାଧ୍ୟମରେ ଉଲ୍ଲେଖ କରାଯାଇଛି ଯେ, ଭାରତର ଏଭଳି ଆଭିମୁଖ୍ୟ ଦେଶର ଭବିଷ୍ୟତରେ କେଉଁ ପ୍ରକାର ପ୍ରଭାବ ପକାଇବ ତାହା କହିବା କଷ୍ଟକର।

ଉଲ୍ଲେଖଯୋଗ୍ୟ, ୟୁନାଇଟେଡ୍ ନେଶନ୍ସ ଫ୍ରେମ୍‌ୱର୍କ କନ୍‌ଭେନ୍‌ଶନ ଅନ୍ କ୍ଲାଇମେଟ ଚେଞ୍ଜ୍ (ୟୁଏନ୍‌ଏଫ୍‌ସିସିସି) ସହିତ ପ୍ୟାରିସ୍ ରାଜିନାମା ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଚାଲିଛି। ୧୯୫ ଦେଶର ସହମତିରେ ଜଳବାୟୁ ପରିବର୍ତ୍ତନକୁ ସାମ୍ନା କରିବା ସକାଶେ ପ୍ୟାରିସ୍ ରାଜିନାମା ୨୦୧୫ ଡିସେମ୍ବରରେ କରାଯାଇଥିଲା। ଏଥିରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ମଧ୍ୟ ସ୍ୱାକ୍ଷର କରିଥିଲେ। ମାତ୍ର ଟ୍ରମ୍ପଙ୍କ ଏକଜିଦିଆ ନୀତି ଉକ୍ତ ରାଜିନାମାରେ କେଁ ପୂରାଇ ଦେଇଥିଲା। ଫଳରେ ତାଙ୍କ ନିଷ୍ପତ୍ତି ସମସ୍ୟାକୁ ଅଧିକ ଜଟିଳ କରିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଏବେ ଏକ ନୂତନ ଆଶା ସଞ୍ଚାର ହୋଇଛି। ୨୩ ସେପ୍ଟେମ୍ବର ୨୦୧୯ରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ଚାଲିଥିବା ବେଳେ ଟ୍ରମ୍ପ ଅପ୍ରତ୍ୟାଶିତ ଭାବେ ସେଠାରେ ଉପସ୍ଥିତ ହୋଇ ସମସ୍ତଙ୍କୁ ଆଚମ୍ବିତ କରିଦେଇଥିଲେ। ଏପରି କି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ପୂରା ଶୁଣିଥିଲେ। ଉକ୍ତ ସମ୍ମିଳନୀରେ ଟ୍ରମ୍ପଙ୍କ ଯୋଗଦାନ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି।

ଏହା ସମସ୍ତେ ଜାଣନ୍ତି ଯେ, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ଲାଗି ସମ୍ମିଳିତ ଉଦ୍ୟମ ଲୋଡ଼ା। ବିକଶିତ ରାଷ୍ଟ୍ରଗୁଡ଼ିକର ଅଭିଯୋଗ ଯେ, ଏବେ ବିକାଶଶୀଳ ଓ ଅନୁନ୍ନତ ଦେଶଗୁଡ଼ିକ ପୃଥିବୀକୁ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ କରୁଛନ୍ତି। ବିକାଶ ଲକ୍ଷ୍ୟରେ ଏହି ରାଷ୍ଟ୍ରଗୁଡ଼ିକ ଉତ୍ପାଦନ ବଢ଼ାଇବାରେ ଲାଗିଛନ୍ତି। କଳକାରଖାନାରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରିଦେଉଛି। ଏଭଳି ଅଭିଯୋଗ ଆଣୁଥିବା ବିକଶିତ ରାଷ୍ଟ୍ରଗୁଡ଼ିକ ବୁଝିବା ଦରକାର ଯେ, ପୂର୍ବରୁ ସେମାନେ ଅତ୍ୟଧିକ ପରିମାଣର କାର୍ବନ ଛାଡ଼ି ବାୟୁମଣ୍ଡଳର ବ୍ୟାପକ କ୍ଷତି କରିସାରିଛନ୍ତି ଏବଂ କୌଣସି ସାଲିସ କରିବାକୁ ରାଜି ହେଉନାହାନ୍ତି। ବିଶେଷକରି ଆମେରିକା କଥା ଦେଖିଲେ, ପ୍ୟାରିସ୍ ଜଳବାୟୁ ରାଜିନାମାରୁ ଓହରି ଆସିବା ପାଇଁ ୨୦୧୭ରେ ଟ୍ରମ୍ପ ନେଇଥିବା ନିଷ୍ପତ୍ତି ପଛରେ ତାଙ୍କ 'ଆମେରିକା ଫାଷ୍ଟ' ନୀତି ରହିଥିଲା। ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଟ୍ରମ୍ପ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ କ୍ଷମତାକୁ ଆସିଲେ ଆମେରିକା ଉକ୍ତ ରାଜିନାମାରୁ ଓହରି ଆସିବ। ଏହା ଦ୍ୱାରା ତାଙ୍କ ଦେଶର ବ୍ୟବସାୟୀ ଓ ଶ୍ରମିକ ଉପକୃତ ହେବେ। ଅନ୍ୟପକ୍ଷରେ ମୋଦି ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ କହିଛନ୍ତି ଯେ ଏବେ କଥାରେ ନୁହେଁ, କାମରେ କରି ଦେଖାଇବା ଉଚିତ। ଏଭଳି ମନ୍ତବ୍ୟ ନିଶ୍ଚିତ ସ୍ୱାଗତଯୋଗ୍ୟ। କିନ୍ତୁ ମୋଦି ଏହା ମଧ୍ୟ କହିଛନ୍ତି ଯେ, ଭାରତ ଜଳ ସଂରକ୍ଷଣ ସକାଶେ ୫୦ ବିଲିୟନ ଡଲାର ଖର୍ଚ୍ଚ କରିବ। ଧରାଯାଉ ଭାରତର ଜଳ ସମସ୍ୟା ଦୂର ପାଇଁ ୫୦ ବିଲିୟନ ଡଲାର ଖର୍ଚ୍ଚ କରାଯାଇପାରିବ, ତେବେ ଏହା କେତେ ସମୟ ମଧ୍ୟରେ ବିନିଯୋଗ ହୋଇ ଲୋକଙ୍କ ପାଖରେ ତା'ର ସୁଫଳ ପହଞ୍ଚିବ କେହି କୌଣସି ଜାଗାରେ କିଛି କହୁନାହାନ୍ତି। ବିଶ୍ୱ ମଞ୍ଚରେ କହିବା ପଛରେ ଅନେକ ଲକ୍ଷ୍ୟ ରହିଥାଇପାରେ। ଭାରତୀୟ ଅର୍ଥନୀତିରେ ଦେଖାଯାଇଥିବା ମାନ୍ଦାବସ୍ଥା କାଳେ ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନରେ ପ୍ରଭାବ ପକାଇବ, ଏହା ଏକ ରାଜନୈତିକ ଘୋଷଣା ହୋଇଥାଇପାରେ। କେବଳ କର୍ପୋରେଟ ଟିକସର ପରିମାଣ ହ୍ରାସ କରି ଜାତୀୟ ରାଜକୋଷକୁ ପ୍ରାୟ ୧ ଲକ୍ଷ ୪୫ ହଜାର କୋଟି ଟଙ୍କା ଆୟରୁ ବଞ୍ଚିତ କରିବା ଫଳରେ ସରକାରଙ୍କ ପାଖରେ ଖର୍ଚ୍ଚ ପାଇଁ ଥିବା ଅର୍ଥ ପରିମାଣ କମିଛି। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ତାତି ଦର୍ଶାଇ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଏବଂ ବ୍ୟବସାୟଠାରୁ କେତେ ଅଧିକ ଅର୍ଥ ଯୋଗାଡ଼ କରାଯାଇପାରିବ, ତାହାର ସ୍ପଷ୍ଟ ଧାରଣା ସମ୍ଭବତଃ କାହାର ନ ଥିବ। ସେଥିପାଇଁ ଅନ୍ୟ ଦେଶ ତୁଳନାରେ ଭାରତର ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିବା ବେଳେ ଅନ୍ତର୍ଜାତୀୟ ମଞ୍ଚରେ ବଡ଼ ଘୋଷଣା କରିବା ଜଳବାୟୁ ପରିବର୍ତ୍ତନ ପାଇଁ ନକାରାତ୍ମକ ଭାବନାର ପ୍ରତୀକ ହୋଇପାରେ।

## ଚିରନ୍ତନୀ

କ୍ଷୁଦ୍ରତାର ଶୂନ୍ୟତାର
ବାଧା କାଟି ପୁଣି ସମୟର
ଲେଖତ୍ୟିବି କାଳବକ୍ଷେ
ମୋର ଏକ ଜୀବନ୍ତ ସ୍ୱାକ୍ଷର।
(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | | | | | | A | 9 | | 6 | | |
| | | 3 | | | | | | | C | | 7 | 0 | | |
| | | D | 9 | C | 6 | | 1 | B | | | 4 | | 8 | |
| 1 | | | | 8 | B | 2 | | | | | | | 4 | 7 |
| E | | | | 4 | | D | | | | | 3 | | | |
| | | | | | | A | 2 | 0 | | | | | | |
| | | 2 | 1 | | A | | | E | | 0 | D | | | |
| B | A | | 7 | | C | | | | | 6 | | | | 9 |
| 0 | | 8 | | | | | | 1 | B | | | | D | |
| | 9 | | B | 2 | E | 6 | | 3 | | 4 | | | | |
| | 2 | | 8 | | | | 4 | | 9 | D | E | | C | |
| | | | 3 | 7 | | | 5 | | | | | 9 | 2 | |
| | C | | | | 4 | | D | | | | 0 | | | A |
| 6 | | 5 | 2 | | | E | | | 1 | | | | | |
| | | | | | | | 9 | 7 | 6 | 5 | | 3 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 8 | C | A | 5 | E | 3 | 2 | 9 | 0 | B | 6 | 7 | 1 |
| 9 | 7 | A | D | 0 | 3 | 6 | 1 | B | 4 | C | 5 | 8 | 2 | E |
| 5 | C | 2 | E | 6 | 8 | 7 | 9 | 4 | 3 | A | 1 | D | B | 0 |
| 0 | B | E | 1 | 7 | 4 | A | 8 | C | 2 | D | 6 | 9 | 3 | 5 |
| 3 | 6 | 1 | B | 9 | 2 | 5 | 0 | D | 7 | 8 | E | A | C | 4 |
| 4 | D | C | 0 | 5 | 1 | 9 | B | 6 | A | E | 3 | 2 | 8 | 7 |
| 7 | 1 | 5 | 8 | 3 | B | 4 | D | E | C | 2 | 9 | 0 | 6 | A |
| 2 | E | 9 | 6 | 4 | A | 8 | C | 7 | 1 | B | 0 | 5 | D | 3 |
| 6 | 3 | B | 7 | 2 | E | 0 | A | 5 | D | 4 | 8 | 1 | 9 | C |
| A | 8 | 0 | 9 | C | D | 3 | 2 | 1 | 5 | 6 | 7 | 4 | E | B |
| 8 | A | 4 | 3 | E | 0 | 2 | 5 | 9 | 6 | 7 | C | B | 1 | D |
| C | 2 | 7 | 5 | 8 | 6 | B | 4 | A | E | 1 | D | 3 | 0 | 9 |
| E | 5 | 6 | 4 | D | 9 | 1 | 7 | 0 | B | 3 | 2 | C | A | 8 |
| B | 9 | 3 | 2 | 1 | C | D | E | 8 | 0 | 5 | A | 7 | 4 | 6 |
| 1 | 0 | D | A | B | 7 | C | 6 | 3 | 8 | 9 | 4 | E | 5 | 2 |

ଗତକାଲିର ଉତ୍ତର

# କୁକୁଡ଼ା ବଞ୍ଚିଲେ ସୁନାର ଅଣ୍ଡା



ରଞ୍ଜନ କୁମାର ଦାସ

ଚାକିରି କରୁଥିବା ଲୋକଙ୍କୁ ଭଲରେ ଅଛନ୍ତି ଭାବି ଅନ୍ୟମାନେ ଈର୍ଷା କରନ୍ତି। ସମସ୍ତଙ୍କର ଧାରଣା ଯିଏ ଥରେ ଚାକିରିଟେ ପାଇଗଲା ତା' ଜୀବନ ସାର୍ଥକ ହୋଇଗଲା। ଯେତେବେଳେ ଯାହା ଖାନାପିନା, ମୌଜମସ୍ତି ଚାହିଁବ ସବୁ ହାସଲ କରିପାରିବ। କିନ୍ତୁ ଜଣେ ଚାକିରିଜୀବୀର ଜୀବନ ଆଜିକାଲି କେତେ ବ୍ୟସ୍ତବହୁଳ ସେକଥା ଅନୁଭବୀ ହିଁ ଜାଣେ। କୋଡ଼ିଏ ତିରିଶବର୍ଷ ତଳର ସ୍ଥିତି ଆଉ ନାହିଁ। ସେତେବେଳେ ଜଣେ ଯେମିତି ଚାହୁଁଥିଲା ସେମିତି ଜୀବନକୁ ଉପଭୋଗ କରିପାରୁଥିଲା। ଏବେ ସରକାରୀ ଦପ୍ତର ହେଉ ବା ବ୍ୟାଙ୍କ୍, ଇନ୍‌ସ୍ୟୁରାନ୍ସ, ବ୍ୟବସାୟ ଓ ଉଦ୍ୟୋଗ ସବୁଠି ଜୀବନ ବ୍ୟସ୍ତବହୁଳ। ଯୋଉଠି ଜନସାଧାରଣଙ୍କୁ ସେବା ପ୍ରଦାନ କଥା ଉଠୁଚି ସେଠି ଲୋକେ ତ୍ୱରିତ ସେବା ଚାହୁଁଛନ୍ତି। ଆମ ସମୟରେ ଏଟିଏମ୍ କାର୍ଡର ପ୍ରଚଳନ ଏକ ନୂତନ ସେବା ପ୍ରଦାନ ଆନ୍ଦୋଳନର ସୂତ୍ରପାତ କରିଛି। ଏଟିଏମ୍ କାର୍ଡ ମେଶିନରେ ପୂରେଇବା ପରେ ଟଙ୍କା ବାହାରିବାକୁ ଯେତିକି ସମୟ ଲାଗୁଛି, ଲୋକେ ସବୁ କାର୍ଯ୍ୟାଳୟରେ ସେତିକି ସମୟ ଭିତରେ ସେବା ମିଳୁ ବୋଲି ଆଶା ରଖିଛନ୍ତି। ତେଣୁ କର୍ମଚାରୀମାନଙ୍କ ଉପରେ କାମର ଚାପ ଦିନକୁ ଦିନ ବଢୁଛି। ଟାର୍ଗେଟ୍ ହାସଲ ପାଇଁ ବସ୍‌ଙ୍କ ଆଡୁ ଚାପ, ତୁରନ୍ତ ସେବା ପ୍ରଦାନ ପାଇଁ ଲୋକଙ୍କ ଆଡୁ ଚାପ– ଏ ଭିତରେ କର୍ମଚାରୀମାନେ ସାଣ୍ଡୱିଚ୍ ହୋଇ ଯାଉଛନ୍ତି। କାମର ଚାପ ଯୋଗୁ କର୍ମଚାରୀମାନେ ମାନସିକ ରୋଗ ବ୍ୟତୀତ ହୃଦ୍‌ରୋଗ, ରକ୍ତଚାପ, ଡାଇବେଟିସ୍, ବ୍ରେନ୍ ଷ୍ଟ୍ରୋକ୍ ଆଦି ବିଭିନ୍ନ ରୋଗର ଶିକାର ହେଉଛନ୍ତି।

ଆଜିକାଲି କର୍ମଚାରୀମାନଙ୍କର ବ୍ୟକ୍ତିଗତ ସ୍ୱାଧୀନତା ଧୀରେ ଧୀରେ କମି ଯାଉଛି। ବିଶେଷକରି ବିଭିନ୍ନ କମ୍ପାନୀ, ବ୍ୟବସାୟ ପ୍ରତିଷ୍ଠାନ ଆଦି କ୍ଷେତ୍ରରେ କାମ କରୁଥିବା କର୍ମଚାରୀମାନେ ଚବିଶଘଣ୍ଟା ଫୋନ୍, ଇ–ମେଲ୍, ହ୍ୱାଟ୍ସଆପ୍‌ରେ ଯୋଡ଼ିହେଇ ରହିଥାନ୍ତି। ଅଫିସରେ ଲଞ୍ଚ ମଧ୍ୟ ଠିକ୍‌ଭାବରେ କରିପାରନ୍ତି ନାହିଁ। ଘରକୁ ଫେରିବାବେଳେ ବାଟରେ, ଏପରିକି ଘରକୁ ଫେରିଲା ପରେ ମଧ୍ୟ କାମ ତାଙ୍କ ପିଛା ଛାଡ଼େନି। ସେମାନେ ଆଖିରେ ମୋଟା ମୋଟା ଲେନ୍ସର ଚଷମା ଲଗେଇ, ଲ୍ୟାପ୍‌ଟପ୍ ବା ମୋବାଇଲକୁ ଧରି ଗାଡ଼ିରେ ହେଉ ବା ଶୋଇବା ଶେଯରେ ହେଉ ରାତିଅଧ ଯାଏ ଠିକ୍‌ଠାକ୍ କରୁଥାନ୍ତି। ସ୍ତ୍ରୀ ଓ ପିଲାମାନଙ୍କ ସହ ମଧ୍ୟ ଭଲରେ କଥାଟିକେ ହେବାକୁ ତାଙ୍କ ପାଖରେ ସମୟ ନ ଥାଏ। ଏପରିକି ସେମାନେ ବହୁକଷ୍ଟରେ ଛୁଟିନେଇ କେତେବେଳେ କେମିତି ପରିବାର ସହ କୋଉ ହିଲ୍‌ଷ୍ଟେଶନ କି ହଲିଡେ ସ୍ପଟ୍‌ରେ ଥିଲାବେଳେ ମଧ୍ୟ ଏ କାମର ଭୂତ ତାଙ୍କ ପିଛା ଛାଡ଼େନା। ଘଣ୍ଟାକୁ ଘଣ୍ଟା ସେମାନେ ମୋବାଇଲ ଓ ଲ୍ୟାପ୍‌ଟପ୍ ଚେକ୍ କରୁଥାନ୍ତି କିଛି କାମର ବରାଦ ଆସିଲା କି, ବିଜିନେସ୍ ଠିକ୍‌ଠାକ୍ ଚାଲିଚି କି ନାହିଁ, କୋଉଠି କିଛି ଅସୁବିଧା ହେଲା କି? ଯାକୁ ଆଜିକାଲି ଡାକ୍ତରୀ ଭାଷାରେ ଟେଲିପ୍ରେସର ବୋଲି କୁହାଯାଉଛି। ଏଥିଯୋଗୁ ମାନସିକ ଅବସାଦ ବଢ଼ିବା ସହ ବ୍ୟକ୍ତିଗତ ଓ ସାମାଜିକ ଜୀବନ ମଧ୍ୟ ପ୍ରଭାବିତ ହେଉଛି।

ସମସାୟିକ ଜଗତରେ ଯନ୍ତ୍ରପାତି ବା ଗ୍ୟାଜେଟ୍ସ ମଣିଷର ଜୀବନକୁ ନିୟନ୍ତ୍ରଣ କରୁଛି। ଅଫିସ୍‌କୁ ଛାଡ଼ି ଆସିଲା ପରେ ମଧ୍ୟ ଅଫିସ ଆମକୁ ଛାଡୁନି, ଠିକ୍ ବେତାଳ ବିକ୍ରମାଦିତ୍ୟଙ୍କ କାନ୍ଧରୁ ନ ଓହ୍ଲେଇଲା ପରି। ସତ କହିଲେ ଦାପ୍ତରିକ ଜଗତରେ କର୍ମଚାରୀଙ୍କୁ ସୁନାଅଣ୍ଡା ଦିଆ କୁକୁଡ଼ା ଭଳି ବ୍ୟବହାର କରାଯାଏ। କୁକୁଡ଼ାଟି ଦିନରେ ଥରେ କେବଳ ଅଣ୍ଡା ଦେଇପାରିବ ଏକଥା ମାଲିକ ଭୁଲିଯାଏ। ଯା ଫଳରେ ଅନିଶ୍ଚିତତା ଭିତରେ କୁନ୍ଥେଇ କୁନ୍ଥେଇ କାମ କରୁଥିବା କର୍ମଚାରୀର ଦାପ୍ତରିକ ଓ ବ୍ୟକ୍ତିଗତ ଜୀବନ ଭିତରେ ପ୍ରଭେଦ କମିକମି ଯାଉଛି। ହସଖୁସି ପାଇଁ ସମୟ ରହୁନି। ମଣିଷ ମନମରା ହେଇ ରହୁଚି! ସବୁବେଳେ ଲାଗୁଚି ବସ୍ କିଛି ମେସେଜ୍ ଦେଇଥିବେ କି। ତୁରନ୍ତ ତାକୁ ନ ଦେଖିଲେ ସେ ରାଗିଯିବେ କି? ଦାୟିତ୍ୱହୀନ ବୋଲି ଭାବିବେ କି? ଆଉ ମେସେଜ୍‌ଟି ଥରେ ଦେଖିଦେଲା ପରେ ଭୟ ମାଡ଼ି ବସେ ଯେ ତୁରନ୍ତ ଯାର ସମାଧାନ ନ କଲେ ବସ୍ କହିବେ ତମେ ଇସ୍ୟୁଟା ଜାଣିଲାପରେ କାହିଁକି କିଛି ପଦକ୍ଷେପ ନେଲନି, ଚୁପ୍‌ଚାପ୍ ହେଇ ବସିଗଲ ? ତମ ଭଳି ଲୋକ କମ୍ପାନୀରେ ଥାଇ ଲାଭ କ'ଣ ? ଯଦି କାମ କରିବାର ଇଚ୍ଛା ନାହିଁ ଇସ୍ତଫା ଦେଇ ପଳାଅ। ଏମିତି ଗାଳି ଖାଇବାର, ଅପମାନିତ ହେବାର ଓ ଚାକିରିରୁ ବହିଷ୍କୃତ ହେବାର ଭୟ ସବୁବେଳେ ଜଣେ ଚାକିରିଆକୁ ବାବନାଭୂତ ଭଳି ଗୋଡ଼ାଉଥାଏ। ତା'ହେଲେ ଚାକିରି କରୁଥିବା ଲୋକଟି ଭଲରେ ଥିବ ବୋଲି ଆମେ ଭାବୁଚେ କାହିଁକି?

କର୍ମଜଞ୍ଜାଳ ଭିତରେ ବିଶ୍ରାମ ନେବାପାଇଁ ଛୁଟିର ବ୍ୟବସ୍ଥା ଅବଶ୍ୟ ଶ୍ରମ ଆଇନରେ ଅଛି। Universal declaration of Human Rightr Act 23 & 24ର ବ୍ୟବସ୍ଥା ଅନୁଯାୟୀ ଜଣେ ବ୍ୟକ୍ତିବିଶେଷର ବିଶ୍ରାମ ଓ ଅବସର ନେବାର ଅଧିକାର ଅଛି। ମାତ୍ର ଅନେକ କ୍ଷେତ୍ରରେ ସେତକ ଛୁଟି ମିଳେନି। ରବିବାର ଓ ଅନ୍ୟ ଛୁଟିଦିନରେ ବସ୍‌ଙ୍କ ଡାକରା ଆସେ। ନ ଯିବାର ଜୁ ନ ଥାଏ ବିଚରା କର୍ମଚାରୀ ପାଖରେ। ଅନ୍ୟ ଅର୍ଥରେ କହିବାକୁ ଗଲେ ଇଏ ତ ତା'ର ମାନବିକ ଅଧିକାରର ଉଲ୍ଲଂଘନ। ମାତ୍ର ସରକାରୀ ବା ବେସରକାରୀ କର୍ମଚାରୀଟିଏ ଏଇ ସମସ୍ୟାକୁ ନେଇ ମାନବାଧିକାର କମିଶନକୁ ମଧ୍ୟ ଯାଇପାରେ ନାହିଁ। ଏ ଦିଗରେ ଏବେ ପୁନଃଚିନ୍ତନର ଆବଶ୍ୟକତା ଆସିଛି। ପିଲାବେଳର ସ୍କୁଲରେ ପଢ଼ିଥିବା ରାଇମ୍ 'ଅଲ୍ ୱାର୍କ ଆଣ୍ଡ ନୋ ପ୍ଲେ, ମେକ୍‌ସ ଏ ଜ୍ୟାକ୍ ଏ ଡଲ୍ ବୟ'କୁ ଏବେ ଅନୁଭବ କରିବାର ସମୟ ଆସିଛି। ଏ ସଂକ୍ରାନ୍ତରେ ସାଂସଦ ସୁପ୍ରିୟା ସୁଲେ ୨୦୧୮ ଡିସେମ୍ବର ୨୮ରେ ସଂସଦରେ ଏକ ବିଧେୟକ ଆଣିଥିଲେ, ଯାହାର ନାଁ ହେଲା 'ରାଇଟ୍ ଟୁ ଡିସ୍‌କନେକ୍ଟ'। ଭାରତରେ ଏହା ନୂଆ ହେଲେ ମଧ୍ୟ ଅନେକ ଦେଶ ଏବେ ଏହାକୁ ଆପଣେଇ ନେଲେଣି। ଫ୍ରାନ୍ସରେ ୨୦୧୭ ମସିହାରୁ ଏହା କାର୍ଯ୍ୟକ୍ଷମ ହେଲାଣି। ଏହି ଅଭିଯାନ ଫଳରେ ଅଫିସ୍‌ର କାର୍ଯ୍ୟନିର୍ଘଣ୍ଟ ଶେଷ ହେବାପରେ କର୍ମଚାରୀମାନଙ୍କୁ ଅଫିସ୍‌ରେ ତାଙ୍କ ଇଚ୍ଛା ବିରୁଦ୍ଧରେ ରହିବାକୁ ବାଧ କରାଯାଇପାରିବ ନାହିଁ କିମ୍ବା ଅଫିସିଆଲ୍ ଫୋନ କଲ୍, ଇମେଲ୍ ଓ ହ୍ୱାଟ୍ସଆପ୍ ମେସେଜର ଉତ୍ତରଦେବାକୁ ଚାପ ସୃଷ୍ଟି କରାଯାଇପାରିବ ନାହିଁ। ଜଣେ କର୍ମଚାରୀ ଏଭଳି ପରିସ୍ଥିତିରେ ଉତ୍ତର ନ ଦେଲେ ତାହା ଅନୁପସ୍ଥିତି, ଅମନୋଯୋଗିତା ବା ଦାୟିତ୍ୱହୀନତା ରୂପେ ପରିଗଣିତ ହେବନାହିଁ। ଏହା କର୍ମଚାରୀମାନଙ୍କର ଚାପ ହ୍ରାସ କରିବା ସହିତ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ହେବ। ଡାକ୍ତରୀ ଓ ମନସ୍ତତ୍ତ୍ୱବିତ୍‌ଙ୍କ ଭାଷାରେ ଏହାକୁ ଡିଜିଟାଲ ଡିଟକ୍ସ ବା ଜୀବନରୁ 'ବୈଦ୍ୟୁତିକ ବିଷହରଣ' ପ୍ରକ୍ରିୟା କୁହାଯାଉଛି। ଫ୍ରାନ୍ସ ଛଡ଼ା ଫିଲିପାଇନ୍ସ, ସ୍ପେନ୍ ଭଳି ଦେଶ କରିଥିବା ବ୍ୟବସ୍ଥା ଅନୁଯାୟୀ କର୍ମଚାରୀମାନେ ଛୁଟି ସମୟରେ ଅଧିକାରୀଙ୍କ ଡାକରା, ଫୋନ୍‌କଲ୍ ବା ମେସେଜର ଉତ୍ତରଦେବାର ବାଧ୍ୟବାଧକତାରୁ ମୁକ୍ତ। ଫକ୍‌ସୱାଗନ, ଡେମ୍‌ଲର ଆଲିଆନ୍ସ, ବେୟର ଓ ହେଙ୍କେଲ୍ ଭଳି ବଡ଼ ବଡ଼ ୟୁରୋପୀୟ କମ୍ପାନୀ ଏବେ ସନ୍ଧ୍ୟା ଛଅରୁ ସକାଳ ସାତ ମଧ୍ୟରେ ତାଙ୍କ କମ୍ପାନୀର ସର୍ଭର ବନ୍ଦ କରିଦେଉଛନ୍ତି, ଯେମିତି କର୍ମଚାରୀମାନଙ୍କ ପାଖକୁ କୌଣସି ମେସେଜ ନ ଯାଏ। ଯଦି ଏହି ସମୟରେ କୌଣସି କର୍ମଚାରୀଙ୍କର ଆବଶ୍ୟକତା କମ୍ପାନୀ ପାଇଁ ଅନିବାର୍ଯ୍ୟ ମନେହୁଏ ତେବେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ଅନୁରୋଧ କରିପାରନ୍ତି ଏବଂ ଏଥିନିମନ୍ତେ ପ୍ରତି ବଦଳରେ ତାଙ୍କୁ ଓଭରଟାଇମ୍ ଅର୍ଥ ଦେବାକୁ ମଧ୍ୟ ବାଧ। ଆମେରିକାରେ ଯାକୁ ନେଇ ଏବେ ବିଚାରବିମର୍ଶ ଚାଲିଛି। ଆମେରିକାରେ ଗୋଟିଏ ଘରୋଇ କମ୍ପାନୀରେ କାମ କରୁଥିବା ଜଣେ ବନ୍ଧୁ ଏବେ କହୁଥିଲେ ତାଙ୍କ କମ୍ପାନୀରେ କର୍ମଚାରୀମାନଙ୍କୁ ଯେଉଁ ୧୫ ଦିନ ବାର୍ଷିକ ବ୍ୟକ୍ତିଗତ ଛୁଟି ମିଳେ ତାକୁ ନେବାକୁ ଜଣେ କର୍ମଚାରୀ ବାଧ। ଧରନ୍ତୁ, ସେ ୧୫ ଦିନରୁ ୧୦ଦିନ ଛୁଟି ନେଲେ ଆଉ ପାଞ୍ଚଦିନ ନେଲେ ନାହିଁ। ତା'ହେଲେ କମ୍ପାନୀ ତାଙ୍କର ୫ଦିନର ଦରମା କାଟିଦେବ। କମ୍ପାନୀର କହିବା କଥା ହେଲା ଯଦି ସେ କର୍ମଚାରୀ ଛୁଟି ନ ନେଇ ଏଇ ଚିରାଚରିତ ଅଳିଆ ଭିତରେ ଘାଣ୍ଟିହେଲା ତା'ହେଲେ ତା'ର କାମରେ ମଧ୍ୟ ସେଇଭଳି ନକାରାତ୍ମକ ପ୍ରତିଫଳନ ଦେଖାଯିବ। ଯଦି ସେ ଛୁଟି ଉପଭୋଗ କରିଥାନ୍ତା ତେବେ ଅଫିସ ଫେରିଲା ବେଳକୁ ଅପେକ୍ଷାକୃତ ଖୁସି ଭାବରେ ଫେରିଥାନ୍ତା ଓ ମନଫୁର୍ତ୍ତିରେ ଅଧିକ କାମ କରିଥାନ୍ତା। ଆମର ଏଠି ତ ପ୍ରତିବର୍ଷ କେତେ ନା କେତେ ଛୁଟି ଲାପ୍‌ସ କରେ। ଏଠି ଛୁଟି ଏକ ଅଧିକାର ନୁହେଁ। ଯୋଉ କର୍ମଚାରୀ ଘରକୁ ନ ଯାଇ ରାତି ଦଶଟା ଯାଏ ଅଫିସ୍‌ରେ ବସେ, ଛୁଟିଦିନରେ ଅଫିସ୍‌କୁ ଆସେ ତାକୁ କର୍ମନିଷ୍ଠ ଓ ନିୟମାନୁବର୍ତ୍ତୀ କର୍ମଚାରୀ ଭାବେ ବିବେଚନା କରାଯାଏ। ବାହାରକୁ ଯାଇ ଟିକେ ମାଇଣ୍ଡ ଫ୍ରେସ୍ କରି ଆସ ବୋଲି କୋଉ ଅଫିସର ତା' ଅଧସ୍ତନ କର୍ମଚାରୀକୁ କେବେ କହେନାହିଁ। କମ୍ପାନୀ ବା ଅଫିସ ଦରମା ଦେଉଚି ମାନେ କର୍ମଚାରୀଙ୍କଠୁ କେମିତି କଡ଼ାଗଣ୍ଡା କରି ଆଦାୟ କରାଯାଇପାରିବ ତାହା ଆମେ ଚିନ୍ତାକରୁ। ତେଣୁ ଏଭଳି ଏକ ଅନୁଦାର ବ୍ୟବସ୍ଥା ଭିତରେ କାମ କରୁଥିବା କର୍ମଚାରୀଟି ଭାବେ, ଛୁଟି ଟିକେ ତ ମିଳୁନି, ତେଣୁ ପଇସାପତ୍ର ଯାହା ଯୋଉଠୁ ମିଳୁଚି ତାକୁ ବରଂ ଖାଇଯିବି, ଗୋଟେ ପ୍ରକାରେ କ୍ଷତିପୂରଣ ତ ହେଇଯିବ! କର୍ମଚାରୀମାନଙ୍କୁ ଅଧିକ ଉଦାରତା ପ୍ରଦର୍ଶନ କଲେ, ସୁସ୍ଥ ଓ ସକ୍ଷମ ରହିବାର ପରିବେଶ ଦେଲେ, ଚିନ୍ତା କରିବାର ସ୍ୱାଧୀନତା ଦେଲେ, ଭଲ ଦରମା ଦେଲେ ସେମାନେ ଭଲ ରେଜଲ୍ଟ ଦେବାକୁ ନୈତିକଭାବେ ବାଧ ହେବେ। ତା'ପରେ ଯେତେ ଚାବୁକ ମାରିଲେ ସେମାନେ ଦେହକୁ ନେବେନାହିଁ। ମାତ୍ର ପେଟକୁ ନ ଦେଇ ପିଠିକୁ ମାରିଲେ ତାହା ବେଶି ଫଳ ଦେବନାହିଁ। କିଛି କମ୍ପାନୀ ଏବେ 'ୱାର୍କ ଫ୍ରମ୍ ହୋମ୍' ବ୍ୟବସ୍ଥା ମଧ୍ୟ ଆପଣେଇ ନେଲେଣି। ଏ ବ୍ୟବସ୍ଥା ଅନୁଯାୟୀ ଯଦି କର୍ମଚାରୀ ଜଣକ କୌଣସି ପାରିବାରିକ ଅସୁବିଧା କାରଣରୁ ଅଫିସ ଯାଇପାରୁନାହିଁ ତେବେ ସେ ଅନ୍‌ଲାଇନରେ ଲଗିଂ କରି ଘରୁ ମଧ୍ୟ କାମ କରିବାର ସ୍ୱାଧୀନତା ପାଉଛି। ଅଫିସ୍‌ର କାମ ବି ହେଲା, କର୍ମଚାରୀ ତା' ନିଜ ସମସ୍ୟାର ସମାଧାନ ବି କରିପାରିଲା। କଥା ହେଉଚି କୁକୁଡ଼ା ବଞ୍ଚିଲେ ତ ଯାଇ ପରଦିନ ସୁନା ଅଣ୍ଡାଟିଏ ଦେବ। କାମର ଚାପରେ ଯଦି କର୍ମଚାରୀ ରୂପକ କୁକୁଡ଼ାଟି ମରିଯିବ ତେବେ ସୁନା ଅଣ୍ଡା ଆଉ କିଏ ଦେବ?

ମୋ– ୯୪୩୭୨୮୬୫୧୨

# ବାହ୍ୟପୂଜା ଓ ଶ୍ରାଦ୍ଧ

ବରଦା ପ୍ରସନ୍ନ ଦାସ

ଯେଉଁ ହିନ୍ଦୁଧର୍ମର ସନାତନ ଶାସ୍ତ୍ର ବେଦ ସତ୍ୟ ଓ ଯଥାର୍ଥ ବିଚାରରେ ପରିପୂର୍ଣ୍ଣ, ସେହି ହିନ୍ଦୁ ଆଜି ଅନ୍ଧବିଶ୍ୱାସର ଅନ୍ଧକୂପରେ ନିପୀଡ଼ିତ। ପରମେଶ୍ୱରଙ୍କ ଆଜ୍ଞା ହେଲା ସତ୍ୟଂ ବଦ, ଧର୍ମଂ ଚର, ଦୟାଂ କୁରୁ। ଅର୍ଥାତ୍ ଦୁଃଖୀର ଦୁଃଖ ନିବାରଣ କର, ରୋଗୀକୁ ଔଷଧ ଦିଅ, କ୍ଷୁଧାର୍ତ୍ତକୁ ଅନ୍ନ ଦାନ କର, ତୃଷାର୍ତ୍ତକୁ ଜଳ ଦାନ କର, ଉଲଗ୍ନକୁ ବସ୍ତ୍ର ଦାନ କର, ଅଜ୍ଞାନକୁ ଜ୍ଞାନ ଦାନ କର, ଅସହାୟକୁ ସାହାଯ୍ୟ କର, ବିପଦଗ୍ରସ୍ତ ଲୋକକୁ ଉଦ୍ଧାର କର ଓ ପର ଉପକାର କର ଇତ୍ୟାଦି। ଏସବୁ କାର୍ଯ୍ୟ ହେଲା ପ୍ରଭୁ ପୂଜା। ଅର୍ଥାତ୍ ସେବା ହିଁ ପ୍ରଭୁ ପୂଜା। ଏଣୁ ମହାଭାରତରେ ମହର୍ଷି ବ୍ୟାସ କହନ୍ତି– 'ପରୋପକାରଃ ସ୍ୱର୍ଗାୟ ପାପାୟ ପରପୀଡନମ୍।' ଭାଗବତରେ ଅଛି– 'ପରୋପକାର ମହାଧର୍ମ। ସୁଜନେ କର ଉପାର୍ଜନ।।'

ନାନକ, କବୀର ଏବଂ ଚୈତନ୍ୟ ମଧ୍ୟ ପ୍ରଚାର କରିଗଲେ ଜୀବ ଜଗତର ସେବା ହିଁ ସର୍ବଶ୍ରେଷ୍ଠ ଧର୍ମ। ଅତଏବ ପରମେଶ୍ୱରଙ୍କୁ ପୂଜା କରିବାର ଏତେ ସୁନ୍ଦର ପ୍ରଣାଳୀକୁ ଛାଡ଼ି, ଜୀବିତ ମୂର୍ତ୍ତିମାନଙ୍କର ସେବା ଛାଡ଼ି ଫଟୋ, କାଠ ପଥରର ମୂର୍ତ୍ତିମାନଙ୍କର ପୂଜା କରିବା କେତେ ଯଥାର୍ଥ ସେ କଥା ବେଦ ଆଧାରରେ ବିଚାର୍ଯ୍ୟ। ସକାଳେ ସନ୍ଧ୍ୟାରେ ଘଣ୍ଟାଏ ଲେଖାଏ ଈଶ୍ୱର ଚିନ୍ତନ ଏକାଗ୍ର ମନରେ ଓ ନିଷ୍ଠାପୂର୍ଣ୍ଣ ଅନ୍ତରରେ କରିବା ଉଚିତ। ଏହାକୁ ହିଁ ଧ୍ୟାନ କୁହାଯାଏ। ସେହି ଦୟାମୟ ପରମେଶ୍ୱରଙ୍କ ଗୁଣ ଚିନ୍ତନ ହିଁ ପ୍ରଭୁପୂଜା। ଏହା ନ କରି ଫଟୋ ବା କାଠପଥରର ମୂର୍ତ୍ତିକୁ ଭୋଗରାଗ ଦେଇ ପୂଜା କରିବା ବାସ୍ତବ ପ୍ରଭୁ ପୂଜା ନୁହେଁ। ତେବେ ଶାସ୍ତ୍ରରେ ମୂର୍ତ୍ତିପୂଜାକୁ ସମ୍ପୂର୍ଣ୍ଣ ବାରଣ କରାଯାଇ ନ ଥିଲେ ମଧ୍ୟ ତାହା ଅଧମାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଉପାସନା ପଦ୍ଧତି ବୋଲି କୁହାଯାଇଛି–
ଉତ୍ତମୋ ବ୍ରହ୍ମସଦ୍‌ଭାବୋ ଧ୍ୟାନଭାବସ୍ତୁ ମଧ୍ୟମଃ।
ସ୍ତୁତିଜପୋଽଧମଭାବୋ ବାହ୍ୟପୂଜାଧମାଧମଃ।।

ଭାବଭକ୍ତିହୀନ ମୂର୍ତ୍ତିପୂଜା ହେଉଛି ସେହି ବାହ୍ୟପୂଜା, ଯାହାକୁ ଅଧମାଧମ ବୋଲି କୁହାଯାଇଛି। ଏପରି ମୂର୍ତ୍ତିପୂଜା ଦ୍ୱାରା କିଛି ଲାଭ ହୋଇ ନ ଥାଏ। ଶ୍ରୀମଦ୍ ଭଗବଦ୍ ଗୀତା ମତରେ ପରୋପକାର ଦ୍ୱାରା ହିଁ ମଣିଷ ବିଶ୍ୱପିତା ପ୍ରଭୁଙ୍କ ପୂଜା କରିଥାଏ ଏବଂ ସିଦ୍ଧି ଲାଭ କରିଥାଏ। ବିଶ୍ୱର ଜୀବଗଣଙ୍କ ଉପକାର କରିବା ଦ୍ୱାରା ହିଁ ବିଶ୍ୱପିତା ଆମ ଉପରେ ପ୍ରସନ୍ନ ହୋଇଥାନ୍ତି। ଏଣୁ ଏହା ହିଁ ବାସ୍ତବ ପ୍ରଭୁ ପୂଜା। ଏହା ହିଁ ବେଦର ଆଦେଶ ଓ ମର୍ମାର୍ଥ। ଏହାକୁ ଆମେ ପାଳନ କରୁଛେ କି? ଏବେ ଆସନ୍ତୁ ବିଚାର କରିବା ପିତୃଶ୍ରାଦ୍ଧ ଅର୍ଥ କ'ଣ।

ପିତାମାତା, ପ୍ରାଣଦାତା ଓ ଅନ୍ନଦାତା– ଏ ତିନିଙ୍କୁ ଧର୍ମଶାସ୍ତ୍ରରେ ପିତୃପୁରୁଷ ବୋଲି କୁହାଯାଏ। ସେମାନଙ୍କୁ ଜୀବିତାବସ୍ଥାରେ ଭୋଜନ, ବସ୍ତ୍ର ଓ ଔଷଧ ଦାନ କରି ଯଥୋଚିତ ସେବାସତ୍କାର କରିବାର ନାମ ହିଁ ପିତୃଶ୍ରାଦ୍ଧ। ଶ୍ରାଦ୍ଧର ଅର୍ଥ ହେଲା ଶ୍ରଦ୍ଧାର ସହ ସେବା କରିବା ଓ ତତ୍ ପ୍ରୀତ୍ୟର୍ଥେ ଦାନ କରିବା। ଏହା ହିଁ ବେଦର ସିଦ୍ଧାନ୍ତ। ତେବେ ମୃତ ପିତୃପୁରୁଷଙ୍କୁ ଭୋଜନ ଓ ଆଚ୍ଛାଦନ ପାଇଁ ବ୍ରାହ୍ମଣମାନଙ୍କୁ ଯେଉଁ ଅନ୍ନ, ବସ୍ତ୍ର, ଅର୍ଥ ଦାନ ଦିଆଯାଏ ସେ ସବୁ ଏକ ପରମ୍ପରା। କିନ୍ତୁ ଜୀବନ୍ତ ମାତାପିତାଙ୍କର ସେବା ନ କରି ମଲାପରେ ସାଇଭାଇ ଓ ବ୍ରାହ୍ମଣଙ୍କୁ ଭୁରିଭୋଜନ ଦେବାରେ କେବଳ ଆତ୍ମବଡ଼ିମା ହିଁ ପ୍ରକାଶ ପାଇଥାଏ। ଏହାଦ୍ୱାରା ପିତୃପୁରୁଷ ପ୍ରସନ୍ନ ହୁଅନ୍ତି ନାହିଁ।

ଇହ ଜନ୍ମରେ କରିଥିବା ପାପ ଓ ପୁଣ୍ୟ କର୍ମର ଫଳ ସ୍ୱରୂପ ମନୁଷ୍ୟକୁ ମୃତ୍ୟୁ ପରେ ତିନୋଟି ବସ୍ତୁ ପ୍ରାପ୍ତ ହୋଇଥାଏ। ସେଗୁଡିକ ହେଲା– ଶରୀର, ଆୟୁ ଓ ଭୋଗ। ଶରୀର ଅର୍ଥ ମନୁଷ୍ୟ ବା କୀଟପତଙ୍ଗ, ପକ୍ଷୀପକ୍ଷୀ ମଧ୍ୟରୁ ଯେ କୌଣସି ଗୋଟିଏ ଶରୀର। ଆୟୁର ଅର୍ଥ ଏକ ନିର୍ଦ୍ଦିଷ୍ଟ ଆୟୁ। ଭୋଗର ଅର୍ଥ ସୁଖଦୁଃଖ ଭୋଗ। ଇହ ଜନ୍ମରେ କରିଥିବା ପାପ ବା ପୁଣ୍ୟ କର୍ମର ଫଳସ୍ୱରୂପ ମନୁଷ୍ୟକୁ ମୃତ୍ୟୁ ପରେ ପରମେଶ୍ୱରଙ୍କ ନିୟମ ଅନୁସାରେ ଉପରୋକ୍ତ ତିନୋଟି ବସ୍ତୁ ପ୍ରାପ୍ତ ହୋଇଥାଏ। ଜୀବାତ୍ମା ଏଭଳି ଏକ ନୂତନ ଶରୀରରେ ପଦାର୍ପଣ କରି ନିଜର ପାପ ବା ପୁଣ୍ୟ କର୍ମର ଦୁଃଖ ବା ସୁଖ ଫଳକୁ ଭୋଗିବାରେ ଲାଗେ। ନିଜେ କରିଥିବା କର୍ମର ଫଳକୁ ନିଜକୁ ହିଁ ଭୋଗିବାକୁ ପଡ଼େ। ମୃତ ପିତୃପୁରୁଷଙ୍କୁ ପୁଣ୍ୟର ଅଧିକାରୀ କରାଇବା ତାଙ୍କ ବଂଶଧରଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ। ଉତ୍ତରାଧିକାରୀମାନେ ମୃତ ପିତୃପୁରୁଷଙ୍କ ପୁଣ୍ୟକୁ ବା ପାପକୁ କଦାପି ବଢ଼ାଇ ବା କମାଇ ପାରିବେନି। ଧର୍ମ ନାମରେ ସମ୍ପ୍ରଦାୟ ଭିତ୍ତିରେ ମୃତ୍ୟୁ ପରେ ଅଲଗା ଅଲଗା ଶ୍ରାଦ୍ଧ ଦିଆଯିବା ପଦ୍ଧତି ବେଦ ମତେ ସମ୍ପୂର୍ଣ୍ଣ ଅମୂଳକ।

ସାମ୍ପ୍ରତିକ ବିଶ୍ୱାସ ମତେ ପିତୃମାତୃ ଶ୍ରାଦ୍ଧ ବହୁ ଆଡ଼ମ୍ବର ସହକାରେ ସମ୍ପାଦିତ ହେଉଛି। ବ୍ରାହ୍ମଣଙ୍କୁ ଡାକି ବିଭିନ୍ନ ପୂଜାକର୍ମ, ବସ୍ତ୍ର ବଣ୍ଟନ, ଭୋଜି ଆଦି ବାହ୍ୟ ଆଡ଼ମ୍ବରର ଫଳ ଶୂନ। ବେଦରେ ଏପରି ଶ୍ରାଦ୍ଧ ବ୍ୟବସ୍ଥା ନାହିଁ, ମାତ୍ର ସ୍ମୃତିଶାସ୍ତ୍ରରେ ଅଛି। ବେଦ ଓ ସ୍ମୃତିଶାସ୍ତ୍ର ଉଭୟ ହିନ୍ଦୁଧର୍ମର ଶାସ୍ତ୍ର। ମାତ୍ର ଏ ଉଭୟ ମଧ୍ୟରେ ବିରୋଧ ଉପସ୍ଥିତ ହେଲେ ବେଦ ହିଁ ଅନୁସର୍ତ୍ତବ୍ୟ ବୋଲି କୁହାଯାଇଛି– ଶ୍ରୁତିସ୍ମୃତି ଦ୍ୱୟୋର୍ମଧ୍ୟେ ଶ୍ରୁତି ଏବ ଗରୀୟସୀ। ଦୁର୍ଲଭ ମଣିଷ ଜନ୍ମ ପାଇ ବେଦ ମତେ କାର୍ଯ୍ୟ ସମ୍ପାଦନ କଲେ ବିଶ୍ୱ ମାନବ ପ୍ରକୃତ ସନାତନ ହିନ୍ଦୁତ୍ୱକୁ ବଜାୟ ରଖିବାରେ ସହାୟକ ହେବ।

ମୋ–୯୮୬୧୧୪୫୬୮୭

## ଏଇ ଭାରତରେ

ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ପ୍ରକ୍ରିୟାରେ କେବଳ କଲେଜ ପିଲାମାନେ ଭାଗ ନେଉଛନ୍ତି। କିନ୍ତୁ ସ୍କୁଲରେ ନିର୍ବାଚନ ହେବା ଶୁଣିଛନ୍ତି କି ? ଛତିଶଗଡ଼ର କୋରବା ଅନ୍ତର୍ଗତ ଗଡକଟରା ଗାଁର ସରକାରୀ ସ୍କୁଲ୍‌ରେ ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି ଏମିତି ଏକ ନିର୍ବାଚନ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ଏହି ସ୍କୁଲ୍‌ରେ ପିଲାମାନେ ସେମାନଙ୍କ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ପିଲାମାନେ ଭୋଟ ଦେବା ପରେ ସେମାନଙ୍କ ଅଙ୍ଗୁଳିରେ କାଳିଚିହ୍ନ ଲଗାଯାଇଛି। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଦେଶରେ ପ୍ରଧାନମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ ଶପଥ ନେବା ଭଳି ବିଜୟୀ ପ୍ରାର୍ଥୀମାନେ ଶପଥ ନେଇଛନ୍ତି। ଶପଥ ନେବା ସମୟରେ ନିର୍ବାଚିତ ହୋଇଥିବା ପୁଅମାନେ ଧୋତି ଓ ଝିଅମାନେ ଶାଢ଼ି ପିନ୍ଧି ଆସିଥିଲେ। ଗାଁର ଏହି ସ୍କୁଲକୁ ନିର୍ବାଚନ କେନ୍ଦ୍ର କରାଯାଏ। ଏଠାରେ ବି ଗାଁ ଲୋକଙ୍କ ତରଫରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଏ। ଠିକ୍ ଯେମିତି ସାଧାରଣ ନିର୍ବାଚନରେ ହୋଇଥାଏ। ବଡ଼ ପିଲାମାନଙ୍କ ପାଠ୍ୟକ୍ରମରେ ନିର୍ବାଚନ ସମ୍ବନ୍ଧରେ ଶିକ୍ଷା ଦିଆଯାଉଥିବାବେଳେ ଛୋଟ ପିଲାମାନେ ସ୍କୁଲରେ ସବୁବେଳେ ନିର୍ବାଚନ କ'ଣ ଓ ପୋଲିଂ ବୁଥ୍ ଭିତରେ କ'ଣ ହୁଏ ବୋଲି ସ୍କୁଲର ଶିକ୍ଷକ ଶ୍ରୀକାନ୍ତି ସିଂଙ୍କୁ ପ୍ରଶ୍ନ କରନ୍ତି। ଏଣୁ ପିଲାମାନଙ୍କୁ ନିର୍ବାଚନ ସମ୍ପର୍କରେ ଜଣାଇବା ପାଇଁ ଏହି ସାଙ୍କେତିକ ନିର୍ବାଚନ କରାଯାଇଛି। ନିର୍ବାଚନରେ ପିଲାମାନଙ୍କୁ ପ୍ରାର୍ଥୀମାନଙ୍କ ନାମ ସହ ଛାତ୍ର ସଂସଦ ନିର୍ବାଚନ ଲେଖାଥିବା ଏକ ମତପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯାଇଥିବା ଗାଣିତିକ ଚିହ୍ନ ମଧ୍ୟ ରହିଥିଲା। ପିଲାମାନେ ସେମାନଙ୍କ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ନିର୍ବାଚନ ଫଳାଫଳ ବାହାରିବା ପରେ ପିଲାମାନଙ୍କ ମଧ୍ୟରେ ମିଠା ବଣ୍ଟାଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୯୪

- ପାକିସ୍ତାନକୁ ସନ୍ତ୍ରାସବାଦୀ ରାଷ୍ଟ୍ର ତାଲିକାଭୁକ୍ତ କରିବା ପାଇଁ ଆମେରିକାର ଜନପ୍ରତିନିଧି ସଭାରେ ପ୍ରସ୍ତାବ ଆଗତ।
- ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଜାପାନ ବିରୋଧରେ ବାଣିଜ୍ୟ କଟକଣା ଲାଗୁ କରିବା ଲାଗି ନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଉଠାଦୋକାନୀଙ୍କୁ ଥଇଥାନ କରାଯାଉ

ମହାଶୟ,

ଶ୍ରୀମନ୍ଦିରର ସୁନ୍ଦରୀକରଣ ପାଇଁ ପ୍ରଶାସନ ଯାହା ପଦକ୍ଷେପ ନେଉଛନ୍ତି ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ଦିନକୁଦିନ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ହଜାର ହଜାର ଦର୍ଶନାର୍ଥୀ ଆସୁଛନ୍ତି। ମନ୍ଦିରର ବାହ୍ୟ ପରିବେଶ ଅବରୋଧ ଦ୍ୱାରା ଦର୍ଶନାର୍ଥୀମାନେ ସହଜରେ ଦର୍ଶନ କରିପାରୁନାହାନ୍ତି। ସରକାର ମଠ ଭାଙ୍ଗିବା ପରେ ଉଠା ଦୋକାନୀମାନଙ୍କୁ ଉଠାଇ ଦେଇଛନ୍ତି। ଉଠାଦୋକାନୀମାନଙ୍କ ପରିବାର ଏହାଦ୍ୱାରା ଭୋକଉପାସରେ ମରିବା ହିଁ ସାର ହେବ। ପୁରୀ ଜିଲାପାଳ ଉଠାଦୋକାନୀମାନଙ୍କ ପେଟପାଟଣା ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କୁ ନିଶ୍ଚିତ ଭାବରେ ଥଇଥାନ କରନ୍ତୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ସ୍ୱାସ୍ଥ୍ୟବୀମାରେ ଦୁର୍ନୀତିକୁ ରୋକାଯାଉ

କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜ ପାଣ୍ଠିରେ ବିଭିନ୍ନ ସ୍ୱାସ୍ଥ୍ୟବୀମା ଯୋଜନା ଚଳାଉଛନ୍ତି। ଏହି ବୀମାଧାରୀଙ୍କ ସମେତ ତାଙ୍କ ପରିବାର ସଦସ୍ୟମାନଙ୍କୁ ମଧ୍ୟ ବୀମା ସୁବିଧା ମିଳିବ। ଏହି ବୀମାଧାରୀ କୌଣସି ଗୁରୁତର ରୋଗରେ ଆକ୍ରାନ୍ତ ହୋଇ ଯଦି କୌଣସି ବେସରକାରୀ ହସପିଟାଲରେ (ସରକାରୀ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ନ ଥିବାରୁ) ଚିକିତ୍ସିତ ହୁଏ, ତେବେ ତା'ର ପ୍ରକୃତ ଚିକିତ୍ସା ଖର୍ଚ୍ଚରୁ ଢେର ଗୁଣ ଅଧିକ ବିଲ୍ କରାଯାଉଛି। ଏହାର କାରଣ ମଧ୍ୟ ଅନେକ। ଏହି ସ୍ୱାସ୍ଥ୍ୟବୀମା ବେସରକାରୀ ଚିକିତ୍ସାଳୟଗୁଡ଼ିକ ପାଇଁ ଏକ ମହୁବସା। ଯିଏ ଯେପରି ଶୋଷିପାରିଲା। କେହି ଦେଖିବାର ନାହିଁ କି କହିବାର ନାହିଁ। ଯଦି ରୋଗୀଟି ବିରୋଧ କରୁଛି ତାଙ୍କୁ ବିଭିନ୍ନ ଧମକ ଚମକ ମିଳୁଛି। ସରକାରୀ ବା ବେସରକାରୀ ସବୁ ଅନୁଷ୍ଠାନରେ ଦୁର୍ନୀତି। ସରକାର ଏହାକୁ ନିୟନ୍ତ୍ରଣ କରିବା ଉଚିତ।

ଅରୁଣ କୁମାର ନାୟକ, ମାନସ କୁମାର ଯେନା, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଧୀରଜ୍


ପିଣ୍ଟୁ


ଶୁଭ୍ର


ସୁଶାନ୍ତ


ଦେବବ୍ରତ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ ଚାଷୀ ଆତ୍ମହତ୍ୟା ଅଭିଯୋଗ ଘଟଣା

# ପ୍ୟାକ୍ସ ସହକାରୀ ପରିଚାଳକଙ୍କୁ ବଦଳି

**ବରଗଡ଼ ଅଫିସ୍,୨୪।୯**

ବରଗଡ଼ ବ୍ଲକ ଅନ୍ତର୍ଗତ ନୂଆପାଲି ଗ୍ରାମର ଚାଷୀ ଆତ୍ମହତ୍ୟା ଅଭିଯୋଗ ଘଟଣାରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ତେବେ ସ୍ଥାନୀୟ ସରସରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ମୃତ ଚାଷୀ ହେମନ୍ତ ସାହୁଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ କୃଷିଋଣ ଦେବା ବଦଳରେ ବାରମ୍ବାର ହଟହଟା କରୁଥିଲେ ଏବଂ ଏଥିରେ ମାନସିକ ଭାରସାମ୍ୟ ହରାଇ ସେ କୀଟନାଶକ ପିଇ ଦେଇଥିଲେ ବୋଲି ସୋମବାର ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କଠାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇବା ପରେ ବିଧାୟକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ମଙ୍ଗଳବାର ସମ୍ବଲପୁର ଜିଲା ସମବାୟ କେନ୍ଦ୍ର (ଏସଡ଼ିସିସି) ବ୍ୟାଙ୍କ ଲିଃର ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଗୁରୁକୃଷ୍ଣ ଦାସ ଉପରୋକ୍ତ ପ୍ୟାକ୍ସର ସହକାରୀ ପରିଚାଳକ ଶ୍ରୀବନ୍ତ ପର୍ଡ଼ିଆଙ୍କୁ ନାକଟୀଦେଉଳ ଶାଖାର କୋଷାଧ୍ୟକ୍ଷ ଭାବେ ବଦଳି କରିଛନ୍ତି । ସିଇଓ ଦାସଙ୍କ ପତ୍ରସଂଖ୍ୟା:- ୨୯୬୧ ତା:- ୨୪।୯।୨୦୧୯ରେ ଉଲ୍ଲେଖ ରହିଛି, ଏସଡ଼ିସିସି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ପତ୍ରସଂଖ୍ୟା:-୫୨୪୩ ତା:-୨୨।୧୧।୨୦୧୮ କ୍ରମେ ପର୍ଡ଼ିଆଙ୍କୁ ସରସରା ପ୍ୟାକ୍ସର ସହକାରୀ ପରିଚାଳକ ଭାବେ ଅବସ୍ଥାପିତ କରାଯାଇଥିଲା। ମାତ୍ର ମଙ୍ଗଳବାରଠାରୁ ପର୍ଡ଼ିଆଙ୍କଠାରୁ ସେହି ଦାୟିତ୍ୱ କାଢ଼ି ନିଆଯାଇ ଏସଡ଼ିସିସି ବ୍ୟାଙ୍କ, ନାକଟୀଦେଉଳ ଶାଖାର କୋଷାଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଥିବା ସିଇଓଙ୍କ ସେହି ପତ୍ରରେ ଦର୍ଶାଯାଇଛି ।

# ଗ୍ୟାଷ୍ଟ୍ରିଟିସ୍: ଚା, କଫି କାରଣ ନୁହେଁ

ବର୍ତ୍ତମାନ ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ସମସ୍ତଙ୍କର ଗ୍ୟାସ୍ ସମସ୍ୟା ଦେଖାଯାଉଛି। ଏହି ଗ୍ୟାସ୍ ସମସ୍ୟାର କାରଣ, ନିରାକାରଣ ଓ ଲକ୍ଷଣ କ'ଣ ସେ ସମ୍ପର୍କରେ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିଷ୍ଟ ଡା. ଆଶୁତୋଷ ମହାପାତ୍ର ସୂଚନା ଦେଇଛନ୍ତି। ଡା. ମହାପାତ୍ରଙ୍କ ମତରେ ଛାତି ଜଳିବା, ପେଟର ଉପର ଭାଗ ଯନ୍ତ୍ରଣା ହେବା କିମ୍ବା ପେଟ ଫୁଲିଯିବା ଏସବୁକୁ ଗ୍ୟାଷ୍ଟ୍ରିଟିସ୍ କୁହନ୍ତି। ମୁଖ୍ୟତଃ ଦୁଇଟି କାରଣ ଯୋଗୁ ଏହା ହୋଇଥାଏ। ପ୍ରଥମ କାରଣ ହେଉଛି ଏଚ୍ ପାଇଲୋରୀ ନାମକ ଏକ ବ୍ୟାକ୍ଟେରିଆ ଏବଂ ଦ୍ୱିତୀୟ କାରଣ ହେଲା ପେନ୍ କିଲର। ଏଚ୍ ପାଇଲୋରୀ ବ୍ୟାକ୍ଟେରିଆ ଷ୍ଟୋମାକ୍ କ୍ୟାନ୍‌ସର କରିଥାଏ। ଅନେକ ଲୋକ ଚା କିମ୍ବା କଫି ପିଇଲେ ଗ୍ୟାଷ୍ଟ୍ରିଟିସ୍ ହୋଇଥାଏ ବୋଲି ଭାବନ୍ତି। କିନ୍ତୁ ଏହା ଭୁଲ।




ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଦେଖନ୍ତୁ ▼ YouTube /dharitrilive

# ସି-ଶୋର ନିର୍ଦ୍ଦେଶକ ପ୍ରଶାନ୍ତ ଦାସଙ୍କ ଆତ୍ମସମର୍ପଣ

**ରାଉରକେଲା ଅଫିସ,୨୪।୯**

ବେଆଇନ ଅର୍ଥ କାରବାର ମାମଲାରେ ସି-ଶୋର ଗ୍ରୁପ ମାଲିକ ପ୍ରଶାନ୍ତ ଦାସ ଆତ୍ମସମର୍ପଣ କରିଛନ୍ତି। ମଙ୍ଗଳବାର ଅପରାହ୍ନ ୫ଟାରେ ପାନପୋଷ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପାନପୋଷ ଏସ୍‌ଡିଜେଏମ୍ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୨୦୧୯ରେ ସେପ୍ଟେମ୍ବର ୧୨ତାରିଖରେ ହାଇକୋର୍ଟ ପ୍ରଶାନ୍ତଙ୍କୁ ୩ ସପ୍ତାହ ମଧ୍ୟରେ ପାନ୍‌ପୋଷ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଜାରି କରିଥିଲେ। ନିର୍ଦ୍ଦେଶ ମୁତବକ ସି-ଶୋର ଗ୍ରୁପ ମାଲିକ ପ୍ରଶାନ୍ତ ପାନପୋଷ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିଲେ।

ସୂଚନାଯୋଗ୍ୟ, ସି-ଶୋର ଗ୍ରୁପ ମାଲିକ ପ୍ରଶାନ୍ତ ଦାସଙ୍କ ନାମରେ ବେଆଇନ ଅର୍ଥ କାରବାର ନେଇ ରଘୁନାଥପାଲି ଥାନାରେ ଦଫା ୪୨୦, ୧୨୦(ବି) ୩୪ ଆଇପିସି ଏବଂ ୪, ୫ ଓ ୬ ମନି ଲଣ୍ଡରିଂ ମାମଲା(ନଂ.୨୫୧/୨୦୧୩) ରୁଜୁ ହୋଇଥିଲା। ଏହି ମାମଲାରେ ପ୍ରଶାନ୍ତ ହାଇକୋର୍ଟରୁ ଜାମିନ ପାଇଥିଲେ ମଧ୍ୟ ପାନପୋଷ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ହୋଇ ନ ଥିଲେ। ପ୍ରଶାନ୍ତ ସି-ଶୋର ଗ୍ରୁପ ସିଏମ୍‌ଡି ଥିବା ବେଳେ ସାଧାରଣ ଲୋକଙ୍କଠାରୁ ଅର୍ଥ ଜମା ନେଇ ଫେରସ୍ତ କରୁ ନ ଥିଲେ। ଏ ନେଇ ତାଙ୍କ ନାମରେ ଏକାଧିକ ମାମଲା ରୁଜୁ ହୋଇଥିଲା। ସେହିପରି ଷ୍ଟିଲ ସିଟିର ଜଣେ ବ୍ୟବସାୟୀ ସି-ଶୋର କମ୍ପାନୀରୁ ୭୫ ଲକ୍ଷ ଟଙ୍କା ପାଇବାର ଥିଲା। ଏନେଇ ବ୍ୟବସାୟୀ ଜଣକ ବାରମ୍ବାର ଟଙ୍କା ଫେରସ୍ତ ନେଇ ପ୍ରଶାନ୍ତଙ୍କୁ କହିଥିଲେ। ହେଲେ ସେ ଟଙ୍କା ଫେରସ୍ତ କରି ନ ଥିଲେ। ଫଳରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ଷ୍ଟିଲ ସିଟିର ବହୁ ଲୋକ ସି-ଶୋର କମ୍ପାନୀରେ ଟଙ୍କା ଜମା କରିଥିଲେ। ହେଲେ ପରିବର୍ତ୍ତୀ ସମୟରେ ଟଙ୍କା ପାଇ ନ ଥିଲେ। ଏନେଇ କମ୍ପାନୀ ନାମରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଥାନାରେ ୧୨ଟି ମମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୭ଟି ରାଉରକେଲରେ ବିଚାରାଧୀନ ରହିଛି। ହାଇକୋର୍ଟଙ୍କ ସର୍ତ୍ତ ମୁତାବକ, ପ୍ରଶାନ୍ତ ପ୍ରତ୍ୟେକ ମାମଲାରେ କୋର୍ଟରେ ହାଜର ହେବେ। ସାକ୍ଷୀଙ୍କୁ କୌଣସି ପ୍ରକାରେ ପ୍ରଭାବିତ କରିବେ ନାହିଁ। ବିଚାର ପ୍ରକ୍ରିୟାରେ କୋର୍ଟଙ୍କୁ ସହାୟତା କରିବାକୁ ସର୍ତ୍ତ ରଖାଯାଇଛି।


ପୋଲିସ ମଙ୍ଗଳବାର ସନ୍ଧ୍ୟା ୫ଟାରେ ସି-ଶୋର ଗ୍ରୁପ ମାଲିକ ପ୍ରଶାନ୍ତ ଦାସଙ୍କୁ ପାନପୋଷ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିବାକୁ ନେଉଛି।

# ଚାଲାଣ ବେଳେ ବାଘଛାଲ ଜବତ

■ ବୋଲେରୋ, ବାଇକ ଜବତ
■ ୬ ଗିରଫ, ୩ ଅଟକ
■ ଅଧିକ ଖୋଳତାଡ଼ ଜାରି ରହିଛି: ଡିଏଫଓ

**ଦେବଗଡ,୨୪।୯(ଡି.ଏନ.ଏ.)**

ଚୋରାଚାଲାଣ ବେଳେ ଦେବଗଡ ଜିଲା ବନ ବିଭାଗ ସୋମବାର ଏକ କଲରାପରତରିଆ ବାଘର ଛାଲ ଜବତ କରିଛି। ଚାଲାଣରେ ବ୍ୟବହୃତ ବୋଲେରୋ ଓ ବାଇକ ଜବତ ହୋଇଛି। ଚାଲାଣରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁନ୍ଦରଗଡ ଜିଲା ବଣାଇ ଅଞ୍ଚଳର ସତ୍ୟରଞ୍ଜନ କିସାନ(୧୯), ଦେବଗଡ ଜିଲା ବାରକୋଟ ଥାନା ଅଞ୍ଚଳର ସନାତନ ଲୁହୁରା(୧୯), ତିଲେଇବଣୀ ବ୍ଲକ ପାଳକୁଦର ଗ୍ରାମର ଦେବେନ୍ଦ୍ର ରଣଚୁଲିଆ(୨୭), ଦେବଗଡ ଥାନା ପଳସାକୁଦର ଗ୍ରାମର ବିମ୍ବାଧର ଉଦାବର(୪୦) ଓ ରାଜେଶ ବେହେରା(୩୦), ଦେବଗଡ ପୌରାଞ୍ଚଳ ରଜାମୁଣ୍ଡା ସାହିର ନୀତେଶ ଇନ୍ଦୁଆର(୨୭) । ଏହି ଘଟଣାରେ କିସିଣ୍ଡା ଅଞ୍ଚଳର ସୁରେନ୍ଦ୍ର ପ୍ରଧାନ, ଦେବଗଡ ଥାନା ଅଧୀନ ବଳମ ଗ୍ରାମର ସୁଶାନ୍ତ କୁଲୁ(୩୦), ସୁନ୍ଦରଗଡ ଜିଲା ବଣାଇ ଅଞ୍ଚଳର ରାନୁ ବେହେରାଙ୍କୁ ବନ ବିଭାଗ ଅଟକ ରଖି ପଚରାଉଚରା କରୁଛି।

ଖବର ମୁତାବକ ସୁନ୍ଦରଗଡ ଜିଲା ଟିକାୟତପାଲି ଥାନା ଅଞ୍ଚଳରୁ ଏକ ବୋଲେରୋରେ ଏକ କଲରାପତରିଆ ବାଘଛାଲ ସମ୍ବଲପୁରକୁ ଚୋରାରେ ଚାଲାଣ ହେଉଥିବା ସୂଚନା ପାଇଥିଲା ଦେବଗଡ ବନ ବିଭାଗ। ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ରଦଳ ଦେବଗଡ ଥାନା ଅଧୀନ ଚଟି ବରଘାଟ ନିକଟସ୍ଥ ରାଜପଥରେ ଛକି ରହିଥିଲେ। ବାଘଛାଲ ଥିବା ବୋଲେରୋ ସେଠାରେ ପହଞ୍ଚିବା ପରେ ବନ ବିଭାଗ କର୍ମଚାରୀ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡିରୁ ୧.୦୫ ମିଟର ଲମ୍ବର ଏକ କଲରାପତରିଆ ବାଘଛାଲ ମିଳିଥିଲା । ଫଳରେ ବନ ବିଭାଗ କର୍ତ୍ତୃପକ୍ଷ ବୋଲେରୋ ଚାଳକଙ୍କ ସମେତ ଗାଡିରେ ଥିବା ୬ଜଣଙ୍କୁ ଗିରଫ କରିଥିଲା। ପରେ ଜବତ ବୋଲେରୋକୁ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ପଚରାଉଚରା ସମୟରେ ସେମାନେ ଏହାକୁ ବିକ୍ରି ପାଇଁ ସମ୍ବଲପୁର ଜିଲା ରେମେଡ ଅଞ୍ଚଳକୁ ନେଉଥିବା ସ୍ୱୀକାର କରିଥିଲେ । ଏଘଟଣାରେ ବନ ବିଭାଗ ଏକ ବାଇକ ଏବଂ କେତୋଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି । ଜବତ ବାଘଛାଲରେ ଗୁଳିଚିହ୍ନ ରହିଛି। ବାଘକୁ ଗୁଳି କରି ହତ୍ୟା କରାଯିବା ପରେ ଛାଲ ଛଡାଯାଇଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ବନ ଅଧିକାରୀମାନେ କହିଛନ୍ତି। ଜବତ ବାଘଛାଲର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଅଧିକ ତଦନ୍ତ ଜାରି ରହିଥିବା ଏ ସମ୍ପର୍କରେ ଦେବଗଡ ବନଖଣ୍ଡ ଅଧିକାରୀ ଷଡଙ୍ଗୀ କହିଛନ୍ତି । ବନଖଣ୍ଡ ଅଧିକାରୀ ଷଡଙ୍ଗୀଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଦେବଗଡ ଫରେଷ୍ଟ ରେଞ୍ଜ ଅଫିସର କୁଶ ଚରଣ ସିଂ ଓ ତିଲେଇବଣି ଫରେଷ୍ଟର ପ୍ରସନ୍ନ ସାହୁଙ୍କ ସମେତ ବନ ବିଭାଗର ବହୁ କର୍ମଚାରୀ ସାମିଲ ଥିଲେ ।


ଜବତ ବାଘଛାଲ


ଗିରଫ ଅଭିଯୁକ୍ତମାନେ।

# ଗ୍ୟାସ ନିଆଁରେ ପୋଡି ହୋଇ ମହିଳା ମୃତ

**ଭଟଲି,୨୪।୯(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ କଶସନପୁରି ଗ୍ରାମର ଜଣେ ମହିଳା ଡୋଳାବତୀ ତନସନା(୫୭)ଙ୍କର ମଙ୍ଗଳବାର ସକାଳେ ଗ୍ୟାସ ନିଆଁରେ ପୋଡି ହୋଇ ମୃତ୍ୟୁ ଘଟିଛି। ଡୋଳାବତୀ ମଙ୍ଗଳବାର ସକାଳେ ରୋଷେଇ ଘରେ ଗ୍ୟାସ ଚୂଲିରେ ଚା' ତିଆରି କରୁଥିଲେ । ଏହି ସମୟରେ କୌଣସି କାରଣରୁ ସେ ତଳେ ପଡିଯାଇଥିଲେ । ଫଳରେ ତାଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ଘରୁ ଧୂଆଁ ବାହାରୁଥିବାର ଦେଖି ପଡୋଶୀମାନେ ସେଠାକୁ ଆସି ଡୋଳାବତୀ ପୋଡ଼ି ଯାଉଥିବା ଦେଖିବାକୁ ପାଇଥିଲେ ଏବଂ ତାଙ୍କୁ ଉଦ୍ଧାର କରିଥିଲେ । ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ଶରୀରର ପ୍ରାୟ ୯୦ ଭାଗ ପୋଡିଯାଇଥିଲା । ଭଟଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

**Indian Institute of Mass Communication**
**Sanchar Marg, Dhenkanal-759001, Odisha**
**Special Initiative to fill up vacant seats**

In order to fill the few seats in the two courses that IIMC, Dhenkanal runs (PGDJ-English and PGDJ-Odia) that are lying vacant, a written test followed by viva is being organized on 30 September, Monday at 10 A.M. Interested and eligible persons may reach IIMC, Dhenkanal at 9.30 A.M.
Examination Fee: Rs 1000/- for SC, ST and EWS and Rs 1500/- for general candidates.
**For details contact: 06762-224274, 9337709000 (Kedarnath Jena)**

ବିଜ୍ଞାପନ ସଂଖ୍ୟା: ୧୬୬୬ **ତହସିଲ କାର୍ଯ୍ୟାଳୟ, ହେମଗିର** ତାରିଖ: ୨୬।୦୮।୨୦୧୯
**ଲଘୁ ଖଣିଜ ଦ୍ରବ୍ୟର ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ହେମଗିର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନ ଆସନ୍ତା ୫ ବର୍ଷ ନିମନ୍ତେ ୨୦୧୯-୨୦ ଆର୍ଥିକ ବର୍ଷଠାରୁ ନିଲାମ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ହେମଗିରଙ୍କ ଦ୍ୱାରା ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rule-2016 ର FORM "M" ପୂରଣ କରି ଏହାର 3 COPY ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୨୫।୦୯।୨୦୧୯ରୁ ତା୧୪।୧୦।୨୦୧୯ରିଖ ଦିନ ଘ.୩.୩୦ଟା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ପକାଯିବ ଏବଂ ତା୧୪।୧୦।୨୦୧୯ ଦିନ ଘ ୪.୦୦ଟା ସୁଦ୍ଧା ନିଲାମ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ଉପରୋକ୍ତ ପ୍ରଥମ ନିର୍ଦ୍ଧାରିତ ତାରିଖରେ ଯେଉଁ ସୈରାତ ଉତ୍ସଗୁଡ଼ିକ ବୈଧ ଦରଖାସ୍ତ ଅଭାବରୁ ସ୍ଥିରୀକୃତ ହୋଇ ନ ପାରିବ ପୁନଶ୍ଚ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଯଥା ଦ୍ୱିତୀୟ ପର୍ଯ୍ୟାୟ ତା୧୬।୧୦।୨୦୧୯ ଓ ତୃତୀୟ ପର୍ଯ୍ୟାୟ ତା୧୮।୧୦।୨୦୧୯ରିଖ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଉପରୋକ୍ତ ପ୍ରକାରେ ଦରଖାସ୍ତ ଗ୍ରହଣ କରାଯାଇ ଦିନ ଘ ୪.୦୦ଟା ସୁଦ୍ଧା ନିଲାମ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯାଇ ଲିଜଧାରୀ ଚୟନ କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। FORM "M" ବ୍ୟତୀତ ଅନ୍ୟ କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ। ଅଧିକ ତଥ୍ୟ ଜାଣିବା ପାଇଁ ଜିଲ୍ଲା ୱେବ୍‌ସାଇଟ୍ www.sundargarh.nic.in ରେ ଉପଲବ୍ଧ କରିପାରିବେ।
୧. ଡୁଡୁକା ବାଲି ଶଯ୍ୟା-୧, ୨. ଡୁଡୁକା ବାଲି ଶଯ୍ୟା-୨

**ସ୍ୱା./- ତହସିଲଦାର, ହେମଗିର**

**DISTRICT RURAL DEVELOPMENT AGENCY, RAYAGADA**

**No.2194/XXI-69/19-Estt.** **Dated: 19.09.2019**

**ADVERTISEMENT**

Applications in the prescribed format are invited with full Bio Data for Contractual engagement of suitable persons for the Post of District Social Audit Resource Person (District Social Auditor) under MGNREGS on purely temporary basis. The details terms & Conditions are available in District Official Portal.

| | | | |
|---|---|---|---|
| 1. | Name of the post | : | District Social Auditor |
| 2. | No. of post | : | 01 (one) |
| 3. | Key responsibility | : | Visit District Official Portal |
| 4. | Eligibility | : | 1) Graduation in any field 2) 3 (three) years of experience in social work/ social audit/right based activities with ample knowledge in Computer application, 3) Upper age limit 45 years as on 01.01.2019. |
| 5. | Emoluments | : | Rs.24000/- (fixed). TA & DA will be provided as per the norm of the Society. |

Interested persons may submit their applications in the prescribed application format to be downloaded from the District Portal with detail testimonial/credentials by Regd. Post/Speed Post latest by 10.10.2019 in the following address. The contract engagement will be initially for (01) one year. The engagement will be done on the recommendation of Selection Committee after observing the required formalities.

For detail application form, selection process and job responsibility. Please visit www.rayagada.nic.in

**Sd./- Project Director**
**DRDA, Rayagada**

**ଉତ୍କଳ ଗ୍ରାମୀଣ ବ୍ୟାଙ୍କ** **ସ୍ଥାବର ସମ୍ପତ୍ତିର**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ନି/ପୋ-ଧନୁପାଲି, ସମ୍ବଲପୁର- ୭୬୮୦୦୫ ଦଖଲ ନୋଟିସ (ରୁଲ-୮(୧))

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ-୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନଫୋର୍ସମେଣ୍ଟ) ରୁଲସ୍-୨୦୦୨ ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣ ଗ୍ରହୀତା (ମାନେ) ଏବଂ ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ ଜାରିକରି ସେମାନଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ରାଶି ନୋଟିସ ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣ ଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଏହି ନୋଟିସ ମାଧ୍ୟମରେ ବିଶେଷକରି ଋଣ ଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩ (୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗକରି ନିମ୍ନଲିଖିତ ସମ୍ପତ୍ତିକୁ ସାରଣୀରେ ପ୍ରଦତ୍ତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦଦ୍ୱାରା ସତର୍କ କରାଇଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ତଥା ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।**ଏତତ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| ଋଣଗ୍ରହୀତା/ ଜାମିନଦାର (ମାନଙ୍କ ନାମ ଓ ଠିକଣା) | ଦଖଲକୁ ନିଆଯାଇଥିବା ବନ୍ଧକ ସମ୍ପତ୍ତିର ବିବରଣୀ | ଦଖଲ ନୋଟିସ ଅନୁଯାୟୀ ବକେୟା ଦେୟ | ନୋଟିସ ତାରିଖ ଧାରା ୧୩ (୨) / ୧୩ (୪) |
|---|---|---|---|
| ଋଣଗ୍ରହିତା- ଶ୍ରୀ ରମେଶ ଚନ୍ଦ୍ର ମେହେର, ପି- ସ୍ୱର୍ଗତ ଗୋପାଳ ମେହେର, ନି- ବେଲପାହାଡ, ବଜାରପଡା, ପୋ- ବେଲପାହାଡ, ଜି- ଝାରସୁଗୁଡା- ୭୬୮୨୧୭, ଜାମିନଦାର- ୧) ଶ୍ରୀ ପୁରୁଷୋତ୍ତମ ମେହେର, ପି- ଶ୍ରୀ ନାରାୟଣ ମେହେର, ୨) ଶ୍ରୀ ଶଶିଭୂଷଣ ମେହେର, ପି- ଶ୍ରୀ ନାରାୟଣ ମେହେର, ୩) ଶ୍ରୀ ଗୋପାଳ ମେହେର, ପି- ମୁରଲୀ ମେହେର ଏବଂ ଚତୁର୍ଥ ଉତ୍ତରାଧିକାରୀମାନଙ୍କ ଜାମିନଦାର ସ୍ୱର୍ଗତ ଗୋପାଳ ମେହେର, ୧) ଶ୍ରୀ ପ୍ରକାଶ ମେହେର, ୨) ଶ୍ରୀମତି ମଙ୍ଗଳାବତୀ ମେହେର, ୩) ଶ୍ରୀମତି ଅହଲ୍ୟା ମେହେର | ସ୍ୱର୍ଗତ ଗୋପାଳ ମେହେର, ୨) ଶ୍ରୀ ପୁରୁଷୋତ୍ତମ ମେହେର, ୩) ଶ୍ରୀ ଶଶିଭୂଷଣ ମେହେରଙ୍କ ନାମରେ ଥିବା ସମ୍ପତ୍ତି (ଘରବାରି) ଯାହାକି ମୌଜା ବେଲପାହାଡ, ତହସିଲ- ଲଖନପୁର, ଥାନା-ବ୍ରଜରାଜନଗର, ଥାନା- ନଂ.୧୦, ଜି-ଝାରସୁଗୁଡା, ଖାତା ନଂ.-୧୨୬୧/୧୭୯୦, ପ୍ଲଟ ନଂ. ୧୫୨୪/୬୭୯୮, କ୍ଷେତ୍ର. ଏ. ୦.୧୨ ଡି. ଏବଂ ପ୍ଲଟ ନଂ. ୧୫୨୪/୬୮୦୦, କ୍ଷେତ୍ର. ଏ. ୦.୦୭ ଡି. | ଟ.୪୭,୭୨,୫୮୬ (ଷଡଚାଳିଶ ଲକ୍ଷ ବାସ୍ତୋରି ହଜାର ପାଞ୍ଚ ଶହ ଛୟାଅଶି ଟଙ୍କା ) ମାତ୍ର ତା.୧୨.୦୮.୨୦୧୯ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୯.୧୧.୨୦୧୮ / ୨୦.୦୯.୨୦୧୯ |
| ଋଣଗ୍ରହିତା- ଶ୍ରୀ ପଦ୍ମ ସେଲମା , ପି- ଶ୍ରୀ କୁଶ ସେଲମା, ନି- ନୂଆପଡା, ପୋ- ଖାସବାହାଲ, ଥାନା- ସଇଁନ୍ତଲା, ଜି- ବଲାଙ୍ଗିର- ୭୬୭୦୩୨, ଜାମିନଦାର- ୧) ଶ୍ରୀ ରାଜୁ ସେଲମା, ପି- କୁଶ ସେଲମା, ୨) କାମେଶ୍ୱର ମାଝୀ, ପି- ଭୁଜେନ୍ଦ୍ର ମାଝୀ | ଶ୍ରୀ ପଦ୍ମ ସେଲମାଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା ନୂଆଁପଡା, ତହସିଲ- ବଲାଙ୍ଗିର, ଥାନା- ସଇଁନ୍ତଲା, ଜି- ବଲାଙ୍ଗିର, ଖାତା ନଂ.- ୬୯/୧୩୩, ପ୍ଲଟ ନଂ. ୪୭୬/୭୫୯, କ୍ଷେତ୍ର. ଏ. ୦.୦୬ ଡି. (ଘରବାରି) | ଟ.୧୨,୪୯,୩୫୮ (ବାର ଲକ୍ଷ ଅଣଞ୍ଚାସ ହଜାର ତିନି ଶହ ଅଠାବନ ଟଙ୍କା ) ମାତ୍ର ତା.୧୩.୦୮.୨୦୧୯ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୧.୨୦୧୭ / ୨୩.୦୯.୨୦୧୯ |

**ତା: ୨୩.୦୯.୨୦୧୯**
**ସ୍ଥାନ- ସମ୍ବଲପୁର**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,**
**ଚାପଗ୍ରସ୍ତ ଶାଖା, ସମ୍ବଲପୁର**



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



**ସଂକ୍ଷେପରେ**

## ସୁଗୁଡା ଜୁନିୟର କଲେଜର ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ

ଦେବଗଡ଼,୨୪।୯(ଡି.ଏନ୍.ଏ.) ତିଲେଇବଣି ବ୍ଲକର ଯୁକ୍ତଦୁଇ ସୁଗୁଡା ଜୁନିୟର କଲେଜର ପ୍ରୋଗ୍ରାମ କୋଅର୍ଡ଼ିନେଟର ବିଜୟ କୁମାର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କଲେଜ ପରିସରରୁ ବାହାରିଥିଲା। ଖୁଣ୍ଟିଆପାଲି ଗ୍ରାମରେ ପରିବେଶ ସ୍ୱଚ୍ଛତା ଓ ପଲିଥିନ୍ ବ୍ୟବହାର ନ କରିବାକୁ ସେମାନେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟମରେ ମହାବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ଦେବତାଙ୍କ ସମେତ ସମସ୍ତ ଅଧାପିକା ଅଧପକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ୭୦୦କୋଟିର କାର୍ଯ୍ୟ ଯୋଜନା ଅନୁମୋଦିତ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

- ୯ ରୁର୍ବାନ ଅଞ୍ଚଳ ପାଇଁ ଗୁରୁତ୍ୱ
- ୮ ନୂତନ ଅଞ୍ଚଳ ସାମିଲ ପାଇଁ ସୁପାରିସ
- ପୂର୍ବରୁ ଆରମ୍ଭ ହୋଇଥିବା ପ୍ରକଳ୍ପର ସମୀକ୍ଷା କରିବାକୁ ନିର୍ଦ୍ଦେଶ

ରାଜ୍ୟରେ ଚିହ୍ନଟ କରାଯାଇଥିବା ୯ଟି ରୁର୍ବାନ ଅଞ୍ଚଳ ପାଇଁ ସରକାର ୭୦୦ କୋଟି ଟଙ୍କାର କାର୍ଯ୍ୟ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ଷମତାସମ୍ପନ୍ନ କମିଟି ବୈଠକରେ ଏହି ଅନୁମୋଦନ ମିଳିଛି। ଲୋକସେବା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ ସିଂ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ନେଇ ତଥ୍ୟ ଉପସ୍ଥାପିତ କରିଛନ୍ତି। ଏଗୁଡିକୁ ଅନୁମୋଦନ ଦେବା ସହିତ ପୂର୍ବରୁ ଆରମ୍ଭ ହୋଇଥିବା ପ୍ରକଳ୍ପ ଗୁଡିକର ଫଳାଫଳ ନେଇ ସମୀକ୍ଷା କରିବାକୁ ତୃତୀୟ ପକ୍ଷକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ବିଡିଓ ଏବଂ ଅନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିୟମିତ ବ୍ୟବଧାନରେ ପ୍ରେରଣା ଦେବା ଲାଗି ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିବା ପାଇଁ ବିଧିବଦ୍ଧ ଆନୁଷ୍ଠାନିକ ବ୍ୟବସ୍ଥା କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ପରାମର୍ଶ ଦେଇଛନ୍ତି। ବୈଠକରେ ନୂତନ ୮ ଅଞ୍ଚଳକୁ ରୁର୍ବାନ ମିଶନରେ ସାମିଲ କରିବା ଲାଗି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ସୁପାରିସ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ମାଲକାନଗିରି ଜିଲାର କାଲିମେଳା, ନୂଆପଡାର କୋମନା, କେନ୍ଦୁଝର ସଦର, ଗଜପତିର ମୋହନା, ପୁରୀ ସଦର, ଯାଜପୁର ଜିଲାର ଦାନଗଦି, ସୁବର୍ଣ୍ଣପୁରର ଉଲୁଣ୍ଡା ଏବଂ ସମ୍ବଲପୁରର ଡାକୁଆଡ ଆଦି ଅଞ୍ଚଳ ଏହାର ଅନ୍ତର୍ଭୁକ୍ତ କରାଯିବ। ବୈଠକରେ ଗଞ୍ଜାମ ଜିଲାର ଦହିତା ଓ କେଶପୁର, ବଲାଙ୍ଗୀର ଜିଲାର ସିବତଳା, କନ୍ଧମାଳର କୋଠଗଡ, ନବରଙ୍ଗପୁରର ମୁର୍ତାମା, ବାଲେଶ୍ୱର ଜିଲାର ରାଇବଣିଆ, ସୁନ୍ଦରଗଡର କାଉରମୁଣ୍ଡା, କୋରାପୁଟର ମରିଚମାଳ ଏବଂ ରାୟଗଡା ଜିଲାର ପୁଚ୍ଛା ସିଂ ଅଞ୍ଚଳ ପାଇଁ ସମୁଦାୟ ୭୦୦କୋଟି ଟଙ୍କାର କାର୍ଯ୍ୟଯୋଜନା ଅନୁମୋଦିତ ହୋଇଛି। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ମିଶନର ପ୍ରଥମ ପର୍ଯ୍ୟାୟରେ ୫ଟି ଅଞ୍ଚଳରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଆରମ୍ଭ ହୋଇଛି। କଟକ ଜିଲାର ତଳବସନ୍ତ, ଖୋର୍ଦ୍ଧାର ରାଣୀପଡା, ଝାରସୁଗୁଡ଼ାର ସାମସିଂହ, କଳାହାଣ୍ଡିର ଉତ୍‌କେଳା ଏବଂ ମୟୂରଭଞ୍ଜର ଠାକୁରମୁଣ୍ଡା ରୁର୍ବାନ ଅଞ୍ଚଳ। ୨୦୧୬-୧୭ ମସିହାଠାରୁ ଏହି ୫ ଅଞ୍ଚଳରେ ୪୦୦କୋଟି ଟଙ୍କା ଆକଳନରେ ୫ ବର୍ଷିଆ ଯୋଜନା କାର୍ଯ୍ୟାନ୍ୱୟନ କରାଯାଉଛି। ତୃତୀୟ ପକ୍ଷଙ୍କ ଦ୍ୱାରା ଏହି ପ୍ରକଳ୍ପର ମଧ୍ୟବର୍ତ୍ତିକାଳୀନ ଫଳାଫଳ ଆକଳନ ପାଇଁ ଅସୀତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି।



ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଖି ସାଗର**
**ମାଆ ଧାନକୁଟୀ ପୁଅ ନାଗର ।**

ଢମ କହିବା ଲୋକର ଗୁଣ ହେଲା ମା' ପଛେ ଅଭାବ ଅନଟନରେ ପଡ଼ି ପରଘରେ ଧାନ କୁଟୁଥାଉ, କିନ୍ତୁ ପୁଅ ତା' ନାଗର ପଣିଆ ବାହାରକୁ ଦେଖେଇ ହେବାରେ ମୋଟେ ଲାଜ କରେ ନାହିଁ। ଅଭାବ ଅନଟନରେ ଚଳୁଥିବା ବ୍ୟକ୍ତିର ଏପରି ଅଲାଜୁକ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନ ରୁଚି ରସିଲି**
**ମୁହଁଟା ଯାକ କାଠ ବରୁଣ**
**ମୁଁ ଚାଲିକି ରସିଲି ।**

ଯାହା ମନ ଯେଉଁଥିରେ ମାନିଲା। ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ, ତାହା ବିପରୀତ ବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବାର କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ




ଆଇନସେବା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଆଇନସେବା ସଚେତନତା କାର୍ଯ୍ୟକ୍ରମ

ବାରକୋଟ, ୨୪।୯ (ଡି.ଏନ.ଏ.)

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଳ ଯୁକ୍ତଦୁଇ କଲେଜ ପରିସରରେ ମଙ୍ଗଳବାର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନସେବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ଦେବଗଡ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କଣ୍ଢେଳ ଗ୍ରାମର ଆୟୁଷ ଡା. କେଦାର ଧଳ, କଲେଜର ଅଧ୍ୟକ୍ଷା ରଞ୍ଜିତା ନନ୍ଦ ଏବଂ ଅଧ୍ୟାପକ କପୁର ଚାନ୍ଦ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବକ୍ତାଗଣ ଝିଅମାନଙ୍କର ଉପରେ ହେଉଥିବା ଏସିଡ ଆକ୍ରମଣ ଓ ସଂକ୍ରମଣରୁ ରକ୍ଷା ପାଇବାର ବିଧି ବ୍ୟବସ୍ଥା ଏବଂ ସରକାର ଯୋଗାଉଥିବା ମାଗଣା ଆଇନ ବ୍ୟବସ୍ଥା ସମ୍ପର୍କରେ ବିଶଦ ଭାବରେ ବୁଝାଇଥିଲେ। ଶେଷରେ ଅଧ୍ୟାପକ କପୁର ଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାପ କାମୁଡ଼ାରେ ମା' ପୁଅ ମୃତ

**କ.ନୂଆଗାଁ,୨୪।୯:** କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ପଞ୍ଚାୟତର ଡପରଗାଁରେ ସୋମବାର ରାତିରେ ସାପ କାମୁଡାରେ ମା' ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଲକ୍ଷ୍ମୀ ମଲିକ (୩୦) ଓ ତାଙ୍କ ପୁଅ ଆଦିତ୍ୟ ପ୍ରଧାନ (୮)। ପ୍ରକାଶ ଯେ, ରାଜଲକ୍ଷ୍ମୀ ଓ ଆଦିତ୍ୟ ସୋମବାର ରାତିରେ ଖାଇପିଇ ଖଟ ଉପରେ ଶୋଇଥିଲେ। ରାତିପ୍ରାୟ ୧୨ଟାବେଳେ ରାଜଲକ୍ଷ୍ମୀଙ୍କ ହାତକୁ ଏକ ବିଷାକ୍ତ ପାହାଡିଆ ଚିତି ସାପ କାମୁଡି ଦେଇଥିଲା। ସେ ହାତ ଛାଟି ଦେବାରୁ ସାପଟି ଯାଇ ପୁଅ ଆଦିତ୍ୟଙ୍କ ଉପରେ ପଡି ତାଙ୍କୁ ମଧ କାମୁଡିଥିଲା। ଉଭୟ ମା' ଓ ପୁଅଙ୍କୁ ପରିବାର ଲୋକେ କ.ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଦିତ୍ୟଙ୍କ ମୃତ୍ୟୁ ଘଟିଥିଲା। ରାଜଲକ୍ଷ୍ମୀଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ ତାଙ୍କର ମୃତ୍ୟୁ ଘଟିଥିଲା।

## ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ଦେବଗଡ,୨୪।୯(ଡି.ଏନ୍.ଏ.)

ଦେବଗଡ ଜିଲା ତିଲେଇବଣି ବ୍ଲକ ସଦର ମହକୁମାଠାରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ତିଲେଇବଣୀ ସରପଞ୍ଚ ଶୁକ୍ରୁ ମୁଣ୍ଡା ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗିତାକୁ ତିନି ବର୍ଗ ଏ, ବି ଓ ସିରେ ବିଭକ୍ତ କରାଯାଇ ୧୦୮ ପ୍ରତିଯୋଗୀ କୁଇଜ୍, ବିତର୍କ ଓ ପେଣ୍ଟିଂ ଆଦିରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୨୭ଜଣ କୃତୀ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସେହିପରି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତରଣୀସେନ୍ ପ୍ରଧାନ, ନାରାୟଣ ସିଂ ସାମ୍ୱାଡ଼, ପ୍ରଦୀପ କୁମାର ଚୌଧୁରୀ, ସମସ୍ତ ସିଆର୍‌ସିସି ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ଭାବେ ବିଜୟାନନ୍ଦ ବେହେରା, କାଦମ୍ବିନୀ ମିଶ୍ର, ଧରଣୀଧର ପ୍ରଧାନ, ହିମାଂଶୁ ଶେଖର ଦେହୁରୀ, ବିଶ୍ୱନାଥ କିସାନ, ପଞ୍ଚାନନ ବ୍ରହ୍ମା, ଫକୀରମୋହନ ସା ଓ ପ୍ରାଣବନ୍ଧୁ ଘଡ଼େଇ ଦାୟିତ୍ୱ ତୁଲାଇ ଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସିଆର୍‌ସିସି ଝସକେତନ ନାହକ ଧନ୍ୟବାଦ ଅର୍ପଣ କରିଥିଲେ ।




ଅତିଥି ମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।



ହାତୀପଲ ଧାନଫସଲ ମାଡିଦଳି ନଷ୍ଟ କରିଦେଇଛନ୍ତି।

## କୁରଡପୋଶି, କାଞ୍ଜିଆମ ଗ୍ରାମରେ ହାତୀ ଉପଦ୍ରବ

ଦେବଗଡ଼,୨୪।୯(ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ କୁଣ୍ଢେଇଗୋଲା ପଞ୍ଚାୟତ ଅଧୀନ କୁରଡପୋଶି ଓ ତୁଙ୍ଗାମାଳ ପଞ୍ଚାୟତର କାଞ୍ଜିଆମ ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ପଲରେ ଥିବା ୧୪ଟି ହାତୀ କୁରଡପୋଶି ଗ୍ରାମରେ ପଶି ପରମେଶ୍ୱର ସାହୁ, ଭୁବୁନି ଦେହୁରୀ, ମନ୍ଦର ନାୟକ, ଧୀରେନ ସାହୁ, ବିରଞ୍ଚି ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରସାଦି ନାୟକ, ବୀରେନ ନାୟକ, ପ୍ରଶାନ୍ତ ସାହୁ, ପ୍ରକାଶଚନ୍ଦ୍ର ସାହୁ, ଜଳନ୍ଧର ସାହୁ, ତାରାଚାନ୍ଦ ସାହୁଙ୍କର ଧାନଫସଲ ମାଡିଦଳି ନଷ୍ଟ କରିଛନ୍ତି। ଏହି ହାତୀଦଳ ତୁଙ୍ଗାମାଳ ପଞ୍ଚାୟତର କାଞ୍ଜିଆମ ଗ୍ରାମରେ ପଶି ବୃନ୍ଦାବନ ଘଡେଇ ଓ ମାନ ନାୟକଙ୍କର ଧାନ ଫସଲ ମାଡି ନଷ୍ଟ କରିବା ସହ ଗଣେଶ୍ୱର ନାୟକଙ୍କର ଗୁହାଳ ଘର ଭାଙ୍ଗି ଦେଇଛନ୍ତି। ଖବର ପାଇ କୁଣ୍ଢେଇଗୋଲା ଫରେଷ୍ଟର ପ୍ରିତମ ସାହୁ ବିଭାଗୀୟ କର୍ମଚାରୀଙ୍କ ସହ ସଦଳବଳେ ସେଠାରେ ପହଞ୍ଚି ବାଣ ଫୁଟାଇ ଉକ୍ତ ହାତୀ ଦଳକୁ ଜଙ୍ଗଲକୁ ଘଉଡାଇ ଦେଇଥିବା ଜଣାପଡିଛି।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7894704743
B-34/7 A Block Vijay Enclave, Burari, New Delhi

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

BUSINESS BUSINESS

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership. fastbuild@gmail.com
Mob : 9073678360

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
- ଭଲ୍‌ଟାୟାର



## ସଂକ୍ଷେପରେ

### ଜିଏମ୍‌ୟୁରେ ଏନ୍‌ଏସ୍‌ଏସ୍ ଦିବସ

ସମ୍ବଲପୁର, ୨୪।୯ (ବ୍ୟୁରୋ) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପରିସରରେ ଜାତୀୟ ସେବା ସଂସ୍ଥା ଦିବସ ପାଳିତ ହୋଇଯାଇଛି। ଏନଏସଏସ ଶାଖା ସଂଯୋଜକ ଡ. ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟଙ୍କ ପରିଚାଳନାରେ ଛାତ୍ରୀଛାତ୍ର ପରିସର ସଫେଇ କରିଥିଲେ। ଛନ୍ଦାଚରଣ ଦଳପତ, ସାଇପ୍ରସାଦ ସାହୁ, ଶିବାଶିଷ ନନ୍ଦ, ଜିତୁରାଜ ଚାନ୍ଦ, ସୌମ୍ୟରଞ୍ଜନ ବଡପଣ୍ଡା, ଶ୍ୱେତାଂଶୁ ଶେଖର ବରେଇ, ଜତିନ ଦୁଆରି, ଚନ୍ଦନ ମୁଦୁଲି, ଜଗମୋହନ ନାୟକ, ରୋଶନ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ନୃସିଂହଗୁରୁ ଟାଉନ ହାଇସ୍କୁଲରେ ଆଲୋଚନାଚକ୍ର

ସମ୍ବଲପୁର, ୨୪।୯ (ବ୍ୟୁରୋ)- ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ଓ ଏକ ଆଲୋଚନାଚକ୍ର ନୃସିଂହଗୁରୁ ଟାଉନ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଓଡିଶା ସାଂସ୍କୃତିକ ସମାଜ ସଂଯୋଜକ ଡ. ସନ୍ତୋଷ କୁମାର ଦାଶ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଓ ରାଜେନ୍ଦ୍ର ପଣ୍ଡା ଗାନ୍ଧୀଜୀଙ୍କ ଜୀବନର ମୂଳମନ୍ତ୍ର ଉପରେ ଆଲୋଚନା କରିଥିଲେ। ସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସ୍ନିଗ୍ଧା ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରଙ୍କ ମଧରେ ପ୍ରଶ୍ନୋତ୍ତର କାର୍ଯ୍ରକ୍ରମ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ମମତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ବୁର୍ଲା ମେଡିକାଲରେ ନିରାମୟ ଯୋଜନା ବାଟ୍‌ବନା

# ଉଷୋକଷାର ଲାଗି ହଟ୍‌ହଟା ହେଉଛନ୍ ରୁଗୀ




ବୁର୍ଲା ଭୀମସାର ମେଡିକାଲରେ ଥିବାର୍ ନିରାମୟ କେନ୍ଦ୍ର।

**ପ୍ରଦୀପ କୁମାର ନାୟକ**
**ଟିପିଲିମା, ୨୪।୯ (ଡି.ଏନ୍.ଏ.)**

ସରକାର ରୁଗୀମାନଙ୍କୁ ମାହାଲିଆ ଚିକିଛା ସେବା ସଂଗେ ନିରାମୟ ରୋଜନାରେ ଉଷୋ ଯୁଗେଇ ଦିଆଯାଉଛେ ବଲି ଡିଂଗ୍‌ରା ପିଟୁଛନ୍। ଇଥିରଲାଗି ସବୁ ସରକାରୀ ଡାକ୍‌ତରଖାନାମାନକେ ନିରାମୟ ଉଷୋ କାଉଣ୍ଟର ଖୁଲାଯାଇଛେ। ହେଲେ ଅନେକ ସରକାରୀ ଡାକ୍‌ତରଖାନାରେ ତାର ଉଲଟିଆ ଦେଖ୍‌ବାକେ ମିଲୁଛେ। ଇଆଡ଼େ ଡାକ୍‌ତରମାନକୁ ବି ସରକାର ନିରଦେଶ ଦେଇଛନ୍ ଯେ ନିରାମୟ ଯୋଜନାରେ ମିଲୁଥିବାର ଉଷୋକଷା ଲେଖ୍‌ବେ। ଡାକ୍‌ତରମାନେ ବି ସେ ହିସାବେ ରୁଗୀକୁ ଚିଠା ଲେଖୁଛନ୍। ହେଲେ ରୁଗୀକଁର ଲୋକ୍‌ବାକ୍ ସେ ଚିଠା ଧରି ନିରାମୟ କାଉଣ୍ଟରକେ ଗଲେ ସେଥିରୁ କେତେ କମ୍ ଦାମ୍‌କିଆ ଉଷୋ ଦେଉଥିଲାବେଲେ ବାକି ଦାମ୍‌କିଆ ଉଷୋକଷା ନାଁଇଁନ କହି ଫିରେଇ ଦେଉଥିବାର ଅଭିଯୋଗ ହେଉଛେ। ଯେନ୍‌ଥିରଲାଗି ରୁଗୀକଁର ଲୋକ୍‌ବାକ୍‌ମାନେ ଧାର ଉଧାର କରି ଦାମ୍‌କିଆ ଉଷୋକଷା ବାହାରୁ ଘିନୁଛନ୍। ଏନ୍‌ତା ଗୁଟେ ଉଦାହରନ ଦେଖ୍‌ବାକେ ମିଲିଛେ ବୁର୍ଲା ଭୀମସାର ମେଡିକାଲରେ।

### ଇ ବାବ୍‌ଦେ ରୁଗୀକଁର ଲୋକ୍‌ବାକ୍ ଯାହା କହିଛନ୍



“ ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ସମକୁ ମାହାଲିଆ ଚିକିଛା ସୁବିଧା ସଂଗେ ଉଷୋକଷା ଯୁଗେଇ ଦିଆଯାଉଥିବାର କଥା ସରକାର କହୁଛନ୍। ହେଲେ ବୁର୍ଲା ମେଡିକାଲରେ ଡାକ୍‌ତର ଆଗିଆଁ ଯାହା ଉଷୋ ଲେଖୁଛନ୍ ସେଥିରୁ ବଡ଼ଭାଗି ନିରାମୟ କାଉଣ୍ଟରରେ ନାଇଁ ମିଲବାର।

**–ଦୁଲାରାମ ସାହୁ, କେ ରାଏବଗା, ସୁନ୍ଦରଗଡ଼**



“ ବୁର୍ଲା ମେଡିକାଲରେ ନିରାମୟ କାଉଣ୍ଟରରେ ସବୁ ଉଷୋ ନାଇଁ ମିଲବାର। ଧାର ଉଧାର କରି ବାହାରୁ ଘିନବାକେ ପଡୁଛେ। ହେଲେ ବାହାରୁ ଉଷୋ ଘିନ୍‌ଲେ କେତେ ଉଷୋ ଦୁକାନୀ ବିଲ୍ ନାଇଁଦେବାର। ସ୍ୱାସ୍ଥ୍ୟ ବିଭାଗ ଇ ଦିଗେ ଧିଆନ୍ ଦେବାର ଦରକାର।

**–ବୀରେନ୍ଦ୍ର ବଢ଼େଇ, ଅମ୍ବାଭୋନା, ବରଗଡ଼**



“ ସରକାରକଁର ହିସାବେ ନିରାମୟ ଯୋଜନାରେ ସବୁ କିସ୍‌ମର ଉଷୋ ମିଲ୍‌ବାର କଥା। ହେଲେ ବୁର୍ଲା ଡାକ୍‌ତରଖାନାରେ ଡାକ୍‌ତର ଲେଖୁଥିବାର ବଡ଼ଭାଗି ଉଷୋ ନିରାମୟ କାଉଣ୍ଟରରେ ନାଇଁ ମିଲବାର। ଖାଲି କମ୍ ଦାମ୍‌କିଆ ଉଷୋ ମିଲୁଛେ। ଦାମ୍‌କିଆ ଉଷୋ ସବୁ ବାହାରୁ ଘିନ୍‌ବାକେ ପଡ଼ୁଛେ।

**–ଲଳିତ ବିଶି, ବନ୍ଦପାଲି (ବରପାଲି), ବରଗଡ଼**



“ ବୁର୍ଲା ଡାକ୍‌ତରଖାନାରେ ଯେନ୍‌ସବୁ ମାହାଲିଆ ସୁବିଧା ସୁଯୋଗ ମିଲବାର କଥା ନାଇଁ ମିଲବାର। ଡାକ୍‌ତରମାନେ ଉଷୋ ଲେଖି ନିରାମୟ କାଉଣ୍ଟରରୁ ଆନବାକେ କହୁଛନ୍। ହେଲେ ସେଠାନ୍‌କେ ଗଲେ ଲାଇନ୍ ବାଁଧି ଘଁଟା ଘଁଟା ଠିଆ ହେବାକେ ପଡ଼ୁଛେ। ଶେଷେ କାଉଣ୍ଟରରେ ଇ ଉଷୋ ନାଁଇଁନ ବଲି କହୁଛନ୍।

**–ଲବ ଦୀପ, ଉର୍ଲେ, ସୁବର୍ଣ୍ଣପୁର**

### ୪ ଦିନ ଖୋଲିବ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କ୍ୟାମ୍ପ ଅଫିସ

**ରେଢାଖୋଲ,୨୪।୯(ଡି.ଏନ.ଏ.)**

ରେଢାଖୋଲରେ ୪ ଦିନ ପାଇଁ ସମ୍ବଲପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କ୍ୟାମ୍ପ ଅଫିସ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ଅକ୍ଟୋବର ୧ରୁ ୪ ତାରିଖ ପର୍ଯ୍ୟନ୍ତ ରେଢାଖୋଲ ତହସିଲ କାର୍ଯ୍ୟାଳୟରେ ଏହି କ୍ୟାମ୍ପ ଅଫିସ ଖୋଲାଯିବ। ଏ ନେଇ ସମ୍ବଲପୁର ଅଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ଚିଠି ନଂ. ୬୮୩୮ ତା୨୩।୯।୧୯ରେ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ରେଢାଖୋଲ ଉପଜିଲାପାଳ ଓ ତହସିଲଦାରଙ୍କୁ ଚିଠି ମାଧ୍ୟମରେ ଆଞ୍ଚଳିକ ପରିବହନ ଅଧିକାରୀ ଜଣାଇଛନ୍ତି। ସମ୍ବଲପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଲର୍ନିଂ ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜାତ ପାଇଁ ହେଉଥିବା ଭିଡକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଏହି କ୍ୟାମ୍ପ ଅଫିସ ପାଇଁ ଆବଶ୍ୟକ କମ୍ପ୍ୟୁଟର ଓ ବ୍ରଡବ୍ୟାଣ୍ଡ ସେବା ଯୋଗାଇଦେବାକୁ ତହସିଲଦାର ସହମତି ପ୍ରକାଶ କରିଥିବା ଜଣାଯାଇଛି। ସରକାର ପୂର୍ବରୁ ୩ ମାସ ପାଇଁ ପରିବହନ ଆଇନକୁ କଡାକଡି ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଅକ୍ଟୋବର ୧ ତାରିଖଠାରୁ ପୁଣି ପ୍ରଦୂଷଣ ସାର୍ଟିଫିକେଟ୍ ସହ ସମସ୍ତ ନିୟମକୁ ଲାଗୁ କରିବେ ବୋଲି ଗଣମାଧ୍ୟମରୁ ଜଣାପଡିବା ପରେ ଜନସାଧାରଣରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରଦୂଷଣ ସାର୍ଟିଫିକେଟ୍ ପାଇଁ ରେଢାଖୋଲ ଉପଖଣ୍ଡରେ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଜନସାଧାରଣ ବହୁତ ହଇରାଣ ହେଉଛନ୍ତି। ରେଢାଖୋଲରେ ପ୍ରଦୂଷଣ ସାର୍ଟିଫିକେଟ୍ ପ୍ରଦାନ କରାଯିବାକୁ ପ୍ରଶାସନ ପକ୍ଷରୁ ତୁରନ୍ତ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।

## ଏନ୍‌ଏସ୍‌ସିବି କଲେଜରେ ନୃତ୍ୟ, ନାଟକ ପ୍ରତିଯୋଗିତା

**ସମ୍ବଲପୁର, ୨୪।୯ (ବ୍ୟୁରୋ)**

ନେତାଜୀ ସୁବାଷ ଚନ୍ଦ୍ର ବୋଷ (ଏନଏସସିବି) କଲେଜ ପରିସରରେ ମଙ୍ଗଳବାର ଜାତୀୟ ସ୍ୱେଚ୍ଛାସେବୀ ଦିବସ ଉପଲକ୍ଷେ ନୃତ୍ୟ ଓ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛଭାରତ ଅଭିଯାନ, ପ୍ଲାଷ୍ଟିକ ମୁକ୍ତ, ପ୍ଲାଷ୍ଟିକ ସଚେତନତା, ଦେଶ ଭକ୍ତି ସଚେତନତା ଶୀର୍ଷକ ନାଟକ ପରିବେଷିତ ହୋଇଥିଲା। ସେହିପରି ୮ଟି ନୃତ୍ୟ ଏହି ପ୍ରତିଯୋଗିତାରେ ସାମିଲ ହୋଇଥିଲା। ଏନଏସଏସ ସଂଯୋଜକ ଡ. ବିଶ୍ୱମୋହନ ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମଣ୍ଡଳ ଜେଲ ଅଧିକାରୀ ସଂଗ୍ରାମ ମଲ୍ଲିକ ମୁଖ୍ୟଅତିଥି, କଲେଜ ଅଧ୍ୟକ୍ଷ ପ୍ରଫେସର ହରିଶଙ୍କର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଶ୍ୟାମ ଭୋଇ, ଡ. ରଘୁମଣି ନାୟକ, ଡ. ହରିହର ମଲ୍ଲିକ, ବି. ଦଲାଇ, ମିଲି ସାହୁ, ମେଞ୍ଜା ପୂର୍ତ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।




ମଙ୍ଗଳବାର ସମ୍ବଲପୁର ଏନ୍‌ଏସ୍‌ସିବି କଲେଜରେ ଡ. ବିଶ୍ୱମୋହନ ଜେନା ସୂଚନା ଦେଉଛନ୍ତି।

## ସର୍ପା ଦଂଶନରେ ବୃଦ୍ଧା ମୃତ

**ଧମା,୨୪।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଦେଓଗାଁ ପଞ୍ଚାୟତ ଲରାସରା ନିକଟସ୍ଥ ଜାମଟିକ୍ରା ଗ୍ରାମରେ ସର୍ପାଘାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରୁହୁନା କ୍ଷେତି (୭୦)। ରୁହୁନା ସୋମବାର ଅପରାହ୍ନ ୩ଟାରେ ଘର ନିକଟସ୍ଥ ବାଡିରେ କାମ କରୁଥିବା ବେଳେ ତାଙ୍କ ଡାହାଣ ଗୋଡରେ ହଠାତ ଏକ ନାଗ ସାପ କାମୁଡି ଦେଇଥିଲା। ତୁରନ୍ତ ତାଙ୍କୁ ପରିବାର ଲୋକେ ବୁର୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ୭ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ମଙ୍ଗଳବାର ମୃତଦେହ ଆଣି ଗ୍ରାମ ନିକଟସ୍ଥ ନଈ କୂଳରେ ସଂସ୍କାର କରିଥିବା ବେଳେ ବଡପୁଅ ଲଳିତ କ୍ଷେତି ମୁଖାଗ୍ନି ଦେଇଥିଲେ।

## ରେଳବାଇ ସୁରକ୍ଷାବଳ ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୨୪।୯ (ବ୍ୟୁରୋ)**

ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳରେ ୩୪ତମ ରେଳ ସୁରକ୍ଷା ବଳ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ରେଳବାଇ ଷ୍ଟାଡିୟମଠାରେ ମୁଖ୍ୟଅତିଥି ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ପରେଡ ଅଭିବାଦନ ଗ୍ରହଣ କରିଥିଲେ। ରେଳ ସୁରକ୍ଷା ବଳ ଚଳନ୍ତି ଟ୍ରେନରେ ଲୁଟ୍ ଘଟଣାକୁ ରୋକିବା, ଆରକ୍ଷଣ କାଉଣ୍ଟରରେ ଅନିୟମିତତା ଓ ଅସାମାଜିକ ତତ୍ତ୍ୱକୁ ରୋକିବା ସହ ରେଳବାଇ ସମ୍ପତ୍ତିର ସୁରକ୍ଷା ଭଳି ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି ମୁଖ୍ୟଅତିଥି କହିଥିଲେ। ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଅଜିତ କୁମାର ବଣ୍ଡୱାଲ ସମ୍ମାନୀତ ଅତିଥି ଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସ ପାତ୍ରୁଡୁ ରେଳ ସୁରକ୍ଷା ବଳ କର୍ମଚାରୀଙ୍କ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ।




ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ପରେଡ ବୁଲି ଦେଖୁଛନ୍ତି।

## ସିକିଲ ସେଲ୍, ଥାଲାସେମିଆ ଶିବିରରେ ୨୫୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ସମ୍ବଲପୁର,୨୪।୯ (ବ୍ୟୁରୋ)**

ତପସ୍ୱିନୀ ପ୍ରେକ୍ଷାଳୟରେ ମଙ୍ଗଳବାର ସିକିଲସେଲ୍ ଓ ଥାଲାସେମିଆ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଲିଙ୍ଗରାଜ ପଣ୍ଡା, ଭିମ୍‌ସାର ସିକିଲସେଲ ପ୍ରକଳ୍ପ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ମହାନ୍ତି, ଡା. ପଞ୍ଚାନନ ନାୟକ, ଡା. ବିଜୟ କୁମାର ପ୍ରଧାନ, ଡା. ରତନ ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ଉପସ୍ଥିତ ଥିଲେ। ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ରବୀନ୍ଦ୍ରନାଥ ଶତପଥୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କଳୀଦାସ ପଣ୍ଡା, ସୁବ୍ରତ ପଣ୍ଡା, ଦିଲୀପ ରାୟ, ରାମଦାସ ପଣ୍ଡା, ଦିଲୀପ ବୋଷ, ସଞ୍ଜୀବ ସୂପକାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମଙ୍ଗଳବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସିକିଲ ସେଲ ଓ ଥାଲାସେମିଆ ଶିବିରକୁ ଅତିଥିମାନେ ଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି।

■ବୈଦିକ କଲେଜରେ ର୍‌ୟାଗିଂ ଘଟଣା

## ପୁଣି ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକେ

**ସମ୍ବଲପୁର,୨୪।୯(ବ୍ୟୁରୋ)**

ସମ୍ବଲପୁର ଶାସନସ୍ଥିତ ବୈଦିକ ଇଣ୍ଟରନ୍ୟାଶନାଲ ଘରୋଇ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ର ଅଭିଶେକ ମିଶ୍ରଙ୍କୁ ରାଗିଂ ଘଟଣାରେ ଉକ୍ତ କଲେଜ ବିବାଦୀୟ ହୋଇ ପଡିଛି। ମଙ୍ଗଳବାର ୩ୟ ଥର ପାଇଁ ପୁଣି ଅଭିଶେକଙ୍କ ବାପା ଗୌରଚରଣ ମିଶ୍ର, ମା' ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟି ନ୍ୟାୟ ମାଗିଛନ୍ତି। କଲେଜ ମାଲିକ ଆନନ୍ଦ ଅଗ୍ରୱାଲଙ୍କ ସମେତ କର୍ତ୍ତୃପକ୍ଷ ପୋଲିସକୁ ବିଭ୍ରାନ୍ତ କରୁଛନ୍ତି। ନିଜ ଦୋଷ ଚପାଇବାକୁ ପୋଲିସକୁ ମିଛ ତଥ୍ୟ ଦେଉଛନ୍ତି। ଏଣୁ ମାଲିକଙ୍କ ସହ ଅଧକ୍ଷ ମହେଶ୍ୱର ପ୍ରସାଦ ମିଶ୍ର ଓ ୱାର୍ଡେନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ କଲେଜକୁ ପୋଲିସ ସୁରକ୍ଷା ଦେଉଛି। ମାଲିକ ମଧ ନିଜ ମୁଣ୍ଡରୁ ଦୋଷ ହଟାଇଦେବାକୁ ଯାଇ ଅଭିଶେକଙ୍କୁ ର୍‌ୟାଗିଂ କରିଥିବା ୪ ଜଣ ଛାତ୍ରଙ୍କୁ କଲେଜରୁ ବିଦା କରି ଦେଇଛନ୍ତି। ସେମାନଙ୍କ ଟିସିରେ ଚରିତ୍ର ଖରାପ ବୋଲି ଉଲ୍ଲେଖ ରହିଛି ବୋଲି ମଧ ମିଶ୍ର ଦମ୍ପତି ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ତେବେ ସବୁ ଦିଗ ଉପରେ ତଦନ୍ତ କରାଯାଉଛି। ନିଶ୍ଚିତ ଭାବେ ନ୍ୟାୟ ପ୍ରଦାନ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

## ପାରମ୍ପରିକ ଚାଷ ଶୀର୍ଷକ ବିବିଧ ପ୍ରତିଯୋଗିତା



ଫୁଲଝରନ୍ କସ୍ତୁରବା ଗାନ୍ଧୀ ମାତୃ ନିକେତନ ପରିସରରେ ମଙ୍ଗଳବାର କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ସମ୍ବଲପୁର, ୨୪।୯(ବ୍ୟୁରୋ)**

ଫୁଲଝରନ କସ୍ତୁରବା ଗାନ୍ଧୀ ମାତୃନିକେତନ ହାଇସ୍କୁଲ ପରିସରରେ ଦେଶୀ ବିହନ ସୁରକ୍ଷା ମଞ୍ଚ, ପତଙ୍ଗ ଓ ଭିତ୍ତିଭୂମି ସାମାଜିକ ଅନୁଷ୍ଠାନର ମିଳିତ ଆୟୋଜନରେ ପାରମ୍ପାରିକ ଚାଷ ଶୀର୍ଷକ ବିବିଧ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରଚନା, ତର୍କ ଓ କୁଇଜ ପ୍ରତିଯୋଗିତାରେ ୨ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଝୁଝୁମୁରା ବ୍ଲକ ସହଶିକ୍ଷା ଅଧିକାରୀ ରବିନାରାୟଣ ବିଶ୍ୱାଳ, ସ୍କୁଲ ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ, ପାର୍ବତୀଗିରୀ କଲେଜ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଡ. ସରୋଜ ପଣ୍ଡା, ସୁଦୀପ୍ତ ଖମାରୀ, ସୂର୍ଯ୍ୟନାରାୟଣ ଦାଶ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ୩୦ରେ ରେଳରୋକୋ ପାଇଁ ପ୍ରସ୍ତୁତି ଚୂଡାନ୍ତ

**ବାମରା, ୨୪।୯ (ଡି.ଏନ.ଏ)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଗତବର୍ଷ ମରୁଡି ପରିସ୍ଥିତି ଉପୁଜିଥିଲା। ଦୀର୍ଘ ଦିନ ଧରି ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଇନପୁଟ ସବସିଡି ଓ ଫସଲ ବୀମା ରାଶି ଦାବି ନେଇ ଆନ୍ଦୋଳନ କରାଯାଇଛି। ଇନପୁଟ ସବସିଡି ପ୍ରଦାନ ପାଇଁ ପ୍ରଶାସନ ଘୋଷଣା କରିଥିଲେ ହେଁ ଫସଲ ବୀମା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଅଭିଯୋଗରେ ଆଗାମୀ ଦିନରେ ରେଳରୋକୋ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଏ ନେଇ ମଙ୍ଗଳବାର ବାମରା ବ୍ଲକ ଉଜ୍ଜକାପାଟ ପଞ୍ଚାୟତ କେଚୁପାଣି ସଭାଗୃହଠାରେ ବାମରା, କୁଚିଣ୍ଡା ଓ ଜମନକିରା ବ୍ଲକର ଚାଷୀ ସଂଗଠନ ଏକତ୍ରିତ ହୋଇଥିଲେ। ଫସଲ ବୀମା ପ୍ରଦାନରେ ସରକାରଙ୍କ ଦୁର୍ବଳ ମନୋଭାବ ବିରୋଧରେ ଆସନ୍ତା ୩୦ ସେପ୍ଟେମ୍ବର ସକାଳ ୧୦ଟାରୁ ୨ଟା ପର୍ଯ୍ୟନ୍ତ ୪ ଘଣ୍ଟା ଧରି ବାମରା ବ୍ଲକର ସଗରା ରେଳ ଷ୍ଟେଷନ ଓ ବାମରା ରେଳ ଷ୍ଟେଶନ ମଧରେ ରେଳ ଚଳାଚଳକୁ ବନ୍ଦ କରିବେ ବୋଲି ଚାଷୀନେତାମାନେ ଘୋଷଣା କରିଥିଲେ। ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନ ଆହ୍ୱାନରେ ଆୟୋଜିତ ଉକ୍ତ ପ୍ରସ୍ତୁତି ବୈଠକରେ ଜୟକୃଷକ ଆଦିମ କୃଷକ ସୁରକ୍ଷା ସଂଗଠନ ବାମରା ବ୍ଲକ, ଆଞ୍ଚଳିକ କୃଷକ ସୁରକ୍ଷା ସଙ୍ଗଠନ, ଶ୍ରୀ ଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନ, ବାବୁନିକ୍ତିମାଲ କୃଷକ ସଂଗଠନ, ହଳଧର କୃଷକ ସୁରକ୍ଷା ସଂଗଠନ ଓ ମେଢ଼େଶ୍ୱର କୃଷକ ସଂଗଠନ ସହିତ କୁଚିଣ୍ଡା ଓ ଜମନକିରା ବ୍ଲକର ଚାଷୀ ସଂଗଠନ ଯୋଗ ଦେଇଥିଲେ। ବରିଷ୍ଠ ଚାଷୀ ନେତା ଯୋଗବିହାରୀ ପରିଡାଙ୍କ ନେତୃତ୍ୱରେ କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଭୈରବ ପ୍ରଧାନ, ନାଥୁବିହାରୀ ବିଶ୍ୱାଳ, ଦେବେନ୍ଦ୍ର ପ୍ରଧାନ, ମୁରାରୀ ପୁରୋହିତ, ହରି ପୁରୋହିତ, ଅଶୋକ ପଧାନ, ଖଡୁନାଥ ପିଙ୍ଗ, ଅଶୋକ କୁମାର ସ୍ୱାଇଁ, କିରଣ ନାଏକ, ପଦ୍ମଚରଣ ଗୁରୁ, ପ୍ରକାଶ ଚନ୍ଦ୍ର ପଟେଲ, ଲାଲବିହାରୀ ସିଂ ଓ ସୁଦିପ୍ତ ପଟେଲ ପ୍ରମୁଖ ଚାଷୀ ନେତାଙ୍କ ସହ ଅନ୍ୟ ଚାଷୀମାନେ ଯୋଗ ଦେଇଥିଲେ। ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଷୀମାନଙ୍କୁ ଅଣଦେଖା ଅଭିଯୋଗରେ ଗର୍ଜିଥିଲେ। ଆସନ୍ତା ୩୦ ତାରିଖ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲାରୁ ଚାଷୀ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଏକ ବର୍ଷ ଧରି ଫସଲ ବୀମା ନ ଦେଇ ଚାଷୀଙ୍କୁ ସରକାର ଭୂଆଁ ବୁଲାଉଥିବା ବେଳେ କୁଚିଣ୍ଡା ଉପଖଣ୍ଡରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଧାନ ମାର୍କେଟ ୟାର୍ଡରେ ଭ୍ରଷ୍ଟାଚାରକୁ ନେଇ ଅଭିଯୋଗ ସହ ଆନ୍ଦୋଳନ କରାଯାଉଥିବା ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ ନ କରିବା କାରଣରୁ ଶେଷରେ ରେଳ ରୋକୋ କରିବା ପାଇଁ ସ୍ଥିର କରାଯାଇଥିବା ଉପସ୍ଥିତ ଚାଷୀମାନେ କହିଥିଲେ। ବାମରା– ସଗରା ରେଳପଥ ଦକ୍ଷିଣ ପୂର୍ବ ରେଳବାଇ ହାୱଡା–ମୁମ୍ବାଇ ରେଳପଥର ମୁଖ୍ୟ ଅଂଶ ଥିବାବେଳେ ଆସନ୍ତା ୩୦ ତାରିଖରେ ହେବାକୁ ଥିବା ରେଳରୋକୋ ଦ୍ୱାରା ବ୍ୟାପକ କ୍ଷୟକ୍ଷତି ହେବା ସମ୍ଭାବନା ରହିଛି। ହେଲେ ବାମରା– ସଗରା ମଧ୍ୟରୁ କେଉଁ ସ୍ଥାନରେ ରୋଳରୋକୋ କରାଯିବ ଏ ନେଇ କିଛି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।




ରେଳରୋକୋ ପାଇଁ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଚାଷୀ ନେତା।

### ମିଳିଲାନି ଫସଲ ବୀମା



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା



# ଭଣ୍ଡାରିମାଲ ଡବଲ ମର୍ଡରରେ ପୋଲିସ ଦାୟୀ

**ଶୁଭାଶିଷ ପାଢ଼ୀ**
**ସମ୍ବଲପୁର,୨୪।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଭଣ୍ଡାରିମାଲ ଗାଁରେ ସୋମବାର ଘଟିଥିବା ହତ୍ୟାକାଣ୍ଡ ଘଟଣା ଅତି ଭୟଙ୍କର ଥିଲା। ମାଂସ କାଟିଲା ଭଳି ୪ ଜଣଙ୍କର ଗୋଡକୁ ଗାଁ ଦାଣ୍ଡରେ ହାଣି ଦିଆଗଲା। ତେବେ ଏହି ଘଟଣା ପାଇଁ ଲୋକେ ପୋଲିସର ଅବହେଳାକୁ ଦାୟୀ କରିଛନ୍ତି।

ବର୍ଷ ବର୍ଷ ଧରି ଗ୍ରାମରେ ଅଭିଯୁକ୍ତ ଡିଲେଶ୍ୱର ଭୋଇ ଓ ବିଭୂତି କୁମୁରା ଆତଙ୍କ ଖେଳାଇ ଆସୁଥିଲେ। ମହିଳାମାନଙ୍କୁ ଅସଦାଚରଣ କରିବା ସହ ଘରେ ପଶି ଗାଳିଗୁଲଜ କରୁଥିଲେ। ଗ୍ରାମରେ ଯୁବକମାନଙ୍କୁ ମଧ୍ୟ ମାରପିଟ କରୁଥିଲେ। ଏହାକୁ ନେଇ ଯୁଯୁମୁରା ପୋଲିସ ପାଖରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ପୋଲିସ ପଞ୍ଚାୟତର ସରପଞ୍ଚ ଭଳି କାମ କରୁଥିଲା। ଅଭିଯୁକ୍ତମାନଙ୍କୁ ଡାକି ବୁଝାଇ ପୁଣି ଛାଡି ଦେଉଥିଲା। ଦୁଇ ବର୍ଷ ତଳେ ମହିଳାମାନଙ୍କୁ ଗାଳିଗୁଲଜ କରିବାରୁ ମହିଳାମାନେ ଡିଲେଶ୍ୱରଙ୍କୁ କାବୁ କରି ପୋଲିସକୁ ଦେଇଥିଲେ। ସେ ସମୟରେ ମଧ୍ୟ ସ୍ଥାନୀୟ ଜଣେ ଜନ ପ୍ରତିନିଧି ପୋଲିସ ସହିତ ସୁଲାସୁତୁରା କରିଥିଲେ। ପୋଲିସ କିଛି ଘଣ୍ଟା ପରେ ଅଭିଯୁକ୍ତ ଡିଲେଶ୍ୱରଙ୍କୁ ଛାଡି ଦେଇଥିଲା।




ଗିରଫ ଅଭିଯୁକ୍ତ ଡିଲେଶ୍ୱର ଭୋଇ ଓ ହତ୍ୟାକାଣ୍ଡରେ ବ୍ୟବହୃତ ୨ ବାଇକ।

ପରେ ଘରକୁ ଫେରି ସେ ପୁଣି ଲୋକଙ୍କ ସହ ଝଗଡା କରିବା ଆରମ୍ଭ କରିଦେଇଥିଲେ। ସେହିପରି ଜଣକ ଘରେ ପଶି ତାଙ୍କ ଝିଅକୁ ବଳାତ୍କାର ଉଦ୍ୟମ କରିଥିବା ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସେହି ମାମଲାରେ ପୁଣି ପୋଲିସ ଅନୁକମ୍ପା ଦେଖାଇ ଥିଲା। ଏଭଳି ମାଡପିଟ କରିବା ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ପଦକ୍ଷେପ ଗ୍ରହଣ କରି ନ ଥିଲା। ତେଣୁ ଡିଲେଶ୍ୱରଙ୍କ ମୁହଁ ବଢି ଯାଇଥିଲା। ନ୍ୟାୟିକ ବ୍ୟବସ୍ଥାଙ୍କୁ ତାଙ୍କର ଭୟ ରହିଲା ନାହିଁ। ଶେଷରେ ଗାଁରେ ତାଙ୍କ ପ୍ରତି ଲୋକଙ୍କର ଭିତରେ ଥିବା ଅସନ୍ତୋଷ ହତ୍ୟାକାଣ୍ଡର ରୂପ ନେଲା ବୋଲି ଗ୍ରାମବାସୀ କହିଛନ୍ତି।

### ଡିଲେଶ୍ୱରଙ୍କ ଘର ସମ୍ମୁଖରେ ଉତ୍ତେଜନା

ହତ୍ୟାକାଣ୍ଡର କାରଣ କୁହାଯାଉଥିବା ତଲିପଡାର ଡିଲେଶ୍ୱର ଭୋଇଙ୍କ ଘର ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମର ମହିଳାମାନେ ତାଙ୍କ ଘର ସମ୍ମୁଖକୁ ଆସି ଡିଲେଶ୍ୱରଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ପୋଲିସ ଅଧିକାରୀମାନେ ମହିଳାମାନଙ୍କ ଅଭିଯୋଗ ଉପରେ ଡିଲେଶ୍ୱରଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ଜାଣିବା ପରେ ଡିଲେଶ୍ୱର ଘର ପଛପଟୁ ଫେରାର ହୋଇଯାଇ ବାରିପଟେ ଛପି ରହିଥିଲେ। ପୋଲିସ ଟିମ ଖୋଜା ଖୋଜି କରି ତାଙ୍କୁ ଧରିଥିଲା। ମହିଳାମାନେ ପରେ ଶାନ୍ତ ପଡିଥିଲେ।

### ୨୦୦୫ରେ ମଧ୍ୟ ହୋଇଥିଲା ଡବଲ ମର୍ଡର

୨୦୦୫ ଡିସେମ୍ବରରେ ମଧ୍ୟ ଏହି ଗାଁରେ ଡବଲ ମର୍ଡର ହୋଇଥିଲା । କଦଳୀମୁଣ୍ଡା ଗ୍ରାମର ବାପି ବେହେରା ଓ ରିଙ୍କୁ ବେହେରାଙ୍କ ଜୀବନ ଯାଇଥିଲା। ବିଳମ୍ବିତ ରାତିରେ ଆପୋଶ ବୁଝାମଣା କରିବାକୁ ଏମାନଙ୍କୁ ଏକ ଗୋଷ୍ଠୀ ଡାକି ନେଇଥିଲେ। ହେଲେ ଆଲୋଚନା ସମୟରେ ଜଣେ ପଛପଟୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପରେ ସଂଘ ବଧ ଭାବେ ଅନ୍ୟମାନେ ଆକ୍ରମଣ କରି ହତ୍ୟା କରିଥିଲେ। ଘଟଣାସ୍ଥଳରେ ଏ ଦୁହିଁଙ୍କ ପ୍ରାଣବାୟୁ ଉଡିଯାଇଥିଲା। ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । କିଛି ମାସ ପରେ ସମସ୍ତେ ଜାମିନରେ ଆସିଥିଲେ । ଏହି ହତ୍ୟାକାଣ୍ଡ ଘଟଣାରେ ବିଭୂତି କୁମୁରା ରହିଥିଲେ, ଯାହାଙ୍କୁ ସୋମବାର ରାତିରେ ଆକ୍ରମଣ ହୋଇଛି । ସେ ଏବେ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

### ଆଖି ଆଗରେ ହାଣିଦେଲ

ମୋ ଆଖି ସମ୍ମୁଖରେ ମୋର ଦୁଇ ଭାଇଙ୍କୁ ହାଣିଦେଲ । ଯେତେ ନେହୁରା ହେଲେ ମଧ୍ୟ କିଛି ଶୁଣି ନ ଥିଲେ । ମୋତେ ମଧ୍ୟ ହାଣିବାକୁ ଗୋଡାଇଥିଲେ । ହେଲେ ମୁଁ ଖସି ପଳେଇଥିଲି। ମୋର ଭାଇମାନେ ଏଠାକୁ ମାଡପିଟ କରିବାକୁ ଆସି ନ ଥିଲେ । ପୂର୍ବରୁ ଡିଲେଶ୍ୱର ଭୋଇ ଓ ବିଦ୍ୟାଧର ଭୋଇଙ୍କ ପରିବାର ମଧ୍ୟରେ ଝଗଡା ହୋଇଥିଲା । ଏହାର ସମାଧାନ କରିବାକୁ ଆସିଥିଲେ। ହେଲେ ତାଙ୍କୁ ହାଣି ହତ୍ୟା କରାଯାଇଛି ବୋଲି ଭାଇ ପୁରନ୍ଦର କୁମୁରା ଗଣମାଧ୍ୟମରେ ପ୍ରକାଶ କରିଛନ୍ତି।

### ଗୋଟିଏ ଜୁଇରେ ୨ଭାଇ, ୮ ବର୍ଷର ପୁଅ ଦେଲା ମୁଖାଗ୍ନି

ଦୁଇଭାଇ ଶକ୍ତି ଓ ଜିତୁ କୁମୁରାଙ୍କ ମୃତଦେହକୁ ମଙ୍ଗଳବାର ପୋଲିସ ବ୍ୟବଚ୍ଛେଦ ପରେ ପରିବାବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଅପରାହ୍ନ ପ୍ରାୟ ୪ଟାରେ ମୃତଦେହ ଗ୍ରାମରେ ପହଞ୍ଚିଥିଲା। ଶୋକାକୂଳ ପରିବେଶରେ ଗାଁ ମଶାଣିରେ ଦୁଇ ଭାଇଙ୍କ ଏକାଠି ଜୁଇ ଜଳିଥିଲା। ଶକ୍ତିଙ୍କ ୮ ବର୍ଷ ପୁଅ ଅମନ ବାପା ଓ କାକାଙ୍କୁ ଜୁଇ ଦେଇଥିଲେ।

## ସଂକ୍ଷେପରେ

### ଏଣିକି ମାସ ଶେଷ ଦିନରେ ଦରମା

**ଭୁବନେଶ୍ୱର,୨୪।୯(ବ୍ୟୁରୋ):** ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର। ଏଣିକି ମାସର ଶେଷ କାର୍ଯ୍ୟ ଦିବସରେ କର୍ମଚାରୀଙ୍କୁ ଦରମା ମିଳିବ। ଏ ସମ୍ପର୍କିତ ଏକ ବିଜ୍ଞପ୍ତି ମଙ୍ଗଳବାର ଅର୍ଥ ବିଭାଗ ପକ୍ଷରୁ ଜାରି କରାଯାଇଛି। ପୂର୍ବରୁ ପରବର୍ତ୍ତୀ ମାସର ପ୍ରଥମ ଦିନରେ ଦରମା ମିଳୁଥିଲା। ମାତ୍ର ଏବେ ଏହା ଦିନକ ପୂର୍ବରୁ ଅର୍ଥାତ୍ ମାସର ଶେଷ ଦିନରେ ମିଳିବ ବୋଲି ଅର୍ଥ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରଚଳିତ ନିୟମାନୁଯାୟୀ, ଦରମା ଦେବା ପୂର୍ବରୁ ମାସର ଶେଷ ୫ ଦିନ ମଧ୍ୟରେ ଏହାକୁ ପ୍ରଥମେ ଟ୍ରେଜେରିରେ ରଖାଯାଉଥିଲା ଏବଂ ଏହାକୁ ପରବର୍ତ୍ତୀ ମାସର ପ୍ରଥମ ଦିବସରେ ପ୍ରଦାନ କରାଯାଉଥିଲା। ଏହି ପ୍ରକ୍ରିୟା ଦ୍ୱାରା ପ୍ରାୟ ୧୫ ଲକ୍ଷ କାଗଜ ବ୍ୟବହୃତ ହେଉଥିଲା। ଏପରି କି ଦରମା ସମ୍ପର୍କିତ ନଥିପତ୍ର ଟ୍ରେଜେରି ଏଣ୍ଡ ଏଜିଙ୍କ ନିକଟରେ ପହଞ୍ଚିବା ୫୦ ଦିନ ସମୟ ଲାଗୁଥିଲା। ଏଭଳି ସ୍ଥିତିରେ ଦରମା ଉଠାଣ ବ୍ୟବସ୍ଥାକୁ ସରଳୀକରଣ କରିବା ଏବଂ ସରକାରଙ୍କ ୫-ଟି ର ସୁପରିଚାଳନା ପାଇଁ ଏକକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଫଳରେ ମାସର ଶେଷ ଦିନରେ ହିଁ ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ କରାଯିବ।

■ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ନାମରେ ଲୋକଙ୍କୁ ଲୁଟୁଛନ୍ତି

# ବାହାର ବ୍ୟବସାୟୀଙ୍କୁ ପ୍ରଶାସନ ଅନୁମତି ନ ଦେବା ପାଇଁ ଦାବି

**ରେଢାଖୋଲ,୨୪।୯(ଡି.ଏନ.ଏ.)**

ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ବାଣିଜ୍ୟ ମେଳା ନାମରେ କେତେକ ଲୋକେ ବାହାରୁ ଏଠାକୁ ଆସି ବ୍ୟବସାୟୀ କରି ଲୋକଙ୍କୁ ଲୁଟୁଛନ୍ତି। ଏଥିଯୋଗୁ ସ୍ଥାନୀୟ ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାକୁ ନେଇ ରେଢାଖୋଲ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ରେଢାଖୋଲ ବ୍ୟବସାୟୀ ସଂଘ ପକ୍ଷରୁ ଏଭଳି ବ୍ୟବସାୟୀଙ୍କୁ ବ୍ୟବସାୟ କରିବାକୁ ଅନୁମତି ପ୍ରଦାନ ନ କରିବାକୁ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଉପଜିଲାପାଳଙ୍କ ଅନୁପସ୍ଥିରେ ଡେପୁଟି କଲେକ୍ଟର ଅମ୍ଲାନ ଅପରାଜିତା ମିଶ୍ର ଦାବିପତ୍ର ଗ୍ରହଣ କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରେଢାଖୋଲ ଭଳି ଏକ ଛୋଟ ସହରରେ ବ୍ୟବସାୟୀମାନେ ଧାର, ଋଣ କରି ଛୋଟ ଓ ମଧ୍ୟମ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂଜାପାର୍ବଣରେ ଆର୍ଥିକ ରୋଜଗାର କରୁଛନ୍ତି। ହେଲେ ବର୍ଷର ବିଭିନ୍ନ ସମୟରେ ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ନାମରେ ବାହାରର କେତେକ ବ୍ୟବସାୟୀ ପ୍ରଶାସନଠାରୁ ଅନୁମତି ନେଇ ବ୍ୟବସାୟ କରୁଛନ୍ତି। ଏପରିକି ନିମ୍ନମାନର କପଡା ଓ ଅନ୍ୟାନ୍ୟ ପ୍ରଶାଧନ ସାମଗ୍ରୀ ବିକ୍ରି କରି ଜନସାଧାରଣଙ୍କୁ ଲୁଟୁଛନ୍ତି। ତାହା ପୁଣି ମାସ ମାସ ଧରି ବ୍ୟବସାୟ କରୁଥିବା ଯୋଗୁ ସ୍ଥାନୀୟ ବ୍ୟବସାୟୀ କ୍ଷତିର ସମ୍ମୁଖିନ ହେଉଛନ୍ତି। ବ୍ୟବସାୟୀ ସଂଘ ପକ୍ଷରୁ ଶୁଭଜିତ ସାହୁ, ସୁଶାନ୍ତ କୁମାର ସ୍ୱାଇଁ, ତୁଳାଧର ପ୍ରଧାନ, ବିଦ୍ୟାଧର ସାହୁ, ପଦ୍ମନାଭ ମହାପାତ୍ର, ଗୋବର୍ଦ୍ଧନ ବଘାର, ପଙ୍କଜ କେଡିଆ, ନିରଞ୍ଜନ ପ୍ରଧାନ, ଦିଲୀପ କୁମାର ଦେହୁରୀ, ସଜନ କୁମାର ଅଗ୍ରୱାଲ, କୃଷ୍ଣଚନ୍ଦ୍ର ତିୱାରିଙ୍କ ସମେତ ଅନେକ ବ୍ୟବସାୟୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।



ରେଢାଖୋଲ ବ୍ୟବସାୟୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜଙ୍ଗଲ ଜମି ଅଧିକାର ସମ୍ପର୍କରେ ଜନଶୁଣାଣି



ଜଙ୍ଗଲ ଜମି ଅଧିକାର ସମ୍ପର୍କରେ ଆୟୋଜିତ ଜନଶୁଣାଣିରେ ଯୋଗଦେଇଥିବା ଅତିଥି।

**ନାକଟିଦେଉଳ,୨୪।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଜଙ୍ଗଲ ଜମି ଅଧିକାର ସମ୍ପର୍କରେ ଏକ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦୦୫ ଜଙ୍ଗଲ ଜମି ଅଧିକାର ଆଇନ ଏବଂ ଯୋଜନା ସମ୍ପର୍କରେ ଶୁଣାଣି କରାଯାଇଥିଲା । ଏହି ଶୁଣାଣିରେ ବ୍ଲକ ଅନ୍ତର୍ଗତ ସାଲେଭଟା, ନାକଟିଦେଉଳ, ପାଣିମୁରା, ଢ଼ଇଁଚା ଏବଂ କିସିଣ୍ଡା ଗ୍ରାମପଞ୍ଚାୟତର ଜଙ୍ଗଲ ଜମି ଅଧିକାର କରୁଥିବା ହିତାଧିକାରୀମାନଙ୍କୁ ଡକାଯାଇଥିଲା। ଏହି ଶିବିରରେ ୧୩୧ ଜଣ ହିତାଧିକାରୀମାନଙ୍କ ମଧ୍ୟରୁ ୬୭ଜଣ ଯୋଗଦେଇ ନିଜର ମତ ପ୍ରଶାସନ ନିକଟରେ ଉପସ୍ଥାପନା କରିଥିଲେ। ଏହି ଶିବିରରେ ରେଢାଖୋଲ ଉପଜିଲାପାଳ ବିଶିକେଶନ ଦେହୁରୀ ସଭାପତିତ୍ୱ କରିଥିବା ବେଳେ ରେଢାଖୋଲ ଡିଏଫଓ ସଂଗ୍ରାମ କେଶରୀ ବେହେରା, ଡେପୁଟି କଲେକ୍ଟର ଏଜଲିନ ବାରା, ନାକଟିଦେଉଳ ବିଡିଓ ମେଥୋଦିୟୁସ ଲାକ୍ରା, ତହସିଲଦାର ସମୀର କୁମାର ବିଲୁଙ୍ଗ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । କେଉଁ ଆଧାର କିମ୍ବା ନିୟମ ଅନୁସାରେ ଜଙ୍ଗଲ ଜମି ଆବେଦନ କରିଥିବା ବ୍ୟକ୍ତିମାନେ ପାଇ ପାରିବେ କିମ୍ବା କେଉଁ କାରଣରୁ ସେମାନଙ୍କ ଆବେଦନ ନାକଚ ହୋଇଯାଇଛି ସେ ନେଇ ଅଧିକାରୀମାନେ ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାକଟିଦେଉଳ ବନାଞ୍ଚଳାଧିକାରୀ ଦୟାନିଧି ସାହୁ, ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳାଧିକାରୀ ମଣିଧରଙ୍କ ସମେତ ଉକ୍ତ ପଞ୍ଚାୟତ ରାଜସ୍ୱ ନୀରିକ୍ଷକମାନେ ଯୋଗଦେଇଥିଲେ।



ଦୁର୍ଘଟଣାଗ୍ରସ୍ତ କାର୍ ।

## କାର୍ ଓଲଟିଗଲା, ଅଳ୍ପକେ ବର୍ତ୍ତିଲେ ୨

**ରେଙ୍ଗାଲି,୨୪।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ଡାଇକ ରାସ୍ତାରେ ଏକ କାର ଓଲଟି ପଡିଛି। ଏଥିରେ ଦୁଇଜଣ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ସନ୍ଧ୍ୟାରେ ଏକ କାର (ନଂ. ଓଆର୍ ୧୫ କ୍ୟୁ- ୬୦୦୦) ଶାସନ ଥାନା ଅନ୍ତର୍ଗତ ଡାଇକ ରାସ୍ତା ବଲବସପୁର ଗ୍ରାମ ନିକଟରେ ଓଲଟି ପଡିଥିଲା । ଗାଡି ଓଲଟି ପଡି ଗାଡିର ୪ଟି ଚକ ଉପରକୁ ହୋଇଯାଇଥିଲା। ଗାଡିରେ ଥିବା ଦୁଇ ଜଣ ଅଳ୍ପକେ ବଞ୍ଚିଯାଇଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଗାଡିରେ ଥିବା ଦୁଇ ଜଣଙ୍କ ପରିଚୟ ମିଳିପାରି ନାହିଁ।

# ଶିମିଲିପାଲରେ ପଞ୍ଚଖଣ୍ଡା କୃଷକ ସଙ୍ଗଠନ ଗଠିତ

**ନାକଟିଦେଉଳ,୨୪।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଲିପାଳ ଗ୍ରାମପଞ୍ଚାରେ ନୂତନ ଭାବେ ପଞ୍ଚଖଣ୍ଡା କୃଷକ ସଙ୍ଗଠନ ଗଠନ କରାଯାଇଛି। ସୋମବାର ଶିମିଲିପାଳ ପଞ୍ଚାୟତ ସଭାଗୃହରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରପଞ୍ଚ ସଞ୍ଜିତ ତିରିଆ ସଭାପତିତ୍ୱ କରିଥିଲେ। ଏଥିରେ କିସିଣ୍ଡା ଆଞ୍ଚଳିକ କୃଷକ ସଙ୍ଗଠନ ବରିଷ୍ଠ ସଦସ୍ୟ କାହ୍ନୁ ଚରଣ ମାଝି ଯୋଗଦେଇ ସଙ୍ଗଠନର ରୁପରେଖ ସମ୍ପର୍କରେ ଆଲୋକପାତ କରିବା ସହ କୃଷକମାନଙ୍କ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷକ ଏକତା ଦୃଢ଼ିଭୁତ ହେଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି କହିଥିଲେ। ବୈଠକରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବିଭିନ୍ନ ସ୍ଥାନରେ ମରୁଡ଼ି ପରିସ୍ଥିତି ଦେଖାଦେଇ ଥିବାରୁ ଏହାର ମୁକାବିଲା ନିମନ୍ତେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ନାକଟିଦେଉଳ ନିକଟ ଚମ୍ପାଲି ନଦୀ ବନ୍ଧ ଯୋଜନା କାର୍ଯ୍ୟକାରୀ ହେବାକୁ ଥିବା ବେଳେ ଏହି ପ୍ରକଳ୍ପରେ କେତେ ଅଞ୍ଚଳ ଜଳସେଚିତ ହେବ ଏବଂ କେତେ ଗ୍ରାମ ଓ ପରିବାର ବିସ୍ଥାପିତ ହେବେ ସେ ନେଇ ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ ମଧ୍ୟ ବେଠକରେ ଦାବି ହୋଇଥିଲା। ସଙ୍ଗଠନ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ ସୁଦାମ ଚରଣ ପ୍ରଧାନ, ସମ୍ପାଦକ ଭାବେ କୁମାରେଶ ସ୍ୱାଇଁ, କୋଷାଧ୍ୟକ୍ଷ ବାସୁଦେବ ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଯୋଗଦେଇ ଆଗାମୀ ଦିନରେ ସଙ୍ଗଠନକୁ କିପରି ମଜଭୁତ କରାଯିବ ସେ ନେଇ ବକ୍ତବ୍ୟ ରଖିଥିଲେ।



ନୂତନ କୃଷକ ସଙ୍ଗଠନ ଗଠନରେ ଉପସ୍ଥିତ ଚାଷୀ ।

# ସୁରଜମଲ କଲେଜ ରାଜନୈତିକ ବିଜ୍ଞାନ ବିଭାଗର ସ୍ୱାଗତ ସମାରୋହ ଉତ୍ସବ




କଲେଜ ଅଧ୍ୟାପକିକା ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର ।

**ରେଙ୍ଗାଲି,୨୪।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସୁରଜମଲ ମହାବିଦ୍ୟାଳୟ ରାଜନୈତିକ ବିଜ୍ଞାନ ପକ୍ଷରୁ କଲେଜ ପରିସରରେ ମଙ୍ଗଳବାର ନବାଗତ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯୁକ୍ତ ୩ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ଡ. ମିନତି ଶତପଥି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅରୁଣ କୁମାର ବେହେରା, ଅଧ୍ୟାପକ ଡ. ମନୋଜ କୁମାର ପଣ୍ଡା, ଅଧ୍ୟାପକ ଚିନ୍ତାମଣି ପଶାୟତ, ଅଧ୍ୟାପକ ଡ. ଅଭିମନ୍ୟୁ ବେହେରା, ଅଧ୍ୟାପକ ମୁରାରୀ ପ୍ରସାଦ ପଣ୍ଡା, ଅଧ୍ୟାପିକା ନାବନିନ୍ କୌର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଛାତ୍ରୀ ଭାଗ୍ୟବତୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଛାତ୍ର ହରିଶଙ୍କର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୫୦ତମ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରୀୟ ପ୍ରତିଯୋଗିତା

**ରେଙ୍ଗାଲି,୨୪।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ଗୋଷ୍ଠୀ ସାଧନ କେନ୍ଦ୍ରଠାରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଏହି ପ୍ରତିଯୋଗିତା ଉଦଘାଟନୀ ଉତ୍ସବରେ ଅତିଥି ଭାବେ ରେଙ୍ଗାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ଅତିରିକ୍ତ ଶିକ୍ଷାଧିକାରୀ ରୁକ୍ମଣ ପଧାନ ଏବଂ ନୂଆଁରମ୍ପେଲା ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ମାମିନୀ ସାହୁ ଯୋଗଦାନ କରି ମା’ ସମଲେଇଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ତର୍କ, ଚିତ୍ରାଙ୍କନ ଏବଂ କୁଇଜ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀମାନଙ୍କୁ ତିନୋଟି ବିଭାଗରେ ଭାଗ କରାଯାଇଥିଲା । ପ୍ରତିଯୋଗିତାରେ ମୋଟ ୫୧ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ତର୍କ ପ୍ରତିଯୋଗିତାରେ ଏ ବିଭାଗରୁ ନୂଆଁରମ୍ପେଲା ହାଇସ୍କୁଲ ବର୍ଷା ସେଟ, ବି ବିଭାଗରୁ ଲଇଡା ବାଳିକା ହାଇସ୍କୁଲର ରୂପା ମିଶ୍ର, ସି ବିଭାଗରୁ ସୁଜରମଲ କଲେଜର ଗାୟତ୍ରୀ ଭୋଇ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଚିତ୍ରାଙ୍କନ ପ୍ରତିଯୋଗିତାରେ ଏ ବିଭାଗରୁ ନିଶାନଭଙ୍ଗା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରୀତମ କିଶାନ, ବି ବିଭାଗରୁ ଲଇଡା ବାଳକ ହାଇସ୍କୁଲ ରମାଶୀତ ଗଣ୍ଡା, ସି ବିଭାଗରୁ ସୁରଜମଲ କଲେଜର ବିକାଶ ରାଉତ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି। ସେହିପରି କୁଇଜ ପ୍ରତିଯୋଗିତାରେ ଏ ବିଭାଗରୁ ଘିଚାମୁରା ଟିଓୟୁପିଏସର କଲ୍ୟାଣୀ ନାୟକ, ବି ବିଭାଗରୁ ଲଇଡା ହାଇସ୍କୁଲର ସୈନିକ ନାଏକ, ସି ବିଭାଗରୁ ସୁରଜମଲ କଲେଜର ଅଜିତ ବାରିକ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଅତିଥି ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

# ଯନ୍ତ୍ରୀମାନଙ୍କ ବଦଳି ପାଇଁ ଜାରି ହେଲା ନୂଆ ସଂକଳ୍ପପତ୍ର

ଭୁବନେଶ୍ୱର,୨୪।୯(ବ୍ୟୁରୋ)

- ମୁଖ୍ୟମନ୍ତ୍ରୀଙ୍କ ୫'ଟି ମନ୍ତ୍ରକୁ ଗୁରୁତ୍ୱ
- ୩ ବର୍ଷ ଅବଧି ପୂରଣ କରିଥିଲେ ବଦଳି
- ଓଇଏସ୍‌ଙ୍କୁ ନିଜ ଜିଲା, ଓଡିଇଏସ୍‌ଙ୍କୁ ନିଜସ୍ୱ ସବ୍‌ଡିଭିଜନ ମନା
- ବିଭାଗକୁ ଫେରିବେ ୧୦ ବର୍ଷିଆ ଡେପୁଟେଶନ ଅଧିକାରୀ

ଓଡ଼ିଶା ଯନ୍ତ୍ରୀ ସେବା(ଓଇଏସ୍) ଏବଂ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସ(ଓଡିଇଏସ୍) କ୍ୟାଡରମାନଙ୍କ ବଦଳି ପାଇଁ ଏକ ଅନ୍ତରୀଣ ସଂକଳ୍ପପତ୍ର ଜାରି କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ମଙ୍ଗଳବାର ଏହା ପ୍ରକାଶ ପାଇଛି। ଯନ୍ତ୍ରୀମାନଙ୍କ ବଦଳି ପାଇଁ ମୁଖ୍ୟତଃ ୮ ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି।

ପ୍ରଥମତଃ ବଦଳି ପ୍ରଶାସନିକ କିମ୍ବା ବ୍ୟକ୍ତିଗତ ଦୃଷ୍ଟିକୋଣରୁ କରାଯିବ। ପ୍ରଶାସନିକ ବଦଳି ପାଇଁ ତୃଣମୂଳ ଏଷ୍ଟାବ୍ଲିସର ଆବଶ୍ୟକତା ମଧ ରହିଥିବା ଆବଶ୍ୟକ। ବ୍ୟକ୍ତିଗତ କାରଣ ମଧ୍ୟରେ ସ୍ୱାସ୍ଥ୍ୟଗତ ଓ ଅନ୍ୟାନ୍ୟ ଦିଗକୁ ମଧ ବିଚାର କରାଯିବ। ଗୋଟିଏ ନିର୍ଦ୍ଦିଷ୍ଟ ପଦ ବା କାର୍ଯ୍ୟାଳୟରେ ୩ ବର୍ଷ ଅବଧି ପୂର୍ଣ୍ଣ କରିଥିଲେ, ସାଧାରଣଭାବେ ବଦଳି ହେବେ। ସେହିପରି କୌଣସି ଅଧିକାରୀ ଗୋଟିଏ ସ୍ଥାନ ଅଥବା କାର୍ଯ୍ୟାଳୟରେ ୫ ବର୍ଷରୁ ଅଧିକ କାର୍ଯ୍ୟ କରିବା ପାଇଁ ଦିଆଯିବ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫'ଟି ମନ୍ତ୍ରକୁ ଆଧାର କରି ଏପରି ନିଷ୍ପତ୍ତି ନିଆଯାଇଛି। ନିର୍ମାଣ ବିଭାଗରେ ସ୍ୱଚ୍ଛତା ସହ ବଦଳିରେ ସଂସ୍କାର ପାଇଁ ଏପରି କରାଯାଉଥିବା ଜଣାପଡିଛି। ଓଡ଼ିଶା ଯନ୍ତ୍ରୀ ସେବା(ଓଇଏସ୍) କ୍ୟାଡରମାନେ ନିର୍ଦ୍ଦିଷ୍ଟ ରାଜସ୍ୱ ଜିଲାରେ ୧୦ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିପାରିବେ ନାହିଁ। ସେହିପରି ଏହି ନିୟମ ଓଡିଇଏସ୍ କ୍ଷେତ୍ରରେ ୧୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇଛି। ଓଇଏସ୍ କ୍ୟାଡର ନିଜ ଜିଲାରେ ଏବଂ ଓଡିଇଏସ୍ ଯନ୍ତ୍ରୀ ନିଜସ୍ୱ ସବ୍‌ଡିଭିଜନରେ ନିୟୋଜିତ ହେବେ ନାହିଁ। ସେହିଭଳି କୌଣସି ଯନ୍ତ୍ରୀଙ୍କ କ୍ଷେତ୍ରରେ ପେନସନ୍ ଲାଗୁ ହେବାର ୨ ବର୍ଷ ପୂର୍ବରୁ ପ୍ରଶାସନିକ/ସ୍ୱାସ୍ଥ୍ୟଗତ କାରଣ ବ୍ୟତୀତ ଅନ୍ୟ କୌଣସି କାରଣରୁ ବଦଳି ହୋଇ ପାରିବେ ନାହିଁ। କେତେକ ବିଶେଷ କ୍ଷେତ୍ରରେ ଏସବୁ ନିୟମରେ କୋହଳ ବ୍ୟବସ୍ଥା କରାଯାଇଛି। କେତେକ କ୍ଷେତ୍ରରେ ଯନ୍ତ୍ରୀଙ୍କ ସ୍ତ୍ରୀ ଓ ଅନ୍ୟ ନିର୍ଭରଶୀଳ ସଦସ୍ୟଙ୍କ କଥା ମଧ ବିଚାରକୁ ନିଆଯିବ। ନିର୍ମାଣ ବିଭାଗ ଯନ୍ତ୍ରୀ ଅନ୍ୟ କୌଣସି ବିଭାଗ ତଥା ସଂସ୍ଥାରେ ୧୦ ବର୍ଷ କାର୍ଯ୍ୟ କରିସାରିଥିଲେ, ତାଙ୍କୁ ବିଭାଗକୁ ଫେରାଇ ଅଣାଯିବ। ସେହିପରି ଯନ୍ତ୍ରୀସ୍ତରରେ ବଦଳି ପାଇଁ ଇଞ୍ଜିନିୟର୍ସ ଏଷ୍ଟାବ୍ଲିସମେଣ୍ଟ(ଇଇସି) ଗଠନ କରାଯାଇଛି।

କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ଏହାର ଉପର ପାହ୍ୟା ଅଧିକାରୀଙ୍କ ବଦଳି ପାଇଁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି। ନିର୍ମାଣ କମିଶନର ତଥା ସଚିବ ଏହାର ଅଧକ୍ଷ ରହିବେ। ସେହିପରି ଜଣେ ଇଆଇସି(ସିଭିଲ), ଇଆଇସି (ଆର.ଡି), ମୁଖ୍ୟ ଯନ୍ତ୍ରୀ(ଏନ୍.ଏଚ୍) ଏବଂ ଜଣେ ଅତିରିକ୍ତ ଶାସନ ସଚିବ ସଂଯୋଜକ ରହିବେ। ଉପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଡିଇଇ) ଏବଂ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଏଇଏସ୍)ସ୍ତରର ବଦଳି ପାଇଁ ଅତିରିକ୍ତ ସଚିବ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଥିରେ ମୁଖ୍ୟ ଯନ୍ତ୍ରୀ(ଡିପିଆଇ ଏବଂ ରାସ୍ତା), ମୁଖ୍ୟଯନ୍ତ୍ରୀ(ଡବ୍ଲ୍ୟୁବିପି) ଏବଂ ମୁଖ୍ୟଯନ୍ତ୍ରୀ(ବିଲ୍ଡିଂ) ସଦସ୍ୟ ରହିବେ। ଅନୁରୂପଭାବେ ସହାୟକ ଯନ୍ତ୍ରୀ(ଏ.ଇ) ଏବଂ କନିଷ୍ଠ ଯନ୍ତ୍ରୀ(ଜେ.ଇ)ଙ୍କ ବଦଳି ସମ୍ପର୍କିତ କମିଟିରେ ଇଆଇସି(ସିଭିଲ) ଅଧକ୍ଷ ରହିଛନ୍ତି। ସେହିପରି ମୁଖ୍ୟଯନ୍ତ୍ରୀ(ବିଲ୍ଡିଂ), ମୁଖ୍ୟଯନ୍ତ୍ରୀ(ଡିପିଆଇ ଏଣ୍ଡ ରୋଡ୍ସ) ଏବଂ ମୁଖ୍ୟଯନ୍ତ୍ରୀ(ପ୍ରକଳ୍ପ) ସଦସ୍ୟ ରହିଛନ୍ତି।

## ଆଜି କ'ଣ କେଉଁଠି

**ଅମରପାଲି**
- ଭୀମ ଭୋଇ ସାମର୍ଥ୍ୟ ଶିବିର, ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ, ପୂର୍ବାହ୍ନ ୯ଟା।

**ଟିଂଟିଲାଗଡ଼**
- ରାଷ୍ଟ୍ରୀୟ ଏକତା ଅଭିଯାନ ଆଲୋଚନାଚକ୍ର, ଗୋବିନ୍ଦ ବାଟିକା, ସନ୍ଧ୍ୟା ୬ଟା।

**ଲୋଇସିଂହା**
- ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର, ଅଞ୍ଚଳ ହାଇସ୍କୁଲ ଝାରମୁଣ୍ଡା, ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ, ଅଗ୍ରସେନ ଭବନ, ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଛାତ୍ରୀଛାତ୍ରଙ୍କ ପାଇଁ ଆକାଉଣ୍ଟ ଖୋଲା ଶିବିର, କଣ୍ଢାପାଲି ଉଚ୍ଚ ବିଦ୍ୟାଳୟ, ବାରକୋଟ, ପୂର୍ବାହ୍ନ ୧୦ଟା।

**ଭେଡେନ**
- ବ୍ଲକ କଳାକାର ସଂଘ ତରଫରୁ ନୂଆଁଖାଇ ଭେଟ୍‌ଘାଟ, ପପଙ୍ଗା ସାପ୍ତାହିକ ବଜାର, ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
- ସୋନପୁର ବ୍ଲକସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ମେଳା, ଖଲିଆପାଲି ହାଟ ପଡିଆ, ପୂର୍ବାହ୍ନ ୧୦ଟା ।

**ବରଗଡ଼**
- ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା, (କେ.ଡୁରୁଙ୍ଗା ବନାମ୍ ଲୁହୁରାଟଟି, କନବାର ବନାମ ଖରମୁଣ୍ଡା), ଖୁଣ୍ଟପାଲି ପଡ଼ିଆ, ଅପରାହ୍ନ ୨ଟା।
- ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ୍, କଲଙ୍ଗାପାଲି ସାହୁ ସମାଜ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୯ଟା ।
- ନାଟକ ଅଲ୍‌ଝଟ୍ ପରିବେଷଣ, ସୌଖୀନ କଳାକାର ସଂଘ, ବରଗଡ଼, ସନ୍ଧ୍ୟା ୭ଟା।

**ଭଟଲି**
- ବ୍ଲକ୍‌ସ୍ତରୀୟ ୧୫୦ ତମ ଗାନ୍ଧୀ ଜୟନ୍ତୀ ପାଳନ, ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ।

**ସମ୍ବଲପୁର**
- ଦୁର୍ଗାପୂଜା ଓ ଦିପାବଳୀ ଶାନ୍ତି କମିଟି ବୈଠକ, ଜିଲାପାଳ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।
- ପ୍ରଥମ ଶିକ୍ଷକ ନାଟକ ପରିବେଷଣ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧାପନା ପ୍ରକୋଷ୍ଠ-୧, ଅପରାହ୍ନ ୪ଟା ।
- ଗୀତା ପ୍ରବଚନ ଓ ବେଦାନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଦିବ୍ୟଜୀବନ ସଂଘ ପରିସର, ସନ୍ଧ୍ୟା ୬ଟା।

**ଦେଓଗାଁ**
- ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ, ଦେଓଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବିଜେପୁର ଉପନିର୍ବାଚନ
# ଆଜି ପ୍ରାର୍ଥୀ ଘୋଷଣା କରିପାରେ କଂଗ୍ରେସ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

- ପ୍ରାର୍ଥୀ ଚୟନ ଲାଗି ଆଜି ବିଜେଡିର ଚୂଡ଼ାନ୍ତ ବୈଠକ
- ଆଶାୟୀଙ୍କ ସଂଖ୍ୟାରେ ନିୟନ୍ତ୍ରଣ ରଖିବା ଲାଗି ଶାସକ ଦଳର ପ୍ରୟାସ

ବିଜେପୁର ଉପନିର୍ବାଚନ ନେଇ ସବୁ ଦଳ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ଆରମ୍ଭ କରାଯାଇଛି। ନାମାଙ୍କନ ଦାଖଲ ପାଇଁ ଆସନ୍ତା ୩୦ ଶେଷ ତାରିଖ ଥିବାବେଳେ ଏହା ପୂର୍ବରୁ ରାଜ୍ୟର ପ୍ରମୁଖ ୩ ଦଳ କାହାକୁ ପ୍ରାର୍ଥୀ କରିବେ ସେନେଇ ମାନସମନ୍ଥନ ଚଳାଇଛନ୍ତି। ବିଜେଡିର ୪ ଜଣିଆ ସମନ୍ୱୟ କମିଟି ବୈଠକ ସୋମବାର ବସିଥିଲା। କାହାକୁ ପ୍ରାର୍ଥୀ କଲେ ଦଳ ପାଇଁ ଭଲ ହେବେ ସେନେଇ ଆଲୋଚନା କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସେହିପରି କଂଗ୍ରେସ ପକ୍ଷରୁ ମଧ ଜୋରଦାର ପ୍ରସ୍ତୁତି ଚାଲିଛି। ଭାଜପା ଗତ ଦୁଇଟି ନିର୍ବାଚନରେ ବିଜେଡି ସହ କଡା ମୁକାବିଲା କରୁଥିବାରୁ ଏଥର ମଧ ଦଳ ବ୍ୟାପକ ରଣନୀତି ପ୍ରସ୍ତୁତି କରି ବିଜୟୀ ହେବାକୁ ପ୍ରୟାସ କରୁଛି। ନିଜ ପୂର୍ବ ସ୍ଥିତି ଫେରିପାଇବା ସକାଶେ କଂଗ୍ରେସ ବାରମ୍ବାର ବୈଠକ କରୁଥିବା ବେଳେ ବିଜେଡି ଏବଂ ଭାଜପା ଠାରୁ ଆଗୁଆ ଏକ କମିଟି ପ୍ରସ୍ତୁତ କରି ବିଜେପୁର ପାଇଁ କାର୍ଯ୍ୟ ଆରମ୍ଭ କରିଛି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବରୁ ବିଜେପୁରଠାରେ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଥିବା ବୈଠକ ଗୁଡିକରେ ଲୋକମାନେ ଯାହାସବୁ ପ୍ରସ୍ତାବ ରଖିଥିଲେ ତାକୁ ନେଇ ଆଲୋଚନା ହୋଇଛି। ଅନ୍ୟପଟେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ସେନେଇ ସ୍ଥିର କରିସାରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଜଣେ କମିଟି ସଦସ୍ୟ କହିଛନ୍ତି, ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିକଟକୁ ପ୍ରାର୍ଥୀ ତାଲିକା ପଠାଯିବା ସହିତ ବୁଧବାର ଚୂଡ଼ାନ୍ତ ନାମ ଘୋଷଣା କରାଯିବ। ଏଆଇସିସିକୁ ପଠାଯିବାକୁ ଥିବା ତାଲିକାରେ ୩ଜଣଙ୍କ ନାମ ରହିଛି। ମୁଖ୍ୟତଃ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ୍‌ଙ୍କ ପୁଅଙ୍କୁ ଏଥର ଦଳ ପ୍ରାର୍ଥୀ କରିବାର ଯଥେଷ୍ଟ ସମ୍ଭାବନା ରହିଥିବା ସେ କହିଛନ୍ତି।

ସେହିପରି ବିଜେଡି ମଧ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପୂର୍ବରୁ ବାରମ୍ବାର ମାନସମ୍ଥନ ଜାରି ରଖିଛି। ଦାୟିତ୍ୱ ପାଇଥିବା ୪ ବରିଷ୍ଠ ନେତା ଏନେଇ ଏକାଧିକ ଥର ରୁଦ୍ଧଦ୍ୱାର ବୈଠକ ଚଳାଇଛନ୍ତି। ବାହାରକୁ ଖବର ଯେପରି ନ ଯାଏ ତାକୁ ନେଇ ଦଳ ସମ୍ପୂର୍ଣ୍ଣ ସତର୍କତାର ସହ କାମ ଚଳାଇଛି। ଦଳ ମଧରେ ଆଶୀୟୀଙ୍କ ସଂଖ୍ୟା ବହୁ ମାତ୍ରାରେ ବଢିଯାଇଛି। ଆଶାୟୀଙ୍କ ସଂଖ୍ୟା କମାଇବା ଲାଗି ଦଳ ବହୁ ଉଦ୍ୟମ କରୁଛି। ତଥାପି ସମସ୍ୟା ଦୂରେଇବାର ନାଁ ନେଉନାହିଁ। କେତେକ ଅସନ୍ତୁଷ୍ଟଙ୍କୁ ବିଭିନ୍ନ ନିଗମ ଦାୟିତ୍ୱ ଦିଆସରିଛି। ହେଲେ ଆଉ କେତେଜଣ ଯେଉଁମାନେ ନିଗମ ପାଇ ନାହାନ୍ତି ସେମାନେ ଦଳୀୟ ଟିକେଟ ପାଇବାକୁ ଆଶା ବାନ୍ଧି ବସିଛନ୍ତି। ବୁଧବାର ବିଜେଡି ପକ୍ଷରୁ ପୁଣିଥରେ ନବୀନ ନିବାସରେ ବୈଠକ ବସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସେହିପରି ପ୍ରାର୍ଥୀ ଘୋଷଣା ମଧ କରାଯିବାର ସମ୍ଭାବନା ଯଥେଷ୍ଟ ରହିଛି।

ଭାଜପା ୩ ନେତାଙ୍କ ନାଁ ପାର୍ଲାମେଣ୍ଟାରୀ କମିଟି ନିକଟକୁ ପଠାଇ ଦେଇଛି ବୋଲି କହୁଛି। ଭାଜପାରେ ମଧ ଟିକେଟ ପାଇବାକୁ ଆଶାୟୀଙ୍କ ସଂଖ୍ୟା ଅଧିକ ରହିଛି। ଦଳ କିନ୍ତୁ କାହାକୁ ପ୍ରାର୍ଥୀ କରିବ ସେନେଇ ଜଣାପଡିନାହିଁ। ତେବେ ଭାଜପା ପକ୍ଷରୁ ଗତ ରବିବାର ଏକ ବୈଠକ ଭାଜପା ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଶ୍ଚିମ ଓଡିଶା ନେତାଙ୍କ ମଧରେ ଦାୟିତ୍ୱ ବଣ୍ଟାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ରାଜ୍ୟସ୍ତରରୁ ସେମିତି କୌଣସି ନେତାଙ୍କୁ ଦାୟିତ୍ୱ ସପକ୍ଷରେ ନିଷ୍ପତ୍ତି ହୋଇନାହିଁ।

# ସିଇଓଙ୍କ ଅଧକ୍ଷତାରେ ବସିଲା ସର୍ବଦଳୀୟ ବୈଠକ: ଯୋଗଦେଲାନି କଂଗ୍ରେସର ପ୍ରତିନିଧି

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ବିଜେପୁର ଉପନିର୍ବାଚନ ନିମନ୍ତେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କ ଅଧକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ସୁରେନ୍ଦ୍ର କୁମାର ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ବିଜେପୁର ଉପନିର୍ବାଚନ ପାଇଁ ଜାରି କରାଯାଇଥିବା ବିଜ୍ଞପ୍ତି, ନାମାଙ୍କନପତ୍ର ଦାଖଲର ଶେଷ ତାରିଖ, ନାମାଙ୍କନପତ୍ର ଯାଞ୍ଚ, ପ୍ରତ୍ୟାହାର, ମତଦାନ ତାରିଖ ଓ ଭୋଟ ଗଣତି ସହ ନିର୍ବାଚନ ପ୍ରକ୍ରିୟା ଶେଷ ଇତ୍ୟାଦି ତଥ୍ୟଗୁଡ଼ିକୁ ବୈଠକରେ ଅବଗତ କରାଇଛନ୍ତି। ବୈଠକରେ ଉପସ୍ଥିତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଅବଗତ କରାଇବା ପରେ ଆସନ୍ତା ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବା ଉପରେ ସୁରେନ୍ଦ୍ର କୁମାର ସେମାନଙ୍କ ସହଯୋଗ କାମନା କରିଛନ୍ତି। ବୈଠକରେ ବିଜେଡି ଓ ଭାଜପା ସଦସ୍ୟ ଉପସ୍ଥିତ ଥିବାବେଳେ କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳର ପ୍ରତିନିଧିମାନେ ଅନୁପସ୍ଥିତ ରହିଥିଲେ। ଉପନିର୍ବାଚନ ଘୋଷଣା ଦିନଠାରୁ ସମଗ୍ର ବରଗଡ଼ ଜିଲାରେ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ସର୍ବସାଧାରଣ କୋଠାଗୁଡିକରେ ନିର୍ବାଚନ ସମ୍ପର୍କିତ ବ୍ୟାନର, ହୋଡିଂ ଓ ପୋଷ୍ଟର ଗୁଡ଼ିକୁ ନ ଲଗାଇବା ପାଇଁ ରାଜନୈତିକ ଦଳ ଓ ସେମାନଙ୍କ କର୍ମୀମାନଙ୍କୁ ଅନୁରୋଧ କରାଯାଇଛି। ନାମାଙ୍କନପତ୍ର ଦାଖଲବେଳେ ପ୍ରାର୍ଥୀମାନେ ଫର୍ମ ନଂ ୨୬ରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ, ହେଲେ ସତ୍ୟପାଠ ଫର୍ମର କୌଣସି ସ୍ତମ୍ଭ କିମ୍ବା କୌଣସି ଧାଡ଼ି ଖାଲି ରହିବ ନାହିଁ। ଯଦି କୌଣସି ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ଥାଏ, ତେବେ ସେମାନେ ନର୍ବାଚନ ପ୍ରଚାର ସମୟରେ ୩ଥର ଗଣମାଧମରେ ସେନେଇ ପ୍ରଚାର ପ୍ରସାର କରାଇବେ। ପ୍ରଥମ ଥର ପାଇଁ ବିଜେପୁର ଉପନିର୍ବାଚନରେ ଇଭିଏମ୍/ଭିଭିପିଏଟି କ୍ଷେତ୍ରରେ ଏମ୍-୩ ଭର୍ସନ ମେଶିନ୍ ବ୍ୟବହାର କରାଯିବ ବୋଲି ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No.RDM–LAA–BLS–0002–2018/ 18678 R&DM, Dated: 3 JUL 2019

No.III–38 :– ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା–ଛୋଟକାହ୍ନୁପୁର, ଥାନା–ନିଳଗିରି ସଂ.୯୩, ତହସିଲ–ନିଳଗିରି, ଜିଲ୍ଲା–ବାଲେଶ୍ୱରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୧୦୭୩୪ ତା.୨୬।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା–ଛୋଟକାହ୍ନୁପୁର, ଥାନା–ନିଳଗିରି ସଂ.୯୩, ଜିଲ୍ଲା–ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟ୍ www.balasore.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ

ଜିଲ୍ଲା : ବାଲେଶ୍ୱର (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ : ନିଳଗିର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଛୋଟକାହ୍ନୁପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୧.୫୫୬ | ଏଥିସହିତ ସଂଲଗ୍ନ |

ତଫସିଲ-କ

ଜିଲ୍ଲା : ବାଲେଶ୍ୱର (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ : ନିଳଗିର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ - ୧୩।୦୭।୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ

**LAND SCHEDULE**

Land Acquisition for excavation of Salandi Left Main Canal of Anandapur Barrage Project of Vill-Chhotakanhupur, P.S.- Nilagiri, No.-93, Tahasil-Nilagiri, Dist.- Balasore, L.A. Case No.-12/2017

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ–ଜାତି, ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ୧ | ୮ | ଉଦୟ ନାଥ ଦାସ, ଉପେନ୍ଦ୍ର ନାଥ ଦାସ, ରାମ ଚନ୍ଦ୍ର ଦାସ, ପି–ଭାସ୍କର ଚନ୍ଦ୍ର ଦାସ, ଜା–ଖଣ୍ଡାୟତ, ବା–ମିରିଗିଣି | ୩୫୬ | ଶାରଦ ଅଣଜଳସେଚିତ ଦୁଇ | ଏ୦.୨୦୫ | ଏ୦.୦୦୫ |
| | | | ୩୫୭ | ଶାରଦ ଅଣଜଳସେଚିତ ଦୁଇ | ଏ୦.୩୧୬ | ଏ୦.୧୮୫ |
| ୨ | ୨୩ | ଗଦାଧର ପାତ୍ର, ପି–ଭଗବାନ ପାତ୍ର, ଜା–ପାତ୍ର ତନ୍ତି, ବା– ନିଜଗାଁ | ୩୫୮ | ଶାରଦ ଅଣଜଳସେଚିତ ଦୁଇ | ଏ୦.୧୩୩ | ଏ୦.୦୮୪ |
| ୩ | ୪୨ | ନିଳମଣି ପାତ୍ର, ପି–ଭାଲୁଆ ପାତ୍ର, ଜା–ପାଣ, ବା–ନିଜଗାଁ | ୩୬୧ | ଶାରଦ ଅଣଜଳସେଚିତ ଦୁଇ | ଏ୦.୧୪୮ | ଏ୦.୧୪୮ |
| | | | ୩୭୫ | ଜଳାଶୟ ଦୁଇ | Withdrawn | |
| ୪ | ୫୯ | ବଳଭଦ୍ର ଦ୍ୱିବେଦୀ, ପୁଳିନ ଦ୍ୱିବେଦୀ, ଅନ୍ତର୍ଯ୍ୟାମୀ ଦ୍ୱିବେଦୀ, ପି–ନାରାୟଣ ଦ୍ୱିବେଦୀ, ଦେବାଶିଷ ଦ୍ୱିବେଦୀ, ପି–ବିଭୁତି ଭୂଷଣ ଦ୍ୱିବେଦୀ, ନିରବତୀ ଦ୍ୱିବେଦୀ, ସ୍ୱା–ବିଭୁତିଭୂଷଣ ଦ୍ୱିବେଦୀ, ଜା–ବ୍ରାହ୍ମଣ, ବା–ମିରିଗିଣି | ୨୮୬ | ଶାରଦ ଅଣଜଳସେଚିତ ଦୁଇ | ଏ୦.୨୪୦ | ଏ୦.୦୭୯ |
| ୫ | ୬୭ | ବିଦ୍ୟାଧର ପାତ୍ର, ଶଶିଧର ପାତ୍ର, ଶ୍ରୀକାନ୍ତ ପାତ୍ର, ପି–ଭାଗିରଥୀ ପାତ୍ର, ସାବିତ୍ରୀ ପାତ୍ର, ସ୍ୱା–ଭାଗିରଥୀ ପାତ୍ର, ଯତୀନ୍ଦ୍ର ପାତ୍ର, ପି–ଗଙ୍ଗାଧର ପାତ୍ର, ଜା–ପତ୍ରତନ୍ତି, ବା–ନିଜଗାଁ | ୩୬୪ | ଶାରଦ ଅଣଜଳସେଚିତ ଦୁଇ | ଏ୦.୧୩୧ | ଏ୦.୦୮୨ |
| ୬ | ୬୯ | ବିଶ୍ୱନାଥ ପାତ୍ର, କାଶୀନାଥ ପାତ୍ର, ପି–ବାବୁ ପାତ୍ର, ମହନ ପାତ୍ର, ବନମାଳୀ ପାତ୍ର, ପି–ପୁରିଆ ପାତ୍ର, ଜା–ପତ୍ରତନ୍ତି, ବା–ନିଜଗାଁ | ୩୬୨ | ଶାରଦ ଅଣଜଳସେଚିତ ଦୁଇ | ଏ୦.୧୪୮ | ଏ୦.୧୪୮ |
| ୭ | ୭୦ | ବିଶ୍ୱନାଥ ପାତ୍ର, କାଶୀନାଥ ପାତ୍ର, ପି–ବାବୁ ପାତ୍ର, ମହାନ ପାତ୍ର, ବନମାଳୀ ପାତ୍ର, ପି–ପୁରିଆ ପାତ୍ର, ଗଣନାଥ ପାତ୍ର, ପି–ମହନ ପାତ୍ର, ଜା–ପତ୍ରତନ୍ତି, ବା–ନିଜଗାଁ | ୩୫୯ | ଶାରଦ ଅଣଜଳସେଚିତ ଦୁଇ | ଏ୦.୧୧୪ | ଏ୦.୧୧୪ |
| ୮ | ୭୧ | ବିଶ୍ୱନାଥ ପାତ୍ର, କାଶୀନାଥ ପାତ୍ର, ପି–ବାବୁ ପାତ୍ର, ଦନା ପାତ୍ର, ମହନ ପାତ୍ର, ପି–ପୁରିଆ ପାତ୍ର, ଜା–ପତ୍ରତନ୍ତି, ବା–ନିଜଗାଁ | ୩୭୭ | ଘରବାରି | Withdrawn | |
| ୯ | ୭୫ | ମଦନ ମୋହନ ପରିଡା, ପି–ପ୍ରାଣବନ୍ଧୁ ପରିଡା, ଜା–ଖଣ୍ଡାୟତ, ବା–ମିରିଗିଣି | ୨୮୭ | ଶାରଦ ଅଣଜଳସେଚିତ ଦୁଇ | ଏ୦.୬୬୬ | ଏ୦.୪୭୪ |
| ୧୦ | ୯୪ | ରାମଚନ୍ଦ୍ର ପାତ୍ର, ଲକ୍ଷ୍ମଣ ପାତ୍ର, କୃଷ୍ଣ ପାତ୍ର, ପି–ବନମାଳୀ ପାତ୍ର, ଜା–ପତ୍ରତନ୍ତି, ବା–ନିଜଗାଁ | ୩୭୪ | ଘରବାରି | Withdrawn | |
| | | | ୩୭୬ | ଘରବାରି | | |
| ୧୧ | ୯୯ | ଶତ୍ରୁଘ୍ନ ଦ୍ୱିବେଦୀ, ପି–ଭାଗବତ ଦ୍ୱିବେଦୀ, ରାଧାକୃଷ୍ଣ ଦ୍ୱିବେଦୀ, ପି–କାଶୀନାଥ ଦ୍ୱିବେଦୀ, ନାରଣ ଦ୍ୱିବେଦୀ, ପି–ରଘୁନାଥ ଦ୍ୱିବେଦୀ, ଜା–ବ୍ରାହ୍ମଣ, ବା–ମିରିଗିଣି | ୨୮୫ | ଶାରଦ ଅଣଜଳସେଚିତ ଦୁଇ | ଏ୦.୧୪୮ | ଏ୦.୦୨୦ |
| ୧୨ | ୧୧୫ | ହେମେନ୍ଦ୍ର ଦଳେଇ, ପି–ଶ୍ୟାମ ଦଳେଇ, ପୁରସ୍ତମ ଦଳେଇ, ହଗୁରୁ ଦଳେଇ, ପି–ଭଗି ଦଳେଇ, ଜା–ଖଣ୍ଡାୟତ, ବା–ମିରିଗିଣି | ୩୬୦ | ଶାରଦ ଅଣଜଳସେଚିତ ଦୁଇ | ଏ୦.୧୬୮ | ଏ୦.୧୬୮ |
| **ଗୋଚର ପ୍ରତିବଦଳ ଜମି** | | | | | | |
| ୧୩ | ୬୭ | ବିଦ୍ୟାଧର ପାତ୍ର, ଶିଶିଧର ପାତ୍ର, ଶ୍ରୀକାନ୍ତ ପାତ୍ର, ପି–ଭାଗୀରଥୀ ପାତ୍ର, ସାବିତ୍ରୀ ପାତ୍ର, ସ୍ୱା–ଭାଗୀରଥୀ ପାତ୍ର, ଯତୀନ୍ଦ୍ର ପାତ୍ର, ପି–ଗଙ୍ଗାଧର ପାତ୍ର, ଜା–ପତ୍ରତନ୍ତି, ବା–ନିଜଗାଁ | ୩୬୪ | ଶାରଦ ଅଣଜଳସେଚିତ ଦୁଇ | ଏ୦.୧୩୧ | ଏ୦.୦୪୯ |
| | | | | **ମୋଟ** | **ଏ୨.୬୪୮** | **ଏ୧.୫୫୬** |

24001/14/0191/1920



**OFFICE OF THE**
## CHIEF DISTRICT MEDICAL OFFICER, KEONJHAR

Advt. Letter No. 4577 Dated: 23.09.2019

**TENDER CALL NOTICE**

**No. 357-E:-** Sealed tenders are invited from the interested firms / agencies / organization for supply of ASHA HBNC KIT as per given specifications and details of terms and conditions as available in Keonjhar district website i.e. www.keonjhar.nic.in. Interested firms / agencies / organization are requested to submit Tender (under two bid system) along with necessary documents (Technical & Financial Bid separately and Outer envelope must contain the said two bids documents) in the Office of the CDM&PHO, Keonjhar on or before dt.14.10.2019 till 5.30PM through Sped Post / Regd. Post / Courier only. The authority reserves all the rights to cancel or reject the any or all tender without assigning any reason thereof.

*Sd./- Chief District Medical & Public Health Officer, Keonjhar*

10033/11/0016/1920



## OFFICE OF THE MUNICIPAL COUNCIL, BELPAHAR

No.2552 Dt.19.09.2019

06645-250458, FAX-06645-250236
Email – nacbelpahar@gmail.com

**Notice Inviting Expression of Interest (EOI)**

Expression of Interest (EOI), are invited from reputed Consultants/ Architects/ Firms/ Technical institutions/ Specialized experts having valid PAN, GSTIN and service tax registration certificates at least 10 years of experience who are already involved in preparation of plan, design, detailed estimate, rate analysis, supervision of work, field survey, suitable feasibility test, Soil bearing capacity test, study of required data as per OPWD and related guidelines governing stipulations for preparation of a DETAILED PROJECT REPORT(DPR), including plan, site map, detailed drawing, structural design, estimate, SBC test in respect of following projects to be executed in Belpahar Municipality, Belpahar, Dist. Jharsuguda-768218, Odisha on percentage rate basis.

The quotationers should be qualified architect and registered member of Council of Architecture. In case of proprietorship firm the proprietor and in case of partnership firm all the partner must have valid registration under Council of Architecture. The consultant should have previous experience and must have completed similar nature of works under any developmental authority or Urban Local Bodies of the state, preference shall be given to those consultant having financial turnover of 1 crores and above during last three financial year. The quotation shall be submitted through registered post/ speed post only (Not through courier service) on or before 30.09.2019 by 5.00 P.M. And the same will be opened at 11.00 A.M. on dt. 01.10.2019 in presence of the quotationers or their authorized representatives, who may be present at the time of opening of the quotation. If the office happens to be closed on the date of the receipt & opening of the quotation as specified the quotation will be received & opened on the next working day at the same time & venue. Any postal delay will not be responsibility of the undersigned. This is purely responsibility of the quotationers. The authority reserve the right to cancel all or any quotation without assigning any reason thereof.

1. **Construction of Bus Stand at Belpahar Municipality.**
2. **Construction of Model Crematorium at Belpahar Municipality.**
3. **Construction of Smart Park at Belpahar Municipality.**

**Sd./- Executive Officer**
**Belpahar Municipality**



## ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.

OPTCL

A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

Advt.No.05/2019-20 **NOTICE INVITING TENDER**

Sealed tenders are invited from **VEHICLE OWNERS/TRAVEL AGENCIES** for Engagement of one number hired Non-A/C Bolero(9 Seater) or equivalent required for the field & office works of DGM, EHT (O&M) Sub-Division, Narendrapur under EHT(0&M) Division, Berhampur on monthly basis with daily hiring rate along with copies of required documents of the Vehicle, GST registration no. & copy of valid PAN of the owner. The said vehicle should not be more than 3 years old from the date of initial Registration. Commencement of Sale of Tender Paper: - From Dated 25.09.2019 to Dated 17.10.2019 upto 5.00 PM (GST Registration No. is to be produced at the time of purchase of Tender Specification) Last Date of Submission of Tender Paper: - Dated 18.10.2019 up to 02.00 PM. Date of Opening of Tender Paper : Dated 18.10.2019 at 3.00 PM. Cost of Tender Paper : Rs.2,000 + GST @12% = Rs.2,240/- For details please visit our website **www.optcl.co.in** Corrigendum if any will be published in the website only.

*General Manager (Elect.)*



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## ODISHA INDUSTRIAL INFRASTRUCTURE DEVELOPMENT CORPORATION
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/B-4091/19-20/3539 Dt.21.09.2019

**TENDER CALL NOTICE**

**Name of the Work :-** Hire charges for 1 no. 750KVA Silent type DG set (without fuel) including changeover panel, cabling with operator for 3 shifts at Fortune Tower, Bhubaneswar.

| | |
|---|---|
| Period of Completion | : One calendar month |
| Date of Availability of Tender | : 25.09.19 to 30.09.19 upto 11.00 hrs to 16.00 hrs |
| Last Date of Submission | : Up to 15.00 Hrs of 04.10.2019 |
| Date of Opening of Tender | : At 16.00 Hrs on 04.10.2019 |
| Procurement Officer | : Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact **Er. S. K. Dash, Manager (Electrical)** at Tel. No. (0674) 2541766 during office hours.

Sd/-
**Divisional Head (Electrical), IDCO, Bhubaneswar**



## ODISHA HYDRO POWER CORPORATION LTD.

OHPC

OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006
PHONE – 06854-242001. FAX – 06854242038.
E-mail: sgmel_ukhep@ohpcltd.com
CIN:U401010R1995SGC003963

No. CAD-416:

**e-PROCUREMENT NOTICE No.- UKHEP/ET - 04/2019-20, Dated.23.09.2019**

The C&P Head, Upper Kolab Hydro Electric Project, Bariniput, Korpaut, Odisha invites **percentage rate bid** in **Double cover system** in **ONLINE MODE** only from eligible contractors for the works as mentioned below.

| Sl No. | Name of the work | Approx. Estimated cost (in ₹) | E.M.D. (in ₹) | Cost of bid document | Class of Contractor | Availability of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Renovation and interior design of suit no.1,2&3, Dining Room, Kitchen Room and Conference Room of Erector's Hostel including extension of suit no.1, UKHEP, Bariniput. | 35,50,646/- | 36000/- | 7080/- (Rs.7000+18% GST) | "B" & "C" Class Having electrical license issued by ELBO | From 10:00 AM of 01.10.2019 to 17:00 Hrs of 15.10.2019 | At 11.30 Hrs. of 18.10.2019 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

04002/11/0026/1920 **Unit Head, UKHEP, Bariniput**



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍ – (୦୬୭୪) ୨୩୯୩୫୨୪
ଇପିବିଏକ୍ସ; (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୫୦ **ବିଜ୍ଞାପନ** ତା: ୧୬।୦୯।୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଭିଆଇଏମ୍–୪୫୫ (VIM-455), ଷଷ୍ଠ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଲିଙ୍ଗମ ରାଜଶେଖର, ପିତା–ସାମ୍ଭଶିବ ରାଓ, ସା– ୪୫–୧୫–୭୯/ଏ.ଜି.ଟି. ପାଲେମ୍, ପୋ.– ନୂଆ ରେଳ କଲୋନୀ, ଥାନା/ଜିଲ୍ଲା: ବିଶାଖାପାଟ୍ଟନମ୍, ରାଜ୍ୟ–ତେଲେଙ୍ଗାନାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଲିଙ୍ଗମ ରାଜ ଶେଖର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରିତୁ ମାଇତି, ସ୍ୱାମୀ– ଶ୍ରୀ ସଜଳ କୁମାର, ସା– ଏଗ୍ରା ପୋଷ୍ଟଅଫିସ୍ ନିକଟ, ପୋ– ଏଗ୍ରା, ଥାନା– ପୂର୍ବ ମିଦିନାପୁର, ଜିଲ୍ଲା– ପୂର୍ବମିଦିନାପୁର, ପଶ୍ଚିମବଙ୍ଗଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ରାଶି ବୁଣୁଥିଲେ...

ଢିପ ଜମିରେ ରାଶି ବୁଣିବା ପାଇଁ ବର୍ତ୍ତମାନ ହିଁ ଉପଯୁକ୍ତ ସମୟ। ଏକର ପ୍ରତି ୪ କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ସଢ଼ା ଗୋବର ଖତ ସହି ୬କିଗ୍ରା ଯବକ୍ଷାରଜାନ,୬କି.ଗ୍ରା ଫସଫରସ ଓ ୬କିଗ୍ରା ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା- ପ୍ରାଚୀ,ନିର୍ମଳା,କନକ,କାଳିକା,ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନ ରଖନ୍ତୁ।



ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା ବିହନରେ ୩ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା ଯବକ୍ଷାରଜାନ, ୮କିଗ୍ରା ଫସଫରସ ଓ ୮କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

## କଡ଼ାର କିସମ...



ଅରୁଣା, ଜ୍ୟୋତି, କ୍ରାନ୍ତି.ଏସ୍.ଏ – ୧ ଏବଂ କିସି–୨ ଆଦି କିସମ ସଂଗ୍ରହ କରନ୍ତୁ ଓ ବୁଣାବୁଣି ଶୀଘ୍ର ଶେଷ କରନ୍ତୁ। ଜଡାକୁ ଅନ୍ତ ଫସଲ ଭାବେ ନ ନେଇ ଏକକ ଫସଲ ଭାବେ ଚାଷ କରନ୍ତୁ। ଭଲ ଗଜା ହେବା ପାଇଁ ଲଗାଇବା ପୂର୍ବରୁ ବିହନକୁ ୨୪ ରୁ ୪୮ ଘଣ୍ଟା ପାଣିରେ ବତୁରାଇ ଦିଅନ୍ତୁ। ଏକର ପ୍ରତି ୮ କିଗ୍ରା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ୧ କିଗ୍ରା ବିହନକୁ ଗ୍ରାମ୍ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡିକୁ ଧାଡି ୬୦ ସେମି ଓ ଗଛକୁ ଗଛ ୩୦ ରୁ ୪୫ ସେମି ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୧୦ କିଗ୍ରା ଯବକ୍ଷାରଜାନ, ୧୨ କିଗ୍ରା ଫସ୍‌ଫରସ୍ ଓ ୧୨ କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

## ବାଇଗଣରେ କାଣ୍ଡବିନ୍ଧା ପୋକ ଦମନ

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଆପଣାନ୍ତୁ। ଏହି ପଦ୍ଧତିଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲିଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।





# ଗୋଲାପ ଗଛରେ କାଟ୍‌ଛାଣ୍ଟ

ଗୋଲାପକୁ ସାଧାରଣତଃ ଫୁଲର ରାଣୀ କୁହାଯାଏ। ବ୍ୟବସାୟିକ ଭାବେ ଏହି ଫୁଲ ଚାଷ ସାରା ଭାରତବର୍ଷରେ ସବୁଠାରୁ ଅଧିକ। ଗୋଲାପ ଫୁଲକୁ ସାଧାରଣତଃ କଟାଫୁଲ, ଝରାଫୁଲ ବ୍ୟତୀତ ଅତର, ବାସ୍ନାତେଲ, ଗୁଲକନ୍ଦ ଓ ଗୋଲାପ ଜଳ ପ୍ରଭୃତି ପ୍ରସ୍ତୁତିରେ ବ୍ୟବହାର କରାଯାଏ। ଦେଶ ଓ ବିଦେଶରେ ଗୋଲାପର ଚାହିଦା ସବୁଠାରୁ ଅଧିକ। ତେଣୁ ଏହାର ଆବଶ୍ୟକତାକୁ ଭିତ୍ତି କରି ଆଜିକାଲି ଆମ ରାଜ୍ୟର ଚାଷୀ ଭାଇମାନେ ବହୁଳ ପରିମାଣରେ ଗୋଲାପ ଚାଷ କରିବାକୁ ମନ ବଳେଇଲେଣି। ଆଉ କେତେକ ଚାଷୀ ଭାଇ ଏହାକୁ ମଧ୍ୟ ବ୍ୟବସାୟିକ ଭିତ୍ତିରେ ଆପଣେଇଲେଣି। ସାଧାରଣତଃ ମଧ୍ୟମ ଜଳବାୟୁରେ ଗୋଲାପ ଗଛରେ ବର୍ଷସାରା ଫୁଲ ଆସିଥାଏ। କିନ୍ତୁ ଗ୍ରୀଷ୍ମ ଓ ବର୍ଷାଦିନ ଅପେକ୍ଷା ଶୀତଦିନେ ଫୁଲର ମାନ, ଆକାର ଓ ଉତ୍ପାଦନ ବଢ଼ିଥାଏ। କାରଣ ଶୀତଦିନେ ବାୟୁମଣ୍ଡଳର ଉତ୍ତାପ ୧୮ଡିଗ୍ରୀ ସେଲ୍‌ସିୟସ୍‌ରୁ କମ୍ ଥାଏ ଏବଂ ଗୋଲାପର ମାନ କେବଳ ପ୍ରଚୁର ସୂର୍ଯ୍ୟାଲୋକରେ ହିଁ ଭଲ ହୋଇଥାଏ। ଗଛ ବେଶି ଝଙ୍କାଳିଆ ହେଲେ ସେଥିରେ ରୋଗପୋକର ପ୍ରାଦୁର୍ଭାବ ଅଧିକ ପରିଲକ୍ଷିତ ହେବା ସଙ୍ଗେ ସଙ୍ଗେ ଏହାର ଉତ୍ପାଦନ ହ୍ରାସ ମଧ୍ୟ ପାଇଥାଏ। ତେଣୁ ଗୋଲାପ ଗଛକୁ ପ୍ରତି ବର୍ଷ ଡିସେମ୍ବରରୁ ଜାନୁୟାରୀ ମାସର ପ୍ରାରମ୍ଭ ସୁଦ୍ଧା ଏହାର ଶାଖା ଓ ପ୍ରଶାଖାକୁ କାଟ୍‌ଛାଣ୍ଟ କରିବା ଦରକାର।

ଗୋଲାପ ଗଛ ପ୍ରତିବର୍ଷ କାଟ୍‌ଛାଣ୍ଟ ଆବଶ୍ୟକ କରିଥାଏ। ଏହାଦ୍ୱାରା ଫୁଲର ଆକାରରେ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଫୁଲର ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଥାଏ। ସାଧାରଣତଃ କାଟ୍‌ଛାଣ୍ଟ ବର୍ଷକୁ ୨ ଥର କରାଯାଏ। ପ୍ରଥମତଃ ବର୍ଷାଋତୁ ପରେ ଏବଂ ଦ୍ୱିତୀୟତଃ ଡିସେମ୍ବର ମାସର ଶେଷ ସପ୍ତାହ ବେଳକୁ। ଆମ ରାଜ୍ୟରେ ଅକ୍ଟୋବର ମାସର ଦ୍ୱିତୀୟ ସପ୍ତାହରୁ ନଭେମ୍ବର ମାସର ପ୍ରଥମ ସପ୍ତାହ ମଧ୍ୟରେ କାଟ୍‌ଛାଣ୍ଟ କରାଯାଏ। ମାତ୍ର ଡିସେମ୍ବର ମାସର ଶେଷ ସପ୍ତାହରୁ ଜାନୁୟାରୀ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ କାଟ୍‌ଛାଣ୍ଟ କଲେ ସମ୍ପୂର୍ଣ୍ଣ ଶୀତଋତୁରେ ଏବଂ ବସନ୍ତଋତୁରେ ପ୍ରଚୁର ଫୁଲ ମିଳିଥାଏ। କାଟ୍‌ଛାଣ୍ଟର ୬-୭ ସପ୍ତାହ ପରେ ପ୍ରଥମ ଫୁଲ ଆସିଥାଏ। କାଟ୍‌ଛାଣ୍ଟ ସମୟରେ ଗଛର ସମସ୍ତ ରୋଗଣା, ପୋକଖିଆ ତଥା ଶୁଖିଥିବା ଡାଳ ଏବଂ ଗଛର ଆବଶ୍ୟକତା ଅନୁସାରେ ଡାଳରଖି ଅତ୍ୟଧିକ ଡାଳକୁ କାଟି ଦିଅନ୍ତୁ। କାଟିବା ସମୟରେ ବାହାର ପାଖରୁ ବାହାରିଥିବା ଗୋଟିଏ କଳିକାର ଉପରୁ ୦.୫ ସେ.ମି. ଛାଡ଼ି ଏକ ତୀକ୍ଷ୍ଣ ଏବଂ ତୀର୍ଯ୍ୟକ ଭାବେ କାଟନ୍ତୁ। କଟା ଅଂଶରେ ବୋର୍ଡୋକ୍ସ ଦ୍ରବଣ (୧୦ ପ୍ରତିଶତ) କିମ୍ବା ଏକ ଲିଟର ପାଣିରେ ୩୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ (ବ୍ଲାଇଟକ୍ସ-୫୦) ମିଶାଇ ଲେପ ପ୍ରସ୍ତୁତ କରି କାଟିଥିବା ସ୍ଥାନରେ ପ୍ରୟୋଗ କରନ୍ତୁ।

ବିଭିନ୍ନ ପ୍ରକାର ଗୋଲାପ ପାଇଁ କାଟ୍‌ଛାଣ୍ଟର ପ୍ରଣାଳୀ ଅଲଗା ଅଲଗା ହୋଇଥାଏ।

*-ହାଇବ୍ରିଡ୍ ଟି:* ସମସ୍ତ ରୋଗଣା ଏବଂ ଦୁର୍ବଳ ଡାଳ କାଟିବା ସହିତ ପୂର୍ବବର୍ଷ ବଢ଼ିଥିବା ୪-୫ ଗୋଟି ଡାଳର ୫-୬ ଟି ଆଖି ରଖି ଅନ୍ୟ ସବୁକୁ କାଟି ଦିଅନ୍ତୁ।

*- ଫ୍ଲୋରିବୁଣ୍ଡା:* ଗୋଟିଏ ଗଛରୁ ଅଧିକ ସଂଖ୍ୟକ ଫୁଲ ପାଇବା ପାଇଁ ଏଥିରେ କମରୁ ମଧ୍ୟମ ଧରଣର କାଟ୍‌ଛାଣ୍ଟ କରନ୍ତୁ। ସର୍ବୋପରି ମିନିଏଚର ଏବଂ ଲତା ଜାତୀୟ ଗୋଲାପରେ ଖୁବ୍ କମ୍‌ରୁ ଅତି କମ୍ କାଟ୍‌ଛାଣ୍ଟ କରିଲେ ଭଲ।

**ଖତ ଓ ସାର:** କାଟ୍‌ଛାଣ୍ଟ ପରେ ଗୋଲାପ ଗଛରେ ପ୍ରଚୁର ପରିମାଣରେ ଜୈବିକ ସାର ଓ ଖତ ପ୍ରୟୋଗ କରିବା ଆବଶ୍ୟକ। ସାଧାରଣତଃ କାଟ୍‌ଛାଣ୍ଟର ୧୫ ଦିନ ପରେ ଗଛ ମୂଳକୁ କୋଡ଼ାଖୋସା କରି ଅନାବନା ଘାସ ସବୁ ବାଛନ୍ତୁ। ପରେ ପ୍ରତି ଗଛ ପିଛା ୬-୧୦ କେଜି କମ୍ପୋଷ୍ଟ ସହ ତରଳ ଖତର ବ୍ୟବହାର କରନ୍ତୁ। ଏଭଳି କଲେ ଫୁଲର ମାନ ଓ ଉତ୍ପାଦନରେ ବୃଦ୍ଧି ଘଟିଥାଏ। ଏଥିପାଇଁ ୧ କେଜି କଞ୍ଚା ଗୋବରକୁ ୧ କେଜି ସୋରିଷ ପିଡ଼ିଆ ସହ ୧୦ ଲିଟର ପାଣିରେ ମିଶାଇ ଗୋଟିଏ ମିଶ୍ରଣ ପ୍ରସ୍ତୁତ କରି ବଡ଼ ଡ୍ରମ୍‌ରେ ରଖନ୍ତୁ। ତା'ପରେ ଏହାକୁ ପ୍ରତିଦିନ ଘାଣ୍ଟନ୍ତୁ। ୭-୧୦ ଦିନ ପରେ ଏହି ମିଶ୍ରଣକୁ ଛଣା ସାହାଯ୍ୟରେ ଛାଣି ୧:୧୦ ଅନୁପାତରେ ମିଶାଇ କଢ଼ ହେବା ପରଠାରୁ ଫୁଲ ଫୁଟିବା ପର୍ଯ୍ୟନ୍ତ ପ୍ରତି ୧୦-୧୨ ଦିନ ବ୍ୟବଧାନରେ ଗଛକୁ ବୁଡ଼ାଇ ସିଞ୍ଚନ କରନ୍ତୁ।

ଏହାଛଡ଼ା ଜୈବିକ ସାର ହିସାବରେ ଗଛ ପିଛା ୫୦ ଗ୍ରାମ ନିମ୍ବପିଡ଼ିଆ କିମ୍ବା କରଞ୍ଜ ପିଡିଆକୁ ବ୍ୟବହାର କରନ୍ତୁ। ସାର ହିସାବରେ ପ୍ରତି ଗଛ ପିଛା ଯବକ୍ଷାରଯାନ ୩୦-୪୦ ଗ୍ରାମ, ୫୦ଗ୍ରାମ୍, ଫସ୍‌ଫରସ୍ ୨୦ ଗ୍ରାମ୍ ଏବଂ ପଟାସ୍ ୩୦ ଗ୍ରାମ୍ କାଟ୍‌ଛାଣ୍ଟର ୨୦ ଦିନ ପରେ ପ୍ରୟୋଗ କରନ୍ତୁ।

ଗୋଲାପ ଗଛରେ ବହୁତ ଅଣୁସାରର ଅଭାବ ମଧ୍ୟ ପରିଲକ୍ଷିତ ହୋଇଥାଏ। ତେଣୁ ଅଣୁସାରର ଅଭାବକୁ ଦୂର କରିବା ପାଇଁ ନୂତନ ପତ୍ର ବାହାରିବାର ୧୫ ଦିନ ପରେ ୮ ଗ୍ରାମ୍ ମ୍ୟାଗ୍ନେସିୟମ୍ ସଲଫେଟ୍, ୬ ଗ୍ରାମ୍ ମାଙ୍ଗାନିଜ୍ ସଲଫେଟ୍ ଏବଂ ୨ ଗ୍ରାମ୍ ବୋରାକ୍ସକୁ ୧୦ଲି. ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ସିଞ୍ଚନ କରିବାର ଆଉ ୧୫ ଦିନ ପରେ ପୁନର୍ବାର ଏହି ମିଶ୍ରଣକୁ ପ୍ରୟୋଗ କରିବା ଆବଶ୍ୟକ।

**ଜଳସେଚନ:** ଗଛରେ ସାର ପ୍ରୟୋଗ କରିବା ପରେ ସଙ୍ଗେ ସଙ୍ଗେ ଜଳସେଚନ କରନ୍ତୁ। ଜଳସେଚନ ସାଧାରଣତଃ ଗଛ ମୂଳକୁ ଗୋଲେଇ କରି ଦିଆଯାଏ। ଯାହାଦ୍ୱାରା କି ଗଛ ମୂଳକୁ ପାଣି ଲାଗିବ ନାହିଁ। ସର୍ବଦା ମାଟିର ବତର ଦେଖି ଜଳସେଚନ କରିବା ଆବଶ୍ୟକ।

**ରୋଗ ଓ ପୋକ ପରିଚାଳନା–**

*- କଳାଦାଗ:* ଏହି ଦାଗ ସାଧାରଣତଃ ପତ୍ରରେ ଦେଖାଦେଇଥାଏ। ପ୍ରାରମ୍ଭରୁ ଦାଗଟି ଛୋଟ ହୋଇ କାଳକ୍ରମେ ବଡ଼ ଆକୃତିରେ ପରିଣତ ହୋଇ ପତ୍ର ଝଡ଼ି ପଡ଼ି ଫୁଲର ଆକାର କମିଯାଏ। ଏହାର ନିରାକରଣ ପାଇଁ (କାର୍ବେଣ୍ଡାଜିମ୍ + ମାନ୍‌କୋଜେବ୍) ୨ ଗ୍ରାମ ୧ଲି. ପାଣିରେ ମିଶାଇ ଗଛକୁ ପ୍ରୟୋଗ କରିବା ଉଚିତ।

*-ପାଉଁଶିଆ ରୋଗ:* ଏହାର ପ୍ରାଦୁର୍ଭାବରୁ ରକ୍ଷା କରିବା ପାଇଁ ସଲ୍‌ଫେକ୍ସ ଗୁଣ୍ଡ ୩ ଗ୍ରାମ୍/୧ଲି. ପାଣିରେ ମିଶାଇ ସିଞ୍ଚନ କରିବା ସହ ବେନୋମିଲ୍ (୧ ଗ୍ରାମ୍/୧ ଲି. ପାଣିରେ) ମିଶାଇ ସିଞ୍ଚନ କରିବା ଆବଶ୍ୟକ।

***ପୋକ ପରିଚାଳନା–***

*ପତ୍ରଖିଆ ପୋକ:* ଫସଲରେ ନିମ୍ବତେଲ କିମ୍ବା କରଞ୍ଜ ତେଲ ୫-୭ ମି.ଲି./୧ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ସିଞ୍ଚନ କଲେ ଏହି ପତ୍ରଖିଆ ପୋକରୁ ଉପଶମ ମିଳିଥାଏ।

*କଢ଼ଖିଆ ପୋକ:* ଏଥିପାଇଁ ନିମାଜୋଲ (୩ ମି.ଲି./୧ ଲି. ପାଣି) କିମ୍ବା କାର୍‌ଟ୍ରାପ୍ ହାଇଡ୍ରୋକ୍ଲୋରାଇଡ୍ ୨ ଗ୍ରାମ୍/୧ ଲି. ପାଣିରେ ମିଶାଇ କଢ଼କୁ ସିଞ୍ଚନ କରିବା ଆବଶ୍ୟକ।

*ଜଉ ପୋକ:* ଏହା ଏକ ଶୋଷକ ଜାତୀୟ ପୋକ। ଏମାନେ ଗଛରେ ପତ୍ରକୁ ଶୋଷିଖାଇବା ସହ କଢ଼କୁ ମଧ୍ୟ ସଂପୂର୍ଣ୍ଣ ଭାବରେ ଶୋଷି ଖାଇ ଦେଇଥାନ୍ତି। ଏଥିପାଇଁ ଥାଇଓମିଥୋକ୍‌ଜାମ୍ (୧ ଗ୍ରାମ୍/ ୧ଲି ପାଣି) କିମ୍ବା ଏସିଟାସିପ୍ରିଡ୍ ୦.୫ ଗ୍ରାମ୍/୧ ଲି. ପାଣିରେ ମିଶାଇ ସିଞ୍ଚନ କରିବା ଦରକାର।

**ଅମଳ:** ଲଗାଇବାର ୧ ବର୍ଷ ପରେ ଗୋଲାପ ଗଛରୁ ଫୁଲ ମିଳିଥାଏ। କିନ୍ତୁ ୩-୪ ବର୍ଷ ପରେ ବ୍ୟବସାୟିକ ଭିତ୍ତିରେ ଫୁଲ ଅମଳ କରାଯାଏ। ଗୋଟିଏ ଗଛ ପିଛା ୭୦-୧୦୦ ଫୁଲ ଅମଳ ମିଳିଥାଏ। ସାଧାରଣତଃ ସକାଳ ବେଳା କିମ୍ବା ସନ୍ଧ୍ୟା ସମୟରେ ଫୁଲ ତୋଳିବା ଭଲ। ସାଧାରଣତଃ ହାତରେ ନ ଛିଣ୍ଡାଇ ଧାରୁଆ ସିକେଚର୍ ସାହାଯ୍ୟରେ ଡେଙ୍ଗର ଲମ୍ବଠାରୁ ୨ ସେ.ମି. ଅଧିକ କରି କାଟନ୍ତୁ। ଆଉ ସଙ୍ଗେ ସଙ୍ଗେ ଏହାକୁ ପ୍ଲାଷ୍ଟିକ୍ ବାଲ୍‌ଟିରେ ପରିଷ୍କାର ପାଣି ରଖି ସେଥିରେ ଭଲ ଭାବରେ ଧୁଅନ୍ତୁ। ତା'ପରେ ପ୍ରିଜର୍‌ଭେଟିଭ୍ (ସିଲ୍‌ଭର ଥାଇଓସଲ୍‌ଫେଟ୍) ଦେଇ ଫୁଲର ବେକ ପର୍ଯ୍ୟନ୍ତ ଅଧିକ ଦିନ ସତେଜ ହୋଇ ରହିବା ପାଇଁ ବୁଡ଼ାଇ ରଖନ୍ତୁ।

*–ପ୍ରାର୍ଥନା ମହାନ୍ତି*
*–ଡ. ମନୋଜ କୁମାର ରାଉତ*





# କୃଷି ଯୋଜନା

(ଦ୍ୱିତୀୟ ଭାଗ)

ଆମ ରାଜ୍ୟରେ ଅଣଧାନ ଫସଲ ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହୋଇ କୃଷକମାନଙ୍କୁ ଧାନ ବଦଳରେ ଅଧିକ ଅଣଧାନ (ବିଶେଷ କରି ଉଚ୍ଚ ଜମିରେ) କରିବାରେ ପ୍ରୋତ୍ସାହନ ଦିଆଯାଉଛି। ଅଣଧାନ ମଧ୍ୟରେ ଡାଲି ଜାତୀୟ ତୈଳବୀଜ ଫସଲର ଅଧିକ ଅମଳକ୍ଷମ କିସମର ଚାଷ ପାଇଁ ମିନି କିଟ୍ ଦିଆଯାଉଛି। ଡାଲି ଓ ତୈଳଜୀବ ଫସଲ ବ୍ୟତିରେକେ କପା ଫସଲ ଚାଷର ଉନ୍ନତ ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରାଯାଉଛି। ଏଥିରେ ୪ କି.ଗ୍ରା. ହରଡ଼ ବିହନ ମିନି କିଟ୍ ଯୋଗାଣରେ ୪୬୫ ଟଙ୍କା, ଡାଲି ଫସଲ (ମୁଗ ଓ ବିରି)ରେ ୨% ଡିଏପି ସାର ଦ୍ରବଣ ସିଞ୍ଚନରେ ହେକ୍ଟର ପ୍ରତି ୧୦୦ ଟଙ୍କା, ହରଡ/ବରଗୁଡି ସହ କପାର ଅନ୍ତଃ ଫସଲ ଚାଷରେ ହେକ୍ଟର ପ୍ରତି ୧୦୦୦ ଟଙ୍କାର ସହାୟତା, ଛଣି ବ୍ୟବହାର କରି ସବୁଜ ସାର ଚାଷରେ ହେକ୍ଟର ପ୍ରତି ୧୦୦ ଟଙ୍କା, ଅଳସି ମିନି କିଟ୍ ପ୍ରତି ୮୦ ଟଙ୍କା, ପିକ୍ସ ବ୍ୟାଗ୍ ବ୍ୟବହାରଜନିତ ବ୍ୟାଗ୍ ପ୍ରତି ୧୦୦ ଟଙ୍କା ଏବଂ ପ୍ରାମାଣିକ ଚିନାବାଦାମ ବିହନ ଉତ୍ପାଦନ କ୍ଷେତ୍ରରେ କୁଇଣ୍ଟାଲ ପ୍ରତି ୭୫୦ ଟଙ୍କାର ସହାୟତା ରଖାଯାଇପାରିଛି। ସେହିପରି କୃଷି ଯାନ୍ତ୍ରିକୀକରଣ କ୍ଷେତ୍ରରେ ବିଶେଷ ସହାୟତା ରଖାଯାଇଛି। ଯାହା ଦ୍ୱାରା କୃଷକମାନେ କୃଷି କ୍ଷେତ୍ରରେ ଶ୍ରମବଳ ଉପରେ ଅଧିକ ନିର୍ଭରଶୀଳ ନ ହୋଇ ଯନ୍ତ୍ରପାତି ବ୍ୟବହାର କରି କୃଷିକାର୍ଯ୍ୟଗୁଡିକୁ ସୁରୁଖୁରୁରେ ସମ୍ପାଦନ କରିପାରିବେ।

- ଟ୍ରାକ୍ଟର (୪୦ ପିଟିଓ ଅଶ୍ୱଶକ୍ତି) କିଣାରେ ଅଟକଳ ମୂଲ୍ୟର ୫୦% ବା ସର୍ବାଧିକ ୯୦ ହଜାର ଟଙ୍କା, ପାୱାର ଟିଲର (୮ ବିଏଚ୍‌ପି ଏବଂ ତଦୂର୍ଦ୍ଧ୍ୱ ) କିଣାରେ କିଣା ମୂଲ୍ୟର ୫୦% ବା ସର୍ବାଧିକ ୭୫ ହଜାର ଟଙ୍କା, ପାୱାର ଟିଲର ( ୮ଡିଏଚ୍‌ପିଠାରୁ କମ୍) କିଣାରେ ମୂଲ୍ୟର ୫୦% ବା ସର୍ବାଧିକ ୪୦ ହଜାର ଟଙ୍କା।
- ସ୍ୱୟଂଚାଳିତ ଯନ୍ତ୍ରପାତି ଯଥା ପାଡି ରିପର କିଣାରେ କିଣାମୂଲ୍ୟର ୫୦% ବା ସର୍ବାଧିକ ୮୦ ହଜାର ଟଙ୍କା, ପାଡି ରିପର କମ ବାଇଣ୍ଡର କିଣାରେ କିଣା ମୂଲ୍ୟର ୫୦% ବା ସର୍ବାଧିକ ୧ଲକ୍ଷ ୫୦ ହଜାର, ୱାକ୍ ବିହାଇଣ୍ଡ ଟାଇପ୍ ଟ୍ରାନ୍ସପ୍ଲାଣ୍ଟର କିଣାରେ କ୍ରୟ ମୂଲ୍ୟର ୭୫% ବା ସର୍ବାଧିକ ୧ଲକ୍ଷ ୫୦ ହଜାର, ରାଇଡିଙ୍ଗ୍ ଟାଇପ୍ ଟ୍ରାନ୍ସପ୍ଲାଣ୍ଟର କିଣାରେ କ୍ରୟମୂଲ୍ୟ ୭୫ ଅଥବା ସର୍ବାଧିକ ୫ଲକ୍ଷ ଟଙ୍କା।
- ସମସ୍ତ ପ୍ରକାର ଆକ୍ସିଆଲ ଫ୍ଲୋ ଥ୍ରେସର କିଣାରେ କ୍ରୟ ମୂଲ୍ୟର ୫୦% ବା ସର୍ବାଧିକ ୭୦ ହଜାର, ରୋଟାଭେଟର/ରୋଟାରୀ ଟିଲର କିଣା ଉପରେ କ୍ରୟ ମୂଲ୍ୟର ୭୫% ଅଥବା ସର୍ବାଧିକ ୮୦ ହଜାର ଟଙ୍କା, ଚିନାବାଦାମ/ ଆଳୁ ଖୋଳା ମେଶିନ, ସମସ୍ତ ପ୍ରଚାର ଶକ୍ତିଚାଳିତ ଘାସବଛା ଯନ୍ତ୍ର, ବ୍ରଶ କଟର, ପୋଷ୍ଟ ହୋଲ ଡିଗର ଷ୍ଟ୍ରି ରିପର ଇତ୍ୟାଦି ଯନ୍ତ୍ରପାତି କିଣାରେ କ୍ରୟ ମୂଲ୍ୟର ୫୦% ବା ସର୍ବାଧିକ ୬୦ ହଜାର ଟଙ୍କା, ଅମଳ ପରବର୍ତ୍ତୀ ରବର ରୋଲ ସେଲାର, ମିନି ତେଲ ମିଲ୍, ମିନି ଡାଲି ପ୍ରକ୍ରିୟାକରଣ ୟୁନିଟ୍, ସମସ୍ତ ପ୍ରକାର କ୍ଲିନର- କମ୍- ଗ୍ରେଡର, ଶକ୍ତିଚାଳିତ ଚିନାବାଦାମ ଡିକୋର୍ଟିକେଟର, ମକା ସେଲାର ଓ ଅନ୍ୟ ସେହିପରି ଯନ୍ତ୍ରପାତି ଉପରେ କ୍ରୟ ମୂଲ୍ୟର ୭୫% କିମ୍ବା ସର୍ବାଧିକ ୨ଲକ୍ଷ ଟଙ୍କା।
- ଟ୍ରାକ୍ଟର / ପାୱାରଟିଲର ଦ୍ୱାରା ଚାଳିତ ଯନ୍ତ୍ରପାତି ଡିସ ପ୍ଲାଓ/ ହାରୋ/ ସମସ୍ତ ପ୍ରକାର ମୋଡ଼ ପତ୍ର ଲୁହା ଲଙ୍ଗଳ/ ସମସ୍ତ ପ୍ରକାର ଟିଲର/ ରିଜର/ ଲେଭଲର/ ଟ୍ରେଲର ଆଦି ଯନ୍ତ୍ରପାତି କିଣାରେ କ୍ରୟ ମୂଲ୍ୟର ୫୦ ଅଥବା ସର୍ବାଧିକ ୨୫ ହଜାର ଟଙ୍କା, ମଞ୍ଜି ତଥା ବିହନ ବୁଣାଯନ୍ତ୍ର (ଡ୍ରିଲ୍), ଜିରୋ ଟିଲ- କମ୍-ସିଡ଼ ଡ୍ରିଲ କିଣା ଉପରେ କ୍ରୟ ମୂଲ୍ୟର ୭୫% ବା ସର୍ବାଧିକ ୨ଲକ୍ଷ ଟଙ୍କା।
- ମାନବୀୟ/ ପ୍ରାଣୀ ଚାଳିତ ଯନ୍ତ୍ର ବା ହାତଯନ୍ତ୍ର କିଣାରେ କିଣା ମୂଲ୍ୟର ୭୫% ବା ସର୍ବାଧିକ ୬ହଜାର ଟଙ୍କା।
- ଶକ୍ତିଚାଳିତ ସମସ୍ତ ପ୍ରକାର ଧାନ ଅମଳ ଯନ୍ତ୍ର କିଣାରେ ୫୦% ବା ସର୍ବାଧିକ ୨୪ ହଜାର ଟଙ୍କା।

***– ପରେଶ କୁମାର ପଣ୍ଡା***
*ମୋ: ୭୨୦୫୦୯୬୦୮୦*



# ସୂର୍ଯ୍ୟମୁଖୀର ବିହନ ପ୍ରମାଣନ

ବିଜ୍ଞାପିତ ସୂର୍ଯ୍ୟମୁଖ କିସମରୁ ହିଁ ବିହନ ଉତ୍ପାଦନ କରାଯାଏ। ମିଶ୍ରିତ ଚାଷରୁ ବିହନ ଉତ୍ପାଦନ କରାଯାଇ ନ ଥାଏ। ବିହନ ବୁଣିବାର ୧୦ଦିନ ମଧ୍ୟରେ ossopca.nic.inରେ ଲଗ୍‌ଅନ୍ କରି ଆବଶ୍ୟକୀୟ ତଥ୍ୟ ପୂରଣ କରି ପଞ୍ଜୀକରଣ ଦେୟ ସର୍ବାଧିକ ୧୦ ହେକ୍ଟର/ଏକ ଫସଲ/ଏକ ଅଞ୍ଚଳ/ଆବେଦନ ପ୍ରତି ୨୫ ଟଙ୍କା ସହ ପରିଦର୍ଶନ ଦେୟ ହେକ୍ଟର ବା ଅଂଶ ପ୍ରତି ୪୫୦ ଟଙ୍କା ଏସ୍‌ବିଆଇ ଇ-ପେ କିମ୍ବା ଆକ୍ସିସ୍ ବ୍ୟାଙ୍କରେ ଦାଖଲ କରି ଲଗ୍‌ଅନ୍ କରିବାର ୩ଦିନ ମଧ୍ୟରେ ସ୍ଥାନୀୟ ବିହନ ପ୍ରମାଣନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନ୍ ଲାଇନ୍ ଆବେଦନର ନକଲ, ଦେୟ ଦାଖଲର ପ୍ରମାଣ, ପରିଚୟପତ୍ର, ବିହନ କିଣା ରସିଦ୍, ବ୍ରିଡର୍ ଲେବଲ୍ ବା ଫଳକ ଆଦି କାଗଜପତ୍ରର ତଦାରଖ କରାଇ ବିହନ ଫସଲକୁ ପଞ୍ଜୀକରଣ କରାଯାଏ।

ସୂର୍ଯ୍ୟମୁଖୀ ବିହନ ଉତ୍ପାଦନ ନିମିତ୍ତ ବିହନ ପ୍ରମାଣନ ସଂସ୍ଥା ନିକଟରେ ପ୍ରଥମେ ପ୍ରସ୍ତାବିତ କ୍ଷେତ୍ରଟି ପଞ୍ଜୀକୃତ ହେବା ଦରକାର। କ୍ଷେତ୍ର ପରିଦର୍ଶନ ସର୍ବନିମ୍ନ ୩ଟି କରାଯାଏ। ପ୍ରଥମ ୬-୭ ପତ୍ର ହୋଇଥିବା ଅବସ୍ଥାରେ, ଦ୍ୱିତୀୟ- ଫୁଲ ଫୁଟିବା ସମୟରେ ଏବଂ ତୃତୀୟ- ମଞ୍ଜି ପାଳକ ବା ଅମଳ ପୂର୍ବାବସ୍ଥାରେ। ପ୍ରଥମ ପରିଦର୍ଶନ ସମୟରେ ବିଲଗନ ଦୂରତା (ପିଣ୍ଡ ବିହନ କ୍ଷେତ୍ରରେ ସର୍ବନିମ୍ନ ୪୦୦ ମିଟର ଓ ପ୍ରାମାଣିକ ଉତ୍ପାଦନରେ ୨୦୦ ମିଟର ରଖିବା ଜରୁରି), ଆପେ ଆପେ ଉଠିଥିବା ସେହି ଫସଲର ଗଛ, ବିହନଜନିତ ରୋଗ ଓ ଅନ୍ୟ ବିଷୟ ନିରୀକ୍ଷଣ କରାଯାଏ। ଦ୍ୱିତୀୟ ପରିଦର୍ଶନ ବେଳେ ପୁନର୍ବାର ବିଲଗନ ଦୂରତା, ମିଶା କିସମ ହାର (ପିଣ୍ଡ ବିହନ ଉତ୍ପାଦନ ନିମନ୍ତେ ସର୍ବାଧିକ ୧,୦୦୦ ଗଛରେ ୧ଟି ଓ ପ୍ରାମାଣିକ ଉତ୍ପାଦନରେ ୨ଟି) ଓ ଅନ୍ୟ ବିଷୟ (ଆପତ୍ତିଜନକ ଘାସ ଆଦୌ ରହିବ ନାହିଁ, ନିମ୍ନମୁଖୀ ପାଉଁଶିଆ ରୋଗ ପିଣ୍ଡ ଓ ପ୍ରାମାଣିକ କ୍ଷେତ୍ରରେ ଯଥାକ୍ରମେ ସର୍ବାଧିକ ୧୦,୦୦୦ ଗଛରେ ୫ଟି ଓ ୫୦ଟି)ର ତନଖି ଓ ଗଣନା କରାଯାଏ। ସେହିପରି ତୃତୀୟ ପରିଦର୍ଶନ ସମୟରେ ବିହନ ଜନିତ ରୋଗ, ଗଛ, ଫୁଲ ଓ ମଞ୍ଜିର ମା' ଅନୁରୂପୀ ଗୁଣବତ୍ତା ଓ ଅନ୍ୟ ବିଷୟ ନିରୀକ୍ଷଣ ଓ ଗଣନା କରାଯାଇ ପ୍ରକୃତରେ ବିହନ ଫସଲଟି କ୍ଷେତ୍ର ପରିମାପକ ପୂରଣ କରୁଥିଲେ, ବିହନକୁ ଯଥାସମୟରେ ଅମଳ କରି ପରବର୍ତ୍ତୀ ପର୍ଯ୍ୟାୟ ନିମନ୍ତେ ଅନୁମତି ପ୍ରମାଣନ ସଂସ୍ଥା ଦେଇଥାଏ। ପରେ ଗୁଣବତ୍ତା ବିଶିଷ୍ଟ ବିଶିଷ୍ଟ ଅମଳ ହୋଇଥିବା ବିହନକୁ 'ଅମଳ ପରିଦର୍ଶନପତ୍ର' ଦିଆଯାଇଥାଏ।



ବିହନ ଥାକରୁ ସଂଗ୍ରହ ହୋଇଥିବା ନମୁନାଟି ପରୀକ୍ଷାଗାରରେ ଯଦି ବିହନ ପରିମାପକ ଉଭୟ ପିଣ୍ଡ ଓ ପ୍ରାମାଣିକ କ୍ଷେତ୍ରରେ ସାଧାରଣ ଶୁଦ୍ଧତା ୯୮% (ସର୍ବନିମ୍ନ), ଆପତ୍ତିଜନକ ଘାସମଞ୍ଜି- ଜମା ନାହିଁ, ଗଜାଶକ୍ତି-୭୦% (ସର୍ବନିମ୍ନ), ବିହନ ଆର୍ଦ୍ରତା- ୯% (ସର୍ବନିମ୍ନ), ବିହନର ସ୍ୱାସ୍ଥ୍ୟ ଓ ପୋକ ସଂକ୍ରମିତ ମଞ୍ଜି (୦.୫%-ସର୍ବାଧିକ) ବିଷୟ ସବୁ ପୂରଣ କରୁଥାଏ, ତେବେ ପାସ୍ କରୁଥିବା ଥାକକୁ ପ୍ରମାଣପତ୍ର ଦିଆଯାଇ ବିହନ ବସ୍ତାରେ ଫଳକ ଓ ଦସ୍ତା ଲଗାଯାଏ ଏବଂ ବିହନ ବିକ୍ରି ନିମନ୍ତେ ଯୋଗ୍ୟ ହୋଇଥାଏ।

'ସଙ୍କର ସୂର୍ଯ୍ୟମୁଖୀ' ବିହନ ଉତ୍ପାଦନ କ୍ଷେତ୍ରରେ ପରିମାପକ ଟିକେ ଭିନ୍ନ। ୪ଟି ପରିଦର୍ଶନ କରାଯାଏ। ୨ୟ ଓ ୩ୟ ପରିଦର୍ଶନ ଫୁଲ ଫୁଟିବା ସମୟରେ ଏବଂ ଅନ୍ତିମ ତଥା ୪ର୍ଥ ପରିଦର୍ଶନ ପାକଳ ଓ ଅମଳ ପୂର୍ବାବସ୍ଥାରେ କରାଯାଏ। ବିଲଗନ ଦୂରତା ସର୍ବନିମ୍ନ ପିଣ୍ଡ ଓ ପ୍ରାମାଣିକ ବିହନ ଉତ୍ପାଦନରେ ୬୦୦ମିଟର ଓ ୪୦୦ ମିଟର ରଖିବା ଜରୁରି। ମା' ଧାଡ଼ି ଓ ପିତା ଧାଡ଼ିର ଫୁଲରେ ମିଶା କିସମ ସର୍ବାଧିକ ୧,୦୦୦ଟିରେ ୨ଟି ଓ ୫ଟି ରହିପାରିବ। ବିହନ ପରିମାପକ ସମାନ ରହିଥାଏ।

## ଶୀତଦିନିଆ ପନିପରିବା



ସଅଳରେ ଶୀତଦିନିଆ ପନିପରିବା ଚାଷ କରିବା ପାଇଁ ମୂଳା, (ପୁଷାଚେତକୀ,ପୁଷା ରଶ୍ମି ଓ ପୁଷା ହିମାନି), ଫୁଲକୋବି(ପୁଷା କେତକୀ, ପୁଷା ଦିପାଳି), ବନ୍ଧାକୋବି (ପ୍ରାଇଡ୍ ଅଫ୍ ଇଣ୍ଡିଆ), ବିନ୍(ପୁଷା ପାର୍ବତୀ, ଅର୍କ କୋମଲ୍), ଝୁଡଙ୍ଗ, ଗୁଆଁର ଓ ଟମାଟୋ(ବିଟି -୨, ବିଟି-୧୦, ବିଟି-୧୨୦ ନିଳାଦ୍ରୀ, ସଦାବାହାର, ମାଧୁରୀ, ମହାରଥୀ, ମର୍ଣ୍ଣିଂସନ୍, ରଶ୍ମି ଓ ନବୀନ)ଆଦି କିସମ ଲଗାନ୍ତୁ। ଫୁଲକୋବି ଓ ବନ୍ଧାକୋବି ତଳି ପକାନ୍ତୁ।

## ଗାଁ ଦାଣ୍ଡରେ ୨ ଭାଇଙ୍କୁ ହାଣି ହତ୍ୟା ଘଟଣା

# ଭଣ୍ଡାରିମାଲ ଗାଁ ପୋଲିସ ଛାଉଣୀ

### ୪ ଅଭିଯୁକ୍ତ ଗିରଫ, ୨ ଅଟକ

### ଏକାଠି ଦୁଇ ଭାଇଙ୍କ ଜୁଇ ଜଳିଲା

ସମ୍ବଲପୁର/ପଡିଆବାହାଲ, ୨୪।୯ (ବ୍ୟୁରୋ/ଡି.ଏନ.ଏ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଧୀନ ଭଣ୍ଡାରିମାଲ ଗାଁରେ ସୋମବାର ରାତିରେ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ଗାଁ ଦାଣ୍ଡରେ କେତେକ ଯୁବକ ୪ ଜଣ ବ୍ୟକ୍ତିଙ୍କ ଗୋଡକୁ ହାଣି ଶରୀରରୁ ଅଲଗା କରି ଦେଇଛନ୍ତି। ଘଟଣାସ୍ଥଳରେ ହିଁ ଶକ୍ତି କୁମୁରା ଓ ତାଙ୍କ ଭାଇ ଜିତୁ କୁମୁରାଙ୍କ ମୃତ୍ୟୁ ଘଟିଛି। ବିଭୁତି କୁମୁରା ଓ ତାଙ୍କ ସମ୍ପର୍କୀୟ ଭାଇ ନନ୍ଦଲାଲ ଭୋଇ ଗୁରୁତର ଆହତ ହୋଇ ବୁର୍ଲା ଭିମ୍ସାରରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ଗାଁର ବିଦ୍ୟାଧର ଭୋଇ, ସୌଦାଗର ଭୋଇ, ବୀରେନ୍ଦ୍ର ଭୋଇ, କ୍ଷୀରୋଦ ସାହୁଙ୍କୁ ଗିରଫ କରିଛି। ସେହିଭଳି ସୁରେନ୍ଦ୍ର ଭୋଇଙ୍କୁ ଅଟକ ରଖିଛି। ଅପରପକ୍ଷର ଅଭିଯୋଗକ୍ରମେ ଡିଲେଶ୍ୱର ଭୋଇଙ୍କୁ ମଧ୍ୟ ଅଟକ ରଖି ତଦନ୍ତ କରୁଛି। ଥାନାରେ ଏକ ମାମଲା (ନଂ.୧୩୨/୧୯) ରୁଜୁ ହୋଇଛି। ଘଟଣାସ୍ଥଳରୁ ୨ଟି ବାଇକ୍, ହତ୍ୟାକାଣ୍ଡରେ ବ୍ୟବହୃତ କାଠଗଣ୍ଡି, ଟାଙ୍ଗିଆ ଓ ଏକ ମୋବାଇଲ ଜବତ ହୋଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଗାଁ ମଶାଣିରେ ଏକାଠି ଦୁଇ ଭାଇଙ୍କ ଜୁଇ ଜଳିଛି। ଏହି ଘଟଣାକୁ ନେଇ ଗାଁରେ ଚାପା ଉତ୍ତେଜନା ଲାଗି ରହିଛି। ଏଣୁ ଗାଁକୁ ପୋଲିସ ଛାଉଣିରେ ରଖାଯାଇଛି। ଗାଁର ଦୁଇ ପରିବାର ଭିତରେ ଓ ଗାଁରେ ରହିଥିବା ବହୁ ଦିନର ଅଶାନ୍ତି ଶେଷରେ ଏଭଳି ହତ୍ୟାକାଣ୍ଡ ରୂପ ନେଇଛି। ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର, ରେଢାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ପହଞ୍ଚି ତଦନ୍ତ କରିଛନ୍ତି।

ପୋଲିସ କହିଛି, ଏହି ଘଟଣାରେ ଆହତ ଥିବା ବିଭୂତି ହିଁ ୨୦୦୫ରେ ଗାଁରେ ଘଟିଥିବା ଡବଲ ମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ। ଏହା ସହ ଅନ୍ୟାନ୍ୟ ମାମଲା ମଧ୍ୟ ତାଙ୍କ ନାମରେ ରହିଛି। ସେହିପରି ଅନ୍ୟପକ୍ଷର ଗିରଫ ହୋଇଥିବା ଡିଲେଶ୍ୱରଙ୍କ ନାମରେ ପୂର୍ବରୁ ବଳାତ୍କାର, ମହିଳାଙ୍କୁ ଅସଦାଚରଣ, ଲୁଟ୍ ଓ ମାରପିଟ ଭଳି ମାମଲା ରହିଛି। ଡିଲେଶ୍ୱର ଗାଁରେ ମହିଳାମାନଙ୍କୁ ଅଶାଳୀନ ବ୍ୟବହାର କରୁଥିଲେ। ଶନିବାର ରାତିରେ ଗ୍ରାମରେ ମହିଳାମାନେ ପୁଅ ଜିଉନ୍ତିଆ ପୂଜା କରୁଥିବା ସମୟରେ ଡିଲେଶ୍ୱର ଓ କେତେକ ଯୁବକ ଆସି ଏଭଳି କାଣ୍ଡ ଭିଆଇ ଥିଲେ। ଫଳରେ ମହିଳାମାନଙ୍କୁ ଅଧାରୁ ପୂଜା ବନ୍ଦ କରିବାକୁ ପଡିଥିଲା। ଏଣୁ ସେଦିନ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ଗାଁରେ ମାରପିଟ ମଧ୍ୟ ଘଟିଥିଲା। ଏଥିରେ ଡିଲେଶ୍ୱର ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ପୁଣି ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଡିଲେଶ୍ୱର କେତେଜଣ ଯୁବକଙ୍କୁ ନେଇ ଝଗଡା କରିବାକୁ ଆସିଥିଲେ। ରାତିରେ ସଂଘବଦ୍ଧ ଭାବେ ୫/୭ଜଣ ଆସି ବିଦ୍ୟାଧରଙ୍କ ଘରେ ପଶିଥିଲେ। ହେଲେ ବିଦ୍ୟାଧରଙ୍କ ପରିବାର ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଘଟଣା ସ୍ଥଳରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ଡିଲେଶ୍ୱରଙ୍କ ସହିତ ଯାଇଥିବା ଶକ୍ତି, ଜିତୁ ଓ ବିଭୂତିଙ୍କ ଗୋଡକୁ ଟାଙ୍ଗିଆରେ ହାଣି ଅଲଗା କରି ଦିଆଯାଇଥିଲା। ଖବର ପାଇ ବିଭୂତିଙ୍କ ଭାଇ ପୁରନ୍ଦର ଓ ଡିଲେଶ୍ୱରଙ୍କ ଭାଇ ନନ୍ଦଲାଲ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ଏଥିରେ ନନ୍ଦଲାଲ ଆହତ ହୋଇଥିବା ବେଳେ ପୁରନ୍ଦର ଖସି ପଳାଇଥିଲେ।


ସମ୍ବଲପୁର ଯୁଯୁମୁରା ଥାନା ଭଣ୍ଡାରିମାଲ ଗ୍ରାମରେ ପୋଲିସ ଛାଉଣୀ।

## ଜିଲା ବିଜେଡି ସମ୍ପାଦକଙ୍କୁ ନିଲମ୍ବନ ପାଇଁ ସୁପାରିସ

**ବାରିପଦା ଅଫିସ,୨୪।୯:** ମୟୂରଭଞ୍ଜ ଜିଲା ବିଜେଡିର ଜିଲା ସମ୍ପାଦକ ସୁଜିତ କୁମାର ମହାନ୍ତିଙ୍କୁ ନିଲମ୍ବନ ପାଇଁ ରାଜ୍ୟ ସଭାପତିଙ୍କ ନିକଟକୁ ମଙ୍ଗଳବାର ସୁପାରିସ କରାଯାଇଛି। ଜିଲା ସଭାପତି ଦେବାଶିଷ ମହାନ୍ତି ଜିଲା ପର୍ଯ୍ୟବେକ୍ଷକଙ୍କ ଜରିଆରେ ଏହି ସୁପାରିସ ହୋଇଛି। ବାରିପଦାଠାରେ ସୋମବାର ଅନୁଷ୍ଠିତ ସଭ୍ୟ ସଂଗ୍ରହ ଅଭିଯାନ କର୍ମଶାଳାରେ ସୁଜିତ ଦଳ ବିରୋଧୀ କାର୍ଯ୍ୟ କରିଥିବା ଏଥିରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ସମସ୍ତ ନେତାଙ୍କୁ ସାମିଲ କରାଯାଉ ନାହିଁ ଏବଂ ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଥିବା ସୁଜିତ ବାରିପଦା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ତଥା ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତଙ୍କୁ ସଭାସ୍ଥଳରେ ପଚାରିଥିଲେ। ପରେ ଅନ୍ୟ କର୍ମୀମାନେ ମଧ୍ୟ ଅନୁରୂପ ଅଭିଯୋଗ କରି ହୋହଲ୍ଲା କରିଥିଲେ। ଏଥିନେଇ ବୈଠକ ଅଧାରୁ ବନ୍ଦ ହୋଇଯାଇଥିଲା। ଏହି ଘଟଣାରେ ମତ ରଖି ସୁଜିତ କହିଛନ୍ତି ଯେ, ଦଳ ଆରମ୍ଭ ବେଳୁ ସେ ଦଳରେ ଅଛନ୍ତି। ଜିଲାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ କାର୍ଯ୍ୟ କରିଛନ୍ତି। ସେ କୌଣସି ଦଳ ବିରୋଧୀ କାର୍ଯ୍ୟ କରି ନାହାନ୍ତି ବରଂ ଦଳ ପାଇଁ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ମୌକା ଦିଆଯାଉ ବୋଲି କହିଥିବା ସେ ପ୍ରକାଶ କରିଛନ୍ତି।

## Office of the CDM & PHO, Angul

**NOTICE**

**No. 2044** **Date: 24.09.19**

Objection if any are invited from the Paramedics of Angul District for preparation of Gradation list in respect of Laboratory Technician, Staff Nurse, ANM, Pharmacist working under different Schemes/Societies. The details data base has been uploaded in the official website of Angul District **www.angul.nic.in**. Candidates are requested to log in the official website of Angul District **www.angul.nic.in** to view the database. The candidates are requested to send their objections if any to the Chief District Medical Officer, Angul with superscription of the envelope "Objection for the Post of ________" by Registered Post, Speed Post or by courier on or before 30.09.2019 up to 5 PM. The scanned copy of the objection letter may be sent by email **< cdmoang@gmail.com>** to save postal delay for early Compilation.

**Sd./-CDM & PHO, Angul**

## ଦୁର୍ଗାପୂଜା ପାଇଁ ୧୦ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର, ୨୪।୯(ବ୍ୟୁରୋ):** ଦୁର୍ଗାପୂଜା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୧୦ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି। ଯାତ୍ରୀ ସଂଖ୍ୟା ବୃଦ୍ଧି ସମ୍ଭାବନା ଥିବାରୁ ଚଳାଚଳ କରୁଥିବା ଟ୍ରେନଗୁଡିକର ଅତିରିକ୍ତ କୋଚ୍ ବ୍ୟବସ୍ଥା କରାଯାଇଛି। ନିୟମିତ ଟ୍ରେନଗୁଡିକରେ ମାତ୍ରାଧିକ ଅପେକ୍ଷା ସୂଚୀ ଏଡାଇବାକୁ ଏହି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ତେବେ ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ହେଲା ପୁରୀ-ସନ୍ତ୍ରାଗଛି-ପୁରୀ ସ୍ପେଶାଲ, ପୁରୀ-ଶାଲିମାର-ପୁରୀ ସ୍ପେଶାଲ, ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର, ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା, ବିଶାଖାପାଟଣା-ତିରୁପତି-ବିଶାଖାପାଟଣା, କାଚେଗୁଡା-ଟାଟା-କାଚେଗୁଡା, ସନ୍ତରାଗଛି-ଚେନ୍ନାଇ-ସନ୍ତରାଗଛି, ସିକନ୍ଦରାବାଦ-ଭୁବନେଶ୍ୱର-ସିକନ୍ଦରାବାଦ, ସମ୍ବଲପୁର-ବନସ୍ୱାଡି-ସମ୍ବଲପୁର ଓ ହବିବ୍‌ଗଞ୍ଜ-ପୁରୀ-ହବିବ୍‌ଗଞ୍ଜ। ପୁରୀ-ସନ୍ତ୍ରାଗଛି-ପୁରୀ ଟ୍ରେନ୍ (୦୮୪୦୩/୦୮୪୦୪) ୪ ଅକ୍ଟୋବରରୁ ୨୭ ଡିସେମ୍ବର ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ପୁରୀରୁ ରାତି ୯ଟା ୨୫ରେ ଛାଡ଼ିବ। ଏହି ତାରିଖ ମଧ୍ୟରେ ପୁରୀ-ଶାଲିମାର-ପୁରୀ ଟ୍ରେନ୍ (୦୮୦୩୭/୦୮୦୩୮) ୫ ଅକ୍ଟୋବରରୁ ୨୮ ଡିସେମ୍ବର ପର୍ଯ୍ୟନ୍ତ ପ୍ରତି ଶନିବାର ୧୧ଟା ୫୫ରେ ପୁରୀରୁ ଛାଡ଼ିବ। ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ଏସି ଟ୍ରେନ ୩ ଅକ୍ଟୋବରରୁ ୨୬ ଡିସେମ୍ବର ପର୍ଯ୍ୟନ୍ତ ପ୍ରତି ଗୁରୁବାର ଅପରାହ୍ନ ୧ଟା ୨୦ରେ ଛାଡିବ। କାଚେଗୁଡା-ଟାଟା-କାଚେଗୁଡା(୦୭୪୩୮/୦୭୪୩୯) ୮ ଅକ୍ଟୋବରରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଟାଟାରୁ ପ୍ରତି ମଙ୍ଗଳବାର ରାତି ୧୦ଟା ୫୦ରେ ଛାଡିବ। ସନ୍ତ୍ରାଗଛି-ଚେନ୍ନାଇ-ସନ୍ତ୍ରାଗଛି (୦୨୮୪୧/୦୨୮୪୨) ୪ ଅକ୍ଟୋବରରୁ ୨୭ ଡିସେମ୍ବର ପର୍ଯ୍ୟନ୍ତ ସନ୍ତ୍ରାଗଛିରୁ ପ୍ରତି ଶୁକ୍ରବାର ଅପରାହ୍ନ ୧୨ଟା ୪୦ରେ ଓ ୫ ଅକ୍ଟୋବରରୁ ୨୮ ଡିସେମ୍ବର ପର୍ଯ୍ୟନ୍ତ ଚେନ୍ନାଇରୁ ପ୍ରତି ଶନିବାର ସନ୍ଧ୍ୟା ୬ଟା ୨୦ରେ ଛାଡିବ। ସିକନ୍ଦରାବାଦ-ଭୁବନେଶ୍ୱର-ସିକନ୍ଦରାବାଦ(୦୨୭୮୩/୦୨୭୮୪) ୩ ଅକ୍ଟୋବରରୁ ୨୮ ନଭେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରରୁ ପ୍ରତି ଗୁରୁବାର ଓ ରବିବାର ସନ୍ଧ୍ୟା ୬ଟାରେ ଛାଡିବ। ସମ୍ବଲପୁର-ବନସୱାଡି-ସମ୍ବଲପୁର(୦୮୩୦୧/୦୮୩୦୨) ୨ ଅକ୍ଟୋବରରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ସମ୍ବଲପୁରରୁ ପ୍ରତି ବୁଧବାର ସକାଳ ୯ଟା ୩୫ରେ ଛାଡିବ। ୩ ଅକ୍ଟୋବରରୁ ୨୬ ଡିସେମ୍ବର ପର୍ଯ୍ୟନ୍ତ ବନସୱାଡିରୁ ପ୍ରତି ଗୁରୁବାର ରାତି ୧୧ଟା ୩୦ରେ ଛାଡିବ। ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା (୦୮୫୦୧/୦୮୫୦୨) ଅକ୍ଟୋବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବିଶାଖାପାଟଣାରୁ ପ୍ରତି ମଙ୍ଗଳବାର ରାତି ୧୧ଟାରେ ଛାଡିବ।

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, CUTTACK

No.382-O :-
No: - Tender Online RWC : 09-2019 Date. 21.09.2019 email :- serw_ctc@yahoo.com

**e-Procurement NOTICE**

1. Name of the work:- Construction of Road and Bridge works.
2. Class of contractor
   a) Estimated cost more than Rs.3.00 Crore & upto Rs.6.00 Crores — a) A Class & Special Class(of Odisha PWD) relevant class of other licensing authorities
   b) Estimated cost more than Rs. 40.00 Lakhs & Up to Rs. 3.00 Crores — b) B class & A Class (of Odisha PWD) relevant class of other licensing authority.
3. Time for completion : Noted against the work as per Annexure
4. Summary for key dates is provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Cuttack. | Tender Online RWC 09-19 | 30.09.2019 at 11 A.M. | 16.10.2019 up to 5.00 P.M | 15.10.2019 up to 2.00 P.M. | 17.10.2019 at 11.00 A.M. | Will be intimated later. |

Further details can be seen from the website **www.tendersorissa.gov.in for** Non-PMGSY **works and** www.pmgsytenders.gov.in for PMGSY works.

**Sd/-** Superintending Engineer Rural Works Circle, Cuttack

25097/11/0006/1920

## OFFICE OF THE PANCHAYAT SAMITI, BANDHUGAON
DIST: KORAPUT

**No. 3744/19** **Date: 13th September 2019**

**TENDER CALL NOTICE**

Sealed tenders are invited from intended registered contractors for execution of following 02 (Two) numbers of works under Panchayat Samiti, Bandhugaon.

| Sl. No. | Name of the Work | Estimated Cost (In Rs.) | Amount put in tender (In Rs.) | EMD Amount (In Rs.) | Cost of Tender paper (In Rs.) | Class of con-tractor | Period of Completion in Calendar months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Const. of Meeting Hall with Sanitation, Water Supply & Electrification at Bandhugaon Block Office | 15,00,000/- | 12,14,865/- | 12,200/- | 6,000/- | "D" & "C" | 6 (Six) months |
| 2 | Const. of Block Level Mini Stadium at Bandhugaon | 20,00,000/- | 17,33,229/- | 17,400/- | 6,000/- | "D" & "C" | 6 (Six) months |

The terms and conditions of the Tender Call Notice can be obtained from the official website of Koraput District **http//www.koraput.nic.in**. The last date and time of receipt of Tender paper is 23.09.2019 during the office hours only.

**Sd./- Block Development Officer, Bandhugaon**

**No. 3803/19** **Date: 21st September 2019**

**CORRIGENDUM**

1. The deadline for selling of Tender Papers has been extended up to 04.00 PM of 27th September 2019 (Friday) and same will be opened on 04.00 PM onwards of 30th September 2019 (Monday).
2. The payment of non-refundable cost of tender papers may be read as "in shape of Cash" instead of "in shape of Demand Draft".

To go through detailed Tender Call Notice and Corrigendum please visit Koraput District Website **http//www.koraput.nic.in**.

**Sd./- Block Development Officer, Bandhugaon**

## ZILLA SWASTHYA SAMITI, SAMBALPUR
### DISTRICT PROGRAMME MANAGEMENT UNIT, NHM, SAMBALPUR, ODISHA, 768002

E-mail : nhmsambalpur@gmail.com Phone: (0663)-2400441

Letter No: 2198 /DPMU/NHM Date: 21.09.2019

**TENDER CALL NOTICE**

**No.356-E:-** Sealed quotations are invited in the prescribed format from Different Firm/ Agencies / Company for procurement and Installation of Electricals / Electronics & Furniture item for office use. Interested agencies/ Firm/ Company may apply in the prescribed format. The details terms and conditions and formats will be available at district website www.sambalpur.nic.in from 23.09.2019 to 09.10.2019 till 5 PM. The complete quotations should reach at O/o CDM & PHO on or before 09.10.2019 by 5 PM through Speed Post/ Regd. Post/ Courier only. The sealed quotation will be opened on 11 AM in the office chamber of the undersigned. The quotation should be superscribed as "Tender for Electricals, Electronics & Furniture for Office of CDM & PHO Sambalpur". The undersigned reserves the right to reject any or all the quotations without assigning any reason thereof.

**Sd./- CDM & PHO-cum- District Mission Director, Sambalpur**

10049/11/0016/1920

See Career Appointment on every Wednesday & Saturday

## ସମଗ୍ର ଶିକ୍ଷା ଅଭିଯାନ, କଳାହାଣ୍ଡି

ପତ୍ରାଙ୍କ: ୨୦୩୪/୧୯ ତାରିଖ: ୨୪।୦୯।୨୦୧୯

**ସୂଚନା**

କଳାହାଣ୍ଡି ଜିଲ୍ଲା ସଦରମହକୁମା (ଭବାନୀପାଟଣା) ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଖୋଲାଯାଉଥିବା ଶିକ୍ଷାରୁ ବଞ୍ଚିତ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସରେ ଖାଲିପଡ଼ିଥିବା ୱାର୍ଡେନ ଓ ଚପରାସୀ ତଥା ଝାଡୁଦାର ପଦବୀ ପାଇଁ ଦରଖାସ୍ତ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ସେମାନଙ୍କ ମୂଳ ଦସ୍ତାବିଜ (Original Document) ଯାଞ୍ଚ କରାଯିବ। ସେମାନେ ନିଜ ନିଜର ସମସ୍ତ ମୂଳ ଦସ୍ତାବିଜ ଆଣି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଉପସ୍ଥିତ ରହି ନିଜ ନିଜ ଦସ୍ତାବିଜ ଯାଞ୍ଚ କରାଇନେବେ। ମୂଳ ଦସ୍ତାବିଜ ବଦଳରେ କୌଣସି ଅଙ୍ଗୀକାର ପତ୍ର (Undertaking) ଗ୍ରହଣ କରାଯିବ ନାହିଁ। ମୂଳ ଦସ୍ତାବିଜ ଦେଖାଇବା ଅତ୍ୟନ୍ତ ଆବଶ୍ୟକ। ଯେଉଁମାନଙ୍କ ସବିଶେଷ ତଥ୍ୟ ଜିଲ୍ଲା ୱେବସାଇଟ୍‌ରେ **(www.kalahandi.nic.in)** ଓ **(www.opepa.odisha.gov.in)**ରେ ପ୍ରକାଶ କରାଯାଇଥିଲା ସେମାନେ ଏଥିରେ ଭାଗ ନେବେ। ଯେଉଁମାନେ ଅଭିଯୋଗ (Objection) କରିଥିଲେ, ସେମାନଙ୍କ ଅଭିଯୋଗର ସ୍ଥିତି ସେହି ଦିନ ଜାଣିପାରିବେ। ଯଦି କିଛି ଅସୁବିଧା ଥାଏ କିମ୍ବା ମନରେ କିଛି ଦ୍ୱନ୍ଦ୍ୱ ଉପୁଜେ ତାହା ହେଲେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହ ଯୋଗାଯୋଗ କରି ଦ୍ୱନ୍ଦ୍ୱ ଦୂର କରିନେବେ। ନିର୍ଦ୍ଧାରିତ ତାରିଖରେ ଅନୁପସ୍ଥିତ ରହିଲେ ପ୍ରାର୍ଥିତ୍ୱ ନାକଚକରାଯିବ।

| କ୍ରମିକ ସଂଖ୍ୟା | ପଦବୀ | ଦସ୍ତାବିଜ ଯାଞ୍ଚ ତାରିଖ ଓ ସମୟ | ସ୍ଥାନ |
|---|---|---|---|
| ୧ | Warden (ତତ୍ତ୍ୱାବଧାରକ) ଓ ଚପରାସୀ-ତଥା-ଝାଡୁଦାର (Peon-cum-Sweeper) | ୧୫।୧୦।୨୦୧୯ ସମୟ ସକାଳ ୧୦ ଘଣ୍ଟା (ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ୧୦.୩୦ ସୁଦ୍ଧା ନିଜ ନାମ ପଞ୍ଜୀକରଣ କରାଇନେବେ)। | ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଭବାନୀପାଟଣା, ଜେଲ ଛକ ନିକଟସ୍ଥ |

ସ୍ୱା./- ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଅଭିଯାନ, କଳାହାଣ୍ଡି

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI (MEDICAL WINGS)

**Tender Call Notice No.2582 /19-Diet DHH-38-(A), Dated:- 21.09 .19**

**TENDER CALL NOTICE**

No.361-E :- Sealed tenders are invited from the eligible reputed registered firms for diet preparation and catering firm to prepare and distribute the diet in the District Head Quarter Hospital(D.H.H), Malkangiri and Nutritional Rehabilitation Center (N.R.C), Malkangiri on annual contract basis. The details, Term & condition Guideline etc. including tender paper format can be downloaded from the district website **www.malkangiri.nic.in.** The tenders in the prescribed format along with all relevant documents should reach in the office of the D.M.O(M.S)-cum-Superintendent, D.H.H, Malkangiri by 14.10.19 on or before 5:00 P.M through Regd. Post / Speed Post / Courier only. No other mode is allowed. The envelope should duly superscribed on top of Envelope as "Tender for Diet Preparation and Catering of DHH & NRC, Malkangiri for the F.Y 2019-20". The tender will open on Dt. 17.10.19 at 5.00 P.M. in the office chamber of the Chief District Medical & Public Health Officer, Malkangiri. The undersigned reserves the right to reject any or all the quotations without assigning any reason thereof.

**Sd./- A.K Mishra**
**D.M.O(M.S)-cum-Superintendent**
**D.H.H., Malkangiri**

10082/11/0005/1920

## ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ

**ବିଜ୍ଞାପନ**

ରୋଷେୟା: **ଅଶୋକ କୁମାର ନାୟକ**
ପିତା: ବାଞ୍ଛାନିଧି ନାୟକ
ଗ୍ରାମ: ସାସନ
ପୋଷ୍ଟ: ନୁନୀପଡ଼ା
ଥାନା: ଗାଙ୍ଗପୁର
ଜିଲ୍ଲା: ଗଞ୍ଜାମ

No. 129-D: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ୦୪ ଦିନ ସାମୂହିକ ଛୁଟି ତା୦୧।୦୫।୨୦୧୯ରିଖ ଅପରାହ୍ନଠାରୁ ତା୦୫।୦୫।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ଯାଇଥିଲେ। ଉକ୍ତ ଛୁଟିର ନିୟମ ଅନୁଯାୟୀ ଆପଣ ତା୦୬।୦୫।୨୦୧୯ରିଖ ପୂର୍ବାହ୍ନ ସୁଦ୍ଧା ସରକାରୀ କାର୍ଯ୍ୟରେ ଯୋଗଦେବାର ଥିଲା, କିନ୍ତୁ ଆପଣ କାହାରିକୁ କିଛି ନ ଜଣାଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି। ଏଥିରୁ ସ୍ୱଷ୍ଟ ପ୍ରତୀୟମାନ ହେଉଛି କି ଯେ ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି। ଏଣୁ ଏତାଦୃଶ କାର୍ଯ୍ୟ ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୦୭ ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ ତେବେ ଧରି ନିଆଯିବ ଯେ ଆପଣଙ୍କ ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ।

**ସ୍ୱା./- (ଶ୍ରୀ ଲକ୍ଷ୍ମୀଧର ମହାରଣା)**
**ଦୁର୍ଗପତି**
**(ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)**

12029/11/0023/1920

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No RDM-LAA-BLS-0007-2018/ 13396** **R&DM, dated 12 APR 2018**

**No.III-21:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲର ସରଶଙ୍ଖ ଡିଷ୍ଟ୍ରିବ୍ୟୁଟାରି ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଆଡିଆ,** ଥାନା- ସୋରୋ ସଂ.୪୩, ତହସିଲ-ସୋରୋ, ଜିଲ୍ଲା-ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୭୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)** ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲର ସରଶଙ୍ଖ ଡିଷ୍ଟ୍ରିବ୍ୟୁଟାରି ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ମାର୍କୋଣା କେନାଲ ଡିଭିଜନ, ମାର୍କୋଣା।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାଲେଶ୍ୱର
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ସୋରୋ | ଆଡିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧.୫୪ | ଏ. ୦.୭୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଯୁଗ୍ମ ଶାସନ ସଚିବ**

**ଭୂମି ଅନୁସୂଚୀ**
**ଗ୍ରାମ-ଆଡିଆ, ଥାନା-ସୋରୋ (ନଂ-୪୩), ତହସିଲ-ସୋରୋ, ଜିଲ୍ଲା-ବାଲେଶ୍ୱର**

| କ୍ର. ନଂ. | ଖାତା ନଂ | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୨୫ | ବିଶାଖାମଣି ବାରିକ, ସ୍ୱା: ଅନନ୍ତ ପ୍ରସାଦ ବାରିକ, ଜା: ଭଣ୍ଡାରି, ବା: ନିଜଗାଁ | ୨୫୩ | ଶାରଦ | ୦.୪୦ | ୦.୨୭ |
| ୨ | ୧୩୨ | ବୁଦ୍ଧିରାମ ଯଶମୁଖ, ପି: ରଜନୀ ଯଶମୁଖ, ଜା: ଖଣ୍ଡାୟତ, ବା: ନିଜଗାଁ | ୨୭୩ | ଶାରଦ | ୦.୪୮ | ୦.୦୮ |
| | | | ୨୫୪ | ଶାରଦ ଅଣଜଳସେଚିତ-୧ | ୦.୦୯ | ୦.୦୯ |
| ୩ | ୧୯୪ | ଲୋଚନ ନାୟକ, ପି: ଦାମୋଦର ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | ୨୫୫ | ଶାରଦ | ୦.୩୮ | ୦.୨୬ |
| | | | ୨୭୪ | ଶାରଦ | ୦.୧୯ | ୦.୦୨ |
| | | | | **ମୋଟ** | **୧.୫୪** | **୦.୭୨** |

24001/14/0174/1920



ସୈଫ୍ ଅଲ୍ଲୀ ଖାନ୍‌ଙ୍କ ନାଗା ସାଧୁ ଲୁକ୍ ପରେ ଏବେ ରିଲିଜ୍ ହୋଇଯାଇଛି ତାଙ୍କ ଆଗାମୀ ଫିଲ୍ମ 'ଲାଲ୍ କପ୍ତାନ୍'ର ଟ୍ରେଲର୍। ତେବେ କେବଳ ଅଧା ଟ୍ରେଲର ହିଁ ରିଲିଜ୍ କରାଯାଇଛି, ଯାହା ନାମ ଦିଆଯାଇଛି 'ଚାପ୍ଟର ଓ୍ୱାନ୍-ଦ ହଣ୍ଟ୍'। ପ୍ରଥମ ଥର ପାଇଁ ସୈଫ୍‌ଙ୍କ ଏପରି ଲୁକ୍ ଦେଖିବେ ଦର୍ଶକ। ସୈଫ୍ ନାଗା ସାଧୁଙ୍କ ଭଳି ଗେଟ୍‌ଅପ୍‌ରେ ମୁଣ୍ଡରେ ଲାଲ୍ ଟିକା, ଆଖିରେ କଜଳ ଓ ମୁହଁରେ ଭସ୍ମ ଲଗାଇ ଏଥର ଏଗ୍ରେସିଭ୍ ଲୁକ୍‌ରେ ନଜରକୁ ଆସିବେ ।




# ବିଗ୍ ବସ୍ ସିଜନ୍ ୧୩

**ମୁମ୍ବାଇ:** ଟିଭି ଦୁନିଆର ସବୁଠାରୁ ବିବାଦୀୟ ଶୋ 'ବିଗ୍ ବସ୍'କୁ ହିଟ୍ କରିବାକୁ ନିର୍ମାତା ସବୁବେଳେ ଚେଷ୍ଟା କରିଥାନ୍ତି। ସିଜନ୍ ୧ରୁ ୧୧ ଯାଏଁ ସବୁବେଳେ ଛୋଟ ପରଦାରେ ଏହି ଶୋ ବିବାଦୀୟ ଚର୍ଚ୍ଚା ସାଉଁଟିବାରେ ସଫଳ ରହିଥିଲା। ଆଗାମୀ ବିଗ୍ ବସ୍-୧୩ରେ ନିର୍ମାତା ଆଉ କୌଣସି ରିସ୍କ୍ ନେବାକୁ ଚାହୁଁ ନାହାନ୍ତି। ଏଥିପାଇଁ ସଲମାନ ଖାନ୍‌ଙ୍କ ଲକି ଚାର୍ମ ଭାବେ ଶୋ'ରେ ଧମାକା କରିବାକୁ ପାଦ ଦେଉଛନ୍ତି ଅମୀଷା ପଟେଲ। ଅମୀଷାଙ୍କ ଏଣ୍ଟ୍ରି ଶୋ'କୁ ସୁପରହିଟ୍ କରିଦେବ ବୋଲି ମତ ଆସୁଛି। ସୁପରହିଟ୍ 'କହୋନା ପ୍ୟାର ହେ'ରୁ ନିଜ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ଅମୀଷା 'ଗଦର୍', 'ହମ୍ ରାଜ୍' ଭଳି ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ନେଇଥିଲେ। ତେବେ କୁହାଯାଏ ଅମୀଷାଙ୍କୁ ତାଙ୍କ କ୍ୟାରିୟରରେ ସଫଳତା ମିଳୁ କି ନ ମିଳୁ, ତାଙ୍କ ହିରୋ କିନ୍ତୁ ସବୁବେଳେ ହିଟ୍ ହୁଅନ୍ତି। ବାସ୍, ଏହି କାରଣରୁ ଅମୀଷାଙ୍କୁ ଏବେ ବିଗ୍ ବସ୍-୧୩ରେ ସଲମାନ୍ ଭାଇଜାନଙ୍କ ଲକି ଚାର୍ମ ଭାବେ ଅଣାଯାଇଛି। ବିଗ୍ ବସ୍-୧୩ରେ ଅମୀଷା ଘରର ମାଲିକାଣୀ ହୋଇ ନଜରକୁ ଆସିବେ। ତେବେ ଏଥିରେ ଟ୍ୱିଷ୍ଟ ଏହା ଯେ, ଅମୀଷା କେବଳ ଗୋଟିଏ ଦିନ ବିଗ୍ ବସ୍‌ଙ୍କ ଘରେ ରହିବେ। ତେବେ ଏହି ଗୋଟିଏ ଦିନରେ ବିଗ୍ ବସ୍‌ଙ୍କ ଘରେ ରହୁଥିବା ସେଲିବ୍ରିଟି ପ୍ରତିଯୋଗୀ କେମିତି ତାଙ୍କ ମାଲିକାଣୀଙ୍କ ସେବା କରୁଛନ୍ତି ତାହା ହେବ ଶୋ ର ଏକ୍ସ ଫ୍ୟାକ୍ଟର। ଅମୀଷାଙ୍କ ଏଣ୍ଟ୍ରି ବିଗ୍ ବସ୍ ସିଜନ୍ ୧୩କୁ କେତେ ବିବାଦୀୟ କରି ଚର୍ଚ୍ଚା ସାଉଁଟିବ ତାହା ତ ସମୟ ହିଁ କହିବ।

## ମାଗଣାରେ ଖାଇବାକୁ

# ଡେଟ୍‌ରେ ଯାଆନ୍ତି ଯୁବତୀ



**କାଲିଫର୍ନିଆ:** ବିବାହ ବା ରିଲେଶପଶିପରେ ରହିବା ପୂର୍ବରୁ ପରସ୍ପରକୁ ଜାଣିବା ପାଇଁ ପୁଅ-ଝିଅ ଡେଟିଂରେ ଯାଉଥିବା କଥା କିଛି ନୂଆ ନୁହେଁ। ଅନ୍‌ଲାଇନ୍ ଡେଟିଂ ଆପ୍‌ରୁ ହେଉ କି ସୋସିଆଲ ମିଡିଆରୁ ପରିଚିତ ବନ୍ଧୁ ହୁଅନ୍ତୁ, ପ୍ରଥମେ ଡେଟ୍‌ରେ ଯିବାକୁ ସମସ୍ତେ ପସନ୍ଦ କରୁଛନ୍ତି। ହେଲେ ଏହି ଡେଟିଂକୁ ନେଇ କିଛି କୌତୂହଳଜନକ ତଥ୍ୟ ପଦାକୁ ଆସିଛି। ଅଜୁସା ପାସିଫିକ୍ ୟୁନିଭର୍ସିଟି ଏବଂ କାଲିଫର୍ନିଆ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ପ୍ରତି ୪ ଜଣରୁ ଜଣେ ଝିଅ ମାଗଣା ଖାଇବା ଲକ୍ଷ୍ୟରେ ଡେଟ୍‌ରେ ଯାଇଥାନ୍ତି। ରିଲେଶନଶିପ୍ ପ୍ରତି ତାଙ୍କ ଗୁରୁତ୍ୱ ନ ଥାଏ। ବିଶେଷଜ୍ଞଙ୍କ ଅନୁସାରେ ଏହି ନୂଆ ଫିନୋମିନାକୁ 'ଫୁଡି କଲ' କୁହାଯାଏ। ଯେଉଁଠି କିଶୋରୀମାନେ ମାଗଣାରେ ଖାଇବାକୁ ପସନ୍ଦ କରନ୍ତି। ଏକ ଅନ୍‌ଲାଇନ୍ ଅଧ୍ୟୟନରେ ୩୩% ତରୁଣୀ ସ୍ୱୀକାର କହିଛନ୍ତି ଯେ, ସେମାନେ ଫୁଡ଼ି କଲ୍ କରନ୍ତି ଓ ଏହା ସେମାନଙ୍କୁ ଠିକ୍ ଲାଗେ। କିନ୍ତୁ ୬୭% ମହିଳା ଏହାକୁ ଅସ୍ୱୀକାର କରିଛନ୍ତି। ୩୪ ବର୍ଷ ବୟସର ୩୫୭ ଯୁବତୀଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ସୋସିଆଲ ସାଇକୋଲିଜିକାଲ ଆଣ୍ଡ ପର୍ସନାଲିଟି ସାଇନ୍ସ ପତ୍ରିକାରେ ପ୍ରକାଶିତ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବିଭିନ୍ନ ପ୍ରକାରର ଫୁଡ଼ି କଲ୍ ଦେଖାଯାଏ। ୮୨୦ ମହିଳାଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଥିଲା, ଯେଉଁଥିରେ ରିଲେଶନଶିପ୍ ଓ ଫୁଡ଼ି କଲ୍ ବିଷୟରେ ପଚରା ଯାଇଥିଲା। ତେବେ ଏଥିରୁ ୨୩ ପ୍ରତିଶତ ମହିଳା ଡେଟ୍‌ରେ ମାଗଣାରେ ଖାଇବାକୁ ଯାଇଥିବା କହିଥିଲେ।

# ନବଜାତ ଶିଶୁ କେବଳ ମା' କଥା ହିଁ ବୁଝିପାରେ



**ନ୍ୟୁୟର୍କ:** ନୂଆକରି ଦୁନିଆକୁ ଆସିଥିବା ଶିଶୁ ପାଇଁ ସବୁ ଜିନିଷ ଅଲଗା ଅଲଗା ଲାଗିଥାଏ। ଅନ୍ୟ କେଉଁ ଶବ୍ଦ ନ ଜାଣିଲେ ମଧ୍ୟ ନବଜାତ ଶିଶୁ ମା'ର କଥା ବୁଝିପାରେ। ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଏସମ୍ପର୍କରେ ପ୍ରକାଶ ପାଇଛି। ମାତୃଗର୍ଭରେ ୯ ମାସରୁ ଅଧିକ ସମୟ ଧରି ରହିଥିବା ଶିଶୁ କେବଳ ମା' ସହିତ ଜଡ଼ିତ ଥାଏ। ଏହି ସମୟରେ ମା'ଠାରୁ ଖାଦ୍ୟ ଗ୍ରହଣ ଓ ନିଃଶ୍ୱାସ ପ୍ରଶ୍ୱାସ ନେବା ଆଦି ସମସ୍ତ କାର୍ଯ୍ୟ ଶିଶୁ ଗ୍ରହଣ କରେ। ତେଣୁ ଜନ୍ମ ପରେ ମା' ସହିତ ଶିଶୁର ନିବିଡ଼ତା ବୃଦ୍ଧି ପାଇବା ସ୍ୱାଭାବିକ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ସରୋଗେସି ମା' କ୍ଷେତ୍ରରେ ମଣିଷ ଅର୍ଥଲୋଭରେ ଗର୍ଭାଶୟ ଭଡ଼ା ଦେଇଥାଏ। ତେବେ ମା' ଓ ଶିଶୁର ଏହି ସମ୍ପର୍କ ତୁଟି ନ ଥାଏ। ଏହା ସମ୍ପୂର୍ଣ୍ଣଭାବେ ଜିନ୍‌ଗତ ବୋଲି ରିପୋର୍ଟରେ କୁହାଯାଇଛି।

# ଭାଇଜାନ୍‌ଙ୍କୁ ହତ୍ୟା ଧମକ



**ନୂଆଦିଲ୍ଲୀ:** ସଲମାନଙ୍କୁ ମିଳିଛି ହତ୍ୟା ଧମକ୍। ବଲିଉଡ୍ ସୁପରଷ୍ଟାର ସଲମାନ୍ ଖାନ୍ ଆସନ୍ତା ଶୁକ୍ରବାର ଅର୍ଥାତ ୨୭ ସେପ୍ଟେମ୍ବରରେ କୃଷ୍ଣସାର ମୃଗ ଶିକାର ମାମଲାରେ ଯୋଧପୁର ସେସନ୍ ଓ ଜିଲା କୋର୍ଟରେ ହାଜର ହେବେ। ତେବେ ଶୁଣାଣି ପୂର୍ବରୁ ଭାଇଜାନଙ୍କୁ ସୋସିଆଲ ମିଡିଆରେ ହତ୍ୟା ଧମକ୍ ମିଳିଛି। ଏନେଇ ଯୋଧପୁର ପୋଲିସର ଚିନ୍ତା ବଢ଼ିଥିବାବେଳେ ଭାଇଜାନଙ୍କ ସୁରକ୍ଷା ବ୍ୟବସ୍ଥା ମଧ୍ୟ ବଢ଼ାଇଦିଆଯାଇଛି। ଗେରୀ ଶୁଟର ନାମରେ ଏକ ଫେସବୁକ୍ ଆକାଉଣ୍ଟରୁ ଏକ ଧମକ୍ ପୂର୍ଣ୍ଣ ପୋଷ୍ଟ କରାଯାଇଛି। ସୋପୁ ଗ୍ରୁପ୍ ନାମକ ଏକ ଫେସବୁକ୍ ଗ୍ରୁପ୍‌ରେ ଏକ ପୋଷ୍ଟ କରାଯାଇଛି। ପୋଷ୍ଟରେ ଆକାଉଣ୍ଟଧାରୀ ସଲମାନଙ୍କୁ ଧମକ୍ ଦେଇ ଲେଖିଛନ୍ତି, ଭାରତୀୟ ଆଇନ ବ୍ୟବସ୍ଥାରୁ ତୁମେ ମୁକୁଳିଯାଇପାରିବ ସଲମାନ୍ କିନ୍ତୁ ବିଷ୍ଣୋୟୀ ସମାଜର ଆଇନ ହାତରୁ ଖସିଯାଇପାରିବ ନାହିଁ। ସୋପୁ ସମାଜର ଆଇନ ଅନୁସାରେ ତୁମେ ଦୋଷୀ ସାବ୍ୟସ୍ତ ହୋଇସାରିଛ ଏବଂ ତୁମକୁ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛି। ଏଭଳି ଧମକ୍ ମିଳିବା ପରେ ଯୋଧପୁର ପୋଲିସ ସଲମାନଙ୍କ ସୁରକ୍ଷା କଡ଼ାକଡ଼ି କରିବାକୁ ଚିନ୍ତା କରୁଥିବାବେଳେ କୌଣସି ପ୍ରତିକ୍ରିୟା ଦେଇନି।

# ଦାମ୍ପତ୍ୟ ଜୀବନରେ ନିବିଡ଼ତା କମାଉଛି ସେଲ୍ ଫୋନ୍

ଓହିଓ: ସେଲ୍ ଫୋନ୍ ଯୋଗୁ ଦାମ୍ପତ୍ୟ ଜୀବନରେ ସମସ୍ୟା ସୃଷ୍ଟି ହେଉଛି । ମୋବାଇଲରୁ ହେଉଥିବା ବିକିରଣ ଯୋଗୁ ମସ୍ତିଷ୍କ ଉପରେ ଏହାର କୁପ୍ରଭାବ ପଡୁଛି। ହାଇପୋଥାଲାମସ୍‌ରେ ନକାରାତ୍ମକ ପ୍ରଭାବ ଯୋଗୁ ହାପିନେସ୍ ହରମୋନ୍ କ୍ଷରଣରେ ବାଧା ସୃଷ୍ଟି ହୋଇଥାଏ ବୋଲି ଓହିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା



ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ମୋବାଇଲ୍ ବିକିରଣର ପ୍ରଭାବ ମହିଳାଙ୍କ ତୁଳନାରେ ପୁରୁଷଙ୍କ ଉପରେ ଅଧିକ ପଡୁଛି। ଫଳରେ ସେମାନେ ଦାମ୍ପତ୍ୟ ଜୀବନ ପ୍ରତି ବିମୁଖ ହୋଇପଡୁଛନ୍ତି। ମୋବାଇଲ୍ ଫୋନ୍‌ର ବିକିରଣ ପ୍ରାଣୀଙ୍କ ଉପରେ କିପରି ପ୍ରଭାବ ପକାଉଛି ତାହା ଜାଣିବା ପାଇଁ ଗବେଷକ କିଛି ଦମ୍ପତିଙ୍କ ଉପରେ ଅଧ୍ୟୟନ କରିଥିଲେ। ମୋବାଇଲ ଫୋନ୍‌ର ବିକିରଣ ଦ୍ୱାରା ଶରୀର କୋଷିକାରେ ଥିବା ବିଭିନ୍ନ ଯୌଗିକର ସଂରଚନାରେ ପରିବର୍ତ୍ତନ ହୋଇଥାଏ। ଏହାଯୋଗୁ କୋଷ ବିଭାଜନ ପ୍ରକ୍ରିୟାରେ ଅନିୟମିତତା ପରିଲକ୍ଷିତ ହୋଇଥାଏ। ସେହିପରି ଏହି ବିକିରଣ ମସ୍ତିଷ୍କ କୋଷିକାର କାର୍ଯ୍ୟକ୍ଷମତାକୁ ପରିବର୍ତ୍ତନ କରି ମନରେ ଅବସାଦ ଭାବ ଆଣିଥାଏ । ଫଳରେ ଦାମ୍ପତ୍ୟ ଜୀବନରେ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।

# ଶରୀରର ଓଜନ ବଢ଼ାଏ ପ୍ରେମ

ମେଲ୍‌ବୋର୍ନ: ପ୍ରେମ ଯୋଗୁ ମନରେ ଏକ ଅଜଣା ଆନନ୍ଦ ଖେଳିଯାଏ । ତେବେ ପ୍ରେମରେ ପଡ଼ିଲେ ଶରୀର ଓଜନ ବଢ଼ିଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ଅଷ୍ଟ୍ରେଲିଆ ସେଣ୍ଟ୍ରାଲ କ୍ୱିନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ରିପୋର୍ଟରେ ଏହା ପ୍ରକାଶ ପାଇଛି। ପ୍ରେମରେ ପଡ଼ିଲେ ଯୁବତୀଯୁବକଙ୍କ ମନରୁ ଚିନ୍ତା ଦୂର ହୋଇଥାଏ। ମନ ଖୁସି ରହିବାରୁ ଅକ୍ସିଟୋସିନ୍ ଏବଂ ଡୋପାମାଇନ୍ ନାମକ ହ୍ୟାପିନେସ୍ ବା ଖୁସି ହରମୋନ୍ କ୍ଷରଣ ହୋଇଥାଏ। ଏହାର ପ୍ରଭାବରେ ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବାକୁ ମନ ହୁଏ। ତେଣୁ ପ୍ରାୟତଃ ପ୍ରେମୀ ଯୁଗଳ ଚକୋଲେଟ୍ ଓ ଫାଷ୍ଟ ଫୁଡ୍ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି। ଏହାଦ୍ୱାରା ବଡି ମାସ୍ ଇଣ୍ଡେକ୍ସ ବୃଦ୍ଧି ପାଏ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

JOBS REQUIREMENT
▸6 Nos. Cook's, ▸6 Nos. Assistant Cook's, ▸Waiter, ▸Room Boy, ▸Lady Receptionist
for a 3 star multi cousin Hotel and Restaurant at Bhubaneswar.
Please contact:
8328848814, 9437389868

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍,
ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time / Full Time)
Contact: 9938676412

WANTED
A Division of timber and furniture unit.
DRIVER - 3 Nos.
MANAGER - 3 Nos.
Contact:7008676323

PLANT JOB
We need ITI & DIPLOMA (ALL BRANCH) for Steel Plant in Paradeep, Jaipur, Arugula, Khodha.
SALARY PER MONTH
For ITI Candidate : 9000 to 12000
For Diploma Candidate : 14000 to 16000
Accommodation, Transportation And Fooding Available
Mob : 9178912298

CHAKAAKHI ENTERPRISES
(DISTRIBUTOR)
Looking for : Medicine Marketing Executive. Graduate Fresher. For : Bhubaneswar. 6000 - 16000/- P.M. Must have own 2 Wheeler
CALL - 7894275800

WANTED
Accountant (Tally) for our Office at Paradeep. Male Candidate with five years experience can be apply.
CONTACT MOB :
9937763988, 8249193688

VIGEN INDIA
Required Smart Boys / Girls Candidates for Office Job. Age - 20 - 30. Education - Matric to Graduate.
Job Location - Ravitalkies Square & Sastrinagar
9348916882

D.T.P. OPERATOR WANTED
Having good knowledge in designing and handy with Adobe Photoshop, Adobe Pagemaker and CorelDRAW 5-6 yrs of experience. Salary starts from 10,000/- to above, Plot No.2977, CHELSHHA Ravi Talkies Road, BBSR-2
Mob.- 9040821015, 9437387034

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

ଭୁବନେଶ୍ୱରରେ ଲଣ୍ଡ୍ରିରେ କାମ କରିବା ନିମନ୍ତେ
୧- ଡାଲା ଅଟୋ ଡ୍ରାଇଭର
୨- ମହିଳା ଏବଂ ପୁରୁଷ ୱାର୍କର
ଭଲ ଦରମା ସହ ରହିବା ସୁବିଧା ଅଛି।
Call :-
୮୨୮୦୦୮୨୮୦୦/୭୬୦୯୮୯୩୧୦୨

ଆବଶ୍ୟକ
ରୋଷେୟା
କ୍ୟାଣ୍ଟିନ୍ ପାଇଁ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ଇ-ମେଲ୍: recruitment@dharitri.com
ଯୋଗାଯୋଗ ନଂ: 7894447154

IBPS
ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଳର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
(୨୦୨୦-୨୧ର ଖାଲି ପଦବୀ ନିମନ୍ତେ ସିଆର୍‌ପି କ୍ଳର୍କ-IX)
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲରିକାଲ୍ କ୍ୟାଡର୍ ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର ୨୦୧୯ ଏବଂ ଜାନୁୟାରୀ ୨୦୨୦ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୧୭ ।୦୯ ।୨୦୧୯ରିଖରୁ ତା୦୯ ।୧୦ ।୨୦୧୯ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୧୭ ।୦୯ ।୨୦୧୯ରିଖରୁ ତା୦୯ ।୧୦ ।୨୦୧୯ରିଖ |
| ପ୍ରାକ୍-ପରୀକ୍ଷା ତାଲିମ୍ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୯ |
| ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ତା୨୫ ।୧୧ ।୨୦୧୯ରିଖରୁ ତା୩୦ ।୧୧ ।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ତା୦୭ ।୧୨ ।୨୦୧୯ରିଖ, ତା୦୮ ।୧୨ ।୨୦୧୯ରିଖ, ତା୧୪ ।୧୨ ।୨୦୧୯ରିଖ ଓ ତା୨୧ ।୧୨ ।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ପରୀକ୍ଷାଫଳ | ଡିସେମ୍ବର, ୨୦୧୯/ ଜାନୁୟାରୀ, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ତା୧୯ ।୦୧ ।୨୦୨୦ରିଖ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ, ୨୦୨୦ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୭ ।୦୯ ।୨୦୧୯
ନିର୍ଦ୍ଦେଶକ, ଆଇବିପିଏସ୍

REQUIRED
Renowned Orissa based Mine contractor company is in need of young & ethuasatic Statutory Personnel for the post of Foreman/Mining mate, 5 years experienced operators for 30T class Excavator, Dumpers, Mechanics, Supervisor, Electrician and Helpers for operation sites in Odisha. Selection will be based on interview. Interested candidate may apply with their resume on following
Mail id :- bbsratwalcoronation@yahoo.com within 3 days.

भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
Argul, Khordha-752050
ADVERTISEMENT No.
Rectt.-OS/02/Non-Teaching/2019
Walk-in Interview/Skill Test
IIT Bhubaneswar invites the interested candidates for walk-in-interview/ Skill Test on 30.09.2019 at 8:00 AM for the following positions to be engaged on outsourced basis:
1. Junior Hindi Translator (JHT)-1
2. Staff Nurse - 2
3. Programmer - 2
Candidates should bring their original certificates along with filled in Application Form, Bio-data and self attested photocopies of testimonials.
They are requested to report at Administrative Building, IIT Bhubaneswar, Argul Campus, Jatni, Khordha-752050, Phone No.-0674-7134810.
For details, please visit Institute's website at http://www.iitbbs.ac.in
Sd/-
REGISTRAR

A leading Real Estate Company Urgently Required
ADVOCATE 1 No. (Full time) 1 year and above experience in real estate.
DEALING ASST 2 Nos., Exp- 3 yrs. and above in real estate.
RECEPTIONIST 1 No., Exp-3 yrs. and above in real estate.
M/s- ODISHA UDYOG INFRAPROJECTS
Plot No- 687/2365, Jaydev Vihar, Next to Andhra Bank, Nayapalli, BBSR-13
7853962524
info@odishaudyog.com

WALK-IN-INTERVIEW
SOVA needs the following personnels each one for Health & Wellness Center, Srimula runned under PPP mode with ZSS, NHM, Dhenkanal.

| S.N. | Category of Staff | No of Post | Basic Salary | Eligibility Qualification |
|---|---|---|---|---|
| 01. | Medical Officer (Allopathic) | 1 | Rs 55,566/- + PI | MBBS degree with valid registration from OCMR |
| 02. | AYUSH MO | 1 | Rs 23,020/- + PI | B.H.M.S., Must be completed Internship Training, Odia in ME & Registered in the State Homeopathy Council with valid license |
| 03. | Pharmacist | 1 | Rs 12,140/- + PI | Degree/Diploma in Pharmacy having 1 year experience |
| 04. | ANM | 1 | Rs 11,735/- + PI | HSC with completion of ANM Course from INC approved Institution, must have registered in the Odisha Nursing Counsel |
| 05. | Lab Technician | 1 | Rs 12,140/- + PI | DMLT from AICTE/ AICTE approved or Govt recognised Institution |
| 06. | Attendant-cum-Sweeper | 1 | Rs 8,836/- | 8th pass with 5 years experience |

The desirous candidate having the required qualification & Experience to attend the walk-in-interview on 29th Sept. 2019 by 10.00 AM at SOVA, Kashipada, Dhenkanal with all certificates and testimony.
Sd/-
Director, SOVA
Kashipada, Dhenkanal
M- 9437361026, 8328810060

ନୋଟିସ: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.01 (7) | 39,097.14 (7.11) | 11,588.20 (12) | 39,020.00 (₹330) | 48,720.00 (₹730) |



ଭାରତରେ ଡ୍ରାଇଭରହୀନ କାର୍ ଚଳାଇବାକୁ ଅନୁମତି ଦିଆଯିବ ନାହିଁ। କାରଣ ଏହାଦ୍ୱାରା ଦେଶରେ ଲକ୍ଷ ଲକ୍ଷ ଲୋକ ବେକାର ହୋଇଯିବେ।
– ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ



ପଞ୍ଜାବକୁ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରାଯିବ। ଏଥିଲାଗି ଅଧିକ ପୁଞ୍ଜିନିବେଶ ପ୍ରୟାସ ଚାଲିଛି।
– ମନପ୍ରୀତ୍ ସିଂ ବାଦଲ, ପଞ୍ଜାବ ଅର୍ଥମନ୍ତ୍ରୀ

## ସଂକ୍ଷେପରେ

### ୧୮ ଭାରତୀୟ କମ୍ପାନୀ ଫୋର୍ବ୍ସ ତାଲିକାରେ




**ନୂଆଦିଲ୍ଲୀ,୨୪-୯:** ଫୋର୍ବ୍ସର ସମ୍ମାନିତ କମ୍ପାନୀ ତାଲିକାରେ ୧୮ ଭାରତୀୟ କମ୍ପାନୀ ସ୍ଥାନ ପାଇଛି। ତନ୍ମଧ୍ୟରେ ଆଇଟି କମ୍ପାନୀ ଇନ୍‌ଫୋସିସ୍, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍(ଟିସିଏସ୍) ଏବଂ ଏଚ୍‌ଡିଏଫ୍‌ସି ସାମିଲ ହୋଇଛି। ସୂଚନା ପ୍ରଯୁକ୍ତି କ୍ଷେତ୍ରରେ କାର୍ଯ୍ୟରତ କମ୍ପାନୀ ଇନ୍‌ଫୋସିସ୍ ବିଶ୍ୱର ସମ୍ମାନିତ କମ୍ପାନୀ ତାଲିକାରେ ତୃତୀୟ ସ୍ଥାନ ହାସଲ କରିଛି। ବିଶ୍ୱ ପେମେଣ୍ଟ ପ୍ରଯୁକ୍ତି କମ୍ପାନୀ ଭିଜା ଏହି ତାଲିକାର ଶୀର୍ଷରେ ଏବଂ ଇଟାଲୀର କାର୍ କମ୍ପାନୀ ଫେରାରୀ ଦ୍ୱିତୀୟ ସ୍ଥାନରେ ରହିଛି। ଇନ୍‌ଫୋସିସ୍ ଗତବର୍ଷ ଏହି ତାଲିକାର ୩୧ତମ ସ୍ଥାନରେ ରହିଥିଲା। ତାଲିକାର ଶୀର୍ଷ ୧୦ କମ୍ପାନୀ ମଧ୍ୟରେ ନେଟ୍‌ଫ୍ଲିକ୍ସ ଚତୁର୍ଥ, ପେପଲ୍ ପଞ୍ଚମ, ମାଇକ୍ରୋସଫ୍ଟ ଷଷ୍ଠ, ୱାଲ୍ଟ ଡିଜନୀ ସପ୍ତମ, ଟୟୋଟା ମୋଟର ଅଷ୍ଟମ, ମାଷ୍ଟରକାର୍ଡ ନବମ ଏବଂ କାଷ୍ଟକୋ ହୋଲସେଲ୍ ଦଶମ ସ୍ଥାନରେ ରହିଛି। ତାଲିକାରେ ସ୍ଥାନ ପାଇଥିବା ଭାରତୀୟ କମ୍ପାନୀଗୁଡ଼ିକ ହେଲେ ଇନ୍‌ଫୋସିସ୍(୩), ଟିସିଏସ୍(୨୨), ଟାଟା ମୋଟର୍ସ(୩୧), ଟାଟା ଷ୍ଟିଲ୍(୧୦୫), ଲାର୍ସନ ଆଣ୍ଡ ଟୁବ୍ରୋ(୧୧୫), ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା(୧୧୭), ଏଚ୍‌ଡିଏଫ୍‌ସି(୧୩୫), ବଜାଜ ଫିନ୍‌ସର୍ଭ(୧୪୩), ପିରାମଲ ଏଣ୍ଟରପ୍ରାଇଜେସ୍(୧୪୯), ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ(୧୫୩), ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍(୧୫୫), ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ(୧୫୭), ୱିପ୍ରୋ(୧୬୮), ଏଚ୍‌ଡିଏଫ୍‌ଡି ବ୍ୟାଙ୍କ(୨୦୪), ସନଫାର୍ମା ଇଣ୍ଡଷ୍ଟ୍ରିଜ(୨୧୭), ଜେନେରାଲ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(୨୨୪), ଆଇଟିସି(୨୩୧) ଏବଂ ଏସିଆନ ପେଣ୍ଟସ(୨୪୮)। ବିଶ୍ୱର ୨୫୦ ସମ୍ମାନୀତ କମ୍ପାନୀ ତାଲିକାରେ ସର୍ବାଧିକ ୫୯ କମ୍ପାନୀ ଆମେରିକାର ବୋଲି ଜଣାପଡିଛି। ଏହାପରେ ଜାପାନ, ଚାଇନା ଓ ଭାରତର ରହିଛି। ଜାପାନ, ଚାଇନା ଓ ଭାରତର ମୋଟ ୮୨ କମ୍ପାନୀ ତାଲିକାରେ ସାମିଲ ହୋଇଛନ୍ତି। ଗତବର୍ଷ ଏହି ୩ ଦେଶର ୬୩ କମ୍ପାନୀ ଉକ୍ତ ତାଲିକାରେ ସାମିଲ ହୋଇପାରିଥିଲେ।

### ଥମାସ କୁକ୍ ଦେବାଳିଆ ହେବା କାରଣ
## ପ୍ରଭାବିତ ହେବ ଭାରତର ପର୍ଯ୍ୟଟନ ଶିଳ୍ପ




**ନୂଆଦିଲ୍ଲୀ,୨୪-୯:** ବିଶ୍ୱର ସର୍ବବୃହତ୍ ପର୍ଯ୍ୟଟନ ସେବା ଯୋଗାଣକାରୀ କମ୍ପାନୀ ବ୍ରିଟେନର ଥମାସ କୁକ୍ ରାତାରାତି ନିଜକୁ ଦେବାଳିଆ ଘୋଷଣା କରିବା ଦ୍ୱାରା ସାରାବିଶ୍ୱର ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହେବାକୁ ଯାଉଛି। ଭାରତ ମଧ୍ୟ ଏଥିରୁ ବାଦ୍ ପଡିବନି। ଥମାସ କୁକ୍ ବନ୍ଦ ହୋଇଯିବା ଦ୍ୱାରା ଭାରତକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଯଥେଷ୍ଟ ସଂଖ୍ୟାରେ କମିଯିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଫଳସ୍ୱରୂପ ଆଗାମୀ ଦିନରେ ଭାରତର ବୈଦେଶିକ ମୁଦ୍ରା ଅର୍ଜନ ବହୁ ପରିମାଣରେ କମିବ ବୋଲି ସେମାନେ କହିଛନ୍ତି। ପର୍ଯ୍ୟଟନ ଉଦ୍ୟୋଗ ସୂତ୍ରରୁ ପ୍ରକାଶ ଯେ, ଥମାସ କୁକ୍ ବ୍ରିଟେନ, ଜର୍ମାନୀ ଓ ଫ୍ରାନ୍ସ ଭି ଦେଶରୁ ବଡ଼ ଆକାରରେ ଖର୍ଚ୍ଚ କରିପାରୁଥିବା ପର୍ଯ୍ୟଟକଙ୍କୁ ଭାରତ ପଠାଉଥିଲା। ଭାରତୀୟ ବଜାର ଥମାସ କୁକ୍‌ର ପାଇଁ ଆୟର ପ୍ରମୁଖ ସ୍ରୋତ ଥିଲା। ଦିଲ୍ଲୀସ୍ଥିତ ୨୪X୭ ଟ୍ରାଭେଲ୍ସ ଡଟ୍ କମ୍‌ର ନିର୍ଦ୍ଦେଶକ ହରଜିନ୍ଦର ସିଂ କହିଛନ୍ତି ଯେ, ଥମାସ କୁକ୍ ବନ୍ଦ ହୋଇଯିବା ପରେ ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ନିଶ୍ଚିତ ରୂପେ ହ୍ରାସ ପାଇବ। ମାନ୍ଦାବସ୍ଥା କାରଣରୁ ଦେଶର ପର୍ଯ୍ୟଟନ ଉଦ୍ୟୋଗ ସଂଘର୍ଷ କରୁଥିବା ବେଳେ ଥମାସ କୁକ୍ ବନ୍ଦ ହୋଇଯିବା ବେଡି ଉପରେ କୋରଡା ମାଡ଼ ସଦୃଶ ହେବ। ସଦ୍ୟତମ ସରକାରୀ ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଭାରତ ଆସିଥିବା ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ବ୍ରିଟେନରୁ ୮.୦୧ ପ୍ରତିଶତ, ଜର୍ମାନୀରୁ ୧.୮୫% ରହିଛନ୍ତି। ବିଶ୍ୱରେ ମାନ୍ଦାବସ୍ଥା କାରଣରୁ ବିଦେଶୀ ପର୍ଯ୍ୟଟକଙ୍କ ବୁଲିବା କମୁଛି। ଫଳରେ ଥମାସ କୁକ୍ ଭଳି ବହୁ ପର୍ଯ୍ୟଟନ ସେବା ଯୋଗାଣକାରୀ କମ୍ପାନୀ ବନ୍ଦ ହେବାକୁ ବସିଛି ବୋଲି ସେ କହିଛନ୍ତି।

### ସ୍ୱାସ୍ଥ୍ୟ ବୀମା ପ୍ରିମିୟମ
# ମାସିକ ଭିତ୍ତିରେ ଦେଇ ହେବ

ନୂଆଦିଲ୍ଲୀ,୨୪–୯

ସ୍ୱାସ୍ଥ୍ୟ ବୀମା ନେଉଥିବା ଗ୍ରାହକ ଏଣିକି ମାସିକ ଆଧାରରେ ବୀମା ପ୍ରିମିୟମ ଜମା କରିପାରିବେ। ଇନ୍‌ସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ ଡେଭଲପ୍‌ମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ(ଆଇଆର୍‌ଡିଏ) ପକ୍ଷରୁ ନିୟମରେ ପରିବର୍ତ୍ତନ କରାଯାଇ ନିର୍ଦ୍ଦେଶ ଜାରି କରାଯାଇଛି। ସ୍ୱାସ୍ଥ୍ୟ ବୀମା ପଲିସି ବିକ୍ରି କରୁଥିବା ସାଧାରଣ ବୀମା କମ୍ପାନୀଙ୍କ କ୍ଷେତ୍ରରେ ମଧ୍ୟ ଏହି ନୂଆ ନିୟମ ଲାଗୁ ହେବ। ଆଇଆର୍‌ଡିଏ ପକ୍ଷରୁ ନୂଆ ସର୍କୁଲାର ଜାରି କରାଯାଇଛି। ଆଇଆର୍‌ଡିଏ ନିଜର ନିର୍ଦ୍ଦେଶରେ କହିଛି ଯେ, ଏବେ କୌଣସି ଗ୍ରାହକ ସାଧାରଣ ଅଥବା ସ୍ୱାସ୍ଥ୍ୟ ବୀମା କମ୍ପାନୀଙ୍କଠାରୁ ମାସିକ, ତ୍ରୈମାସିକ ଅଥବା ୬ ମାସ ଆଧାରରେ ବୀମା ପ୍ରିମିୟମ ପୈଠ କରିପାରିବେ। ଏହାଛଡ଼ା ବାର୍ଷିକ ପ୍ରିମିୟମ ମଧ୍ୟ ଦେଇ ହେବ। ଏଥିସହିତ ବୀମା କମ୍ପାନୀ ପଲିସି ଡକ୍ୟୁମେଣ୍ଟକୁ ଛୋଟ ପରିବର୍ତ୍ତନ କରିପାରିବେ। ଏହାଦ୍ୱାରା ବୀମାଧାରୀଙ୍କୁ ପଲିସି ସମ୍ପର୍କରେ ଠିକ୍ ତଥ୍ୟ ମିଳିପାରିବ। ତେବେ ଏହାଦ୍ୱାରା ବୀମା ପଲିସି କଭରେଜ ନିୟମ ଓ ସର୍ତ୍ତରେ କୌଣସି ପ୍ରକାର ସଂଶୋଧନ କରାଯାଇପାରିବ ନାହିଁ ବୋଲି ସର୍କୁଲାରରେ କୁହାଯାଇଛି। ସେହିପରି ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ମଧ୍ୟ ବୀମା କିଣିପାରିବେ। ଏଥିପାଇଁ ବୀମା କମ୍ପାନୀଙ୍କୁ ଆଇଆର୍‌ଡିଏର ପ୍ରାକ୍ ଅନୁମତି ନେବାକୁ ହେବ। କମ୍ପାନୀଗୁଡ଼ିକ ପ୍ରିମିୟମ ରାଶିକୁ ୧୫ ପ୍ରତିଶତ ବଢ଼ାଇ ଅଥବା ହ୍ରାସ କରିପାରିବେ। ଆଇଆର୍‌ଡିଏ ପଲିସିଧାରୀଙ୍କୁ ବଡ଼ ଫାଇଦା ଦେବାକୁ ଯାଇ କହିଛନ୍ତି ଯେ, କମ୍ପାନୀ ଚାହିଁଲେ ନିଜର ଯେକୌଣସି ପଲିସିରେ ଗମ୍ଭୀର ରୋଗକୁ ଯୋଡି ପାରିବେ। ପୂର୍ବରୁ ଏହି ବ୍ୟବସ୍ଥା ନ ଥିଲା। ତେବେ ଏଥିଲାଗି ସେମାନଙ୍କୁ ସମସ୍ତ ଷ୍ଟେକ୍ ହୋଲ୍ଡର୍ସଙ୍କ ଠାରୁ ଅନୁମତି ନେବାକୁ ହେବ। ଏଥିଯୋଗୁ ପ୍ରିମିୟମ ରାଶି ଅପରିବର୍ତ୍ତିତ ରହିବ। ୮ ପୃଷ୍ଠାର ଏହି ସର୍କୁଲାର ସମ୍ପର୍କରେ ବଜାଜ୍ ଆଲିଆଞ୍ଜର ରିଟେଲ ହେଲ୍‌ଥ ମୁଖ୍ୟରଶ୍ମୀ ନନ୍ଦଗୀ କହିଛନ୍ତି ଯେ, ଆଇଆର୍‌ଡିଏ ଦ୍ୱାରା ସଂଶୋଧିତ ନିୟମକୁ ସେ ସ୍ୱାଗତ କରୁଛନ୍ତି। ଏହାଦ୍ୱାରା ବୀମା ଉତ୍ପାଦର ବିକ୍ରି ବଢ଼ିବ ଓ ଉତ୍ପାଦ ଅଧିକ ସ୍ୱଚ୍ଛ ହେବ। ଫଳରେ ଉଭୟ ବୀମା କମ୍ପାନୀ ଓ ଗ୍ରାହକଙ୍କୁ ଫାଇଦା ମିଳିବ। ଏଥିସହିତ କମ୍ପାନୀଙ୍କୁ ପଲିସିରେ କୌଣସି ପ୍ରକାର ସଂଶୋଧନ କରିବା ଲାଗି ଅଧିକ ସମୟ ଲାଗିବ ନାହିଁ। ତେବେ ଆଇଆର୍‌ଡିଏ ପକ୍ଷରୁ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, କୌଣସି ବୀମା ଉତ୍ପାଦ ଶୁଭାରମ୍ଭ ହେବାର ୩ ବର୍ଷ ପରେ ହିଁ ବୀମା ପ୍ରିମିୟମରେ ସଂଶୋଧନ ହୋଇପାରିବ।

**ଆଇଆର୍‌ଡିଏ ନେଲା ନିଷ୍ପତ୍ତି**
- ତ୍ରୈମାସିକ, ୬ ମାସିକ ଭିତ୍ତିରେ ମଧ୍ୟ ପ୍ରିମିୟମ ଦେଇ ହେବ
- ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବୀମା ସୁବିଧା ମିଳିବ
- କମ୍ପାନୀ ପ୍ରିମିୟମ ରାଶିକୁ ୧୫% ହ୍ରାସବୃଦ୍ଧି କରିପାରିବେ




## ପୁରୀ–ହାଓଡା ମଧ୍ୟରେ ଗଡ଼ିବ ଘରୋଇ ଟ୍ରେନ

ନୂଆଦିଲ୍ଲୀ,୨୪–୯

- ୨୭ରେ ରେଳ ବୋର୍ଡ ନେବ ନିଷ୍ପତ୍ତି
- ସାଙ୍କେତିକ ରୁଟ୍ ସମ୍ପର୍କରେ ରେଳୱେର ସୂଚନା
- ୧୦୦ ଦିନିଆ ଆକ୍ସନରେ ହୋଇଛି ଉଲ୍ଲେଖ
- ବିଡିଂ ଯୋଗେ ବଛାଯିବେ ଅପରେଟର

ସାରା ଦେଶର ୨୪ ରୁଟରେ ଘରୋଇ ଟ୍ରେନ ଚଳାଇବା ନେଇ ରେଳ ମନ୍ତ୍ରଣାଳୟ ଯୋଜନା ରଖିଛି। ଏହି କ୍ରମରେ ରାଜ୍ୟରୁ ପୁରୀଠାରୁ ପଶ୍ଚିମବଙ୍ଗର ହାଓଡା ମଧ୍ୟରେ ଏଭଳି ଏକ ଟ୍ରେନ ଗଡିପାରେ। ଚଳିତ ମାସ ୨୭ରେ ରେଳ ବୋର୍ଡ ପକ୍ଷରୁ ଏହାର ସଦସ୍ୟଙ୍କ ଲାଗି ଏକ ବୈଠକ ଆୟୋଜନ କରାଯାଉଛି। ଘରୋଇ ଯାତ୍ରୀବାହୀ ଟ୍ରେନ ଚଳାଚଳ ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା ହେବ। ଏହା ପୂର୍ବରୁ ରେଳ ବୋର୍ଡ ପକ୍ଷରୁ ସାଙ୍କେତିକ ରୁଟ ସମ୍ପର୍କରେ ପ୍ରସ୍ତାବ ଦିଆଯାଇଛି। ଏହା ମଧ୍ୟରେ ପୁରୀ–ହାଓଡା ସମେତ ମୁମ୍ବାଇ–ଅହମ୍ମଦାବାଦ, ମୁମ୍ବାଇ–ପୁଣେ, ହାଓଡା–ଟାଟା, ହାଓଡା–ପାଟଣା, ଦିଲ୍ଲୀ, ଚଣ୍ଡିଗଡ, ଅମୃତସର ଭଳି ପ୍ରମୁଖ ରୁଟ ସ୍ଥାନ ପାଇଛି। ଏହାବାଦ ଅନ୍ୟ ସାମ୍ଭାବ୍ୟ ଇଣ୍ଟରସିଟି ରୁଟଗୁଡିକରେ ଘରୋଇ ଟ୍ରେନ ଚଳାଚଳ ନେଇ ମଧ୍ୟ ଆଲୋଚନା କରାଯିବ।

ସେହିଭଳି ଦିଲ୍ଲୀ–ମୁମ୍ବାଇ, ଦିଲ୍ଲୀ–ହାଓଡା, ସିକନ୍ଦରାବାଦ–ଦିଲ୍ଲୀ, ଦିଲ୍ଲୀ–ଚେନ୍ନାଇ, ହାଓଡା–ମୁମ୍ବାଇ ଭଳି ରୁଟରେ ଓଭରନାଇଟ ଏବଂ ଦୀର୍ଘ ଦୂରତ୍ୱ ବିଶିଷ୍ଟ ଟ୍ରେନ ସେବା ସେବା ମଧ୍ୟ ଏହା ମଧ୍ୟରେ ସାମିଲ ହୋଇପାରେ। ଏହି ପଦକ୍ଷେପ ଅନ୍ତର୍ଗତ ଘରୋଇ ଅପରେଟରମାନେ ଭଡା ନିର୍ଦ୍ଧାରଣ ଏବଂ ଆଦାୟ ନେଇ ଅଧିକାର ଲାଭ କରିବେ। ଏଥି ଲାଗି କନସେସନ ଏଗ୍ରିମେଣ୍ଟ ମଧ୍ୟ ହେବ। ଘରୋଇ ଟ୍ରେନ ଚଳାଚଳ ଲାଗି ସାମ୍ଭାବ୍ୟ ଏବଂ ପରିଚାଳନା ସୁଗମ ହେଉଥିବା ରୁଟଗୁଡିକୁ ବାଛିବା ଲାଗି ଜୋନାଲ ରେଲୱେର ମତାମତ ଲୋଡାଯାଇଛି। ରେଳ ଯାତ୍ରୀଙ୍କୁ ବିଶ୍ୱ ସ୍ତରୀୟ ସେବା ଯୋଗାଣ ଲକ୍ଷ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ନିଷ୍ପତ୍ତି ହୋଇଛି। ରେଲୱେ ଏହାର ୧୦୦ ଦିନିଆ ଆକ୍ସନ ପ୍ଲାନ ଅନ୍ତର୍ଗତ ଏନେଇ ଉଲ୍ଲେଖ କରିଛି। ବିଭିନ୍ନ ବର୍ଗରେ ଟ୍ରେନ ଚଳାଚଳ ନେଇ ଘରୋଇ ଅପରେଟରଙ୍କୁ ବିଡିଂ ଯୋଗେ ଚୟନ କରାଯିବ। ଏହା ଦ୍ୱାରା ଦେଶର ପ୍ରମୁଖ ସହରକୁ ସେବା ଯୋଗାଣ କରିବା ନେଇ ଯୋଜନା ରଖାଯାଇଛି।

### ମୁଦ୍ରାନୀତି ବୈଠକ ପୂର୍ବରୁ ସୀତାରାମନ୍‌ଙ୍କୁ ଭେଟିଲେ ଶକ୍ତିକାନ୍ତ
## 'କର୍ପୋରେଟ ଟିକସ ହ୍ରାସରୁ ନିବେଶ ବଢ଼ିବ'

ନୂଆଦିଲ୍ଲୀ,୨୪–୯



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଆସନ୍ତା ମୁଦ୍ରାନୀତି ସମୀକ୍ଷା ପୂର୍ବରୁ ଗଭର୍ନର ଶକ୍ତିକାନ୍ତ ଦାସ ମଙ୍ଗଳବାର ଏଠାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଭେଟିଛନ୍ତି। ସରକାରଙ୍କ ଆର୍ଥିକ ନୀତି, ମୁଦ୍ରାସ୍ଫୀତି, ଜିଡିପି ହାର ହ୍ରାସ ଆଦି ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଆର୍‌ବିଆଇର ମୁଦ୍ରାନୀତି ଘୋଷଣା ପୂର୍ବରୁ ଅର୍ଥମନ୍ତ୍ରୀଙ୍କ ସହ ଆର୍‌ବିଆଇ ଗଭର୍ନରଙ୍କ ଭେଟ ପାରମ୍ପରିକ ରହିଥାଏ। ବାହାରେ ଅପେକ୍ଷାରତ ଖବରଦାତାଙ୍କ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ସରକାରଙ୍କ ଦ୍ୱାରା କର୍ପୋରେଟ ଟିକସ ହ୍ରାସ ଘୋଷଣା ସକାରାତ୍ମକ ହେବ। ଫଳରେ ଭାରତ ବିଦେଶୀ ନିବେଶକଙ୍କ ଲାଗି ଅତ୍ୟନ୍ତ ଆକର୍ଷଣୀୟ ସ୍ଥଳ ପାଲଟିଯାଇଛି ବୋଲି ସେ କହିଛନ୍ତି।

ଗଭର୍ନର ଦାସ କହିଛନ୍ତି ଯେ, କର୍ପୋରେଟ ଟିକସ ହ୍ରାସ ଦ୍ୱାରା ଭାରତ ଆସିଆନ ଓ ଏସିଆର ଅନ୍ୟ ବିକାଶଶୀଳ ବଜାର ତୁଳନାରେ ଅଧିକ ପ୍ରତିଯୋଗିତାମୂଳକ ହୋଇଛି। ତାଙ୍କ ମତରେ ଆଜି ଭାରତ ପ୍ରତିଯୋଗିତା କ୍ଷେତ୍ରରେ ମଜଭୁତ ସ୍ଥିତିରେ ରହିଛି। ଏହାଦ୍ୱାରା ଦେଶରେ ଅଧିକ ନିବେଶ ହୋଇପାରିବ। ଘରୋଇ ନିବେଶ ସମ୍ପର୍କରେ ମତବ୍ୟକ୍ତ କରି ଶକ୍ତିକାନ୍ତ କହିଛନ୍ତି ଯେ, ବର୍ତ୍ତମାନ କମ୍ପାନୀଙ୍କ ନିକଟରେ ପୁଞ୍ଜିଗତ ନିବେଶ ବଢ଼ାଇବା ଲାଗି ପୂର୍ବାପେକ୍ଷା ଅଧିକ ଅର୍ଥ ସଞ୍ଚୟ ହେବ। ଫଳରେ ସେମାନଙ୍କ ମଧ୍ୟରୁ କେତେକ ନିବେଶ ବଢ଼ାଇବେ ଓ ଅନ୍ୟ କେତେକ ନିଜର ଋଣ ପରିଶୋଧ କରିବେ। ଏହାଦ୍ୱାରା ସେମାନଙ୍କର ବାଲାନ୍ସ ସିଟ୍ ସୁଧୁରିଯିବ।

### ୟୁକୋ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

ଭୁବନେଶ୍ୱର,୨୪–୯

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଚଳିତ ମାସ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ପଖୱାଡା ପାଳିତ ହୋଇଯାଇଛି। ଏହାର ସମାପନ ଦିବସରେ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଆଞ୍ଚଳିକ ପ୍ରବନ୍ଧକ ଟି.ଆର୍. ଚୋକଲିଙ୍ଗମ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶଙ୍କର ଲାଲ ପୁରୋହିତ ଯୋଗ ଦେଇଥିଲେ। ହିନ୍ଦୀ ଭାଷା ପ୍ରତି ସଚେତନତା ସୃଷ୍ଟି ହିନ୍ଦୀରେ କାର୍ଯ୍ୟ କରିବାର ବାତାବରଣ ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଛି।

### ମୋବାଇଲ ଆପ୍‌ର ଶୁଭାରମ୍ଭ
## ଚାଷୀଙ୍କୁ ଭଡ଼ାରେ ଟ୍ରାକ୍ଟର ଯୋଗାଇବେ ସରକାର

ନୂଆଦିଲ୍ଲୀ,୨୪–୯

କାର୍, ବାଇକ ଭଳି ଏଣିକି ଟ୍ରାକ୍ଟର ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତିକୁ ଭଡ଼ାରେ ଆଣିହେବ। ଏଥିଲାଗି ସରକାରୀ ସ୍ତରରେ ବ୍ୟବସ୍ଥା ହୋଇଛି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ମୋବାଇଲ ଆପ୍‌ର ଶୁଭାରମ୍ଭ କରାଯାଇଛି। କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ମଙ୍ଗଳବାର ଏହି ଆପ୍‌ର ଶୁଭାରମ୍ଭ ଘୋଷଣା କରିଛନ୍ତି।

ଆପ୍‌ର ଶୁଭାରମ୍ଭ କରି ତୋମର କହିଛନ୍ତି ଯେ, ଲୋକେ ଦୂର ସ୍ଥାନକୁ ଯିବା ଲାଗି ଯେପରି ଆପ୍ ଜରିଆରେ ଓଲା, ଉବର କ୍ୟାବ୍ ବ୍ୟବହାର କରୁଛନ୍ତି, ଅନୁରୂପ ଭାବେ ଆପ୍ ବ୍ୟବହାର କରି ଚାଷୀମାନେ ଟ୍ରାକ୍ଟରଠାରୁ ଆରମ୍ଭ କରି ଚାଷ କାର୍ଯ୍ୟରେ ବ୍ୟବହୃତ ସମସ୍ତ ଯନ୍ତ୍ରପାତିକୁ ଭଡ଼ା ସୂତ୍ରରେ ନେଇହେବ। କୃଷି ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସାରା ଦେଶରେ କଷ୍ଟମ୍ ହାୟାରିଂ ସେଣ୍ଟର(ସିଏଚ୍‌ସି) ଫାର୍ମ ମେସିନେରି ପ୍ରତିଷ୍ଠା କରାଯାଇଛି। ଏହି ଆପ୍ ବ୍ୟବହାର କରି ଚାଷୀ ନିଜ ଜମିର ୫୦ କିମି ପରିସର ମଧ୍ୟରେ ଅବସ୍ଥିତ ସିଏଚ୍‌ସି ସେଣ୍ଟରରୁ ଟ୍ରାକ୍ଟର ସମେତ ଯେକୌଣସି ଚାଷ ଉପକରଣକୁ ଭଡ଼ାରେ ନେଇପାରିବେ। ଏହି ଆପ୍ ୧୨ ଭାଷାରେ ଉପଲବ୍ଧ। ଏହାଦ୍ୱାରା ଚାଷ ଲାଗି ଆବଶ୍ୟକ ଦାମୀ ଚାଷ ଉପକରଣ କିଣିବାକୁ ପଡିବ ନାହିଁ। ଫଳରେ ଚାଷୀଙ୍କ ଲଗାଣ ଖର୍ଚ୍ଚ ଅନେକାଂଶରେ କମିଯିବ ଓ ସେମାନଙ୍କର ଆୟ ବଢ଼ିବ ବୋଲି ତୋମର କହିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୪୦ ହଜାର କଷ୍ଟମ ହାୟାରିଂ ସେଣ୍ଟର ଉକ୍ତ ଆପ୍ ସହ ନିଜକୁ ଯୋଡିଛନ୍ତି। ସେଠାରେ ୧ଲକ୍ଷ ୨୦ ହଜାର ପ୍ରକାର କୃଷି ଯନ୍ତ୍ରପାତି ଓ ଉପକରଣ ଉପଲବ୍ଧ ହେବ। ଚାଷୀ ଆପ୍‌ରେ ମେଶିନର ଫଟୋ ଦେଖି ଭଡା ଜାଣିବା ପରେ ଅର୍ଡର ଦେଇପାରିବେ। ସେହିପରି ତୋମର କୃଷି କିଷାନ ଆପ୍‌ର ମଧ୍ୟ ଶୁଭାରମ୍ଭ କରିଛନ୍ତି। କୃଷି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ଜିଓ ସଂଯୋଗ ହୋଇଥିବା ଫସଲ ପ୍ରଦର୍ଶନ ଏବଂ ମଞ୍ଜି ହବ୍ ସମ୍ପର୍କରେ ଏହି ଆପ୍ ମାଧ୍ୟମରେ ଚାଷୀ ଜାଣିପାରିବେ। ଫସଲ ପ୍ରଦର୍ଶନ ଫିଲ୍ଡରେ ସରକାର ନୂଆ ନୂଆ ଚାଷ ଉପକରଣ ଓ ପ୍ରଯୁକ୍ତି ସମ୍ପର୍କରେ ଜଣାଇପାରିବେ।




### ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ହିନ୍ଦୀ ପଖୱାଡା

**ଭୁବନେଶ୍ୱର,୨୪–୯:** ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇ ଯାଇଛି। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ କେ.ବି.ବି.ଏନ୍.ଏସ୍. ରାମମୂର୍ତ୍ତୀ, ସର୍କଲ କାର୍ଯ୍ୟାଳୟ ଉପମହାପ୍ରବନ୍ଧକ ଅନୁପ କୁମାର ମହାନ୍ତି, ରାଜଭାଷା ଅଧିକାରୀ ବିଜୟ କୁମାର ଚୌଧୁରୀ ଏବଂ ଅଞ୍ଚଳିକ ପ୍ରବନ୍ଧକ ଶିବ ପ୍ରଶାଦ ଦାସ ପ୍ରମୁଖ ଯୋଗ ଦେଇ ହିନ୍ଦୀ ଭାଷାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ହିନ୍ଦୀ ଭାଷା ପ୍ରତି ସଚେତନତା ସୃଷ୍ଟି ଲାଗି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

### ପିଏମ୍‌ସି ବ୍ୟାଙ୍କ ଉପରେ ଲାଗିଲା କଟକଣା
## ଗ୍ରାହକ ଏକାଥରକେ ଉଠାଇ ପାରିବେ ୧୦୦୦ ଟଙ୍କା

ମୁମ୍ବାଇ,୨୪–୯

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ ବ୍ୟାଙ୍କ ଲିମିଟେଡ (ପିଏମ୍‌ସି ବ୍ୟାଙ୍କ), ମୁମ୍ବାଇର ଦୈନନ୍ଦିନ କାର୍ଯ୍ୟ ଉପରେ ୬ ମାସ ପର୍ଯ୍ୟନ୍ତ କଟକଣା ଜାରି କରିଛି। କେନ୍ଦ୍ରୀୟ ବ୍ୟାଙ୍କର ନିର୍ଦ୍ଦେଶ ମୁତାବକ ବ୍ୟାଙ୍କ ଆକାଉଣ୍ଟଧାରୀମାନେ ନିଜ ଆକାଉଣ୍ଟରୁ ଦୈନିକ ମାତ୍ର ୧ହଜାର ଟଙ୍କା କାଢ଼ିପାରିବେ ବୋଲି ଆର୍‌ବିଆଇର ଚିଫ୍ ଜେନେରାଲ ମ୍ୟାନେଜର ଯୋଗେଶ ଦୟାଲ କହିଛନ୍ତି। ଏଥିସହିତ ବ୍ୟାଙ୍କ କୌଣସି ନୂଆ ଋଣ ଜାରି କରିପାରିବ ନାହିଁ। ଆର୍‌ବିଆଇର କଟକଣା ଜାରି ଖବର ପ୍ରଚାରିତ ହେବା ମାତ୍ରେ ପିଏମ୍‌ସି ବ୍ୟାଙ୍କର ମୁମ୍ବାଇରେ ଥିବା ପ୍ରତ୍ୟେକ ଶାଖାରେ ଗ୍ରାହକଙ୍କ ଭିଡ ପରିଲକ୍ଷିତ ହୋଇଛି। ପିଏମ୍‌ସି ବ୍ୟାଙ୍କର ଏକାଧିକ ରାଜ୍ୟରେ ଶାଖା ରହିଛି। ମହାରାଷ୍ଟ୍ର, ଦିଲ୍ଲୀ, କର୍ନାଟକ, ଗୋଆ, ଗୁଜରାଟ, ଆନ୍ଧ୍ରପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ଶାଖା ରହିଛି। ୧୯୮୪ରେ ମୁମ୍ବାଇର ଏକ ଛୋଟିଆ ଘରେ ପ୍ରତିଷ୍ଠା ହୋଇଥିବା ଏହି ବ୍ୟାଙ୍କର ବର୍ତ୍ତମାନ ୬ ରାଜ୍ୟରେ ୧୩୭ ଶାଖା ରହିଛି। ଏହା ଦେଶର ଶୀର୍ଷ ୧୦ କୋଅପରେଟିଭ ବ୍ୟାଙ୍କ ମଧ୍ୟରେ ସାମିଲ ହୋଇଛି। ପିଏମ୍‌ସି ବ୍ୟାଙ୍କର ଏମ୍‌ଡି ଜୟ ଥୋମାସ୍ ଆର୍‌ବିଆଇ ଦ୍ୱାରା କଟକଣା ଜାରି କରାଯାଇଥିବା ସ୍ୱୀକାର କରିଛନ୍ତି।




# ବିଶ୍ୱ ବଜାରରେ ପହଞ୍ଚିବେ ଏମ୍‌ଏସ୍‌ଏମ୍‌ଇ

ନୂଆଦିଲ୍ଲୀ,୨୪–୯

ଦେଶର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡିକ ପ୍ରସ୍ତୁତ କରୁଥିବା ସାମଗ୍ରୀ ବିଦେଶୀ ବଜାରରେ ଏବେ ସହଜରେ ପହଞ୍ଚିବ। କ୍ଷୁଦ୍ର ଶିଳ୍ପକୁ ଏହି ସୁବିଧା ପ୍ରଦାନ ଲକ୍ଷ୍ୟରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଶୀଘ୍ର 'ଭାରତ ମାର୍ଟ'ନାମରେ ଏକ ଇ–କମର୍ସ ପ୍ଲାଟଫର୍ମ ଖୋଲିବ ବୋଲି କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡକରି କହିଛନ୍ତି। ଗ୍ଲୋବାଲ ଏମ୍‌ଏସ୍‌ଏମ୍‌ଇ ସମିଟ୍‌କୁ ସମ୍ବୋଧିତ କରି ଗଡକରୀ କହିଛନ୍ତି, କ୍ଷୁଦ୍ର ଶିଳ୍ପଗୁଡିକର ପୁଞ୍ଜି, ଲିଜିଷ୍ଟିକ ଏବଂ ଶକ୍ତି କ୍ଷେତ୍ରରେ ହେଉଥିବା ବର୍ଦ୍ଧିତ ଖର୍ଚ୍ଚକୁ ରୋକିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ସଂସ୍ଥାଗୁଡିକ ବିଶ୍ୱ ସ୍ତର ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ହୋଇ ପାରିବେ। ଘରୋଇ ଏବଂ ବିଦେଶ ନିବେଶ ନେଇ ଏହି କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଛି। ଏହା ହେଲେ ଅଧିକ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିବ ବୋଲି ଗଡକରୀ ମତ ଦେଇଛନ୍ତି। ସରକାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ସମନ୍ୱିତ ଭାବେ କ୍ଷୁଦ୍ର ସଂସ୍ଥା ବିକାଶକୁ ଗୁରୁତ୍ୱ ଦେଉଥିବା ସେ ସ୍ପଷ୍ଟ କରିଛନ୍ତି। ବିଶେଷ କରି ଖାଦ୍ୟ ପ୍ରକ୍ରିୟାକରଣ ଏବଂ କୃଷିଜାତ ଦ୍ରବ୍ୟ ସହ ଜଡିତ ଶିଳ୍ପକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏକ୍ଷେତ୍ରରେ ଋଣ ପ୍ରଦାନ ଲାଗି ସରକାର ବିଶ୍ୱ ବ୍ୟାଙ୍କ ଏବଂ ଏଡ଼ିବି ସହ ଆଲୋଚନା କରୁଛନ୍ତି। ମହୁ, ବାଉଁଶ, ବୟନ, ଜୈବ ଇନ୍ଧନ, ଜଳ ପରିବହନ, ମତ୍ସ୍ୟଚାଷ, ଗୋପାଳନ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଗ୍ରାମାଞ୍ଚଳରେ ଅନେକ ସୁଯୋଗ ରହିଛି। ସେହିଭଳି ପ୍ରତିରକ୍ଷା, ରେଲୱେ, ରାଜପଥ, ଜଳପଥ ଭଳି କ୍ଷେତ୍ରରେ ସହରାଞ୍ଚଳରେ ବିପୁଳ ସୁଯୋଗ ରହିଛି। ମୋଟ ଜିଡିପିକୁ ଏମ୍‌ଏସ୍‌ଏମ୍‌ଇର ଅଂଶ ୨୯%ରୁ ବଢାଇ ୫୦% , ରପ୍ତାନି ୪୮%ର ୬୦%କୁ ବୃଦ୍ଧି ନେଇ ଯୋଜନା ରହିଥିବା ଗଡକରୀ ମତପ୍ରକାଶ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ୨୦୦ କମ୍ପାନୀ ପୁଞ୍ଜି ବଜାରରେ ସୂଚୀଭୁକ୍ତ ହୋଇଛନ୍ତି। ଏକ୍ଷେତ୍ରରେ ଅଧିକ କମ୍ପାନୀ ଆସିବାକୁ ସେ ଆହ୍ୱାନ ଜଣାଇଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ପେମେଣ୍ଟ କ୍ଷେତ୍ରରେ ହେଉଥିବା ବିଳମ୍ବ ସମସ୍ୟାର ଦୂରୀକରଣକୁ ସରକାର ନଜରରେ ରଖିଛନ୍ତି। ଏକ୍ଷେତ୍ରରେ ଶୀଘ୍ର ୟୁକେ ସିହ୍ନା କମିଟି ରିପୋର୍ଟକୁ ଲାଗୁ କରାଯିବ। ସଂସ୍ଥାଗୁଡ଼ିକର ଖର୍ଚ୍ଚ ଏବଂ ଲଜିଷ୍ଟିକ ଖର୍ଚ୍ଚ କମାଇବା ଲାଗି ଶକ୍ତି ସଞ୍ଚୟକାରୀ ଟେକ୍ନୋଲୋଜି ଏବଂ ଏନର୍ଜି ଅଡିଟର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସଂସ୍ଥାଗୁଡିକୁ ରୁଫ ଟପ୍ ସୋଲାର ପ୍ଲାଣ୍ଟ ଯୋଗାଣ କରିବା ନେଇ ସେ ସ୍ପଷ୍ଟ କରିଛନ୍ତି। ଏଥିରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ସଚିବ ଅରୁଣ ପଣ୍ଡା କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଡିଜିଟାଲ ଏମ୍‌ଏମ୍‌ଏମ୍‌ଇ ପୋର୍ଟାଲ ବିକଶିତ କରାଯାଉଛି। ଏହା କ୍ଷୁଦ୍ର ଶିଳ୍ପ ଅଂଶୀଦାରଙ୍କ ଲାଗି ଏକ ଭର୍ଚୁଆଲ ମିଟିଂ ପ୍ଲେସ ହେବ। ସଂସ୍ଥାଗୁଡିକର ମାନୁଫାକଚରିଂ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଲାଗି ଆଉ ୧୩୫ ଟୁଲ ରୁମ୍ ଏବଂ ଟେକ୍ନୋଲୋଜି ସେଣ୍ଟର ସ୍ଥାପନ ନେଇ ସରକାର ପଦକ୍ଷେପ ନେଉଥିବା ପଣ୍ଡା ମତ ଦେଇଛନ୍ତି।

**ଆସିବ ଭାରତ ମାର୍ଟ ଇ-କମର୍ସ ପୋର୍ଟାଲ**
- କ୍ଷୁଦ୍ର ଶିଳ୍ପର ଲଜିଷ୍ଟିକ, ଶକ୍ତି ସଞ୍ଚୟ ଉପରେ ଗୁରୁତ୍ୱ
- ଅଂଶୀଦାରଙ୍କ ପାଇଁ ଡିଜିଟାଲ ଏମ୍‌ଏସ୍‌ଏମ୍‌ଇ ପୋର୍ଟାଲ
- ସ୍ଥାପନ ହେବ ୧୩୫ ନୂଆ ଟୁଲ୍ ରୁମ ଟେକ୍ନୋଲୋଜି ସେଣ୍ଟର





“ୱିମ୍ବେଲଡନରେ ଚାମ୍ପିୟନ ହେବା ବହୁତ କଷ୍ଟକର ଥିଲା। ଏବେ ଉହାନା ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି ।

– ସିମୋନା ହାଲେପ, ରୋମାନିଆ ମହିଳା ଟେନିସ ଖେଳାଳି



“ଟେଷ୍ଟ ଟିମ୍‌କୁ ପ୍ରତ୍ୟାବର୍ତ୍ତନ ଲାଗି ମୋତେ ଗୋଟିଏ ବଡ଼ ଇନିଂସ ଆବଶ୍ୟକ ହେଉଛି। ମୋ ପାଖରେ ଏବେ ମଧ୍ୟ ଟେଷ୍ଟ ଖେଳିବା ଲାଗି ସକ୍ଷମତା ରହିଛି ।

–ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ଦିନିକିଆ ଦଳ ଅଧିନାୟକ

## ସଂକ୍ଷେପରେ

### ରାଜ୍ୟ ଆସୋସିଏଶନ ନିର୍ବାଚନ ଡେଡ୍ ଲାଇନ୍ ୪କୁ ବଢ଼ିଲା

**ନୂଆଦିଲ୍ଲୀ, ୨୪।୯(ପି.ଟି.):** ବିସିସିଆଇ ରାଜ୍ୟ ଆସୋସିଏଶନ ଗୁଡିକର ନିର୍ବାଚନ ଶେଷ ତାରିଖ ଅକ୍ଟୋବର ୪କୁ ଧାର୍ଯ୍ୟ କରାଯାଇଛି। ପ୍ରଶାସକ କମିଟି (ସିଓଏ) ନିର୍ବାଚନର ଶେଷ ତାରିଖକୁ ଘୁଞ୍ଚାଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଏହି କମିଟି ରାଜ୍ୟ ଆସୋସିଏଶନଗୁଡିକ ସେମାନଙ୍କ ସମ୍ବିଧାନରେ ସଂଶୋଧନ ନ କରିବାକୁ ନିର୍ଦ୍ଦେଶ ଦେଇଛି। ଯେଉଁ ଆସୋସିଏଶନ ଗୁଡିକର ସମ୍ବିଧାନ ଗୃହିତ ହୋଇସାରିଛି ସେଗୁଡିକରେ ସଂଶୋଧନ ଜରୁରୀ ନୁହଁ ବୋଲି ସିଓଏ କହିଛି। ଯେଉଁ ଆସୋସିଏାନଗୁଡିକ ସେମାନଙ୍କ ସମ୍ବିଧାନ ବିସିସିଆଇ ନିୟମ ଅନୁସାରେ ସଂଶୋଧନ କରିନାହାନ୍ତି ସେମାନଙ୍କ ନିର୍ବାଚନ ଫଳାଫଳକୁ ମାନ୍ୟତା ନ ମିଳିବାର ସମ୍ଭାବନା ରହିଛି।

### ବିଜୟ ସହ ପ୍ରମୋଦଙ୍କ ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ୨୪।୯(କ୍ରୀଡ଼ା ପ୍ରତିନିଧି):** ଚାଇନା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଯୁହାଙ୍ଗ ହାଙ୍ଗଝୋଉଠାରେ ମଙ୍ଗଳବାର ଆରମ୍ଭ ହୋଇଛି। ଭାରତରୁ ମୋଟ ୧୭ ଖେଳାଳି ଏଥିପାଇଁ ମନୋନୀତ ହୋଇଥିବାବେଳେ ଓଡ଼ିଶାରୁ ଏକମାତ୍ର ପ୍ରମୋଦ ଭଗତ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ନିକଟ ଅତୀତରେ ଆକର୍ଷଣୀୟ ପ୍ରଦର୍ଶନ କରି ଆସିଥିବା ପ୍ରମୋଦ ଏହି ପ୍ରତିଯୋଗିତାରେ ମଧ୍ୟ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ସିଙ୍ଗଲ୍ସରେ ସେ ଚାଇନାର ଫାଙ୍ଗିନ ଉ'ଙ୍କୁ ୨୧-୧୩, ୨୧-୧୬ ପଏଣ୍ଟରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସ ପ୍ରଥମ ରାଉଣ୍ଡରେ ସେ ମନୋଜ ସରକାରଙ୍କ ସହ ଇଣ୍ଡୋନେସିଆ ଯୋଡ଼ି ଆରି ଅଙ୍ଗାରା ଓ ଉକୁନ ରୁକେଣ୍ଡିଙ୍କୁ ୨୧-୧୧, ୨୨-୧୮ ପଏଣ୍ଟରେ ହରାଇ ଦେଇଛନ୍ତି।

### ରବି ନାରାୟଣ ସ୍ମାରକୀ ସ୍କୁଲ ଓପନ ଚେସ୍ ୨୯ରେ

**ଭୁବନେଶ୍ୱର, ୨୪।୯(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ(ଓଏସସିଏ) ଏବଂ ଡ. ରବିନାରାୟଣ ଦାଶ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍କୁଲ ଓପନ ଚେସ୍ ଆସନ୍ତା ୨୯ରେ ଅନୁଷ୍ଠିତ ହେବ। ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରଦର୍ଶନ ଭିତ୍ତିରେ ଶୀର୍ଷ ୧୫ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏହାଛଡ଼ା ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ୪ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହା ଯାଇଛି। ପ୍ରତିଯୋଗିତା ପାଇଁ ୨୮୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି। ଗତଥର ଭୁବନେଶ୍ୱର ୟୁନିଟ-୮ ଡିଏଭି ସ୍କୁଲର ସମ୍ବିତ ପଣ୍ଡା ଚାମ୍ପିୟନ ଏବଂ ଷ୍ଟିୱାର୍ଟ ସ୍କୁଲର ତନ୍ମୟ କୁମାର ରନର୍ସଅପ୍ ହୋଇଥିଲେ।

## ■ ଓସିଏ ନିର୍ବାଚନ: ସମ୍ପାଦକ ପଦ ପାଇଁ ସଞ୍ଜୟ-ନବରଞ୍ଜନ

# ଅଭିଜ୍ଞ କ୍ରୀଡ଼ା ସଙ୍ଗଠକଙ୍କ ମଧ୍ୟରେ ଲଢ଼େଇ

**କଟକ ଅଫିସ,୨୪।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ମକର୍ତ୍ତା ନିର୍ବାଚନରେ ସମ୍ପାଦକ ପଦବୀରେ ସଞ୍ଜୟ ବେହେରା ଓ ନବରଞ୍ଜନପଟ୍ଟନାୟକଙ୍କ ମଧ୍ୟରେ ଲଢ଼େଇ ହେବ। ଏହି ପଦବୀ ଓସିଏ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏଥିରେ ପୂର୍ବରୁ ରାଜୁତି ରହିଥିଲା ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କର। ୧୬ବର୍ଷ ଓସିଏର ସମ୍ପାଦକ ଥିବା ଆଶୀର୍ବାଦଙ୍କ ସାନ ପୁଅ ହେଉଛନ୍ତି ସଞ୍ଜୟ। ସଞ୍ଜୟ ମୁକାବିଲା କରିବେ ଦୀର୍ଘବର୍ଷର ଅଭିଜ୍ଞତା ରଖିଥିବା ନବରଞ୍ଜନଙ୍କ ସହିତ। ଉଭୟ ନିଜନିଜ ସ୍ତରରେ ଜଣେଜଣେ ଅଭିଜ୍ଞ କ୍ରୀଡ଼ା ସଙ୍ଗଠକ।



ସଞ୍ଜୟ ବେହେରା



ନବରଞ୍ଜନ ପଟ୍ଟନାୟକ

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଥିଲେ ସଞ୍ଜୟ। ଗତ ୨୦୧୦ରେ ସେ ଫାଓ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ରାଜ୍ୟରେ ଫୁଟବଲ କ୍ରୀଡ଼ାର ଉନ୍ନତି କ୍ଷେତ୍ରରେ ସଞ୍ଜୟଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ରହିଛି। ଅନେକ ଜାତୀୟ ଟୁର୍ଣ୍ଣାମେଣ୍ଟ ସଫଳ ଭାବେ ଆୟୋଜନ କରି ସଞ୍ଜୟ ନିଜ ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇଛନ୍ତି। ୨୦୧୨ରେ ସନ୍ତୋଷ ଟ୍ରଫି, ୨ ଥର ଫେଡେରେଶନ କପ୍ ଓ ସୁପରକପ ମଧ୍ୟ ଆୟୋଜନ ହୋଇଛି। ଏହାଛଡ଼ା ସଞ୍ଜୟଙ୍କ କାର୍ଯ୍ୟକାଳ ମଧ୍ୟରେ ୫୦ରୁ ଅଧିକ ବାଳିକା ଏବଂ ମହିଳା ଖେଳାଳି ଓ ୧୦ରୁ ଅଧିକ ବାଳକ/ପୁରୁଷ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ନିର୍ବାଚିତ ହେଲେ ଫାଓ ଭଳି ସଞ୍ଜୟ ଓସିଏର ସମ୍ପାଦକ ପଦବୀ ମଧ୍ୟ ସୁଚାରୁରୂପେ ତୁଲାଇବେ ବୋଲି ମତ ଦେଇଛନ୍ତି। ବିଜୟୀ ହେଲେ ଲକ୍ଷ୍ୟ କଣ ରହିବ ବୋଲି ହୋଇଥିବା ପ୍ରଶ୍ନରେ ସେ କହିଥିଲେ, କ୍ରୀଡ଼ାର ବିକାଶ ତୃଣମୂଳ ସ୍ତରରୁ ହେବା ଦରକାର। ଗାଁ ଗହଳିର ପିଲାଙ୍କୁ ନେଇ ଆମେ ଗ୍ରାସରୁଟ କୋର୍ସ କରିବୁ। ସେହିପରି କ୍ରିକେଟରେ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ କରାଯିବ। ରାଜ୍ୟର ସମସ୍ତ ଜିଲାର ଗାଁର ଖେଳାଳି ଏଥିରେ ଭାଗ ନେବାର ସୁଯୋଗ ପାଇବେ। ଏହାଛଡ଼ା ବିଭିନ୍ନ ବୟସ ବର୍ଗରେ ଭଲ ଖେଳାଳିଙ୍କୁ ବଛାଯାଇ ରେସିଡେନ୍ସିଆଲ ଏକାଡେମୀ ଗଠନ କରାଯାଇ ରହିବାର ସୁଯୋଗ ଦିଆଯିବ ବୋଲି ସଞ୍ଜୟ କହିଛନ୍ତି।

ସେହିପରି କେନ୍ଦୁଝର ଆନନ୍ଦପୁର ଅଞ୍ଚଳର ହେଉଛନ୍ତି ନବରଞ୍ଜନ ପଟ୍ଟନାୟକ। ୧୯୮୦ରୁ ସେ ଓସିଏ ସହ ଜଡ଼ିତ। ଓସିଏ ପଦବୀ ତାଙ୍କ ପାଇଁ ନୂଆ ନୁହେଁ। ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ଓସିଏ ଉପସଭାପତି ଓ ୨୦୧୨ରୁ ୨୦୧୪ ଶେଷ ପର୍ଯ୍ୟନ୍ତ ସେ ଓସିଏ କ୍ଲବ କମିଟିର ଅଧ୍ୟକ୍ଷ ଥିଲେ। ଏହାଛଡ଼ା ବାରବାଟୀ ଷ୍ଟାଡିୟମରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ବେଳେ ସେ ଲୋକାଲ ମ୍ୟାନେଜର ଭାବେ ଦାୟିତ୍ୱ ଗ୍ରହଣ କରି ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କ ସହ ବ୍ୟକ୍ତିଗତ ସ୍ତରରେ ପରିଚିତ ହୋଇଛନ୍ତି। ସେ ପୂର୍ବରୁ ଭୁବନେଶ୍ୱର ଆଥ୍ଲେଟିକ ଆସୋସିଏଶନ(ବିବିଏ)ର ସମ୍ପାଦକ ମଧ୍ୟ ଥିଲେ। ଆଗାମୀ ନିର୍ବାଚନ ନିମନ୍ତେ ସେ କଟକର ମଙ୍ଗଳା କ୍ଲବରୁ ପ୍ରତିନିଧି ହୋଇ ଆସିଛନ୍ତି। ବିଜୟୀ ହେଲେ ସେ କ୍ରିକେଟରେ ଥିବା ଦୁର୍ନୀତିକୁ ଆଗ ଦୂର କରିବେ ବୋଲି ମତ ଦେଇଛନ୍ତି। କ୍ରିକେଟ ହେଉଛି ଭଦ୍ରବ୍ୟକ୍ତିମାନଙ୍କ ଖେଳ। ଏଥିରେ ଦୁର୍ନୀତିକୁ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି ନବରଞ୍ଜନଙ୍କ ପ୍ରତିକ୍ରିୟା। ଭିତ୍ତିଭୂମିର ବିକାଶ ପାଇଁ ପ୍ରାଥମିକତା ଦିଆଯିବ ବୋଲି ମଧ୍ୟ ସେ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ସେ ବିଜୟୀ ହେଲେ ସିଓଏର ନୂଆ ନିୟମ ଅନୁଯାୟୀ ମାତ୍ର ୨ବର୍ଷ କାର୍ଯ୍ୟକାଳରେ ରହିପାରିବେ ବୋଲି ଓସିଏର ନିର୍ବାଚନ ଅଧିକାରୀ ପୂର୍ବରୁ ଘୋଷଣା କରିସାରିଛନ୍ତି।

### ଭୋଟ୍ ଦେବେ ଆଶୀର୍ବାଦ

ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଭୋଟ ଦେବାର ସୁଯୋଗ ପାଇବେ। ଜେଲରେ ଥିଲେ ମଧ୍ୟ ଆଗାମୀ ନିର୍ବାଚନରେ ତାଙ୍କ ମତଦାନକୁ ଗ୍ରହଣ କରାଯିବ ବୋଲି ଓସିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ନେଇ ଏକ ସ୍ୱତନ୍ତ୍ର ବାଲାଟ ପେପର ମଧ୍ୟ ଝାରପଡ଼ା ଜେଲର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ପଠାଯାଇଛି। ଆଶୀର୍ବାଦ ଭୋଟ ଦେବା ପାଇଁ ଝାରପଡ଼ା ଜେଲର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଥମେ ଚିଠି ଲେଖିଥିଲେ। ପରେ ସୁପରିଟେଣ୍ଡେଣ୍ଟଙ୍କ ପକ୍ଷରୁ ଓସିଏକୁ ଏ ସଂକ୍ରାନ୍ତରେ ଏକ ଚିଠି ଆସିଥିଲା। ଏହାର ଉତ୍ତରରେ ଓସିଏ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର କହିଥିଲେ ଯେ, ସେ ଭୋଟ ଦେବାକୁ ଯୋଗ୍ୟ ଅଟନ୍ତି। ଓସିଏ ପକ୍ଷରୁ ବନ୍ଦ ଲଫାପାରେ ପଠା ଯାଇଥିବା ବାଲଟ ପେପରରେ ଆଶୀର୍ବାଦ ଭୋଟ ଦେଇ ସାରିବା ପରେ ଏହାକୁ ପୁନର୍ବାର ବନ୍ଦ ଲଫାପା ମାଧ୍ୟମରେ ଓସିଏକୁ ହସ୍ତାନ୍ତର କରାଯିବ। ଏହାଛଡ଼ା ସେ ଯଦି ଓସିଏକୁ ଆସି ଭୋଟ ଦେବାକୁ ଚାହୁଁଛନ୍ତି ତାହେଲେ ଜେଲ କର୍ତ୍ତୃପକ୍ଷ ତାଙ୍କ ପ୍ରଚେଷ୍ଟାରେ ଓ ସୁରକ୍ଷାବଳୟ ମଧ୍ୟରେ ତାଙ୍କୁ ଓସିଏ ନିର୍ବାଚନ ସ୍ଥଳକୁ ଆଣି ପାରନ୍ତି ବୋଲି ନିର୍ବାଚନ ଅଧିକାରୀ ମାଖନଲାଲ କହିଛନ୍ତି। ନିର୍ବାଚନ ଦିବସ ତଥା ୨୭ ତାରିଖ ପୂର୍ବରୁ ବାଲଟ ପେପର ଫେରାଇବାକୁ ନିର୍ଦ୍ଦେଶ ରହିଛି। ତେବେ ତାଙ୍କ ମତଦାନକୁ ଗଣାଯିବ ନା ନାହିଁ ସେ ନେଇ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ । ଯଦି ଖଣ୍ଡେ ଭୋଟରେ ନିର୍ବାଚନର ଫଳାଫଳ ନିର୍ଣ୍ଣାୟକ ହୁଏ ତାହେଲେ ଆଶୀର୍ବାଦଙ୍କ ମତଦାନ ଲଫାଫା ଖୋଲାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି ।

### ଗୋଟିଏ ଦିନ ଘୁଞ୍ଚିଲା ବିସିସିଆଇ ନିର୍ବାଚନ

**ନୂଆଦିଲ୍ଲୀ, ୨୪।୯ (ପି.ଟି.):** ବହୁ ପ୍ରତିକ୍ଷୀତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚନ ତାରିଖରେ ଗୋଟିଏ ଦିନ ଅଦଳବଦଳ ହୋଇଛି। ପୂର୍ବରୁ ଏହି ନିର୍ବାଚନ ଅକ୍ଟୋବର ୨୨ ତାରିଖରେ ହେବାର ଥିଲା। ତେବେ ବର୍ତ୍ତମାନ ଏହାକୁ ୨୩ ତାରିଖରେ ଆୟୋଜନ କରାଯିବ ବୋଲି ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାୟ କହିଛନ୍ତି। ହରିୟାଣା ଓ ମହାରାଷ୍ଟ୍ରରେ ନିର୍ବାଚନ ହେବାକୁ ଯାଉଥିବାରୁ ଏପରି ପରିବର୍ତ୍ତନ କରିବାକୁ ହେଲା ବୋଲି ବିନୋଦ କହିଛନ୍ତି। ଉଭୟ ରାଜ୍ୟର ନିର୍ବାଚନ ଗୋଟିଏ ପର୍ଯ୍ୟାୟରେ ଅକ୍ଟୋବର ୨୧ ତାରିଖରେ ହେବ। ଦୁଇ ୟୁନିଟ୍‌ର ଭୋଟର ମେମ୍ବର ବୋର୍ଡ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ନେଇ ସମସ୍ୟାର ସମ୍ମୁଖୀନ ହେବେ। ଫଳରେ ନିର୍ବାଚନ ତାରିଖକୁ ଗୋଟିଏ ଦିନ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଗଲା ବୋଲି ସେ କହିଛନ୍ତି। ନିର୍ବାଚନକୁ ଘୁଞ୍ଚାଇବା ସପକ୍ଷରେ ନ ଥିଲେ ମଧ୍ୟ ଦୁଇଟି ରାଜ୍ୟର ନିର୍ବାଚନ ପାଇଁ ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ସିଓଏର ଅନ୍ୟତମ ସଦସ୍ୟା ଡାଏନା ଇଦୁଜୀ କହିଛନ୍ତି। ସେପ୍ଟେମ୍ବର ୨୦ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅନୁସାରେ ବିସିସିଆଇ ନିର୍ବାଚନ ଏକାଥରକେ ଗୋଟିଏ ଦିନରେ ଆୟୋଜନ ହେବ। ତେବେ ରାଜ୍ୟ ଆସୋସିଏଶନ ନିର୍ବାଚନଗୁଡିକୁ ନିର୍ବାଚନ ପାଇଁ କିଛି ଦିନ ଅଧିକ ଦିଆଯାଇପାରେ ବୋଲି କୁହାଯାଇଥିଲା। ଗତ ମଙ୍ଗଳବାର ହୋଇଥିବା ସୁପ୍ରିମକୋର୍ଟ ଶୁଣାଣିରେ ତାମିଲନାଡୁ କ୍ରିକେଟ ଆସୋସିଏଶନ ନିର୍ବାଚନକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ବୁମ୍‌ରାଙ୍କ ସ୍ଥାନରେ ଉମେଶ

**ନୂଆଦିଲ୍ଲୀ,୨୪।୯(ପି.ଟି.)**

ଅକ୍ଟୋବର ୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରୁ ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ବାଦ୍ ପଡିଛନ୍ତି। ଫଳରେ ଭାରତର ପ୍ରସ୍ତୁତିକୁ ଝଟ୍‌କା ଲାଗିଛି। ପିଠିର ନିମ୍ନ ଭାଗରେ ଷ୍ଟ୍ରେସ୍ ଫ୍ରାକଚର କାରଣରୁ ବୁମ୍‌ରା ଏହି ସିରିଜରୁ ବାଦ୍ ପଡିଛନ୍ତି। ତାଙ୍କ ସ୍ଥାନରେ ଦ୍ରୁତ ବୋଲର ଉମେଶ ଯାଦବଙ୍କୁ ଦଳରେ ସାମିଲ କରାଯାଇଛି। ଏହି ସିରିଜରେ ୩ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ।

ନିୟମିତ ଭାବେ କରାଯାଉଥିବା ରେଡିଓଲୋଜିକାଲ ସ୍କ୍ରିନିଂ ଅବସରରେ ବୁମ୍‌ରାଙ୍କ ଏହି ଇଞ୍ଜୁରି ଥିବା ଜଣାପଡିଥିଲା। ଏବେ ସେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଚିକିତ୍ସା କରାଇବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ବୁମ୍‌ରାଙ୍କ ଇଞ୍ଜୁରିର ତଦାରଖ ବା ଯାଞ୍ଚ କରିବ। ବୁମ୍‌ରାଙ୍କ ବଦଳ ଖେଳାଳିଭାବେ ଯାଦବଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ସିନିୟର ଚୟନ କମିଟି ସୂଚନା ଦେଇଛି। ୨୦୧୮ ଡିସେମ୍ବରରେ ଯାଦବ ଶେଷଥର ପାଇଁ ଟେଷ୍ଟ ଖେଳିଥିଲେ। ସଦ୍ୟ ସମାପ୍ତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜରେ ମଧ୍ୟ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିଲା। ଏହି ସିରିଜ ୧-୧ରେ ଡ୍ର ରହିଥିଲା। ଗତ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜରେ ବୁମ୍‌ରା ଶେଷ ଥର ପାଇଁ ଖେଳିଥିଲେ। ହ୍ୟାଟ୍ରିକ ନେବା ସହ ୨୫ ବର୍ଷୀୟ ବୁମ୍‌ରା ଦୁଇଟି ଟେଷ୍ଟରୁ ୧୩ଟି ଉଇକେଟ ଅକ୍ତିଆର କରିଥିଲେ। ଟେଷ୍ଟରେ ଦ୍ରୁତତମ ଭାରତୀୟ ବୋଲର ଭାବେ ବୁମ୍‌ରା ୫୦ ଉଇକେଟ ଅକ୍ତିଆର କରିଛନ୍ତି। ମାତ୍ର ୧୧ଟି ମ୍ୟାଚ୍ ଖେଳି ବୁମ୍‌ରା ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ତାଙ୍କ ପୂର୍ବରୁ ଭେଙ୍କଟେଶ ପ୍ରସାଦ ଓ ମହମ୍ମଦ ସାମି ୧୩ଟି ମ୍ୟାଚ୍ ଖେଳି ୫୦ ଉଇକେଟ ହାସଲ କରିଥିଲେ।



ଉମେଶ ଯାଦବ।

ଅପରପକ୍ଷରେ ୩୧ ବର୍ଷୀୟ ଯାଦବ ଏପର୍ଯ୍ୟନ୍ତ ୪୧ଟି ଟେଷ୍ଟ ଖେଳି ୩୩.୪୭ ରନ ହାରରେ ୧୧୯ଟି ଉଇକେଟ ହାସଲ କରିଛନ୍ତି। ବିଶାଖାପାଟନାରେ ପ୍ରଥମ ଟେଷ୍ଟ ଆସନ୍ତ ୨ ତାରିଖରୁ ଆରମ୍ଭ ହେବ। ସେହିପରି ପୁଣେରେ ଦ୍ୱିତୀୟ ଟେଷ୍ଟ ୧୦ରୁ ୧୪ ତାରିଖ ମଧ୍ୟରେ ଖେଳାଯିବ। ରାଞ୍ଚିରେ ତୃତୀୟ ଟେଷ୍ଟ ୧୯ରୁ ଆରମ୍ଭ ହୋଇ ୨୩ ତାରିଫରେ ଶେଷ ହେବ।




ଜର୍ସି ଉନ୍ମୋଚନ ଅବସରରେ ଏଫ୍‌ସି ଗୋଆ ଖେଳାଳିଙ୍କ ଗହଣରେ ସହ-ମାଲିକ ବିରାଟ କୋହଲି।

# କୋହଲି ଉନ୍ମୋଚନ କଲେ ଏଫ୍‌ସି ଗୋଆ ଜର୍ସି

**ଗୋଆ,୨୪।୯**

ଆଗାମୀ ୨୦୧୯/୨୦ ସିଜନ ପାଇଁ ଏଫ୍‌ସି ଗୋଆର ନୂଆ ଜର୍ସି ଉନ୍ମୋଚିତ ହୋଇଛି। ଏଫ୍‌ସି ଗୋଆର ଅନ୍ୟତମ ମାଲିକ ତଥା ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ସ୍ଥାନୀୟ ବାମ୍ବୋଲିମ୍ ଆଥଲେଟିକ୍ ଗ୍ରାଉଣ୍ଡରେ ଆନୁଷ୍ଠାନିକ ଭାବେ କମଳା ରଙ୍ଗର ଏହି ଜର୍ସିର ଉନ୍ମୋଚନ କରିଥିଲେ। ଏହି ଅବସରରେ ୩୦୦୦ ପ୍ରଶଂସକ ଉପସ୍ଥିତ ଥିଲେ। ପୁଣି ଥରେ ଗୋଆକୁ ଆସିଥିବାରୁ ଖୁସି ଲାଗୁଛି ବୋଲି କୋହଲି ଏହି ଅବସରରେ କହିଥିଲେ। ଫୁଟବଲକୁ ନେଇ ଏଠାରେ ପ୍ରଶଂସକମାନେ ବେଶ୍ ଉତ୍ସାହିତ ରହି ଆସିଛନ୍ତି। ଫୁଟବଲ୍‌କୁ ନେଇ ଏଠାରେ ଯଥେଷ୍ଟ ଭଲ ପାଇବା ରହିଛି ବୋଲି କୋହଲି କହିଛନ୍ତି। ଉଲ୍ଲେଖଥାଉ କି, ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଏଫ୍‌ସି ଗୋଆ ଏକ ଶକ୍ତିଶାଳୀ ଦଳ ରୂପେ ଉଭା ହୋଇଛି। ଗୋଆ ମଧ୍ୟ ସୁପର କପ୍ ଫୁଟବଲ ଟାଇଟଲ ଜିତିବା ସହ ଗୋଆ ପ୍ରଫେଶନାଲ ଲିଗ୍‌ରେ ମଧ୍ୟ ଚାମ୍ପିୟନ ହୋଇଛି। ଆଇଏସ୍‌ଏଲ୍‌ରେ ଗୋଆ ସବୁଠାରୁ ସ୍ଥିର ପ୍ରଦର୍ଶନ କରିଆସିଛି। ୪ଥର ପ୍ଲେ- ଅଫ୍‌ରେ ପହଞ୍ଚିବା ସହ ଏହି ଦଳ ୨୦୧୫ ଓ ୨୦୧୯ରେ ରନର୍ସଅପ୍ ବିବେଚିତ ହୋଇଥିଲା।



ଫିଫା ମୁଖ୍ୟ ଜିଆନି ଇନଫାଣ୍ଟିନୋଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ମେଗାନ ରାପିନୋ।

# ମେସି ଫିଫା ପ୍ଲେୟର ଅଫ୍ ଦି ଇୟର

**ମିଲାନ,୨୪।୯(ଏଏଫ୍‌ପି)**

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ତଥା ବାର୍ସିଲୋନା ଷ୍ଟ୍ରାଇକର ଲିଓନେଲ ମେସି ପୁଣି ଥରେ ଫିଫା ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି। ସେହିପରି ଆମେରିକୀୟ ମହିଳା ପେସାଦାର ଫୁଟବଲର ମେଗାନ ରାପିନୋ ମହିଳା ବର୍ଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ମହିଳା ଫିଫା ବିଶ୍ୱକପ୍‌ରେ ରାପିନୋଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଆମେରିକା ଟାଇଟଲ ହାସଲ କରିଥିଲା। ମେସି ହଲାଣ୍ଡର ଭାନ ଡିଜ୍‌କଙ୍କୁ ପଛରେ ପକାଇ ଷଷ୍ଠଥର ପାଇଁ ଶ୍ରେଷ୍ଠ ଫୁଟବଲର ବିବେଚିତ ହୋଇଛନ୍ତି। ଡିଜ୍‌କ ଗତ ବର୍ଷ ୟୁଇଏଫ୍‌ଏ ପ୍ଲେୟାର ପୁରସ୍କାର ହାସଲ କରି ଏହି ସମ୍ମାନ ପାଇଁ ସବୁଠାରୁ ଆଗରେ ଥିଲେ। ଡିଜ୍‌କଙ୍କ ପ୍ରଦର୍ଶନ ବଳରେ ଲିଭରପୁଲ ଗତ ସେସନରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଜୁଭେଣ୍ଟସ୍ ଫରୱାର୍ଡ କ୍ରିଷ୍ଟିଆନୋ ରୋନାଲ୍ଡୋ ମଧ୍ୟ ଏହି ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିଲେ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ ବାଦ୍ ପଡିଥିଲେ। ଏବେ ୩୨ ବର୍ଷୀୟ ମେସି ଓ ୨୮ ବର୍ଷୀୟ ଭାନ ଡିଜ୍‌କ ବାଲନ ଡି'ଅର ପୁରସ୍କାର ଦୌଡ଼ରେ ପରସ୍ପର ସହିତ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିବେ। ଡିସେମ୍ବର ୨ ତାରିଖରେ ଏହି ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ।

## ରାପିନୋ ଶ୍ରେଷ୍ଠ ମହିଳା ଫୁଟବଲର

ମହିଳା ବିଭାଗରେ ରାପିନୋ ନିଜ ଦେଶର ଆଲେକ୍ସ ମୋର୍ଗାନ ଓ ଇଂଲଣ୍ଡର ଲୁସି ବ୍ରୋଞ୍ଜଙ୍କୁ ପଛରେ ପକାଇ ଫିଫା ଓମେନ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ସେହିପରି ଆମେରିକୀୟ କୋଚ୍ ଜିଲ ଏଲିସ୍ ମହିଳା କୋଚିଂ ପୁରସ୍କାର ହାସଲ କରିଛନ୍ତି। ୩୪ ବର୍ଷୀୟା ରାପିନୋ ଗତ ବିଶ୍ୱକପ୍‌ରେ ଗୋଲ୍ଡେନ ବୁଟ୍ ଓ ଗୋଲ୍ଡେନ୍ ବଲ୍ ପୁରସ୍କାର ହାସଲ କରିଥିଲେ। ସେ ବିଶ୍ୱକପ୍‌ର ପରିଚୟ ବନିଯାଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନେଇ ଖୋଲାଖୋଲି ମନ୍ତବ୍ୟ ଦେଇ ବେଶ୍ ଚର୍ଚ୍ଚାକୁ ଆସିଥିଲେ। ଚାମ୍ପିୟନ୍ସ ଲିଗ୍‌ର ଗତ ସେସନରେ ମେସି ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ଅବଶ୍ୟ ବାର୍ସିଲୋନା ସେମିଫାଇନାଲରେ ଲିଭରପୁଲଠାରୁ ପରାସ୍ତ ହୋଇଥିଲା। ତେବେ ଏହାପୂର୍ବରୁ ମେସି ୧୨ଟି ଗୋଲ ଦେଇ ଟପ୍ ସ୍କୋରର ବିବେଚିତ ହୋଇଥିଲେ। ଆର୍ଜେଣ୍ଟିନା ତାରକା ମେସି ୩୬ଟି ଗୋଲ୍ ସ୍କୋର କରି ବାର୍ସିଲୋନାକୁ ଲା ଲିଗା ଚାମ୍ପିୟନ କରାଇଥିଲେ। ପୁଣି ମେସିଙ୍କ ପ୍ରଦର୍ଶନ ବଳରେ ଆର୍ଜେଣ୍ଟିନା ୨୦୧୯ କୋପା ଆମେରିକାରେ ବ୍ରୋଞ୍ଜ୍ ପଦକ ଜିତିଥିଲା। ଦ୍ୱିତୀୟ ଡିଫେଣ୍ଡର ଭାବେ ଭାନ ଡିଜ୍‌କ ଇଟାଲୀର ଫାବିଓ କାନାଭାରୋଙ୍କ ପରେ ଶ୍ରେଷ୍ଠ ଫୁଟବଲର ବିବେଚିତ ହୋଇଥାନ୍ତେ। ୨୦୦୬ରେ ଫାବିଓ ଫିଫା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ଲିଓନେଲ୍ ମେସି

ସେହିପରି ଶ୍ରେଷ୍ଠ ପୁରୁଷ ଗୋଲକିପର ଭାବେ ବ୍ରାଜିଲ ତଥା ଲିଭରପୁଲର ଆଲିସନ ବେକର ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ମହିଳା ଗୋଲକିପର ଭାବେ ନେଦରଲାଣ୍ଡର ତଥା ଆଟଲେଟିକୋ ମାଡ୍ରିଡର ସାରି ଭାନ ଭିନେଡାଲ ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ପୁରୁଷ କୋଚ୍ ହିସାବରେ ଲିଭରପୁଲ୍‌ର ଜର୍ଜେନ କ୍ଲୋପ୍‌ଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ରୋମାନିଆ ଜନ୍ମିତ ହଙ୍ଗେରୀର ଡାନିଏଲ ଜେଡ୍‌ସୋରୀ ଫିଫା ପୁସ୍କାସ ଆୱାର୍ଡ ବେଷ୍ଟ ଗୋଲ ପୁରସ୍କାର ହାସଲ କରିଛନ୍ତି।

❝ ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତକୁ ନେଇ ଆଲୋଚନା କରିବା ଅନୁଚିତ୍। କେବଳ ଧୋନୀ ହିଁ ଅବସର ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ ।
–ଯୁବରାଜ ସିଂ, ପୂର୍ବତନ ଭାରତୀୟ କ୍ରିକେଟର



❝ ନିକଟରେ ବିଶ୍ୱ ଚାମ୍ପିୟନଶିପ୍ ସେମିଫାଇନାଲରେ ଯେଉଁଭଳି ବିବାଦୀୟ ଭାବେ ପରାଜୟବରଣ କରିଥିଲି ଅଲିମ୍ପିକ ପଦକ ଜିତିଲେ ମଧ ତାହାର କ୍ଷତିକୁ ପୂରଣ କରିହେବନି ।
– ବଜରଙ୍ଗ ପୁନିଆ। ଭାରତୀୟ ରେସଲର୍



## ସଂକ୍ଷେପରେ

### ଅଷ୍ଟ୍ରେଲିଆର ବାଂଲାଦେଶ ଗସ୍ତ ସ୍ଥଗିତ

ଢ଼ାକା,୨୪।୯(ପି.ଟି.): ଅଷ୍ଟ୍ରେଲିଆ କ୍ରିକେଟ ଦଳର ବାଂଲାଦେଶ ଗସ୍ତକୁ ସ୍ଥଗିତ ରଖାଯାଇଛି। ଏହି ଗସ୍ତରେ ଅଷ୍ଟ୍ରେଲିଆ ଟେଷ୍ଟ ଓ ଟି୨୦ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ସ୍ୱରୂପ ଏହି ଟେଷ୍ଟ ସିରିଜକୁ ୪ ମାସ ଘୁଞ୍ଚାଇ ଦିଆଯାଇଛି ଓ ଏହା ଆସନ୍ତା ବର୍ଷ ଜୁନ- ଜୁଲାଇରେ ଆୟୋଜନ ହେବ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ ଘୋଷଣା କରାଯାଇଛି। ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଏକ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆସନ୍ତାବର୍ଷ ଫେବୃୟାରୀରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଏହାକୁ ଏବେ ୨୦୨୦ ଜୁନ- ଜୁଲାଇକୁ ଘୁଞ୍ଚାଇ ଦିଆଯାଇଛି ବୋଲି ବିସିବି କ୍ରିକେଟ ଅପରେଶନ ଆକ୍ରମ ଖାଁ କହିଛନ୍ତି। ଚଳିତବର୍ଷ ଅକ୍ଟୋବରରେ ୨ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଆୟୋଜନ କରିବୁ ବୋଲି ଆଶା କରୁଥିଲି। ତେବେ ଅଷ୍ଟ୍ରେଲିଆ ୩ଟି ଟି୨୦ ମ୍ୟାଚ୍ ଖେଳିବାକୁ ରାଜି ହୋଇଛି। ଏବେ ଏହି ସିରିଜ ୨୦୨୧ରେ ଭାରତରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ର ଅଷ୍ଟମ ସଂସ୍କରଣ ପୂର୍ବରୁ ଖେଳାଯିବ ବୋଲି ବିସିବି ତରଫରୁ କୁହାଯାଇଛି। ଏହି ଦୁଇଟି ସରିଜ କାର୍ଯ୍ୟସୂଚୀ ପରେ ଘୋଷଣା କରାଯିବ। ଆଗାମୀ ନଭେମ୍ବରରେ ବାଂଲାଦେଶ ଭାରତ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳି ତାଙ୍କ ଟେଷ୍ଟ ଚାମ୍ପିୟନଶିପ ଅଭିଯାନ ଆରମ୍ଭ କରିବ।

■ ଜାତୀୟ ସିନିୟର ୫–ଏ–ସାଇଡ୍ ମହିଳା ହକି

# ଓଡ଼ିଶା କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୨୪।୯(କ୍ରୀଡ଼ା ପ୍ରତିନିଧି)

କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଚାଲିଥିବା ୪ର୍ଥ ହକି ଇଣ୍ଡିଆ ୫–ଏ–ସାଇଡ୍ ମହିଳା ହକି ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପୁଲ୍ 'ଏ'ର ଏକ ଲିଗ୍ ମ୍ୟାଚରେ ଓଡ଼ିଶା ୨–୧ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ଲିଗ୍ ମ୍ୟାଚ ଶେଷ ହେବାସହ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। କାର୍ଯ୍ୟସୂଚୀ ଅନୁସାରେ ଓଡ଼ିଶା ୩ୟ କ୍ୱାର୍ଟର ଫାଇନାଲରେ ମହାରାଷ୍ଟ୍ରକୁ ଭେଟିବ। ପ୍ରଥମ କ୍ୱାର୍ଟର ଫାଇନାଲରେ ଝାଡ଼ଖଣ୍ଡ–କର୍ଣ୍ଣାଟକ, ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଉତ୍ତର ପ୍ରଦେଶ–ପଞ୍ଜାବ ଏବଂ ଚତୁର୍ଥ କ୍ୱାର୍ଟର ଫାଇନାଲରେ ହରିୟାଣା ଓ ତାମିଲନାଡୁ ମଧ୍ୟରେ ମୁକାବିଲା ହେବ। କ୍ୱାର୍ଟର ଫାଇନାଲ ମ୍ୟାଚ ଗୁଡ଼ିକ ବୁଧବାର ଅନୁଷ୍ଠିତ ହେବ।

ଓଡ଼ିଶା–ପଞ୍ଜାବ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ପ୍ରଥମ ମିନିଟରେ ଅଧିନାୟିକା ନଭନୀତ କୌରଙ୍କ ଗୋଲ ବଳରେ ପଞ୍ଜାବ ଅଗ୍ରଣୀ ହାସଲ କରି ଓଡ଼ିଶା ଉପରେ ଚାପ ପ୍ରୟୋଗ କରିଥିଲା। ମାତ୍ର ଓଡ଼ିଶା ଚାପକ ନ ଆସି କାଳବିଳମ୍ବ ନ କରି ପ୍ରତିଆକ୍ରମଣ ରଣନୀତିରେ ସେହି ୧ମ ମିନିଟରେ ହିଁ ଗୋଲଟି ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲା। ଆଜମିନା କୁଜୁର ଦଳ ପକ୍ଷରୁ ଏହି ଗୋଲଟି ଦେଇଥିଲେ। ଏହାପରେ ଆକ୍ରମଣାତ୍ମକ ରଣନୀତିରେ ଖେଳି ଉଭୟ ଦଳ ଏକାଧିକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ଫଳରେ ମ୍ୟାଚରେ ଉତ୍କଣ୍ଠା ଭରି ରହିଥିଲା। ମ୍ୟାଚର ୨୦ତମ ମିନିଟରେ ଓଡ଼ିଶା ଅଧିନାୟିକା ଅସ୍ମିତା ବାର୍ଲା ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପଞ୍ଜାବ ଗୋଲ ପରିଶୋଧ କରିବାକୁ ଶେଷ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ରକ୍ଷଣଭାଗ ଖେଳାଳିମାନେ ତାହା ହେବାକୁ ଦେଇ ନ ଥିଲେ। ଝାଡ଼ଖଣ୍ଡ ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ଅନ୍ୟ ପୁଲ୍ 'ଏ' ମ୍ୟାଚଟି ୩–୩ ଗୋଲରେ ଡ୍ର ରହିଥିଲା। ଝାଡ଼ଖଣ୍ଡ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨–୦ ଗୋଲରେ ଅଗ୍ରଣୀ ରହିଥିଲେ ହେଁ ତାମିଲନାଡୁ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ଡ୍ର ରଖିଥିଲା। ପୁଲ୍ 'ବି'ର ଏକ ମ୍ୟାଚରେ ହରିୟାଣା ଚମତ୍କାର ପ୍ରଦର୍ଶନ କରି ୧୨–୨ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅମନଦୀପ କୌର(୯, ୧୩, ୧୫ତମ ମିନିଟ) ଏବଂ ଦୀପିକା (୧୦, ୧୨ ଓ ୧୭ତମ ମିନିଟ) ସର୍ବାଧିକ ୩ଟି ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ଗ୍ରୁପର ଅନ୍ୟ ଏକ ମ୍ୟାଚରେ ମହାରାଷ୍ଟ୍ର ୫–୨ ଗୋଲରେ କର୍ଣ୍ଣାଟକକୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଥିଲା।



ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ**

**ପ୍ରଥମ: ଝାଡ଼ଖଣ୍ଡ ବନାମ କର୍ଣ୍ଣାଟକ**
**ଦ୍ୱିତୀୟ: ଉତ୍ତର ପ୍ରଦେଶ ବନାମ ପଞ୍ଜାବ**
**ତୃତୀୟ: ଓଡ଼ିଶା ବନାମ ମହାରାଷ୍ଟ୍ର**
**ଚତୁର୍ଥ: ହରିୟାଣା ବନାମ ତାମିଲନାଡୁ**

# ଶେଫାଳୀ ସର୍ବକନିଷ୍ଠା ଭାରତୀୟ ଟି୨୦ ଖେଳାଳି

ସୁରତ, ୨୪।୯: ଶେଫାଳୀ ବର୍ମା ଭାରତର ସର୍ବକନିଷ୍ଠା ମହିଳା ଟି୨୦ ଖେଳାଳି ହେବାର ରେକର୍ଡ କରିଛନ୍ତି। ମଙ୍ଗଳବାର ସ୍ଥାନୀୟ ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତ ପକ୍ଷରୁ ପଦାର୍ପଣ କରି ଡାହାଣହାତୀ ଓପନିଂ ବ୍ୟାଟ୍ସମ୍ୟାନ ଶେଫାଳୀ ଏହି କୃତିତ୍ୱ ହାସଲ କରିଛନ୍ତି। ହରିୟାଣା ଜନ୍ମିତ ଶେଫାଳୀଙ୍କୁ ପଦାର୍ପଣ ସମୟରେ ବୟସ ୧୫ ବର୍ଷ ୨୩୯ ଦିନ ହୋଇଥିଲା। ପୂର୍ବରୁ ୨୦୧୩ରେ ସ୍ନେହା ଦୀପ୍ତି ୧୬ ବର୍ଷ ୨୦୪ ଦିନରେ ପଦାର୍ପଣ କରି ଭାରତର ସର୍ବକନିଷ୍ଠା ଟି୨୦ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଥିଲେ। ତେବେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାରେ ସର୍ବକନିଷ୍ଠା ଖେଳାଳି ହେବାର ରେକର୍ଡ ଏବେ ମଧ ଗାର୍ଗି ବାନାର୍ଜୀଙ୍କ ନାମରେ ରହିଛି। ୧୯୭୮ରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣବେଳକୁ ତାଙ୍କୁ ୧୪ ବର୍ଷ ୧୬୫ ଦିନ ହୋଇଥିଲା। ନିଜର ପଦାର୍ପଣ ମ୍ୟାଚ୍‌ରେ କିନ୍ତୁ ଶେଫାଳୀ ନିରାଶ କରିଛନ୍ତି। ଓପନିଂ ବ୍ୟାଟିଂ ଆସି ସେ ମାତ୍ର ୪ ବଲର ସମ୍ମୁଖୀନ ହୋଇ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ।



**ଭାରତ ପକ୍ଷରୁ ଟି୨୦ ପଦାର୍ପଣ କରିଥିବା ସର୍ବକନିଷ୍ଠା ଖେଳାଳି**

| ଖେଳାଳି | ପଦାର୍ପଣ ବୟସ | ପ୍ରତିପକ୍ଷ ଟିମ୍ |
|---|---|---|
| ଶେଫାଳୀ ବର୍ମା | ୧୫ ବର୍ଷ ୨୩୯ ଦିନ | ଦକ୍ଷିଣ ଆଫ୍ରିକା (୨୦୧୯) |
| ସ୍ନେହା ଦୀପ୍ତି | ୧୬ ବର୍ଷ ୨୦୪ ଦିନ | ବାଂଲାଦେଶ (୨୦୧୩) |
| ସ୍ମୃତି ମନ୍ଧାନା | ୧୬ ବର୍ଷ ୨୬୧ ଦିନ | ବାଂଲାଦେଶ (୨୦୧୩) |
| ଦେବୀକା ବିଦ୍ୟା | ୧୭ ବର୍ଷ ୧୦୯ ଦିନ | ଦକ୍ଷିଣ ଆଫ୍ରିକା (୨୦୧୪) |
| ଲତିକା କୁମାରୀ | ୧୭ ବର୍ଷ ୧୫୭ ଦିନ | ଇଂଲଣ୍ଡ (୨୦୦୯) |

# ଭାରତ ୧୧ ରନରେ ବିଜୟୀ

ସୁରଟ, ୨୪।୯ (ପି.ଟି.): ସ୍ଥାନୀୟ ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚରେ ଭାରତୀୟ ମହିଳା ଦଳ ୧୧ ରନରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୮ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୯.୫ ଓଭରରେ ୧୧୯ ରନର କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ଏଥିସହିତ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି।

## ପ୍ରଥମ ମହିଳା ଟି୨୦

ଦକ୍ଷିଣ ଆଫ୍ରିକା ତରଫରୁ ମିଗନୋନ ଡୁ ପ୍ରିଜ୍ ୪୩ ବଲରୁ ୪ ଚୌକା ଓ ୩ ଛକା ସହ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଏକା ଲଢ଼େଇ କରିଥିଲେ। ସେ ରାଧା ଯାଦବଙ୍କ ବଲ୍‌ରେ ଷ୍ଟମ୍ପ ଆଉଟ ହେବା ପରେ ଦଳର ବିଜୟ ଆଶା ମଉଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର ଲିଜେଲି ଲି ୧୬ ଓ ଲଉରା ଉଲଭାରଟ ୧୪ ରନକରି ଆଉଟ ହୋଇଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଭାରତ ପାଇଁ ଦିପ୍ତୀ ଶର୍ମା ୩, ଶିଖା ପାଣ୍ଡେ, ପୁନମ ଯାଦବ ଓ ରାଧା ଯାଦବ ୨ଟି ଲେଖାଏ, ହରମନପ୍ରୀତ କୌର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତର ମିଡଲ ଅର୍ଡର ଭଲ ଆରମ୍ଭ କରିଥିଲେ ମଧ ଏହାର ଫାଇଦା ଉଠାଇପାରି ନ ଥିଲେ। ଫଳରେ ଦଳ ୧୩୦ ରନରେ ସୀମିତ ରହିଥିଲା। ବିନା ସ୍କୋରରେ ପଦାର୍ପଣ କରିଥିବା ଓପନର ଶେଫାଳୀ ବର୍ମାଙ୍କୁ ହରାଇ ଭାରତ ପ୍ରାରମ୍ଭିକ ଝଟକା ଖାଇଥିଲା। ଶେଫାଳୀ ବିନା ସ୍କୋରରେ ପ୍ୟାଭିଲିୟନ ଫେରିଥିଲେ। ଦଳ ତରଫରୁ ଅଧିନାୟିକା ହରମନପ୍ରୀତ କୌର ୩୪ ବଲରୁ ୩ ଚୌକା ଓ ୨ ଛକା ସହ ସର୍ବାଧିକ ୪୩ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ମନ୍ଧାନା ୧୬ଟି ବଲ ଖେଳି ୪ ଚୌକା ସହ ୨୧, ଜେମିମା ରୋଡ୍ରିଗ୍ସ୍ ୨୫ ବଲରୁ ୧୯, ଦୀପ୍ତି ଶର୍ମା ୧୬ ବଲରୁ ୧୬, ବେଦ କ୍ରିଷ୍ଣମୂର୍ତ୍ତୀ ୧୧ ବଲରୁ ୧୦ ରନ କରି ଆଉଟ ହୋଇଥିବା ବେଳେ ଉଇକେଟକିପର ବ୍ୟାଟ୍ସ ଓମେନ ତାନିଆ ଭାଟିଆ ୧୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଶବନିମ ଇସ୍‌ମାଇଲ ସର୍ବାଧିକ ୩, ନାଡିନ ଡି କ୍ଲର୍କ ୨ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି ଭାରତୀୟ ଖେଳାଳି।

**ସଂକ୍ଷିପ୍ତ ସ୍କୋର**

■ ଭାରତ ୨୦ ଓଭରରେ ୧୩୦/୮ (ହରମନପ୍ରୀତ- ୪୩, ମନ୍ଧାନା- ୨୧, ରୋଡ୍ରିଗ୍ସ୍- ୧୯, ଦୀପ୍ତି- ୧୬, ଇସ୍‌ମାଇଲ- ୩/ ୨୬, କ୍ଲର୍କ- ୨/୧୦)

■ ଦକ୍ଷିଣ ଆଫ୍ରିକା ୧୯.୫ ଓଭରେ ୧୧୯ ଆଉଟ୍, (ପ୍ରିଜ୍- ୫୯, ଲି- ୧୬, ଉଲଭାରଟ- ୧୪, ଦୀପ୍ତି- ୩/୮, ପାଣ୍ଡେ- ୨/୧୮, ପୁନମ- ୨/୨୫, ରାଧା- ୨/୨୯)

# ଭାରତୀୟ ବ୍ୟାଡ୍‌ମିଣ୍ଟନ୍ କୋଚ୍ କିମ୍‌ଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୪।୯(ପି.ଟି.): ଭାରତର ମହିଳା ସିଙ୍ଗଲ୍ସ ବ୍ୟାଡମିଣ୍ଟନ କୋଚ୍ ତଥା ପି.ଭି. ସିନ୍ଧୁଙ୍କ ବିଦେଶୀ କୋଚ୍ କିମ୍ ଜି ହ୍ୟୁନ୍ ଇସ୍ତଫା ଦେଇଛନ୍ତି। ଗତ ବିଶ୍ୱ ଚାମ୍ପିୟନଶିପ୍‌ରେ ସିନ୍ଧୁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଓ ଏହି ସଫଳତାରେ କିମ୍‌ଙ୍କ ଯଥେଷ୍ଟ ଅବଦାନ ଥିଲା। ଟୋକିଓ ଅଲିମ୍ପିକ୍ସ ଆଉ ଗୋଟିଏ ବର୍ଷଠାରୁ କମ୍ ସମୟ ବାକି ଥିବା ବେଳେ କିମ୍ କୋଚ୍ ପଦ ଛାଡ଼ିବା ଭାରତ ପାଇଁ ଏକ ଝଟକା ସଦୃଶ ହୋଇଛି।

୪୫ ବର୍ଷୀୟା କିମ୍ ସ୍ୱାମୀ ରିଚି ମାରଙ୍କ ଚିକିତ୍ସା ତଥା ଦେଖାଶୁଣା ପାଇଁ ହଠାତ୍ ନ୍ୟୁଜିଲାଣ୍ଡ ଗସ୍ତ କରିଥିଲେ। କିଛି ଦିନ ତଳେ ରିଚି ହୃଦ୍‌ଘାତର ଶିକାର ହୋଇଥିଲେ। ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ) କିମ୍‌ଙ୍କୁ କୋଚ୍ ପଦରେ ନିଯୁକ୍ତି ଦେଇଥିଲା। କିଛିଦିନ ତଳେ ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ କିମ୍‌ଙ୍କ ତତ୍ତ୍ୱାବଧାନରେ ସିନ୍ଧୁ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସ୍ୱାମୀ ଅସୁସ୍ଥ ଥିବାରୁ କିମ୍ ପଦ ଛାଡିଛନ୍ତି ଓ ଏବେ ସେ ତାଙ୍କର ଦେଖାଶୁଣା କରିବାକୁ ଚାହୁଁଛନ୍ତି। ସେଥିପାଇଁ ସେ ହଠାତ୍ ନ୍ୟୁଜିଲାଣ୍ଡ ଚାଲିଯାଇଥିଲେ। ସମ୍ପୂର୍ଣ୍ଣ ଭଲ ହେବା ପାଇଁ ରିଚିଙ୍କୁ ୪ରୁ ୬ ମାସ ସମୟ ଲାଗିବ ବୋଲି ଭାରତୀୟ ଜାତୀୟ କୋଚ୍ ପୁଲେଲା ଗୋପୀଚାନ୍ଦ କହିଛନ୍ତି।

ଏଭଳି ସ୍ଥିତିରେ କିମ୍ କୋଚ୍ ପଦରୁ ଇସ୍ତଫା ଦେବା ଦୁର୍ଭାଗ୍ୟଜନକ ବୋଲି ସିନ୍ଧୁ କହିଛନ୍ତି।



# ତାମିଲନାଡୁକୁ ଜିତାଇଲେ ମୁକୁନ୍ଦ, କାର୍ତ୍ତିକ

ଜୟପୁର, ୨୪।୯ (ପି.ଟି.): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଘରୋଇ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଜୟପୁରର ସବାଇ ମାନସିଂହ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍–ସି'ର ଏକ ମ୍ୟାଚ୍‌ରେ ତାମିଲନାଡୁ ୬ ଉଇକେଟ୍‌ରେ ଘରୋଇ ରାଜସ୍ଥାନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ଅର୍ଜିତ ଗୁପ୍ତା (୭୭ ରନ) ଓ ରାହୁଲ ଚହର (୪୮)ଙ୍କ ଉପଯୋଗୀ ଇନିଂସ ବଳରେ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୬୧ ରନ କରିଥିଲା। ଜବାବରେ ତାମିଲନାଡୁ ଓପନର୍ ଅଭିନବ ମୁକୁନ୍ଦ (୭୫), ବାବା ଅପରାଜିତ (୫୨) ଓ ଅଧିନାୟକ ତଥା ଭେଟେରାନ ଉଇକେଟ୍‌କିପର ଦୀନେଶ କାର୍ତ୍ତିକ (୫୨*)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ୪୮ ଓଭରରେ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଶାହରୁଖ ଖାଁ ମଧ ୩୯ ବଲରୁ ୪୮ ରନ କରି ଅପରାଜିତ ରହିଥିଲେ। ବିଜୟ ସହ ତାମିଲନାଡୁ ସମ୍ପୂର୍ଣ୍ଣ ୪ ପଏଣ୍ଟ ହାସଲ କରିଛି।

ସେହିଭଳି ଗ୍ରୁପ୍–ସି'ର ଅନ୍ୟ ଏକ ମ୍ୟାଚ୍‌ରେ ତ୍ରିପୁରା ୨ ଉଇକେଟ୍‌ରେ ଜମ୍ମୁ ଓ କଶ୍ମୀରକୁ ପରାସ୍ତ କରିଛି। ଜମ୍ମୁ ଓ କଶ୍ମୀର ପକ୍ଷରୁ ଧାର୍ଯ୍ୟ ୧୯୮ ରନର ଲକ୍ଷ୍ୟକୁ ତ୍ରିପୁରା ଓପନର୍ ବିଶାଳ ଘୋଷ (୬୨) ଓ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ମିଲିନ୍ଦ କୁମାର (୭୭)ଙ୍କ ଅର୍ଦ୍ଧଶତକ ବଳରେ ୪୪.୧ ଓଭରରେ ୮ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଅପରପକ୍ଷରେ ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ଗୁଜରାଟ ୩୮ ରନରେ ବେଙ୍ଗଲକୁ ହରାଇ ୪ ପଏଣ୍ଟ ହାତେଇ ନେଇଛି।



ଅର୍ଦ୍ଧଶତକ ହାସଲକାରୀ ଦିନେଶ କାର୍ତ୍ତିକ।

**ବିଜୟ ହଜାରେ ଟ୍ରଫି**

## ପଏଣ୍ଟ ବାଣ୍ଟିଲେ ମୁମ୍ବାଇ–ସୌରାଷ୍ଟ୍ର

ବେଙ୍ଗାଲୁରୁ, ୨୪।୯ (ପି.ଟି.): ମୁମ୍ବାଇ ଓ ସୌରାଷ୍ଟ୍ର ମଧ୍ୟରେ ଖେଳାଯାଇଥିବା ବିଜୟ ହଜାରେ ଟ୍ରଫି ଗ୍ରୁପ୍–ଏ'ର ଏକ ମ୍ୟାଚ୍ ଖରାପ ପାଗ ଲାଗି ବାତିଲ ହୋଇଯାଇଛି। ଅଲୁର କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୋଟିଏ ବଲ୍ ପଡ଼ିବା ସମ୍ଭବପର ହୋଇପାରି ନ ଥିଲା। ଫଳରେ ମୁମ୍ବାଇ ଓ ସୌରାଷ୍ଟ୍ର ୪ ପଏଣ୍ଟକୁ ବାଣ୍ଟି ନେଇଯାଇଥିଲେ। ସେହିଭଳି ଏହି ଗ୍ରୁପ୍‌ରେ କର୍ଣ୍ଣାଟକ–ହାଇଦ୍ରାବାଦ ଏବଂ ଆନ୍ଧ୍ର ପ୍ରଦେଶ–ଛତିଶଗଡ଼ ମ୍ୟାଚ୍ ମଧ ବର୍ଷାରେ ଧୋଇଯାଇଛି।

## ଓଡ଼ିଶା ମ୍ୟାଚ୍ ବାତିଲ

କଟକ ଅଫିସ,୨୪।୯: ବର୍ଷା ଯୋଗୁଁ ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଓଡ଼ିଶା ଖେଳି ପାରିନାହିଁ । ଭଦୋଦରାର ରିଲାଏନ୍ସ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ବରୋଦା ବିପକ୍ଷରେ ଖେଳାଯାଇଥାନ୍ତା। ସୋମବାର ରାତିରେ ପ୍ରବଳ ବର୍ଷା ହେବା ଫଳରେ ଓଦା ପଡ଼ିଆରେ ମଙ୍ଗଳବାର ଖେଳିବା ସମ୍ଭବ ନ ଥିଲା। ମ୍ୟାଚ୍ ବାତିଲ ହୋଇ ଯାଇଥିବା ଯୋଗୁଁ ବରୋଦା ଓ ଓଡ଼ିଶା ୨ ପଏଣ୍ଟ ଲେଖାଏ ବାଣ୍ଟି ନେଇଛନ୍ତି। ଆସନ୍ତା ୨୬ ତାରିଖରେ ଭଦୋଦରାର ଦର୍ଶନମ ସ୍ପୋର୍ଟ୍ସ ଆଣ୍ଡ ଏକାଡେମୀ ଗ୍ରାଉଣ୍ଡରେ ଓଡ଼ିଶା ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ହରିୟାଣା ବିପକ୍ଷରେ ଖେଳିବ। ଶୁଭ୍ରାଂଶୁ ଶେଖର ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ହରିୟାଣା ବିପକ୍ଷରେ ବିଜୟ ପଏଣ୍ଟ ପାଇବା ପାଇଁ ଚେଷ୍ଟା କରିବ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଦୀପ୍ତି ମିଶ୍ର
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୭୨
ତିରୋଧାନ: ୧୫।୦୯।୨୦୧୯
ତୁ ଆମକୁ ଏତେ ଶୀଘ୍ର ଛାଡ଼ିଗଲୁ, ଚାହୁଁଚାହୁଁ ଏଗାର ଦିନ ବିତିଗଲା, ଆଜିର ଏହି ଦିନରେ ତୋ'ର ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ
ନନା, ବୋଉ, ସ୍ୱାମୀ, ଭାଇ, ଭାଉଜ, ଝିଅ, ପୁଅ, ପୁତୁରା ଏବଂ ଆତ୍ମୀୟସ୍ୱଜନ ।
ଧ–୧୪୪୮୧

**ଏକାଦଶାହ ଉପଲକ୍ଷେ**



୰ ଯତୀନ୍ଦ୍ରନାଥ ମହାପାତ୍ର
(ଜଟ ବାବୁ)
ଗଡ଼ପଦା, ରାଉତପଡା, ରୁପ୍ସା, ବାଲେଶ୍ୱର
ଆବିର୍ଭାବ - ତା ୧୭.୦୪.୧୯୩୦
ତିରୋଧାନ - ତା ୧୫.୦୯.୨୦୧୯
ଆମ ଅଞ୍ଚଳର ସାମାଜିକ ତଥା ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ପ୍ରଚେଷ୍ଟା, ପରୋପକାରିତା ଓ ସର୍ବଗ୍ରହଣୀୟ ମଧୁର ବ୍ୟକ୍ତିତ୍ୱ ପାଇଁ ଆପଣ ସଦା ସର୍ବଦା ଚିର ସ୍ମରଣୀୟ ଓ ଆମ୍ଭମାନଙ୍କ ହୃଦୟରେ ରହିବେ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ :
ମହାପାତ୍ର ପରିବାର, ବାଖରାବାଦ
ଧ–୧୪୪୯୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



ସୁଶାନ୍ତ କୁମାର ବାରିକ୍(ଟୁଲୁ)
ଆବିର୍ଭାବ- ୦୭.୦୧.୧୯୬୧
ତିରୋଧାନ- ୧୬.୦୯.୨୦୧୯
ଶୋକସନ୍ତପ୍ତ ବନ୍ଧୁ ଓ ପରିବାର ବର୍ଗ
ଧ–୬୬୧୯୨

**୧୮ ତମ ଶ୍ରାଦ୍ଧବାର୍ଷିକୀ**



୰ ଶଶୀକଳା ପଣ୍ଡା
ଆବିର୍ଭାବ: ୩୦.୧୧.୧୯୪୦
ତିରୋଧାନ: ୧୪.୦୯.୨୦୦୧
(ଆଶ୍ୱିନ କୃଷ୍ଣପକ୍ଷ ଏକାଦଶୀ)
ଆପଣ ଚାଲିଯିବାର ଚାହୁଁ ଚାହୁଁ ୧୮ ବର୍ଷ ବିତିଗଲା। ଆପଣଙ୍କ ଆଦର୍ଶ ଆମମାନଙ୍କ ଆଶାଭରସା ଓ ପ୍ରେରଣାର ଉତ୍ସ ହୋଇ ଯୁଗ ଯୁଗ ଧରି ରହିବ। ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧଦିବସରେ ଆପଣଙ୍କର ଅମର ଆତ୍ମାର ଚିରଶାନ୍ତି ପାଇଁ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଭାରତୀ ବିଦ୍ୟାଳୟ
ବକ୍ସିବଜାର ରୋଡ୍, କଟକ-୧
ଫୋ: ୨୪୨୨୬୬୩, ୨୪୩୩୪୯୭
ଧ–୬୭୦୭୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ସ୍ମୃତିକାନ୍ତ ପରିଡ଼ା
ଆବିର୍ଭାବ: ୧୫।୦୭।୧୯୮୩
ତିରୋଧାନ: ୦୬।୧୦।୨୦୧୮
ଜୀବନ ସରଣୀରେ ପାଦ ଥାପୁ ଥାପୁ ଅଟକି ଗଲୁ। କେବଳ ତୋ' ସ୍ମୃତିରେ ଆମେ ଜିଇଛୁ। ଆଜି ତୋ' ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ତୋ' ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ତୋ' ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ
ପିତା– ଚନ୍ଦ୍ରଶେଖର ପରିଡ଼ା, ପତ୍ନୀ– ମିତାଞ୍ଜଳି, ଭଉଣୀ– ମୋନାଲିସା, ନିବେଦିତା, କନ୍ୟା– ଆରାଧ୍ୟା।
ଧ–୬୩୭୯୦

### ନର୍ସିଂ ଛାତ୍ରୀଙ୍କୁ ଜଙ୍ଗଲରେ ଗଣବଳାତ୍କାର ଘଟଣା

# ପୀଡ଼ିତାଙ୍କୁ ଭେଟିଲେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା

**ଜୁନାଗଡ,୨୪।୯(ଡି.ଏନ.ଏ.)**



ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ।

କଳାହାଣ୍ଡି ଜିଲାରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇ ଗଣବଳାତ୍କାର କରାଯିବା ଓ ଏହାର ଭିଡିଓ ଭାଇରାଲ କରାଯାଇଥିବା ନେଇ ଗତ ରବିବାର ବିଳମ୍ବିତ ରାତିରେ ଜୁନାଗଡ ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଗୁରୁତର ସହ ନେଇଛନ୍ତି । ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ମଙ୍ଗଳବାର ଆସି ପ୍ରଥମେ ଜୁନାଗଡ ଥାନାରେ ପହଞ୍ଚି କଳାହାଣ୍ଡି ଏସ୍.ପି ବି.ଗଙ୍ଗାଧରଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପୀଡିତାଙ୍କୁ ଭେଟିଥିଲେ । ଏହା ପରେ ଘଟଣାସ୍ଥଳ ଘନ ଜଙ୍ଗଲକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯାଇ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ପୀଡିତାଙ୍କୁ ସରକାରୀସ୍ତରରେ ଯାହାକିଛି ସହାୟତା ଅଛି ତାହା ପ୍ରଦାନ କରାଯିବ ବୋଲି କହିଥିଲେ। ଏହି ସମୟରେ ଘଟଣାସ୍ଥଳରେ ତାଙ୍କ ସହ ଲିଗାଲ ଏଡ୍‌ଭାଇଜର ଅରବିନ୍ଦ ପଟ୍ଟନାୟକ, ପୂର୍ବତନ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ଷ୍ଟେନୋ ତ୍ରିଲୋଚନ ନାଏକ, ଆଇନଜୀବୀ କଲ୍ୟାଣୀ ନାଏକ, ପୂର୍ବତନ ସରପଞ୍ଚ ମନୀଷା ସାହୁ, ଏସଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା, ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ବସ୍ ଡ୍ରାଇଭରଙ୍କ ସହ ଆଉ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଅଭିଯୁକ୍ତଙ୍କୁ ଶୀଘ୍ର ଧରିବା ପାଇଁ କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧରଙ୍କ ନିର୍ଦ୍ଦେଶକ୍ରମେ ୩ଟି ସ୍କ୍ୱାଡ୍ ଗଠନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗଣବଳାତ୍କାର ଶିକାର ଛାତ୍ରୀ ଜଣକ ଜୁନାଗଡର ଏକ ଘରୋଇ ନର୍ସିଂ କେନ୍ଦ୍ରରେ ତାଲିମ ନେଉଥିଲେ। ପ୍ରତିଦିନ ସେ ଏକ ଘରୋଇ ବସ୍‌ରେ ଘରୁ ଜୁନାଗଡକୁ ଯାତାୟାତ କରିଥାନ୍ତି। ଗତ ୧୪ ତାରିଖ ଦିନ ସେ ଚିକିତ୍ସା ପାଇଁ ଭବାନୀପାଟଣାକୁ ଯାଇଥିଲେ। ସେଠାରୁ ଅପରାହ୍ନ ୧.୪୫ରେ ଭବାନୀପାଟଣା ବସଷ୍ଟାଣ୍ଡ ରାସ୍ତାକଡରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସେ ଯାତାୟାତ କରୁଥିବା ଘରୋଇ ବସ୍ ଡ୍ରାଇଭରଙ୍କ ସହ ତାଙ୍କର ଦେଖାହୋଇଥିଲା। କୋକସରାକୁ ଆଉ ବସ୍ ନାହିଁ । ତାଙ୍କ ସହ ଆଉ କେହି ଆସି ନ ଥିବା ଛାତ୍ରୀ ଜଣକ ଡ୍ରାଇଭରଙ୍କୁ କହିଥିଲେ। ତୁମେ ମୋ ବାଇକ୍‌ରେ ଆସ, ମୁଁ ତୁମକୁ ଘରେ ଛାଡି ଦେବି ବୋଲି ଡ୍ରାଇଭର ତାଙ୍କୁ କହିଥିଲେ। ଡ୍ରାଇଭରଙ୍କ କଥାରେ ବିଶ୍ୱାସ କରି ଛାତ୍ରୀ ଜଣକ ତାଙ୍କ ବାଇକ୍‌ରେ ଆସିଥିଲେ। ଏହି ସମୟରେ ଡ୍ରାଇଭରଙ୍କୁ ଅନ୍ୟ କାହାର ଫୋନକଲ ଆସିଥିଲା। ମୁଁ ଆସୁଛି କହି ଡ୍ରାଇଭର ଫୋନ୍ କାଟି ଦେଇଥିଲେ। ଜୁନାଗଡ ନିକଟ ବନମାଳୀପୁରଠାରେ ଡ୍ରାଇଭର ବାଇକ୍ ଗତିକୁ ମନ୍ଥର କରି ଦେଇଥିଲେ । ଏହାର କିଛି ସମୟ ପରେ ଘଟଣାସ୍ଥଳରେ ୬ରୁ ୭ ଜଣ ବ୍ୟକ୍ତି ପହଞ୍ଚି ଛାତ୍ରୀଙ୍କ

#### ଘଟଣାସ୍ଥଳ ପରିଦର୍ଶନ କଲେ

ମୁହଁରେ କପଡା ଘୋଡେଇ ନିକଟସ୍ଥ ଘନ ଜଙ୍ଗଲକୁ ଟେକି ନେଇଥିଲେ। ଏହାପରେ ସେମାନେ ତାଙ୍କୁ ଛୁରି ଦେଖାଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଏହି ଘଟଣା କାହାକୁ ଜଣାଇଲେ ଜୀବନରୁ ମାରି ଦିଆଯିବ ବୋଲି ସେମାନେ ଧମକ ଦେଇଥିଲେ। ଏପରିକି ଜଣେ ବ୍ୟକ୍ତି ଉକ୍ତ ଘଟଣାର ଭିଡିଓ ସୁଟିଂ କରୁଥିଲେ। ବହୁ କଷ୍ଟରେ ଛାତ୍ରୀ ଜଣକ ସେମାନଙ୍କ କବଳରୁ ଆସି ରାସ୍ତାରେ ପହଞ୍ଚି ଥିଲେ । ଏହାର କିଛି ସମୟ ପରେ ଉକ୍ତ ବସ୍ ଡ୍ରାଇଭର ତାଙ୍କ ପାଖକୁ ଆସିଥିଲେ। ଏ ସମ୍ପର୍କରେ ପୀଡିତା ଥାନାରେ ଏତଲା ଦେବା ପାଇଁ କହୁଥିଲେ ମଧ୍ୟ ସେ ମନା କରିଥିଲେ। ଏହି ଘଟଣା ପ୍ରଘଟ ହେଲେ ତୁମର ଇଜ୍ଜତ ଯିବ ବୋଲି ସେ ପୀଡିତାଙ୍କୁ କହିଥିଲେ। ହେଲେ ଏହାର କିଛିଦିନ ପରେ ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ଭାଇରାଲ କରି ଦେଇଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ. ୨୨୪/୧୯) ରୁଜୁ ହୋଇଛି।

## ଅଭିଯୁକ୍ତଙ୍କ ମାମଲା ଲଢ଼ିବାକୁ ମନା କଲା ଜୁନାଗଡ଼ ଓକିଲ ସଂଘ

**ଜୁନାଗଡ,୨୪।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇ ଗଣବଳାତ୍କାର କରାଯିବା ଓ ଏହାର ଭିଡିଓ ଭାଇରାଲ କରାଯିବା ଘଟଣାକୁ ଜୁନାଗଡ ଓକିଲ ସଂଘ ତୀବ୍ର ନିନ୍ଦା କରିଛି । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ମାମଲା ନ ଲଢିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହା ସହ ଜାରିଙ୍ଗଠାରେ ଏକ ଫାଣ୍ଡି ସ୍ଥାପନ କରିବା, ଶଗଡାରୁ ଘୋଲିଜିବା ପର୍ଯ୍ୟନ୍ତ ୨୪ ଘଣ୍ଟା ପାଟ୍ରୋଲିଂ କରିବା ଓ ପୀଡିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରାଯାଇଛି। ଏ ନେଇ ଜୁନାଗଡ ଓକିଲ ସଂଘ ସଭାପତି ସୁଧାଂଶୁ ବରାଡଙ୍କ ନେତୃତ୍ୱରେ କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧରଙ୍କୁ ଏକ ଲିଖିତ ଦାବିପତ୍ର ଦିଆଯାଇଛି।

### ରେସ୍‌ମା ବେଗମ୍ ହତ୍ୟା ମାମଲାର ରାୟ ପ୍ରକାଶ

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଟିଟିଲାଗଡ, ୨୪।୯ (ଡି.ଏନ.ଏ.)**



ରାୟ ପ୍ରକାଶ ପରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟରୁ ନେଉଛି ।

୨୦୧୩ ବହୁଚର୍ଚ୍ଚିତ ରେସ୍‌ମା ବେଗମ ହତ୍ୟା ମାମଲାର ମଙ୍ଗଳବାର ରାୟ ଶୁଣାଇଛନ୍ତି ବଲାଙ୍ଗୀର ଜିଲା ଟିଟିଲାଗଡ ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ନାୟକ। ଅଭିଯୁକ୍ତ ପ୍ରଦୀପ ଗହିର(୩୮)ଙ୍କୁ ଆଇପିସି ଦଫା ୩୦୨ରେ ଆଜୀବନ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ୨ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଏଥିସହିତ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଆଇପିସି ୨୦୧ଦଫାରେ ୫ବର୍ଷ କାରାଦଣ୍ଡ ସହ ୧୦ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ତେବେ ପ୍ରମାଣ ଅଭାବରୁ ବଳାତ୍କାର ଅଭିଯୋଗରୁ ଅଭିଯୁକ୍ତଙ୍କୁ ଖଲାସ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ୨୦୧୩ ଜାନୁୟାରୀ ୭ତାରିଖରେ କଳାହାଣ୍ଡି ଜିଲା କେଗାଁ ଥାନା କର୍ଲାପଡା ଗ୍ରାମର ପ୍ରଦୀପ ଗହିର ଟିଟିଲାଗଡ଼ ନିକଟ ଡୁମେରବାହାଲ ଜଙ୍ଗଲରେ ରେସ୍‌ମାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ୨ଦିନ ପରେ ଅର୍ଥାତ୍ ୯ତାରିଖରେ ରେସ୍‌ମାଙ୍କ ମୃତଦେହ ଡୁମେରବାହାଲ ଜଙ୍ଗଲରୁ ପୋଲିସ ଉଦ୍ଧାର କରିଥିଲା। ସେହି ସମୟରେ ମୃତାଙ୍କ ବେକକୁ ଓଢ଼ଣୀରେ ବାନ୍ଧି ଦିଆଯାଇଥିଲା। ପୋଲିସ ଏନେଇ ଆଇପିସି ଦଫା ୩୭୬, ୩୦୨, ୨୦୧ରେ ଏକ ମାମଲା (ନଂ. ୬/୧୩)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଟିଟିଲାଗଡ଼ ବ୍ଲକ ସିହିନି ଗ୍ରାମସ୍ଥିତ ତାଙ୍କ ଶ୍ୱଶୁରଘରୁ ପୋଲିସ ଗିରଫ କରିଥିଲା। ଏହି ମାମଲାରେ ୩୬ ଜଣଙ୍କ ସାକ୍ଷ୍ୟ, ବ୍ୟବଚ୍ଛେଦ ରିପୋର୍ଟ, ଡିଏନ୍‌ଏ ରିପୋର୍ଟ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ ପଥର, ରେସ୍‌ମାଙ୍କ ମୋବାଇଲ, ପାରିପାର୍ଶ୍ୱିକ ପ୍ରମାଣ ଏବଂ ହତ୍ୟାକାରୀଙ୍କ ବୟାନକୁ ଭିତ୍ତିକରି କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି ।




### ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# କୋଟିପତି ପୂର୍ତ୍ତ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବଲାଙ୍ଗୀର ଅଫିସ/ପାଟଣାଗଡ, ୨୪।୯ (ଡି.ଏନ୍.ଏ.)**



ସହକାରୀ ଯନ୍ତ୍ରୀଙ୍କ ପାଟଣାଗଡ ଘରେ ଭିଜିଲାନ୍ସ ଚଢ଼ାଉ ଚାଲିଛି ।

**୧ କୋଟି ୮୦ ହଜାର ଟଙ୍କାର ସମ୍ପତ୍ତି ଠାବ**

ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାକୁ ନେଇ ମଙ୍ଗଳବାର ଭିଜିଲାନ୍ସ ଟିମ୍ ବଲାଙ୍ଗୀର ଜିଲା ପାଟଣାଗଡ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ପାତ୍ରଙ୍କ ଘରେ ଚଢାଉ କରିଥିଲା । ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିବା ପରେ ସନ୍ଧ୍ୟା ସୁଦ୍ଧା ପାତ୍ରଙ୍କ ସମୁଦାୟ ସମ୍ପତ୍ତି ୧ କୋଟି ୮୦ ହଜାର ଟଙ୍କାର ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି । ପାଟଣାଗଡ ସହର ସ୍ଥାୟୀ ବାସିନ୍ଦା ସହକାରୀ ଯନ୍ତ୍ରୀ ପାତ୍ରଙ୍କ ନିଜ ଘର, ଭାଇଙ୍କ ଘର ଏବଂ ତାଙ୍କ ପାଟଣାଗଡ ଅଫିସରେ ଚଢାଉ କରାଯାଇଥିଲା । ବଲାଙ୍ଗୀର ଭିଜିଲାନ୍ସ ଡିଏସପି କାଦମ୍ବିନୀ ସାମଲଙ୍କ ନେତୃତ୍ୱରେ ରାଉରକେଲା, ସମ୍ବଲପୁର, ବରଗଡ ଏବଂ ଝାରସୁଗୁଡାର ଭିଜିଲାନ୍ସ ଟିମ ଚଢ଼ାଉରେ ସାମିଲ ହୋଇଥିଲେ । ପ୍ରାଥମିକ ଆକଳନରେ ପାତ୍ରଙ୍କ ୧ କୋଟି ୮୦ ହଜାର ୬୨୦ ଟଙ୍କାର ସମ୍ପତ୍ତି ଥିବା ଜଣାପଡିଛି । ଏଥିରେ ୮୦ ହଜାର ନଗଦ ଟଙ୍କା, ୫୦ ଲକ୍ଷ ବ୍ୟାଙ୍କ ଜମା, ୪.୩୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ୬ ଲକ୍ଷ ୧୨ ହଜାର ଟଙ୍କାର ବୈଦ୍ୟୁତିକ ସାମଗ୍ରୀ, ୧ ଲକ୍ଷ ୬୨ ହଜାର ଟଙ୍କାର ଆସବାବପତ୍ର, ୨୪ ଲକ୍ଷ ଟଙ୍କାର ବୀମା ଥିବା ଜଣାପଡିଛି । ପାତ୍ରଙ୍କ ଆୟ ଓ ବ୍ୟୟ ହିସାବ କରାଯାଉଛି । ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢାଉରେ ଭିଜିଲାନ୍ସ ଡିଏସପି. ପରମେଶ୍ୱର କିଶାନ, ଡିଏସପି ବୀରେନ୍ଦ୍ର ନାଏକ, ଡିଏସ୍‌ପି ଦାଶରଥି ସେଠୀ, ଇନ୍ସପେକ୍ଟର ସଦାନନ୍ଦ ପାଣି, କର୍ଣ୍ଣେସ ବିଲନ, ତୁଷାରକାନ୍ତ ମହାପାତ୍ର, ଡି.କେ. ଆଇଣ୍ଡ ସାମିଲ ହୋଇଥିଲେ। ସମ୍ବଲପୁର ଭିଜିଲାନ୍ସ ଏସପି ଆର. କେ.ପଧାନ ମଧ ବଲାଙ୍ଗୀର ଆସି ଚଢ଼ାଉର ତଦାରଖ କରିଛନ୍ତି।

## ହିଞ୍ଜୁଳି ନଦୀରେ ବୁଡି ଚାଷୀଙ୍କ ମୃତ୍ୟୁ

**ଦେବଗଡ,୨୪।୯(ଡି.ଏନ.ଏ)**

ଦେବଗଡ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ଦଲକ ଗ୍ରାମ ନିକଟସ୍ଥ ହିଞ୍ଜୁଳି ନଦୀରେ ବୁଡି ଜଣେ ଚାଷୀଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି । ମୃତକ ଚାଷୀ ଦଲକ ଗ୍ରାମର ବିଦ୍ୟାଧର ପ୍ରଧାନ(୫୧)। ଚାଷଜମିରେ କାମ କରି ସେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ହିଞ୍ଜୁଳୀ ନଦୀର ଟମକିଆଘାଟରେ ଗାଧୋଉଥିବା ବେଳେ ବିଦ୍ୟାଧର ପାଣିରେ ବୁଡିଯାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଦମକଳ ବାହିନୀ ସେଠାରେ ପହଞ୍ଚି ନଦୀରୁ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଣ୍ଢେଇଗୋଳା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛଇ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରଜୁ ହୋଇଛି।

### ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ସହ ପୀଡ଼ିତାଙ୍କୁ କ୍ଷତିପୂରଣ ଦାବି

# ମହିଳା କମିଶନ ଅଧ୍ୟକ୍ଷାଙ୍କୁ ଭାଜପା ମହିଳା ମୋର୍ଚ୍ଚାର ଲିଖିତ ଅଭିଯୋଗ



ଭାଜପା ମହିଳା ମୋର୍ଚ୍ଚା ଟିମ ଜୁନାଗଡ ଥାନାକୁ ଲିଖିତ ଅଭିଯୋଗ ଦେବା ପାଇଁ ଆସିଛନ୍ତି ।

**ଜୁନାଗଡ,୨୪।୯(ଡି.ଏନ.ଏ.)**

**୪୮ ଘଣ୍ଟାରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ ଚେତାବନୀ**

କଳାହାଣ୍ଡି ଜିଲାର ଜଣେ ନର୍ସିଂ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇ ଗଣବଳାତ୍କାର କରାଯିବା ଓ ଏହାର ଭିଡିଓ ଭାଇରାଲ କରାଯିବା ଘଟଣାକୁ ଜିଲା ଭାଜପା ମହିଳା ମୋର୍ଚ୍ଚା ଟିମ୍ ଦୃଢ ନିନ୍ଦା କରିଛି। ମଙ୍ଗଳବାର ଜିଲା ଭାଜପା ମହିଳା ମୋର୍ଚ୍ଚା ଟିମ୍ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ଓ କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧରଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ଏଥିରେ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପୀଡିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଏଥିସହ ୪୮ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସମୟରେ ଜିଲା ସଭାନେତ୍ରୀ କୁନ୍ତି ପାଳ, ଜିଲା ସାଧାରଣ ସମ୍ପାଦିକା ସୋଭାଙ୍ଗିନୀ ପାତ୍ର, ଜିଲା ପରିଷଦ ସଦସ୍ୟା ଶର୍ମିଷ୍ଠା ମେହେର, ଉଷା ବେହେରା, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ, ଜିଲା ସମ୍ପାଦକ ରୂପେଶ ଜୈନ, ଜିଲା ପରିଷଦ ସଦସ୍ୟ ବିଜୟ ଦେବ ସାହୁ, ବରିଷ୍ଠ ନେତା ସତ୍ୟ ନାରାୟଣ ପଣ୍ଡା, ଜୁନାଗଡ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



All new True Value at: SAMBALPUR/JHARSUGUDA/BARGARH/BOLANGIR: Odyssey Motors, Ph: 7873411550, 6370700832, ROURKELA/SUNDERGARH/DEOGARH/BONAI: Orbit Motors, Ph: 9040404111, 7205025353.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ବୌଦ୍ଧ ସହରରୁ ବାଇକ୍ ଚୋରି, ଥାନାରେ ୫ ଅଟକ

ବୌଦ୍ଧ,୨୪।୯(ସ୍ୱ.ପ୍ର)

ବୌଦ୍ଧ ସହରରେ ଦିନକୁ ଦିନ ବାଇକ ଚୋରି ବୃଦ୍ଧି ପାଉଛି । ଗତ ୨୦ ଦିନ ଭିତରେ ସହରରୁ ପାଖାପାଖି ୭ରୁ ଅଧିକ ବାଇକ ଚୋରି ହୋଇସାରିଲାଣି। ଏହି ଚୋର ମାନେ ବିଭିନ୍ନ ଜନଗହଳି ସ୍ଥାନମାନଙ୍କରୁ ଗାଡି ଚୋରି କରି ଆଖି ପିଛୁଳାକେ ଧରି ଫେରାର ମାରୁଛନ୍ତି। ମଙ୍ଗଳବାର ସକାଳ ୯ଟା ବେଳେ ଭୈରବୀ ଛକ ନିକଟରୁ ପୁଣି ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ବାଇକ୍ ଚୋରି ବୃଦ୍ଧି ଯୋଗୁ ବୌଦ୍ଧ ପୋଲିସ ମଧ୍ୟ ଚିନ୍ତାରେ ପଡିଯାଇଛି । ଏ ନେଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ବିଭିନ୍ନ ଅଞ୍ଚଳରେ ଚଢାଉ କରି ୫ ଜଣଙ୍କୁ ଅଟକ ରଖାଯିବା ସହିତ ୬ଟି ଚୋରି ବାଇକ ଉଦ୍ଧାର କରାଯାଇଛି। ଏହି ବାଇକ ଚୋରି ପଛରେ ଏକ ବଡ ରାକେଟ କାମ କରୁଥିବା ବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଥିଲେ ।

### କୁଡୋପାଲିରେ ନୂଆଖାଇ ଭେଟ୍‌ଘାଟ୍

ଭେଡ଼େନ,୨୪।୯(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ କୁଡୋପାଲି ଗ୍ରାମରେ ସମଲେଶ୍ୱରୀ ସାଂସ୍କୃତିକ କଳାପରିଷଦ ପକ୍ଷରୁ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ସତ୍ୟନାରାୟଣ ପାଢ଼ୀଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତା ଅଟଳ ବିହାରି ପଣ୍ଡା ମୁଖ୍ୟ ଅତିଥି, ଲୋକକବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, ସାହିତ୍ୟିକ ଉତ୍ପନ୍ନ ଭୋଇ, ନାଟ୍ୟକାର ତେଜରୁ ବାରିକ, ଅଭିନେତ୍ରୀ ତପସ୍ୱିନୀ ଗୁରୁ, ସୁନାଲରମ୍ବା ସରପଞ୍ଚ ସଞ୍ଜୀବ ସରାଫ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବର୍ଷିୟାନ କଳାକାର ମାନସିଂ ବଘାର ଏବଂ ଭାଗବତିଆ ଦେହେରୀଙ୍କୁ ସମ୍ମାନିତ କରାଯାଇଥିଲା। ତରୁଣ କଳାବିକାଶ କେନ୍ଦ୍ରର ନୂତନ ନାଟ୍ୟ ମଣ୍ଡପକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ପରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ନିମାଇଁ ପ୍ରଧାନଙ୍କ ରଚିତ ଏବଂ ସଙ୍କେତ ପୁରୋହିତଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟିକା 'ହୁଲହୁଲି' ମଞ୍ଚସ୍ଥ ହୋଇଥିଲା। ଶେଷରେ ଅଧାପକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲଜ୍ୟୋତି, କୁଷ୍ଠ, ଯକ୍ଷ୍ମା ଚିହ୍ନଟ ସଚେତନତା କାର୍ଯ୍ୟକ୍ରମ

ମନମୁଣ୍ଡା, ୨୪।୯ (ଡି.ଏନ.ଏ)



ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବାଳଜ୍ୟୋତି ସୁନେତ୍ର କାର୍ଯ୍ୟକ୍ରମ, କୁଷ୍ଠ, ଯକ୍ଷ୍ମା ରୋଗ ଚିହ୍ନଟ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୌଣସି ଛାତ୍ରୀଛାତ୍ର ଦେଖିବା, ପଢ଼ିବାରେ ଅସୁବିଧା ନ ହେବା ତଥା ଚକ୍ଷୁଜନିତ ସମସ୍ୟା ଦୂରୀକରଣ ଏବଂ ସେପରି ରୋଗୀଙ୍କୁ ଚିହ୍ନଟ କରିବା ସକାଶେ ସିଏଚସି ତରଫରୁ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଗତ ୨୦ ତାରିଖରେ ଘଣ୍ଟାପଡା ଏବଂ ଆମ୍ବଗାଁ, ୨୧ ତାରିଖରେ ମନମୁଣ୍ଡା ଓ ବିଲାସପୁର ଏବଂ ୨୩ ତାରିଖରେ କଣ୍ଟାମାଳ ଓ ପଲସାଗୋରାଠାରେ ମନମୁଣ୍ଡା ସିଏଚସି ଏମଓ ଡା. ମହେନ୍ଦ୍ର କୁମାର ସଏ, ଚକ୍ଷୁ ଚିକିତ୍ସା ସହାୟକ ସନାତନ ମିଶ୍ର ୨୬୨ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଏ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ, ଶିକ୍ଷକମାନେ ପାଠ ପଢ଼ାଇବା ବେଳେ ସେପରି କୌଣସି ଛାତ୍ରୀଛାତ୍ରଙ୍କ ଚକ୍ଷୁ ସମସ୍ୟା ଦେଖି ସିଏଚସିକୁ ଖବର ଦେଲେ ସେମାନଙ୍କ ଚିକିତ୍ସା ସହ ଆବଶ୍ୟକ ପଡିଲେ ମାଗଣା ଚଷମା ପ୍ରଦାନ କରାଯିବା ବ୍ୟବସ୍ଥା ଥିବା ଏମଓ ଡା. ସଏ ଜଣାଇଛନ୍ତି । ସେହିପରି ଗତ ୧୦ରୁ ୨୩ ତାରିଖ ପର୍ଯ୍ୟନ୍ତ ସିଏଚସି ଅନ୍ତର୍ଗତ ୨୪ଟି ଗ୍ରାମପଞ୍ଚାୟତରେ କୁଷ୍ଠ ରୋଗ ଚିହ୍ନଟ ଓ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ସିଏଚସିର ବହୁମୁଖି ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ସୁଦର୍ଶନ ପ୍ରଧାନଙ୍କ ପରିଚାଳନାରେ ଜିଲା କୁଷ୍ଠ ସଂଯୋଜକ ସୌମ୍ୟକାନ୍ତ ସତ୍ୟସୁନ୍ଦରଙ୍କ ନେତୃତ୍ୱ ଏଏନଏମ, ଆଶାଦିଦିମାନଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା ଏବଂ ରୋଗ ଚିହ୍ନଟ ତାଲିମ ପ୍ରଦାନ କରାଯାଇଥିଲା। ଏହା ମଧ୍ୟରେ ଗତ ୨୨ ତାରିଖରୁ ଯକ୍ଷ୍ମାରୋଗ ଚିହ୍ନଟ ଏବଂ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଏକ ସଚେତନତା ରଥକୁ ସେହିଦିନ ସିଏଚସି ପରିସରରୁ ଏମଓ, ଡା. ମହେନ୍ଦ୍ର କୁମାର ସଏ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ରଥ ସିଏଚସି ଅନ୍ତର୍ଗତ ୨୪ଟି ଗ୍ରାମପଞ୍ଚାୟତକୁ ପରିଭ୍ରମଣ କରି ଡାକବାଜି ଯନ୍ତ୍ରରେ ରୋଗ ସମ୍ପର୍କରେ ସଚେତନ କରିବ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ମେହେରଙ୍କ ପରିଚାଳନାରେ ମନମୁଣ୍ଡା କନଫରେନ୍ସ ହଲରେ ଜିଲା ଯକ୍ଷ୍ମା ଅଧିକାରୀ ଡା. ଭାରତୀ ରାଉତ, ଡିପିସି ଜ୍ଞାନ ମହାନ୍ତି ପ୍ରମୁଖ ମନମୁଣ୍ଡା ସିଏଚସି ଏବଂ ପଲସାଗୋରା ପିଏଚସି ଡାକ୍ତରଙ୍କ ସମେତ ଏଏନଏମ, ଆଶାଦିଦି, ଅଙ୍ଗନୱାଡି କର୍ମୀ, ସୁପରଭାଇଜରମାନଙ୍କୁ ଏ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ଏସଟିଏସ ରମାକାନ୍ତ ସାହୁ ସହଯୋଗ କରିଥିଲେ ଏହି ତିନିଟି କାର୍ଯ୍ୟକ୍ରମ ସିଏଚସିର ବିପିଏମ ଅଶୋକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା ।

### ଜାତୀୟ ସେବା ଯୋଜନାର ସୁବର୍ଣ୍ଣ ଜୟନ୍ତୀ ପାଳିତ

ପୁରୁଣାକଟକ,୨୪।୯(ଡିଏନ୍‌ଏ)

ବୌଦ୍ଧ ଜିଲା ପୁରୁଣାକଟକ ସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି । କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୂର ସେଠୀ ମୁଖ୍ୟଅତିଥି, ଯୁକ୍ତ ୨ ବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱଇଚ୍ଛାରେ ନିଜର ମାନବିକତାର ପରିଚୟ ଦେଇ ସେବା ମନୋବୃତ୍ତି ରଖି ଅନ୍ୟମାନଙ୍କୁ ସାହାଯ୍ୟ ସହଯୋଗ କରିବାକୁ ଆଗେଇ ଆସିବାକୁ ଅତିଥି ମାନେ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ଅଧିକାରୀ ତାରେଣିଆ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ବାଳକ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ରଣଜିତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱେଚ୍ଛାସେବୀ ସୁଧୀର ଦୀପ, ହରିଚନ୍ଦନ ସାହୁ, ସୁବ୍ରତ ପୁରହିତ, ଦୀପ୍ତିମୟୀ ସାହୁ, ଲିମା ଝାଙ୍କର, ସେହ୍ନଲତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ମଦ ବନ୍ଦ ପାଇଁ ଜିଲାପାଳଙ୍କୁ ଫେରାଦ



ଜିଲାପାଳଙ୍କ ଅଫିସ୍ ସାମ୍ନାରେ ନାରାବାଜି କରୁଛନ୍ତି ।

ବୌଦ୍ଧ,୨୪।୯(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର କରଡି ଗ୍ରାମରେ ମଦ ବନ୍ଦ ବିକ୍ରି ଦାବିରେ ମହିଳା ସ୍ୱୟଂ ସହାୟକ ଦଳ ଓ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ମହିଳାମାନେ କହିଛନ୍ତି।

ଅଭିଯୋଗ ଅନୁସାରେ, କରଡି ଗ୍ରାମରେ ବ୍ୟାପକ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି । ଗ୍ରାମରେ ରନ୍ଧାମଦ ଓ ମଦ କାଉଣ୍ଟର ଯୋଗୁ ୯୦ ପ୍ରତିଶତ ଲୋକ ମଦ୍ୟପାନ କରୁଛନ୍ତି । ଏପରିକି ନାବାଳକମାନେ ମଧ୍ୟ ଲୁଚିଛପି ମଦପାନ କରୁଛନ୍ତି। ଏହାଯୋଗୁ ଗ୍ରାମର ପରିବେଶ ନଷ୍ଟ ହେଉଛି । ବହୁଳ ଭାବେ ମଦ ବିକ୍ରି ଯୋଗୁ ଗାଁ ରାସ୍ତାରେ ଯିବା ମୁସ୍କିଲ ହୋଇପଡୁଛି। ମଦ ବନ୍ଦ ପାଇଁ କେତେକ ପୋଲିସ କର୍ମଚାରୀ ଗାଁକୁ ଆସୁଛନ୍ତି କିନ୍ତୁ କିଛି ଟଙ୍କା ପାଇଁ ନିଜର କର୍ତ୍ତବ୍ୟ ଭୁଲି ଯାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଗ୍ରାମର ପୁରୁଷମାନେ ମଦ ପାଇଁ ଘରେ ଅଶାନ୍ତି ସୃଷ୍ଟି କରିବା ସହିତ ଧାନ ଚାଉଳ ଆଦି ବିକ୍ରି କରି ମଦ ପିଉଛନ୍ତି। ମହିଳାମାନେ ମନାକଲେ ତାଙ୍କୁ ମାଡପିଟ କରୁଥିବା ମଧ୍ୟ ଅଭିଯୋଗ କରିଛନ୍ତି । ଏଣୁ ଗ୍ରାମରେ ତୁରନ୍ତ ମଦ ବିକ୍ରି ବନ୍ଦ ଓ କାଉଣ୍ଟର ବନ୍ଦ କରିବାକୁ ମହିଳାମାନେ ଦାବି ଜଣାଇଛନ୍ତି ।

### ଭଟଲି ଓକିଲ ସଂଘର ଅର୍ଥନୈତିକ ଅବରୋଧ

ଭଟଲି,୨୪।୯(ଡି.ଏନ.ଏ)

ପଶ୍ଚିମ ଓଡିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମଙ୍ଗଳବାର ଭଟଲି ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭଟଲି ବାର ଆସୋସିଏଶନର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବରଗଡ ଜିଲା ବାର ଆସୋସିଏଶନ ତରଫରୁ ଦିଆଯାଇଥିବା ଅର୍ଥନୈତିକ ଅବରୋଧରେ ଭଟଲି ତହସିଲ ଅଫିସ ଓ ବ୍ଲକ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିଲା । ଏହା ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡିଛି । ଭଟଲି ଓକିଲ ସଂଘର ସମସ୍ତ ସଦସ୍ୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏବଂ ଏହା ୩୦ ତାରିଖ ପର୍ଯ୍ୟନ୍ତ ହେବ ବୋଲି ସଭାପତି ପଣ୍ଡା ସୂଚନା ଦେଇଥିଲେ । ଏହି ଅବସରରେ ଉପସଭାପତି

■ କାର୍ଯ୍ୟକ୍ଷମ ହୋଇନି ଆଦିବାସୀ ଛାତ୍ରୀନିବାସ

## ମରାମତି ନାଁରେ ୩ ଲକ୍ଷ ମିଥ୍ୟା ବିଲ୍

କଣ୍ଟାମାଳ, ୨୪।୯ (ଡି.ଏନ.ଏ)



ନାରାୟଣପ୍ରସାଦ ଆଦିବାସୀ ଛାତ୍ରୀ ନିବାସ ।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ଆଦିବାସୀ ଛାତ୍ରୀ ନିବାସ ନିର୍ମାଣର ୫ ବର୍ଷ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ । ତେବେ ଏହି ଛାତ୍ରୀନିବାସ ମରାମତି ନାଁରେ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରାଯାଇଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦୟାନିଧି ପ୍ରଧାନ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ ରବୀନ୍ଦ୍ର ନାଥ କହଁରଙ୍କୁ ପଚାରିବାରୁ ସେ ଏହା ଉପରେ ତଦନ୍ତ କରିବେ ବୋଲି କହିଛନ୍ତି । ଅପରପକ୍ଷରେ ଜିଲା ମଙ୍ଗଳ ଅଧିକାରୀ ବିନୋଦ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଏ ବାବଦରେ ପ୍ରତିକ୍ରୀୟା ଦେବାକୁ ମନା କରିଦେଇଥିଲେ ।

ଅଭିଯୋଗ ଅନୁସାରେ, ୨୦୧୧-୧୨ ଆର୍ଥିକ ବର୍ଷରେ ୩୫ ଲକ୍ଷ ବ୍ୟୟ ଅଟକଳରେ ଶହେ ଶଯ୍ୟା ବିଶିଷ୍ଟ ଏହି ଛାତ୍ରୀ ନିବାସ ନିର୍ମାଣ ହୋଇଥିଲା। ଏହାର ନିର୍ମାଣ କାମ ସାରିବାକୁ ଠିକାଦାରଙ୍କୁ ୨ ବର୍ଷ ସମୟ ଲାଗିଥିଲା । ତେବେ ୫ବର୍ଷ ପରେ ମଧ ଏହି ନିବାସ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିମ୍ନମାନର କାମ ଯୋଗୁ ଉକ୍ତ ଛାତ୍ରୀ ନିବାସରେ ଅନ୍ତେବାସିନୀମାନେ ରହୁ ନ ଥିବା ଅଭିଯୋଗ ହୋଇଛି। ଏତେ ନିମ୍ନମାନର କାମ ହୋଇଛି ଯେ ଛାତରୁ ଛଡ ବାହାରି ପଡିଛି । ପାଣି ଟାଙ୍କି ଓ ପାଇଖାନା ଟାଙ୍କି ଭଙ୍ଗା ହୋଇ ପଡିଛି । ଏହି ନିବାସର କୋଠରୀ ସମୂହରେ ବିଜୁଳି ସଂଯୋଗ ମଧ୍ୟ ହୋଇନାହିଁ । ଏହାର ମରାମତି ନ କରି ସୂଚନା ଫଳକରେ କଣ୍ଟାମାଳ ପଞ୍ଚାୟତ ସମିତି ଅନ୍ତଗତ ଅନୁସୂଚୀତ ଜାତି, ଜନଜାତି ଉନ୍ନୟନ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି । ଏହି ଫଳକରେ କେଉଁ ଆର୍ଥିକ ବର୍ଷରେ ଏହା ମରାମତି କରାଯାଇଛି ତାହାର ଉଲ୍ଲେଖ ନାହିଁ । ମରାମତି କାମ ନ ହୋଇ ମିଥ୍ୟା ବିଲ୍ କରାଯାଇଥିବା ନେଇ ପ୍ରଧାନ ଅଭିଯୋଗ କରିଛନ୍ତି ।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଆପଣଙ୍କ ଅତି ନିକଟ ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7894704743
B-34/7 A Block Vijay Enclave, Burari, New Delhi

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଚୋରି ମାମଲାର ପର୍ଦ୍ଦାଫାଶ, ୬ ଗିରଫ

ପଦ୍ମପୁର,୨୪।୯(ଡି.ଏନ.ଏ)
ବରଗଡ଼ ଜିଲା ପଦ୍ମପୁରର ବିଗତ ଦିନରେ ସଂଘଟିତ ସିରିଜ୍ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ପଦ୍ମପୁର ରାଜାପଡ଼ାର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବୁର୍ଲାରେ ରହୁଥିବା ଚନ୍ଦ୍ର ଗୁର୍ଲା ଓରଫ ବେଡ଼ା(୨୧), ରାଜାପଡ଼ାର ସଞ୍ଜୟ ଗୁର୍ଲା(୩୧), ଆଲୋକ କଲେତ୍(୨୮), ଜୟଦ୍ରଥ ଡୁଙ୍ଗୁରୀ(୩୫), ମାହାରପଡ଼ାର ଗୋପୀ ନାଏକ(୨୦) ଏବଂ ଭେଉଁରିଆର ପବିତ୍ର ମେହେର(୩୩)। ସେମାନଙ୍କ ପାଖରୁ ୨ଟି ସୁନାଚେନ, ଗୋଟିଏ ସୁନାମୁଦି, ମଙ୍ଗଳସୂତ୍ର, ନାକଫୁଲ, ଲକେଟ୍, ରୂପା ଅଳଙ୍କାର ଏବଂ ୨ଟି ମୋବାଇଲ ଜବତ ହୋଇଛି । ମୁଖ୍ୟ ଅଭିଯୁକ୍ତ ଜଣେ ପେସାଦାର ଚୋର ଏବଂ ସେ ଥାନାପଡ଼ାର ଦିନେଶ ବେହେରା, କାର୍ତ୍ତିକ ପଟେଲ, ବିଜୁ ଯଶୱାନୀ ଆଦିଙ୍କ ଘରେ ସଂଘଟିତ ଚୋରି ମାମଲାରେ ସମ୍ପୃକ୍ତ ଥିବା ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସେହିପରି ଅନ୍ୟ ଅଭିଯୁକ୍ତମାନେ ଚୋରି ସାମଗ୍ରୀକୁ ମୁଖ୍ୟ ଅଭିଯୁକ୍ତଙ୍କଠାରୁ ଆଣି ରଖିଥିଲେ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ମାନସ ପ୍ରଧାନ ଉପସ୍ଥିତ ଥିଲେ ।

### ଟ୍ରାକ୍ଟର ସହ କାଠ ଜବତ, ୨ ଗିରଫ

ପାଇକମାଳ, ୨୪।୯(ଡି.ଏନ.ଏ)
ପାଇକମାଳ ବନ ବିଭାଗ ପକ୍ଷରୁ ଚଢ଼ାଉ କରି ସୋମବାର ରାତି ୮ଟାରେ ସାଲେପାଲି ଛକରେ ଏକ କାଠ ବୋଝେଇ ଟ୍ରାକ୍ଟର (ନଂ.ଓଡି୧୭ଡି/୮୬୭୩)କୁ ଜବତ କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଜୟନ୍ତ ସାହୁ ଓ ଦେବବନ୍ଧୁ ସାହୁ। ଟ୍ରାକ୍ଟରରେ ୧୧୫ ଖଣ୍ଡ ବଲି ଗଛ ବୋଝେଇ ହୋଇ ପାଇକମାଳ ଆଡକୁ ଆସୁଥିବା ବେଳେ ବନ କର୍ମଚାରୀମାନେ ଏହାକୁ ଜବତ କରିଥିଲେ । ଏ ନେଇ ଏକ ମାମଲା (ନଂ. ୬୧/୧୯) ରୁଜୁ ହୋଇଛି ।

### ବଢୁଛି ନିଶାକାରବାର

ଅତାବିରା, ୨୪।୯ (ଡି.ଏନ.ଏ)
ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମାଞ୍ଚଳରେ ଅବକାରୀ ଓ ପୋଲିସ ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଦିନକୁ ଦିନ ନିଶା କାରବାର ବଢ଼ିବାରେ ଲାଗିଛି । ଏହି ର୍‍ୟାକେଟ ସକ୍ରିୟ ହୋଇ ଡ୍ରଗ୍ସ, କଫ ସିରପ, ବିଦେଶୀ ମଦ, ଗଞ୍ଜେଇ ଚୋରାଚାଲାଣ କରୁଥିଲେ ମଧ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ନିଶା କାରବାର କରୁଥିବା ର୍‍ୟାକେଟ ବାଇକ, ବୋଲେରୋ ଆଦି ଯାନବାହନରେ ବୌଦ୍ଧ, ଛତିଶଗଡ, ସମ୍ବଲପୁର, ବଲାଙ୍ଗୀର ଅଞ୍ଚଳରୁ ଗ୍ରାମାଞ୍ଚଳକୁ ଆଣୁଛନ୍ତି। ଏହାକୁ ବିକ୍ରି ପାଇଁ ଗ୍ରାମାଞ୍ଚଳର ଯୁବକମାନଙ୍କୁ ଏଜେଣ୍ଟ ଭାବେ ନିଯୁକ୍ତ କରୁଛନ୍ତି । ନିଶା କାରବାର କରୁଥିବା ର୍‍ୟାକେଟ ଓ ଅସାଧୁ ପୋଲିସ ଅଧିକାରୀଙ୍କ ପ୍ରତି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏ ନେଇ ଅତାବିରା ଥାନା ଆଇଆଇସି ପୁରୋଷତ୍ତମ ଭୋଇ ଓ ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆଙ୍କୁ ପଚରାଯିବାରୁ ନିଶା କାରବାର କରୁଥିବା ର୍‍ୟାକେଟ ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

### ବ୍ରାହ୍ମଣ ସମାଜର ନୂତନ କମିଟି ଗଠିତ

ଭେଡ଼େନ,୨୪।୯(ଡ଼ି.ଏନ.ଏ)
ଭେଡ଼େନ ସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବ୍ଲକ ବ୍ରାହ୍ମଣ ସମାଜର ଏକ ବୈଠକ ବିମଳେଶ୍ୱର ରଥଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିରେ ନୂତନ କମିଟି ଗଠିତ ହୋଇଥିଲା। ପ୍ରିୟବ୍ରତ କର ସଭାପତି, ଗଣ୍ଡାରାମ ଦାଶ, ଜୟ୍ ନାରାୟଣ ପାଢ଼ୀ ଉପସଭାପତି, ପ୍ରଫୁଲ୍ଲ ପଣ୍ଡା ସମ୍ପାଦକ, ମାଧବ ଚନ୍ଦ୍ର ମହାପାତ୍ର, ହୃଷିକେଶ ଧର ସହ ସମ୍ପାଦକ, ପ୍ରେମ ପ୍ରକାଶ ପୁରୋହିତ କୋଷାଧକ୍ଷ, ନନ୍ଦି କିଶୋର ହୋତା, ପ୍ରଫୁଲ୍ଲ ଦାଶ ସହ କୋଷାଧକ୍ଷ ଭାବେ ମନୋନିତ ହୋଇଛନ୍ତି। ଏହାସହ ଉପଦେଷ୍ଟା ଭାବେ ବିମଳେଶ୍ୱର ରଥ, ଭକ୍ତ ଚରଣ ରଥ ଏବଂ ଜୟନ୍ତ ଶତପଥି ରହିଥିବାବେଳେ ଉପଦେଷ୍ଟା ମଣ୍ଡଳୀରେ ୯ଜଣ ଅଛନ୍ତି।

■ ହାଇକୋର୍ଟର ସ୍ଥାୟୀବେଞ୍ଚ ସ୍ଥାପନ ଦାବି ପ୍ରସଙ୍ଗ

# ଅର୍ଥନୈତିକ ଅବରୋଧ ଆରମ୍ଭ

ବରଗଡ଼ ଅଫିସ୍,୨୪।୯

ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଦିନକୁ ଦିନ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସୋମବାର କାର୍ଯ୍ୟବନ୍ଦ କରି ବରଗଡ଼ ଜିଲା ଓକିଲ ସଂଘ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଜିଲାପାଳ ଅଫିସକୁ ଯାଇ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେହିପରି ମଙ୍ଗଳବାରଠାରୁ ବରଗଡ଼ରେ ଅର୍ଥନୈତିକ ଅବରୋଧ ଆରମ୍ଭ କରିଛି ଓକିଲ ସଂଘ। ଓକିଲଙ୍କ ଏଭଳି ଆନ୍ଦୋଳନ ଯୋଗୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅଫିସ୍, ବ୍ଲକ, ତହସିଲ, ରେଜିଷ୍ଟ୍ରି, ଆୟକର, ବିକ୍ରିକର, ଜିଲା କୋଷାଗାର ଏବଂ ଜିଲାପାଳ କାର୍ଯ୍ୟାଳୟ ଆଦି ସରକାରୀ ଅଫିସ ଗୁଡ଼ିକ ଅଚଳ ହୋଇ ପଡ଼ିଛି । ଏଥିରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ବ୍ୟାଙ୍କ ଗୁଡ଼ିକୁ ବାଦ୍ ଦିଆଯାଇଛି। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

ପ୍ରକାଶ ଯେ, ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି । ପଶ୍ଚିମ ଓଡ଼ିଶାବାସୀଙ୍କ ହିତ ପାଇଁ ଓକିଲମାନେ ଏହି ଦାବି କରି ଆସୁଥିବାବେଳେ ଏଥିପାଇଁ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଛନ୍ତି। ଏହାସତ୍ତ୍ୱେ ଦାବି ପୂରଣ ହୋଇପାରି ନାହିଁ । ହାଇକୋର୍ଟର ଆଉ ଏକ ବେଞ୍ଚ ସ୍ଥାପନ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଉଦ୍ୟମ କରିଥିବାବେଳେ ହାଇକୋର୍ଟ ବାର୍ ଆସୋସିଏଶନ ତାକୁ ବିରୋଧ କରି ମୁଖ୍ୟ ବିଚାରପତିଙ୍କ ଅଦାଲତକୁ ବର୍ଜନ କରିଛି । ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉଦ୍ୟମକୁ ଜିଲା ଓକିଲ ସଂଘ ସ୍ୱାଗତ କରିଥିବାବେଳେ ହାଇକୋର୍ଟ ବାର ଆସୋସିଏଶନର ସେଭଳି କାର୍ଯ୍ୟକୁ ନିନ୍ଦା କରି ଆନ୍ଦୋଳନକୁ ତୀବ୍ର କରିବାରେ ଲାଗିଛି।

ଏହି କ୍ରମରେ କାର୍ଯ୍ୟବନ୍ଦ ସହିତ ଅର୍ଥନୈତିକ ଅବରୋଧ ଆରମ୍ଭ କରିଛି ଜିଲା ଓକିଲ ସଂଘ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ସଂଘର ସମସ୍ତ କର୍ମକର୍ତ୍ତା ସଂଘ କାର୍ଯ୍ୟାଳୟରୁ ବାହାରି ଅଫିସ ଗୁଡ଼ିକୁ ବନ୍ଦ କରିଥିଲେ। ସେହିପରି ଜିଲାପାଳ ଅଫିସରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉପସ୍ଥିତ ଥିବାବେଳେ ଓକିଲମାନେ ସେମାନଙ୍କ ଆନ୍ଦୋଳନର ଆଭିମୁଖ୍ୟ ଉପରେ ଅବଗତ କରିଥିଲେ। ଜିଲାପାଳ ପ୍ରଧାନ ତାଙ୍କ ଅଫିସରୁ ବାହାରି ଯିବା ପରେ ଓକିଲମାନେ ଜିଲାପାଳ ଅଫିସକୁ ମଧ୍ୟ ଅଚଳ କରି ଦେଇଥିଲେ । ସଂଘ ସଭାପତି ବେଲାଳସେନ ସରାଫ, ଉପସଭାପତି ସରୋଜ ତ୍ରିପାଠୀ, ସାଧାରଣ ସମ୍ପାଦକ ହେମନ୍ତ ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।






ଅର୍ଥନୈତିକ ଅବରୋଧରେ ଓକିଲଙ୍କ ବିକ୍ଷୋଭ ପ୍ରଦର୍ଶନ (ବାମ) । ଓକିଲଙ୍କ ଆନ୍ଦୋଳନ ଯୋଗୁ ଜିଲା କୋଷାଗାର ଅଫିସ ବନ୍ଦ ରହିଛି ।

### ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ରାଜନେତା

ବରଗଡ଼ ଅଫିସ୍,୨୪।୯
ବରଗଡ଼ ବ୍ଲକ ନୂଆପାଲି ଗ୍ରାମରେ ଆତ୍ମହତ୍ୟା କରିଥିବା ମୃତ ଚାଷୀ ମହେନ୍ଦ୍ର ସାହୁଙ୍କ ପରିବାର ଲୋକଙ୍କୁ ମଙ୍ଗଳବାର କଂଗ୍ରେସ, ଭାଜପା ପ୍ରତିନିଧି ଦଳ ପୃଥକ ଭାବେ ଭେଟି ସମବେଦନା ଜଣାଇଛନ୍ତି। କଂଗ୍ରେସ ପ୍ରତିନିଧି ମଣ୍ଡଳୀରେ ରବିନ ଦାଶ, ଆନନ୍ଦ ପ୍ରଧାନ, ବିମଳ ଦାଶ, ନେପାଳ ସାହୁ, ବାଦଲ ଖମାରୀ, ସାଧୁ ବାରିକ, ପ୍ରମୋଦ ସାହୁ ପ୍ରମୁଖ ରହିଥିଲେ । ମୃତକଙ୍କ ପରିବାର ଲୋକଙ୍କୁ ସରକାରଙ୍କ ପକ୍ଷରୁ କୌଣସି ସହାୟତା ରାଶି ମିଳି ନ ଥିବା ଯୋଗୁ ସେମାନେ ଉଦବେଗ ପ୍ରକାଶ କରିଥିଲେ । ସେହିପରି ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ଡା. ଅରୂପାନନ୍ଦ ସାହୁ, ରବି ନାରାୟଣ ଦାଶ, ପ୍ରୀତମ ସିଂ, ଅବନୀକାନ୍ତ ପଣ୍ଡା ପ୍ରମୁଖ ମୃତ ଚାଷୀଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ । ଏହା ସହିତ ସ୍ଥାନୀୟ ବିଡ଼ିଓ, ତହସିଲଦାରଙ୍କୁ ଭେଟି ତାଙ୍କ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ, ଝିଅପୁଅଙ୍କ ମାଗଣା ଶିକ୍ଷା ବ୍ୟବସ୍ଥା ତଥା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଆର୍ଥିକ ସାହାଯ୍ୟ ପାଇଁ ଦାବି ଉପସ୍ଥାପନ କରିବା ସହିତ ମାସକ ମଧ୍ୟରେ ରାଶନ ସାମଗ୍ରୀ ଯୋଗାଇ ଦେବେ ବୋଲି ଏହି ପ୍ରତିନିଧିମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।

## ଫୁଟବଲ: ପୁଟୁରୁପାଲି, ବରଢ଼ୋଲ ବିଜୟୀ

ବରଗଡ଼ ଅଫିସ୍,୨୪।୯

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିରଙ୍ଗା କପ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ପୁଟୁରୁପାଲି ଏବଂ ବରଢ଼ୋଲ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ପୁଟୁରୁପାଲି ଓ ବ୍ରାହ୍ମଣୀପାଲି ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଏଥିରେ ପୁଟୁରୁପାଲି ୨–୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ବରଢ଼ୋଲ ଓ ଲେଣ୍ଡା ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ ବରଢ଼ୋଲ ପ୍ରତିପକ୍ଷ ଲେଣ୍ଡାକୁ ୧–୦ ଗୋଲରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠାର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୋଜକ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶିବାନନ୍ଦ ଦାଶ, ଅରକ୍ଷିତ ପ୍ରଧାନ, ଶ୍ୟାମପ୍ରସାଦ ବିଶି ଓ ରାଜୀବ ଭୋଇ ମ୍ୟାଚ୍ ପରିଚାଳନା କରିଥିଲେ ।



ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିମାନେ ।

## ପଞ୍ଚାୟତ କଲେଜରେ ସ୍ୱଚ୍ଛତା ପକ୍ଷ ପାଳିତ

ବରଗଡ଼ ଅଫିସ୍,୨୪।୯

ବରଗଡ଼ ପଞ୍ଚାୟତ କଲେଜରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ କଲେଜର ସମର ଶିକ୍ଷାର୍ଥୀ ବାହିନୀ (ଏନସିସି), ଜାତୀୟ ସେବା ଯୋଜନା (ଏନଏସଏସ) ସ୍ୱେଚ୍ଛାସେବୀମାନେ କଲେଜ ପରିସରକୁ ସଫାସୁତୁରା କରିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳ ସଂରକ୍ଷଣ, ପ୍ଲାଷ୍ଟିକମୁକ୍ତ ପରିବେଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ସଞ୍ଜୟ କୁମାର ଦାଶ, ଅଧ୍ୟାପକ ପତିତପାବନ ସାହୁ, ଡଃ ନକୁଳ ସେଠ, ଅଧ୍ୟାପକ ସୁବଳ ମେହେର, ଶେଷନ ବିଶି, ସୁରେଶ କୁମାର ମାଝି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।




ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧ୍ୟକ୍ଷ ଓ ଅନ୍ୟମାନେ ।

### ବିଦ୍ୟୁତ ବିଭ୍ରାଟ, ଚରମ ସୀମାରେ ଜନଅସନ୍ତୋଷ

ଭେଡ଼େନ,୨୪।୯(ଡ଼ି.ଏନ.ଏ)
ଭେଡ଼େନ ବ୍ଲକର ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ବିଦ୍ୟୁତ ବିଭ୍ରାଟ ଦେଖାଦେଉଛି। ବିଶେଷ କରି ପର୍ବପର୍ବାଣି ସମୟରେ ଏହା ଅତ୍ୟନ୍ତ ତୀବ୍ର ହେବା ଫଳରେ ଜନସାଧାରଣ ଅତିଷ୍ଠ ହୋଇ ପଡ଼ିଲେଣି। ଗତ ରବିବାର ସନ୍ଧ୍ୟାରେ ପୁଅ ଜିଉଁତିଆ ପାଳନ ସମୟରେ ଲାଇନ ଯିବା ପରେ ରାତିସାରା ଲାଇନ ଆସି ନ ଥିଲା। ସୋମବାର ଅପରାହ୍ନ ୧ଟାରେ ମାତ୍ର ଅଧଘଣ୍ଟା ପାଇଁ ଲାଇନ ଆସିବା ପରେ ପୁଣି ଚାଲିଯାଇଥିଲା। ସୋମବାର ଦିନସାରା ଓ ରାତିସାରା ଲାଇନ ଆଉ ଆସି ନ ଥିଲା । ମଙ୍ଗଳବାର ଅପରାହ୍ନରେ ଲାଇନ ଆସିବା ପରେ ମଧ ମଝିରେ ମଝିରେ ଚାଲି ଯାଉଛି। ଲାଇନ ନ ଥିବାରୁ ସମସ୍ତ ଅଫିସ କାମ ଅଚଳ ହୋଇପଡୁଛି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ପଚାରିଲେ ଉପରେ ୩୩ କେଭି ଲାଇନରେ ସମସ୍ୟା ଥିବାରୁ ଏପରି ଅବସ୍ଥା ହେଉଛି ବୋଲି ଉତ୍ତର ଦେଉଛନ୍ତି। ସାମାନ୍ୟ ବର୍ଷା ପବନ ହେଲେ ଲାଇନ କଟିଯାଇ ରାତିସାରା ଆସୁନାହିଁ । ନୂଆଖାଇ ସମୟରେ ମଧ ଗଣେଷ ପୂଜା ପୂର୍ବ ରାତିରୁ ଆରମ୍ଭ କରି ଦିନ ଓ ରାତିସାରା ଲାଇନ ରହି ନ ଥିଲା। ଆଗକୁ ପାର୍ବଣ ଆସୁଥିବାରୁ ଏହି ସମସ୍ୟାର ସମାଧାନ କରା ନ ଗଲେ ଜନଅସନ୍ତୋଷ ଆନ୍ଦୋଳନର ରୂପ ନେବା ଆଶଙ୍କା ରହିଛି ।

### କୋରେକ୍ସ ଜବତ, ଜଣେ ଗିରଫ

ପଦ୍ମପୁର, ୨୪।୯ (ଡି.ଏନ.ଏ)
ପଦ୍ମପୁର ପୋଲିସ ମେହେରପଡା ନିବାସୀ ପୁରନ୍ଦର (ଡାକ୍ତର) ମେହେରଙ୍କ ଘର ଉପରେ ମଙ୍ଗଳବାର ଚଢ଼ାଉ କରିଥିଲା । ଚଢାଉ ବେଳେ ତାଙ୍କଠାରୁ ନିଶା ସାମଗ୍ରୀ ଜବତ କରିଥିଲା । ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଇତିହାସ ବିଭାଗରେ ସ୍ୱାଗତ ସମାରୋହ

ବରଗଡ଼ ଅଫିସ୍,୨୪।୯

ବରଗଡ଼ ପଞ୍ଚାୟତ କଲେଜ ସ୍ନାତକୋତ୍ତର ଇତିହାସ ବିଭାଗରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବକୁ ଅଧ୍ୟକ୍ଷ ପ୍ରଫେସର ସଞ୍ଜୟ କୁମାର ଦାଶ ଉଦ୍‌ଘାଟନ କରିଥିଲେ । ବିଭାଗୀୟ ମୁଖ୍ୟ ଡଃ ନକୁଳ ସେଠ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଓଡ଼ିଆ ଅଧ୍ୟାପକ ଶେଷନ ବିଶି ଇତିହାସର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ସେହିପରି ଅନ୍ୟତମ ଅଧ୍ୟାପକ ବିଭୁତି ଭୂଷଣ ଶତପଥୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବାବେଳେ ଅଧ୍ୟାପକ ଚୂଡ଼ାମଣି ରଣା, ଅଧ୍ୟାପିକା ଫିଲିନା ପ୍ରଧାନ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସରିତା ପଣ୍ଡା, ମୀନାକ୍ଷୀ ସାହୁ, ବୈଷ୍ଣବ ବାରିକ, ମହିମା ବହିଦାର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଚୂଡ଼ାମଣି ରଣା ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସୁନେତ୍ର ଚକ୍ଷୁ ପରୀକ୍ଷଣ ଶିବିର

ଭେଡ଼େନ,୨୪।୯(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ରେଶମ ହାଇସ୍କୁଲ ପରିସରରେ ସୋମବାର ସୁନେତ୍ର ଯୋଜନାରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ବରପଦର, ଅରେଇଗୁଡ଼ି ଏବଂ ଗୁରୁପାଲି କ୍ଲଷ୍ଟର ଅଧୀନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ମୋଟ ୧୨୯ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରି ୪୫ ଜଣଙ୍କ ପାଇଁ ଚଷମା ପ୍ରଦାନ କରାଯାଇଥିଲା । ୩ ଜଣଙ୍କୁ ଉଚ୍ଚ ଚିକିତ୍ସା ପାଇଁ ବରଗଡ଼ ମୁଖ୍ୟ ଡ଼ାକ୍ତରଖାନା ପଠାଯାଇଛି। ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ଼. ସୁଶାନ୍ତ କରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ବୀରେନ୍ଦ୍ର କୁମାର ଦାଶ, ଦେବାଶିଷ ମେହେର,ଅଞ୍ଜୁସ୍ମିତା ବରାଳ ପ୍ରମୁଖ ଏହି ପରୀକ୍ଷା କରିଥିଲେ। ରେଶମ ସରପଞ୍ଚ ସଂଖ୍ୟାକାରୀ ଖମାରୀ, ସିଆରସିସି କ୍ଷୀତେଶ୍ୱର ବେହେରା, ଧନପତି ବାଗଙ୍କ ସମେତ ରେଶମ ହାଇସ୍କୁଲର ସମସ୍ତ ଶିକ୍ଷକ, ଭେଡ଼େନ ବିଇଓ ଅଫିସ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ସହଯୋଗ କରିଥିଲେ ।

## ବୃଦ୍ଧାଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ସରଣ୍ଡା, ୨୪।୯ (ଡି.ଏନ.ଏ)

ଅତାବିରା ବ୍ଲକ କୁଲୁଣ୍ଡା ଗ୍ରାମର ଅସହାୟ ବୃଦ୍ଧା ରଇବାରୀ ବିଶାଳ (୭୦)ଙ୍କ ମୃତଦେହକୁ ସମ୍ବଲପୁର ସ୍ଥିତ ରାଜଘାଟଠାରେ ସତ୍କାର କରାଯାଇଛି। ଗତ ମେ ୩୧ ତାରିଖରେ ଉକ୍ତ ବୃଦ୍ଧାଙ୍କ ସ୍ୱାମୀ ବିଶିକପଟିଆ ବିଶାଳଙ୍କ ଦେହାନ୍ତ ହୋଇଥିଲା। ଏମାନେ ରାୟଗଡ ଅଞ୍ଚଳରୁ ପ୍ରାୟ ୪୦ ବର୍ଷ ତଳୁ ଆସିଥିଲେ । ଏଠାରେ ତାଙ୍କର କେହି ସମ୍ପର୍କୀୟ ନ ଥିବାରୁ ମୃତଦେହ ସଂସ୍କାର ପାଇଁ କେହି ବି ଆସି ନ ଥିଲେ। ଫଳରେ ସ୍ୱେଚ୍ଛାସେବୀ ଅମୃତ କୁମାର ବାରିକଙ୍କ ନେତୃତ୍ୱରେ ବାବେବିରାର ଅଭିନୟ ଦୀପ ଓ ଗୋବିନ୍ଦ ରାଓ ଏକ ଗାଡିରେ ମୃତଦେହକୁ ନେଇ ରାଜଘାଟରେ ଅନ୍ତିମ ସଂସ୍କାର କରିଥିଲେ ।



ସ୍ୱେଚ୍ଛାସେବୀମାନେ ମୃତଦେହ ସଂସ୍କାର ପାଇଁ ଆଣିଛନ୍ତି ।

■ ବିଜେପୁର ଉପନିର୍ବାଚନ ରଣକୌଶଳ

# ବରିଷ୍ଠ ନାଗରିକଙ୍କ ଆଶିଷ ନେଲେ ରୀତା

ବିଜେପୁର, ୨୪।୯ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଉପନିର୍ବାଚନ ପାଇଁ ରାଜନୈତିକ ବାତାବରଣ ଉତ୍ତପ୍ତ ହେବାରେ ଲାଗିଛି । ସୋମବାର ଉପନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ସୁଦ୍ଧା ତିନି ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନାହିଁ । ତେଣୁ ନିର୍ବାଚନୀ ମଇଦାନରେ କିଏ ଅବତୀର୍ଣ୍ଣ ହେବେ, ସେ ନେଇ ମତଦାତାମାନଙ୍କ ମଧ୍ୟରେ ବେଶ ଉତ୍ସୁକତା ପ୍ରକାଶ ପାଇଛି । ଅପରପକ୍ଷେ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ବୃଦ୍ଧି ଚର୍ଚ୍ଚାର ବିଷୟ ହୋଇଛି। କିଏ ନିଜର ସମର୍ଥକଙ୍କୁ ନେଇ ରାଜଧାନୀରେ ଡେରା ପକାଇଥିବା ବେଳେ ଆଉ କେହି ଆଶାୟୀ ପ୍ରାର୍ଥୀ ମତଦାତାଙ୍କ ନିକଟତର ହେବାକୁ ଭିନ୍ନ ଭିନ୍ନ କୌଶଳ ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ପୂର୍ବତନ ବିଧାୟିକା ରିତା ସାହୁ ମଙ୍ଗଳବାର ବିଜେପୁର ବ୍ଲକ ସମଲାଇପଦର ସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମ ପରିଦର୍ଶନ କରିଥିଲେ। ସେ ଅନ୍ତେବାସୀଙ୍କୁ ଫଳ, ମିଷ୍ଟାନ୍ନ ବାଣ୍ଟିବା ସହ ବରିଷ୍ଠ ନାଗରିକଙ୍କ ଆଶିଷ ଭିକ୍ଷା କରିଥିଲେ । ବୃଦ୍ଧାଶ୍ରମର ବିଭିନ୍ନ ସମସ୍ୟା ସମ୍ପର୍କରେ ଅନ୍ତେବାସୀଗଣ ପୂର୍ବତନ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରାର୍ଥୀ ଘୋଷଣା ହେବାର ଅବ୍ୟବହିତ ପୂର୍ବରୁ ପୂର୍ବତନ ବିଧାୟିକା ବୃଦ୍ଧାଶ୍ରମରେ ପ୍ରଥମ ଭାବେ ଉପସ୍ଥିତ ରହି ଫଳ ମିଷ୍ଟାନ ବଣ୍ଟନ କରି ବରିଷ୍ଠ ନାଗରିକଙ୍କ ଆଶିଷ ଭିକ୍ଷା କରିବା ଏଠି ଚର୍ଚ୍ଚାର ବିଷୟ ହୋଇଛି । ଟିକାୟତ ମହନ୍ତମ, ସୁଦାମ ଦାଶ ପ୍ରମୁଖ ବିଜେଡି ନେତା ବିଧାୟିକାଙ୍କ ସହ ସାମିଲ ହୋଇଥିଲେ । ଜିଲା ସାହୁ, ଭୂପେନ୍ଦ୍ର ମହାପାତ୍ର, ମୁକ୍ତେଶ୍ୱର ପଧାନ, ସୁବାଷ ପଧାନ, ରଞ୍ଜନ ପଧାନ, ଲାଲସାହେବ ବାରିକ, ସମ୍ପାଦକ ଜଳନ୍ଧର ପଟେଲ ପ୍ରମୁଖ ବୃଦ୍ଧାଶ୍ରମର କର୍ମକର୍ତ୍ତା ଉପସ୍ଥିତ ଥିଲେ ।




ବୃଦ୍ଧାଶ୍ରମରେ ପୂର୍ବତନ ବିଧାୟିକା ବରିଷ୍ଠ ନାଗରିକଙ୍କ ନିକଟରୁ ଆଶିଷ ଭିକ୍ଷା କରୁଛନ୍ତି ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ



### ରାସ୍ତାରେ ଆଁଠେ କାଦୋ ୧୩ ବଛର ହେଲା ଦରଖଁଡ଼ିଆ ପଡ଼ିଛେ

ବିନିକା, ୨୪।୯(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବାଙ୍କିଘିର୍ଡ଼ି ପଁଚେତ୍ ଅଧୀନ ହୁଡୁମା ଗାଁର ଶେଷମୁଡ଼ସା ତକ୍ ପାଖାପାଖି ୧ କି.ମି. ରାସ୍ତା ଖାଲନାଲ୍‌ରେ ଭରିଯାଇଛେ। ବରଷା ହେଲେ ଖାଲ୍‌ମାନକେ ପାଏନ୍ ଚୁଡି ରାସ୍ତା ସମାନ ଦିଶୁଛେ। ହେଲେ ଲୋକ୍ ଇ ରାସ୍ତାରେ ଗଲା ଆଏଲା ବେଲେ ହିଟିହାଡ୍‌ଡି ପଡ଼ି ଖଁଡ଼ିଆଡ଼ଁଡିଆ ହେଉଛନ୍। ଇ ରାସ୍ତାର ଅବସ୍ତା ଏତେ ଖରାପ ଅଛେ ଯେ ଲୋକ୍ ଗାଡ଼ିମଟର ତ ଦୂରର କଥା ଚାଲିକରି ଯିବାକେ ହଦ୍‌ରି ଦେଉଛନ୍। ବହୁତ୍ ଦିନୁ ଇ ରାସ୍ତାର ମରାମତି ଲାଗି ଦାବି ହେଇ ଆସୁଛେ। ହେଲେ ଇ ଦିଗେ ପରଶାସନ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେଉଥିବାର ଅଂଚଲବାସୀ ଅଭିଯୋଗ କରିଛନ୍। ୨୦୦୬ ଜୁନ୍‌ରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବାଙ୍କିଘିର୍ଡ଼ି ସଂହରାଟିକ୍ରାନୁ ହୁଡୁମା ତକ୍ ୫ କି.ମି. ରାସ୍ତାର ତିଆରି କାମ୍ ମୂଳ ହେଇଥିଲା। ହେଲେ ୪ କି.ମି. ରାସ୍ତା ତିଆରି ସଏଲା ଉତାରୁ କାମ୍ ବଁଦ୍ ହେଇଗଲା। ଯେନ୍‌ଥିରଲାଗି ହୁଡୁମା ଗାଁର ଶେଷ୍‌ମୁଡ଼ସାନୁ ପାଖାପାଖି ୧ କି.ମି. ରାସ୍ତା ଅଧାପନ୍ତରିଆ ହେଇ ପଡ଼ିରହିଛେ। ଆଏଜ୍‌କେ ୧୩ ବଛର ବିତିଯାଇଥିଲେ ବି ୧ କି.ମି. ରାସ୍ତା ଯେନ୍‌ତାକେ ସେନ୍‌ତା ପଡ଼ିରହିଛେ। ଥାନୀୟ ପରଶାସନ ବି ରାସ୍ତା ତିଆରି ଦିଗେ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେବାର। ବିନିକାରୁ ବରଗଡ଼ ଜିଲା ଭେଡ଼େନ ବ୍ଲକକେ ଇ ରାସ୍ତାରେ ଗଲେ ଅଲପ୍ ବାଟ ପଡ଼ସି। ହେଲେ ଇ ୧ କି.ମି. ରାସ୍ତାର ଅବସ୍ତା ଏତେ ଖରାପ ଅଛେ ଯେ, ଲୋକ୍ ତ ଦୂରର କଥା ଯମ୍ ବି ଯିବାକେ ହଦ୍‌ରି ଦେବା। ଏନ୍‌ତାଥି ଉଭଏ ଅଂଚଲର ଲୋକ୍ ଅରିଗାଁ ବ୍ରିଜ୍ ହେଇ ପାଖାପାଖି ୧୫ କି.ମି. ରାସ୍ତା କିଁଦ୍‌ରି କରି ଯାଆସ କରୁଛନ୍। ବିନିକାରୁ ଭେଡ଼େନର କେତେ ଘରୋଇ ସ୍କୁଲକେ ପାଠ୍‌ପଢ଼ି ଯାଉଥିବାର ଛୋଟ ଛୁଆମାନେ ବହୁତ୍ ହଇରାନ ହେଉଛନ୍। ବରଷା ପାଏନ୍ ଲାଗି ରହିଲେ ଛୁଆକର ସ୍କୁଲ ଯିବାର ବଁଦ୍ ହେଇଯାଉଛେ ବଲି ରଞ୍ଜନ ସାହୁ, ସୁରେଶ ଭୂଏ, ସୁବଳ ବନଛୋର, ଆର୍ତ୍ତ ପଶାୟତ, ଶୁକଦେବ ରଣା, ସଦାନନ୍ଦ ସାହୁ, ପ୍ରଶାନ୍ତ ସାହୁ, ପାଣ୍ଡବ ସାହୁ ପରମୁଖ ଅଭିଭାବକ କହିଛନ୍। ଜିଲା ପରଶାସନ ଇ ୧ କି.ମି. ରାସ୍ତା ତିଆରି ଦିଗେ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍।

ବୀରମହାରାଜପୁର ମହିଳା କଲେଜରେ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ

# ଆତ୍ମନିର୍ଭରଶୀଳ ହେବାକୁ ପ୍ରଚେଷ୍ଟା କର

ଅମରପାଲି, ୨୪।୯ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଅଣୁକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ତରଫରୁ ଜିଲା ଶିଳ୍ପକେନ୍ଦ୍ର ସୁବର୍ଣ୍ଣପୁର ଆନୁକୂଲ୍ୟରେ ବୀରମହାରାଜପୁର ମହିଳା ମହାବିଦ୍ୟାଳୟରେ ଏକ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଚାକିରୀ ପଛରେ ନ ଦୌଡି ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ଦେଇଥିଲେ।



ଶିଳ୍ପ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

କଠିନ ପରିଶ୍ରମ କରି ଆତ୍ମନିର୍ଭରଶୀଳ ହେଲେ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସ୍ୱାଗତିକା ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ, ବୀରମହାରାଜପୁର ଆତ୍ମା ଅଧିକାରୀ ମୀନକେତନ ମହାକୁର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ନିଜ ନିଜ ବିଭାଗ ତରଫରୁ ଉଦ୍ୟୋଗୀ ହେବା ପାଇଁ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଗୀତାଞ୍ଜଳି ପ୍ରଧାନ ଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ଉପାୟ ବତାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲାଶିଳ୍ପ କେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ପରିଚାଳନା କରିବା ସଙ୍ଗେ ସଙ୍ଗେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୧୪୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମ୍ବଳ ଉଦ୍ୟୋଗୀ ବୀରେନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପିକା ସନ୍ତୋଷିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ରାହ୍ମଣ ସମାଜର ବୈଠକ

ବିନିକା,୨୪।୯(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଉର୍ଲେ ଗ୍ରାମରେ ବୀରମହାରାଜପୁର, ସୋନପୁର, ବିନିକା, ଉଲୁଣ୍ଡା ବ୍ଲକ ବ୍ରାହ୍ମଣ ସମାଜ ପ୍ରଭାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୀରମହାରାଜପୁର ବ୍ରାହ୍ମଣ ସଂଘ ସଭାପତି ଭଗବାନ ମିଶ୍ର, ପ୍ରଭାରୀ ସୁଶାନ୍ତ କୁମାର ପୁରୋହିତ, ଉଲୁଣ୍ଡା ବ୍ଲକ ବ୍ରାହ୍ମଣ ସଂଘ ପ୍ରଭାରୀ ଉପେନ୍ଦ୍ର ଚାନ୍ଦ, ବିନିକା ବ୍ଲକ ପ୍ରଭାରୀ ସର୍ବେଶ୍ୱର ପୁରୋହିତ, ବ୍ରାହ୍ମଣ ସଂଘ ଅଧ୍ୟକ୍ଷ ବାଳଗୋପାଳ ପୁରୋହିତଙ୍କ ସହିତ ସୁବର୍ଣ୍ଣପୁର ଜିଲା କାର୍ଯ୍ୟକାରୀ ଅଧ୍ୟକ୍ଷ ସଦାନନ୍ଦ ପାଣ୍ଡିଆ, ନାରାୟନ ପୁରୋହିତ, ମହାସଚିବ ଯୋଗେନ୍ଦ୍ର ହୋତା, ଜଗଦୀଶ ପୁରୋହିତଙ୍କ ସମେତ ଶତାଧିକ ପଣ୍ଡିତ ଉପସ୍ଥିତ ଥିଲେ । ଅକ୍ଟୋବର ୨୦ତାରିଖ ବିନିକା ପାପକ୍ଷୟଠାରେ ହେବାକୁ ଥିବା ଅନ୍ତରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥାର ପଶ୍ଚିମ ଓଡିଶାସ୍ତରୀୟ ମହାଅଧିବେଶନ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି।

ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା

## ପ୍ରଥମ ସ୍ଥାନ ଅଧିକାର କଲା କର୍ଡ଼ଙ୍ଗ ହାଇସ୍କୁଲ

ସୋନପୁର,୨୪।୯(ନି.ପ୍ର.)

ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସୋନପୁରଠାରେ ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୧୧ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାଟକ ମାଧ୍ୟମରେ ଆମେ ସମାଜରେ ସଂସ୍କାର ଆଣିପାରିବା ବୋଲି କହିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ କୁମ୍ଭକାର ସଭାରେ ସଭାପତିତ୍ୱ କରିଥିଲେ। ପଞ୍ଚମହଲା ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଧର ବାଗ, ଗୌଡଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସରୋଜ କୁମାର ପଣ୍ଡା ଓ ଡିଆଇଇଟିର ଶିକ୍ଷକ ସରସ୍ୱତୀ ନାୟକ ଏହି ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ଶେଖର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ପ୍ରତିଯୋଗିତାରେ ବିନିକା ବ୍ଲକର କର୍ଡ଼ଙ୍ଗ ହାଇସ୍କୁଲ ପ୍ରଥମ, ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ସୋନପୁର ମହାରାଜା ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ସେପ୍ଟେମ୍ବର ୩୦ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କର୍ଡ଼ଙ୍ଗ ହାଇସ୍କୁଲ ଜିଲା ତରଫରୁ ନାଟକ ପରିବେଷଣ କରିବ।


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀ ।

## ‘ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏକ ଐତିହାସିକ ଭୁଲ୍‌ର ସୁଧାର’

ସୋନପୁର,୨୪।୯(ନି.ପ୍ର.)

ଭାରତୀୟ ଜନତା ପାର୍ଟି ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ରାଷ୍ଟ୍ରୀୟ ଏକତା ଅଭିଯାନ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ଦଳୀୟ ନେତୃବୃନ୍ଦ, ସମର୍ଥକଙ୍କ ସହିତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଶିକ୍ଷାବିତ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଜମ୍ମୁ-କାଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ଭାଜପା ଜିଲା ସଭାପତି ବିଜୟ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ତଥା ପଦ୍ମପୁରର ପ୍ରାକ୍ତନ ବିଧାୟକ ପ୍ରଦୀପ ପୁରୋହିତ କହିଥିଲେ ଯେ, ଜମ୍ମୁ-କାଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ୧୩୦ କୋଟି ଭାରତୀୟଙ୍କ ଇଚ୍ଛା ଥିଲା। ମୋଦି ସରକାର ପୂର୍ବରୁ ହୋଇଥିବା ଏହି ଐତିହାସିକ ଭୁଲର ସୁଧାର ଆଣିଛନ୍ତି। ଏହି ପ୍ରୟାସ ଆଜିର ନୁହେଁ । ଅନୁଚ୍ଛେଦ ୩୭୦ ବିରୋଧରେ ଜନସଂଘ ସମୟରୁ ହିଁ ଲଢେଇ ଆରମ୍ଭ ହୋଇଥିଲା। ଏକ ରାଷ୍ଟ୍ର ଏକ ସମ୍ବିଧାନ, ଏକ ପତାକା ସ୍ଲୋଗାନ ଦେଇ ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ବଳିଦାନ ଦେବାକୁ ପଡିଥିଲା ବୋଲି ପୁରୋହିତ କହିଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ ଯେ ଅନୁଚ୍ଛେଦ ୩୭୦ ଜମ୍ମୁ-କାଶ୍ମୀରକୁ ଭାରତରୁ ଅଲଗା କରି ରଖିଥିଲା। ଏହା ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀଙ୍କୁ ପ୍ରୋତ୍ସାହିତ କରିଥିଲା। ସଂଖ୍ୟାଲଘୁ ହିନ୍ଦୁଙ୍କ ଜୀବନ ଦୁର୍ବିସହ ଥିଲା। ସାଢେ ୩ ଲକ୍ଷ ହିନ୍ଦୁଙ୍କୁ ନିଜ ଭିଟାମାଟିରୁ ଜୋର ଜବରଦସ୍ତ ବିତାଡିତ କରାଗଲା। ସେମାନେ ଶରଣାର୍ଥୀ ଭାବେ ଅନ୍ୟ ରାଜ୍ୟରେ ଆଶ୍ରୟ ନେଉଛନ୍ତି। ତାଙ୍କ ବେଦନାକୁ ଦେଶର ନେତୃବୃନ୍ଦ ବୁଝିଲେନି। ଏବେ ଦେଶର ଭୂସ୍ୱର୍ଗ କୁହାଯାଉଥିବା ଜମ୍ମୁ-କାଶ୍ମୀର ନୂଆ ପରିଚୟ ପାଇଲା । ହିଂସା, ଆତଙ୍କ ଓ ବିଚ୍ଛିନ୍ନତାବାଦରୁ ସୁରକ୍ଷା ମିଳିବ । ବିକାଶମୂଳକ କାର୍ଯ୍ୟ ଆଗେଇ ପାରିବ ବୋଲି ଡ. ବହିଦାର କହିଥିଲେ। ଭାଜପାର ବରିଷ୍ଠ ନେତା ତଥା କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅଶୋକ କୁମାର ପୂଜାରୀ ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଦୃଢ଼ ଇଚ୍ଛାଶକ୍ତି ଏବଂ ଦେଶକୁ ଆଗକୁ ନେବାର ପ୍ରତିବଦ୍ଧତା ପାଇଁ ଏହା ସମ୍ଭବ ହୋଇ ପାରିଲା ବୋଲି କହିଥିଲେ। ଭାଜପା ଯୁବ ମୋର୍ଚ୍ଚାର ରାଜ୍ୟ ନେତା ଓମ୍ ପ୍ରକାଶ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ପୂର୍ବର କଂଗ୍ରେସ ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ କଶ୍ମୀରବାସୀ ଦୁର୍ଦ୍ଦଶା ଭୋଗୁଥିଲେ। ମାନବିକ ଅଧିକାର ପ୍ରତି ମୁହୂର୍ତ୍ତରେ କ୍ଷୁର୍ଣ୍ଣ ହେଉଥିଲା। ମାତ୍ର କିଛି ରାଜନୈତିକ ଦଳ ଆତଙ୍କବାଦୀଙ୍କୁ ପରୋକ୍ଷ ସମର୍ଥକ ଦେଇ ଦେଶର କ୍ଷତି କରୁଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ମହାପାତ୍ର କହିଲେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରର ସ୍ଥିତି ବଦଳିଛି। ସେନା ଉପରକୁ ଆଉ ପଥର ମାଡ ହେଉନି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଉପାଧ୍ୟକ୍ଷ ରୁଦ୍ର ମହଲା, ଜିଲା ପରିଷଦ ସଦସ୍ୟ ଗାୟତ୍ରୀ ପାଣିଗ୍ରାହୀ, ସୁଶାନ୍ତ ପଣ୍ଡା, ଜୟନାରାୟଣ ନେଗୀ, ରାଜେନ୍ଦ୍ର ବିଶି, ରୋହିଣୀ ଡାଙ୍ଗ, ସୌଦାମିନି ଜାଲ, ସଞ୍ଜୁକ୍ତା ଭୋଇ, ବରିଷ୍ଠ ନେତ୍ରୀ ନଳିନୀ ପଣ୍ଡା, କିଶୋର ହୋତା, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟରେ ୩୭୦ ଉଚ୍ଛେଦ ମୋଦି ସରକାରଙ୍କ ସାହାସିକ ପଦକ୍ଷେପ ବୋଲି କହିଥିଲେ। ଅଶୋକ ପୃଷ୍ଟି ସଭାକୁ ସଂଯୋଜନା କରିଥିଲେ। ସାନନ୍ଦ ମେହେର, ଗଣେଷ ସାହୁ, ମହେନ୍ଦ୍ର ସୁନା, ବଳରାମ ସୁନା, ଅକ୍ଷୟ କୁମାର ମଲ୍ଲିକ, ଦିଲ୍ଲିପ ପୂଜାରୀ, କରମ ଚାନ୍ଦ ମହାନ୍ତି, ନିତେଇ ପାଲ ଓ ସୁରୁବାବୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ସୁବର୍ଣ୍ଣପୁରରେ ଭାଜପାର ରାଷ୍ଟ୍ରୀୟ ଏକତା ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ ।

## ଅଭିଭାବକ ସଚେତନତା ଶିବିର

ବିନିକା,୨୪।୯(ଡି.ଏନ୍.ଏ.)

ବିନିକା ବ୍ଲକ୍ ଅନ୍ତର୍ଗତ ସିଙ୍ଘିଝୁବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିକ୍ଷକ ଚୌଧୁରୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ରବି ନାରାୟଣ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସିଙ୍ଘିଝୁବା କ୍ଲଷ୍ଟରର ସିଆର୍‌ସିସି ପ୍ରଦୀପ କିଶୋର ମହାନ୍ତି, ସିଙ୍ଘିଝୁବା ସରକାରୀ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୟାସାଗର ପଧାନଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଉଲୁଣ୍ଡା, ୨୪।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଡୋଲ ଆଞ୍ଚଳିକ ମହାବିଦ୍ୟାଳୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସିଣ୍ଡୋଲ କଲେଜ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବିଭିନ୍ନ କଲେଜର ୨୨ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଯୁକ୍ତତିନି ଅଧ୍ୟକ୍ଷ ପବିତ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଖେଳ ଜିଲା ପରିଷଦ ସମ୍ପାଦକ ଡ.ମଳୟ କୁମାର ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପିଇଓ ଅଭିଲାଷ କର, ସିଣ୍ଡୋଲ ଯୁକ୍ତଦୁଇ କଲେଜ ସମ୍ପାଦକ ଛନ୍ଦାଚରଣ ଦାସ, ସଭାପତି ଶିବଚରଣ ସାହୁ, ଯୁକ୍ତତିନି କଲେଜ ସଭାପତି ହୃଦାନନ୍ଦ ମେହେର, ପିଇଟି ରାମ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ଆଲୋକ ପତି, ରମେଶ ସେଠ, ଶ୍ୟାମକୁମାର ରଥ, ସଞ୍ଜୟ କୁମାର ସାହୁ, ଗୋପାଳ ବାଗ, ମାନଭଞ୍ଜନ ଭୋଇ ପରିଚାଳନା କରିଥିଲେ। କଲେଜ ଯୁକ୍ତଦୁଇ ଅଧ୍ୟକ୍ଷ ଶିରୀଶ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ବିନିକା,୨୪।୯(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସିସ୍ଥିତ ଦୈନିକ ବଜାର ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ମିତ୍ରସେନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୁର୍ଗାପୂଜା ଅବସରରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ଭସାଣି ଶୋଭାଯାତ୍ରାକୁ ଶୃଙ୍ଖଳିତ ଓ ଆଡମ୍ବରପୂର୍ଣ୍ଣ କରାଯିବା ଉପରେ ସଦସ୍ୟମାନେ ମତ ରଖିଥିଲେ। ବୃତାନ୍ତ ପ୍ରସ୍ତୁତି ବୈଠକରେ ପୂଜା କମିଟି ସମ୍ପାଦକ ବୃନ୍ଦାବନ ପାଣ୍ଡେ, ପଞ୍ଚାନନ ସେଠ୍, ଉମେଶ ଚନ୍ଦ୍ର ପାଢୀ, କମିଟି ସଭ୍ୟ ଜୀବର୍ଦ୍ଧନ ମେହେର, ସୁଶାନ୍ତ ନାୟକ, ରାଘବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ସୁବର୍ଣ୍ଣପୁରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ପଞ୍ଜୀକୃତ ହେଲେ ୧୭୭ ଭିନ୍ନକ୍ଷମ ବ୍ୟକ୍ତି

ସୋନପୁର,୨୪।୯(ନି.ପ୍ର.)

ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ମନ୍ଦାକିନୀ ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାହାରୀ ଯୋଗ ଦେଇଥିଲେ। ଏହି ଶିବିରରେ ୧୭୭ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜିକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ୧୦୬ ଜଣ ଭିନ୍ନକ୍ଷମଙ୍କୁ ଡାକ୍ତରମାନେ ପରୀକ୍ଷା କରିଥିଲେ। ୨ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ଓ ଜଣଙ୍କୁ କ୍ରଚ୍ ପ୍ରଦାନ କରାଯାଇଥିଲା। ବସ୍ ପାସ ପାଇଁ ୧୪ଜଣଙ୍କୁ, ଡିଆରଆଇ ଋଣ ପାଇଁ ୬ଜଣଙ୍କୁ, ଭିନ୍ନକ୍ଷମ ଭତ୍ତା ପାଇଁ ୧ଜଣ, ଭିନ୍ନକ୍ଷମ ଉପକରଣ ପାଇଁ ୩୪ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ବିଡିଓ ରବିନ୍ଦ୍ର କୁମାର ପଟେଲ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୋନପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ, କନିଷ୍ଠ କିରାଣୀ ଅମରଜିତ୍ ସାହୁ ଓ କାର୍ଯ୍ୟକ୍ରମ ସହାୟିକା ମାମି ମେହେର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।


ଜଣେ ଭିନ୍ନକ୍ଷମ ଶିଶୁକୁ ହୁଇଲ ଚେୟାର ପ୍ରଦାନ କରାଯାଉଛି ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ, ରାଷ୍ଟ୍ରୀୟ ପୋଷଣ ମାସ

ସୋନପୁର,୨୪।୯(ନି.ପ୍ର.)

ସୁବର୍ଣ୍ଣପୁରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଓ ରାଷ୍ଟ୍ରୀୟ ପୋଷଣ ମାସ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ଅଧିକାରୀ ଅପ୍ରେରିଆ କେରକେଟା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ଦୈତନାରାୟଣ ପାଢୀ ମା' କ୍ଷୀରର ଉପକାରିତା, ଗର୍ଭବତୀ ଓ ପ୍ରସୂତି ମା'ର ପରିବାର କଲ୍ୟାଣ ପୁଷ୍ଟି ଏବଂ ସୁସ୍ୱାସ୍ଥ୍ୟର ଯତ୍ନ ବିଷୟରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହରିଚରଣ ମିଶ୍ର ଜିଲାର ଗ୍ରାମାଞ୍ଚଳରେ କିଭଳି ସଚେତନତା ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କିଶୋରୀ ବାଳିକାମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମରେ ଜିଲାର ସମସ୍ତ ୬ଟି ପ୍ରକଳ୍ପର ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡିକର୍ମୀ, ଆଶାକର୍ମୀ, ପଞ୍ଚାୟତିରାଜ ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ଏବଂ କିଶୋରୀ ବାଳିକାମାନେ ଯୋଗଦାନ କରିଥିଲେ। ଏହି ଅବସରରେ ବେବି ଶୋ, କୁଇଜ୍ ପ୍ରତିଯୋଗିତା ଓ ପୁଷ୍ଟିକର ଖାଦ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ପରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ଅନୀତା ଗୁରୁ ପରିଚାଳନା କରିଥିଲେ। ସୋନପୁର ସିଡିପିଓ ନିବେଦିତା ସରାଫ୍ ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଅତିଥି ବୃନ୍ଦ ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ୧୦୪ କପ୍ ସିରଫ୍ ଜବତ, ୨ ଗିରଫ

ନୂଆପଡା ଅଫିସ, ୨୪।୯ : ସ୍ଥାନୀୟ ସିର୍ତୋଲ ଗାଁର ଦୁଇଜଣ ଯୁବକ ବାହାରକୁ କପ୍ ସିରଫ୍ ଚାଲାଣ କରିବାକୁ ଉଦ୍ୟମ କରୁଥିବା ସମୟରେ ପୋଲିସ ହାତରେ ଧରା ପଡିଛନ୍ତି । ଯୁବକମାନେ ହେଲେ ରଞ୍ଜନ ଦାସ ଓରଫ ଟିଟୁ (୪୩) ଏବଂ ଗୋବିନ୍ଦ ତାଣ୍ଡି (୨୪) । ସେମାନଙ୍କଠାରୁ ୧୦୪ଟି ସିରଫ୍ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୧୦୨/୧୯)ରୁଜୁ କରି ମଙ୍ଗଳବାର ସନ୍ଧ୍ୟାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁସାରେ ଅଭିଯୁକ୍ତ ଦୁହେଁ ମଙ୍ଗଳବାର ମଧ୍ୟାହ୍ନରେ ଖରିଆରରୋଡ ଅଭିମୁଖେ ଏକ ସ୍କୁଟି ସାହାଯ୍ୟରେ ଯାଉଥିଲେ। ସେଥିରେ କପ୍ ସିରଫ୍ ଭର୍ତ୍ତି ରହିଥିଲା । କୌଣସି ସୂତ୍ରରୁ ନୂଆପଡା ପୋଲିସ ଖବର ପାଇ ଚଢାଉ କରିଥିଲା। କପ୍ ସିରଫ୍ ଜବତ କରିବା ପରେ ଦୁହିଁଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ପଡୋଶୀ ବଲାଙ୍ଗୀର, ବରଗଡ ଏବଂ ଛତିଶଗଡ ପଟୁ ପ୍ରବଳ ମାତ୍ରାରେ କପ୍ ସିରଫ୍ ଜିଲାକୁ ଆସୁଛି । ହେଲେ ଡ୍ରଗ୍ସ ବିଭାଗ ଏହା ଉପରେ ଆଖି ବୁଜି ଦେଉଥିବାରୁ ଏହା ଖୋଲାଖୋଲି ଭାବେ ବିକ୍ରି ଚାଲିଛି । କେବଳ ପୋଲିସ ହିଁ କାଭାଁ ଚଢାଉ କରି ସଫଳତା ପାଉଛି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଚଢାଉକୁ ବ୍ୟାପକ କରିବାକୁ ଦାବି ହେଉଛି।

### ଗଙ୍ଗାର ଅବତାର କି ଅମୃତର ଧାରା

# ନଳକୂଅରୁ ଅନବରତ ପାଣି ବାହାରୁଛି

ନୂଆପଡା ଅଫିସ, ୨୪।୯

ଦିନକୁ ଦିନ ଭୂତଳ ଜଳସ୍ତର ବହୁ ତଳକୁ ଚାଲିଯାଉଥିବା କୁହାଯାଉଥିବାବେଳେ ଏମିତି ବି ନଳକୂଅ ରହିଛି ଯେଉଁଥିରୁ ଅନବରତ ଭାବେ ପାଣି ବାହାରୁଛି। ଲୋକଙ୍କୁ ପାଣି ଦରକାର ପଡିଲେ ହ୍ୟାଣ୍ଡିଲ ଉଠାଇବାକୁ ପଡି ନ ଥାଏ। ଖରା ବର୍ଷା ସବୁବେଳେ ଏହା ଲୋକଙ୍କ ଭରସା ପାଲଟିଛି । ନୂଆପଡା- ଖଡିଆଳ ଜାତୀୟ ରାଜପଥ ୩୫୩ରେ ଖଡିଆଳ ବ୍ଲକ ଗୋଇମୁଣ୍ଡି ଗାଁ ଛକ ନିକଟରେ ଆଜିକୁ ୫ ବର୍ଷ ତଳେ ସରକାରଙ୍କ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତରଫରୁ ଏକ ନଳକୂଅ ଖୋଲାଯାଇଥିଲା। ଏଥିରେ ହ୍ୟାଣ୍ଡଲ ସହ ପାଇପ ସଂଲଗ୍ନ କରାଯାଇଥିଲା । ସେହି ଦିନଠାରୁ ଏଥିରୁ ଅନବରତ ଭାବେ ପାଣି ବାହାରୁଥିବା ଲୋକେ କହୁଛନ୍ତି । ଏଥିର ପାଣି ଶୁଦ୍ଧ ଏବଂ ମିଠା ରହିଥିବାରୁ ଯିଏ କେହି ବି ଥରେ ପିଇଛି ସେ ନିଶ୍ଚିତ ଭାବେ ଦ୍ୱିତୀୟ ଥର ପିଇବାକୁ ଆସିବ। କେହି କେହି ଏଥିର ପାଣି ପିଇଲେ ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରଖିଥାନ୍ତି। ଆଉ କେହି ଏହା ଗଙ୍ଗା ମାତାଙ୍କର ଏକ ଅବତାର ବୋଲି କହନ୍ତି। ଗହଳ ଚହଳ ଥିବା ଛକରେ ଆଉ ଖରା ଦିନେ ଜଳ ଛତ୍ରର ଆବଶ୍ୟକ ପଡି ନ ଥାଏ । କେହି କେହି ଏହାକୁ ଅମୃତ ଧାରା ବୋଲି ଅଭିହିତ କରିଛନ୍ତି । ତେବେ ଏଥିରୁ ପାଣି ସବୁବେଳେ ବୋହି ଯାଉଥିବାରୁ ଏହାର ବିକଳ୍ପ ବ୍ୟବହାର କରାଯାଇ ପାରୁନାହିଁ। ଭୂତଳ ଜଳ ସବୁବେଳେ ବାହାରି ବୋହି ଯାଉଥିବାରୁ ଏହାକୁ ସଞ୍ଚୟ କରି ଜଳ ସେଚନରେ ବ୍ୟବହାର କରାଯାଇପାରିବ। ଏଥିପାଇଁ ପ୍ରଶାସନିକସ୍ତରରେ ପ୍ରୟାସ କରିବାକୁ ଦାବି ହେଉଛି। ଏହା ଉପରେ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କୁ ପଚାରିବାରେ ଭୂତଳରେ ପାଣିର କୌଣସି ଉତ୍ସରେ ପାଇପ ଖୋଲାଯିବା ସମୟରେ ସ୍ପର୍ଶ ହୋଇଥିବାରୁ ଏକ ଅନବରତ ଭାବେ ବାହାରିଥାଏ। ଏହାର ବିକଳ୍ପ ବ୍ୟବହାର ଉପରେ ବିଚାର କରିବେ ବୋଲି କହିଛନ୍ତି।





ଗୋଇମୁଣ୍ଡି ଛକରେ ଥିବା ନଳକୂଅ ଅମୃତ ଧାରା(ବାମ) । ଲୋକେ ଅମୃତଧାରା ପିଉଛନ୍ତି ।

**ଜଳର ସଦ୍‌ବିନିଯୋଗ ହୋଇପାରୁନି**

### ନୂଆପଡ଼ାରେ ବନ୍ୟଜନ୍ତୁ ଅସୁରକ୍ଷିତ

# ସିନାପାଲିରେ ପୁଣି ଏକ ବାର୍‌ହା ଦୁର୍ବୃତ୍ତଙ୍କ ଦ୍ୱାରା ଶିକାର

ସିନାପାଲି, ୨୪।୯(ଡି.ଏନ.ଏ.)

ନୂଆପଡା ଜିଲାରେ ଦିନକୁ ଦିନ ବନ୍ୟପଶୁ ଦୁର୍ବୃତ୍ତଙ୍କ ଦ୍ୱାରା ଶିକର ହେଉଥିବା ନଜରକୁ ଆସିଛି। ସିନାପାଲି ରେଞ୍ଜସ୍ଥିତ ଧାମନଡଙ୍ଗରି ଜଙ୍ଗଲରେ ଦୁର୍ବୃତ୍ତମାନଙ୍କ ଦ୍ୱାରା ଏକ ବାର୍‌ହା ଶିକାର ହୋଇଥିବା ବନ ବିଭାଗ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦୁର୍ବୃତ୍ତମାନେ କିଛି ଦିନ ତଳେ ଏକ ବାର୍‌ହାକୁ ଶିକାର କରି ମାଂସ ନେଇଯାଇଛନ୍ତି। ତାର ଚମଡା, ହାଡ, ନଖ ଏବଂ ଅନ୍ୟାନ୍ୟ ଅବ୍ୟବହାର ଅଂଶ ଏକ ପଥର ଚଟଣା ଉପରେ ଛାଡି ଯାଇଥିବା ଦେଖିବାକୁ ମିଳିଛି। ଅଳ୍ପଦିନ ପୂର୍ବରୁ ଧାମନଡଙ୍ଗରି ମଧ୍ୟରେ ବନ୍ଧୁକ ଗୁଳି ଶବ୍ଦ ସ୍ଥାନୀୟ ଗ୍ରାମବାସୀ ଶୁଣିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ପୁଣି ଏହାର ଅଳ୍ପ ଦିନ ପରେ କେତେକ ଲୋକ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏକ ଚଟାଣ ଉପରେ ଶିକାର ହୋଇଥିବା ବାର୍‌ହାର କିଛି ଦେହାବ ଅଂଶ ପଡି ରହିଥିବା ଦେଖି ସ୍ଥାନୀୟ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଜଣାଇବା ପରେ ଘଟଣାସ୍ଥଳକୁ ଯାଇ ହାଡ, ଚମଡା ଇତ୍ୟାଦି ଜବତ କରି ତଦନ୍ତ ଜରି ରଖିଛି । ସୂଚନାଯୋଗ୍ୟ ଯେ, ଗତ ୪ ମାସ ପୂର୍ବେ ବୋଡେନ ବନାଞ୍ଚଳର ଦଣ୍ଡେଇବସା ଗ୍ରାମର ଲୋକେ ଏକ ସମ୍ବର ଶିକାର କରି ମାଂସ ଭାଗ ବଣ୍ଟା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ହଠାତ୍ ଘଟଣା ସ୍ଥଳରେ ପହଞ୍ଚି ମାଂସକୁ ଜବତ କରିବା ସହ ପ୍ରାୟ ୩୦ ଜଣଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲେ। ସେହିପରି ସିନାପାଲି ରେଞ୍ଜସ୍ଥିତ କେନ୍ଦୁମୁଣ୍ଡା (କାନ୍ଦୁଲକୋନା)ଗ୍ରାମ ନିକଟରୁ ଏକ ମୃତ ବାର୍‌ହା ଉଦ୍ଧାର କରାଯାଇଥିଲା। ସେତେବେଳେ ଶିକାରୀମାନଙ୍କ ଦ୍ୱାରା ଶିକାର ହୋଇ ମୃତ୍ୟୁବରଣ କରିଥିଲା ନା ଅନ୍ୟ କିଛି କାରଣ ତାହା ସ୍ପଷ୍ଟ ହୋଇ ପାରି ନ ଥିଲା। ସେହିଭଳି ସିନାପାଲି ରେଞ୍ଜସ୍ଥିତ ଝାରବନ୍ଧ ଗ୍ରାମ ଜଙ୍ଗଲ ନିକଟରୁ ଏକ ମୃତ ଭାଲୁ ଓ ମୃତ ବାର୍‌ହା ମଧ୍ୟ ଉଦ୍ଧାର କରାଯାଇଥିଲା। ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ଏହାର ପ୍ରତିକାର ପାଇଁ କୌଣସି ଆଖିଦୃଶିଆ ପ୍ରତିକାର କରାଯାଉ ନ ଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ, କେତେକ ଦୁର୍ବୃତ୍ତ ଶିକାରୀମାନେ ବାହାର ଅଞ୍ଚଳରୁ ଆସି ଏପରି କରୁଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି । ଏ ସମ୍ପର୍କରେ ସିନାପାଲି ରେଞ୍ଜର ମୁରାରୀ ପ୍ରସାଦ ପଣ୍ଡାଙ୍କୁ ପଚାରିବାରୁ ଆମେ ସଦାସର୍ବଦା ବନ୍ୟ ପଶୁପକ୍ଷୀଙ୍କ ସୁରକ୍ଷା ନେଇ ଚେଷ୍ଟିତ ରହିଛୁ। କିନ୍ତୁ ଜନସାଧାରଣଙ୍କ ମଧ୍ୟରେ ଏ ନେଇ ସଚେତନତା ନ ଥିବାରୁ କେବେ କେମିତି ଏଭଳି ଘଟଣା ନଜରକୁ ଆସୁଛି। ଆମେ ତଦନ୍ତ କରୁଛି ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବୋଲି କହିଥିଲେ।





ରାଷ୍ଟ୍ରୀୟ ସେବା ଯୋଜନା ଦିବସ ପାଳନରେ ମଞ୍ଚାସୀନ ଅତିଥି ବୃନ୍ଦ।

# ନ୍ୟାଶନାଲ କଲେଜରେ ରାଷ୍ଟ୍ରୀୟ ସେବା ଯୋଜନା ଦିବସ

ନୂଆପଡା ଅଫିସ, ୨୪।୯

ସ୍ଥାନୀୟ ନ୍ୟାଶନାଲ କଲେଜରେ ରାଷ୍ଟ୍ରୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । ଏହି ଯୋଜନା ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୯୬୯ରେ ଆରମ୍ଭ ହୋଇଥିବାରୁ ଚଳିତବର୍ଷ ଏହାକୁ ନେଇ ବିଭିନ୍ନ କଲେଜରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଭାବରେ ପାଳିତ ହେଉଛି। ଏଥିରେ କଲେଜ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ଏନଏସଏସ ଅଧିକାରୀ ତଥା ହିନ୍ଦି ବିଭାଗ ମୁଖ୍ୟ ଗଜେନ୍ଦ୍ର ପ୍ରସାଦ ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ଅଧ୍ୟାପକ କିଶୋର କୁମାର ବାରିକ, ନୃସିଂହ ଚରଣ ସାହୁ, ପ୍ରକାଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରଥମେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରି ଏହି ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ କପିଳ ଦେବ ପାଣିଗ୍ରାହୀ, ଡ. ପ୍ରଣତି ପଣ୍ଡା, ଶୁକଦେବ ଭିଲ, ଈଶ୍ୱର ପଟେଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କପିଳ ଦେବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବାବେଳେ ଈଶ୍ୱର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ମା' ସମଲେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଟେମରି ବି, ବୁଢ଼ାପଡ଼ା ବିଜୟୀ

ବୋଡେନ, ୨୪।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକ ଟେମରୀ (ଦଣ୍ଡେଇବସା) ଛାରିଛକ ଖେଳ ପଡିଆରେ ମଙ୍ଗଳବାର ମା' ସମଲେଶ୍ୱରୀ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ୍ ଟେମରି ବି ଓ (ଖରିଆର) ମହୁଲକୋଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ବରାବର ସ୍ଥିତିରେ ରହିବାରୁ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଟେମରି ଦଳ ମହୁଲକୋଟ ଦଳକୁ ୧-୦ ଗୋଲରେ ହରାଇ ବିଜୟୀ ହୋଇଥିଲା । ଦ୍ୱିତୀୟ ଖେଳ ବୁଢାପଡା ଓ ବାବେବିର ଦଳ ମଧ୍ୟରେ ହୋଇଥିଲା। ଏହି ଖେଳ ମଧ୍ୟ ଟ୍ରେବେକରରେ ବୁଢାପଡା ଦଳ ବାବେବିର ଦଳକୁ ୧-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ଖେଳକୁ ବଳରାମ ସରାଫ ପରିଚାଳନା କରିଥିଲେ। ଗୋଲ ଜଜ୍ ଭାବେ ଜୟରାମ ଦିପ ଓ ରାହୁଲ ସିଂ ନିନା ଦାୟିତ୍ୱରେ ଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ସିଂନିନା, ଅତିଥି ରୋହିତ ସାମନ୍ତ ଓ ସମ୍ମାନିତ ଅତିଥି ଭାବେ ବେଣୁଧର ମାଝି, ଥବି ମାଝି ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟ ଅଷ୍ଟପଲ୍ଲି ଯୁବକ ସଂଘ ଟେମରି (ଦଣ୍ଡେଇବସା) ଆୟୋଜନ କରୁଛି। କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଜଗତ, ଉପସଭାପତି ମାଧବାନନ୍ଦ ଜଗତ, ସମ୍ପାଦକ ଦୁଷ୍ମନ୍ତ ନିଆଲ ପ୍ରମୁଖ ସହଯୋଗ କରିଥିଲେ। ନରେଶ ତାଣ୍ଡି ଧାରାବିବରଣି ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟରେ ବିଭିନ୍ନ ବ୍ଲକରୁ ୧୬ଟି ଦଳ ଭାଗ ନେଇଛନ୍ତି। ଗ୍ରୁପ ଏ'ରେ ଟେମରି ବି, ମହୁଲକୋଟ, ରାଣିମୁଣ୍ଡ, ଉଳଭା, ବିନପୁର, ରୋକାଲ, ବିରିଘାଟ, ବୋଡେନ ଦଳ ରହିଛନ୍ତି। ବି ଗ୍ରୁପରେ ବୁଢାପଡା, ବାବେବିର, ନାଗପଡା, ଫରସରା, ପୁଟୁପଡା, କେରାପଦର, ସରଦାପୁର, ଟେମରି ଦଳ ରହିଛନ୍ତି। ଆଗାମୀ ୧ ତାରିଖରେ ଟୁର୍ନାମେଣ୍ଟ ଫାଇନାଲ ଖେଳ ଅନୁଷ୍ଠିତ ହେବ।



ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ଉଭୟ ଦଳର ଖେଳାଳି ଏବଂ ଅତିଥି ।

# ମେଦିନୀପୁରରେ ଝାମୁଯାତ୍ରା

ଭବାନୀପାଟଣା, ୨୪।୯(ଡି.ଏନ.ଏ.)

ଭବାନୀପାଟଣା ବ୍ଲକ ମେଦିନୀପୁରଠାରେ ଝାମୁଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ, ଅତିରିକ୍ତ ଏସପି, ଡେପୁଟି କଲେକ୍ଟର, ନିର୍ବାହିଯନ୍ତ୍ରୀ ୱେଙ୍କୋଙ୍କ ସମେତ ନାଟ୍ୟ ସଂଘର ସଭାପତି କଳ୍ପ ପ୍ରଧାନୀ, ପୂଜା କମିଟି ସଭାପତି ଗୈରଚନ୍ଦ୍ର ରାଉତ, ସାମାଜିକ କର୍ମୀ ବଦ୍ରୀ ପଟ୍ଟନାୟକ, ମୁଖ୍ୟ ପୂଜକ ଦୟାନିଧି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ନିହାର ମହାନ୍ତିଙ୍କ ଓ ପ୍ରଶାନ୍ତ ପରିଡାଙ୍କ ନିର୍ଦ୍ଦେଶରେ ନାଟକ 'ପୂଣ୍ୟ ସାଜେ ଆଜି ପାପ ସମ୍ପର୍କ' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ବୁଲୁ ଭାଇ ଓ କବିତାଙ୍କ ଉପସ୍ଥାପନ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଏହି ନାଟକର ମୁଖ୍ୟ ଭୂମିକାରେ ପ୍ରସନ୍ତ ସାହୁ, ବୁଲୁ ଭାଇ, ଲାଲୁ, ଭୁବନ ରାଉତ, ବିଶ୍ୱ, ଲଳିତ, ଜଗତରାମ, ଦିଲ୍ଲୀପ, କବି, ରାଜେନ୍ଦ୍ର, ବବିତା, ମିତା, ପୂଜା, ମାମୁଲି ପ୍ରମୁଖଙ୍କ ଅଭିନୟ ଦର୍ଶକଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଥିଲା।


# CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7894704743
B-34/7 A Block Vijay Enclave, Burari, New Delhi

ଋଣ ଧମାକା
ଋଣ ପାଇବା ହେଲା ସହଜ
ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

BUSINESS BUSINESS

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka-Pin Code 570008

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ। - **ସିସେରା**

## ସଂକ୍ଷେପରେ

### ହରିହର କଲେଜରେ ଆଇନ ସଚେତନତା ଶିବିର

**ଲୋଇସିଂହା,୨୪।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ହରିହର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏକ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଇନସେବା ସମିତି ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ମାନସ ରଞ୍ଜନ ପଧାନ ଅଧ୍ୟକ୍ଷତା କରି ଏସିଡ ପିଡିତାଙ୍କ ପାଇଁ ରହିଥିବା କ୍ଷତିପୂରଣ ଓ ଅନ୍ୟାନ୍ୟ ସରକାରୀ ସହାୟତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଆଲୋକପାତ କରିଥିଲେ। ଏପରି କି ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ରଘୁନାଥ ସାହୁ, ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସ୍ମିତା ଶତପଥୀ, ଆଇନଜୀବୀ ପ୍ରବୀଣ ତ୍ରିପାଠୀ, ଶଶାଙ୍କ ଶେଖର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନ ସେବାସମିତି କର୍ମଚାରୀ ବିବୁଲ ମହାକୁର ସଭା ସଂଯୋଜନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଜିଲା ଶ୍ରମ କାର୍ଯ୍ୟାଳୟରେ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୨୪।୯**

ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବଲାଙ୍ଗୀର ଜିଲା କମିଟି ସଭାପତି ଗୋପାଳ ଭୋଇଙ୍କ ନେତୃତ୍ୱରେ ଜିଲାର ଶତାଧିକ ମହିଳା ଓ ପୁରୁଷ ନିର୍ମାଣ ଶ୍ରମିକ ମଙ୍ଗଳବାର ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦୀର୍ଘ ସମୟ ଧରି ଘେରାଉ କରିଥିଲେ। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରୁ ନିର୍ମାଣ ଶ୍ରମିକମାନେ ଏକ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲା ଶ୍ରମ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡରେ ପଞ୍ଜୀକୃତ ହୋଇଥିବା ଶତାଧିକ ଶ୍ରମିକ ସରକାରଙ୍କ ଘୋଷିତ ସହାୟତା ନ ପାଇଁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଏଆଇଟିୟୁସି ଓ ଅନ୍ୟାନ୍ୟ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ଦୀର୍ଘଦିନର ଆନ୍ଦୋଳନ ପରେ ୧୯୯୬ରେ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ କରାଯାଇଥିଲା । ଓଡ଼ିଶାରେ ୨୦୦୪ରୁ ବୋର୍ଡ ଗଠନ କରାଯାଇ ପଞ୍ଜୀକରଣ ଓ ସହାୟତା ପ୍ରଦାନ କରାଯାଉଥିଲେ ମଧ ବିଭିନ୍ନ ସମୟରେ ଏହା ନାଲିଫିତା ତଳେ ଚାପି ହୋଇ ନିର୍ମାଣ ଶ୍ରମିକ ହସ୍ତସନ୍ତ ହେଉଛି ବୋଲି ଅଭିଯୋଗ ହୋଇଥିଲା। ନିର୍ଦ୍ଦିଷ୍ଟ ସମୟସୀମା ମଧରେ ପଞ୍ଜୀକରଣ ସତ୍ତ୍ୱେ ଶ୍ରମିକମାନଙ୍କୁ ସହାୟତା ମିଳୁ ନ ଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ। ନିର୍ମାଣ ଶ୍ରମିକଙ୍କ ଉଦ୍ଦିଷ୍ଟ ଯୋଜନା ଓ ସହାୟତା ଅନୁସାରେ ତୁରନ୍ତ ସହାୟତା ପ୍ରଦାନ କରିବାରେ ଶ୍ରମ ବିଭାଗ ଫେଲ ମାରିଥିବା ଅଭିଯୋଗ କରିଥିଲେ । ପଞ୍ଜୀକରଣ ଆଇନକୁ ସରଳୀକରଣ କରିବା ଛାଡି ଅଯଥାରେ ଜଟିଳ କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଫଳରେ ବହୁ ଯୋଗ୍ୟ ନିର୍ମାଣ ଶ୍ରମିକ ସହାୟତା ପାଇବାରୁ ବଞ୍ଚିତ ହେଉଥିବା କୁହାଯାଇଛି। ସରକାର ନିର୍ମାଣ ଶ୍ରମିକମାନଙ୍କୁ ସହାୟତା କରିବା ପରିବର୍ତ୍ତେ ଅଯଥାରେ ହଇରାଣ ହରକତ କରୁଥିବା ଅଭିଯୋଗ କରିଥିଲେ। ସରକାର ନିର୍ମାଣ ଶ୍ରମିକଙ୍କ ପାଇଁ ଯେଉଁ ନିୟମ କରିଛନ୍ତି ତାର ସୁଫଳ ଯୋଗାଇବାକୁ ଶ୍ରମିକମାନେ ଦାବି କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶ୍ରମ ମନ୍ତ୍ରୀ ଓ ଶ୍ରମ କମିଶନରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ଜିଲା ସମ୍ପାଦକ ଅର୍ଜୁନ ଖର୍ସେଲ, ଜିଲା ସଂଯୋଜକ କମଳ ଲୋଚନ ଭୋଇ, ଲଳିତ ରଣା, ମେଘରାଜ ମାଝି, ତିନନାଥ ବନ୍‌ଛୋର, ହଳଧର ମାଝି, ଦଶରଥ ପନିକ୍, ପାଣ୍ଡବ ଭୋଇ ଓ ଅନ୍ୟମାନେ ସାମିଲ ହୋଇଥିଲେ।

**ସରକାରୀ ସହାୟତା ବଣ୍ଟନ ଦାବି**




ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ନିର୍ମାଣ ଶ୍ରମିକ ୟୁନିଅନ ପକ୍ଷରୁ ଘେରାଉ କରାଯାଇଛି।

## ସାପ କାମୁଡ଼ାରେ ମା' ପୁଅ ମୃତ

### ଗୋଟିଏ ଜୁଇରେ ଜଳିଲା ୨ ମୃତଦେହ

**କ.ନୂଆଗାଁ,୨୪।୯**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ପଞ୍ଚାୟତର ଡପରଗାଁରେ ସୋମବାର ରାତିରେ ସାପ କାମୁଡାରେ ମା' ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଲକ୍ଷ୍ମୀ ମଲିକ (୩୦) ଓ ତାଙ୍କ ପୁଅ ଆଦିତ୍ୟ ପ୍ରଧାନ (୮)। ପ୍ରକାଶ ଯେ, ରାଜଲକ୍ଷ୍ମୀ ଓ ଆଦିତ୍ୟ ସୋମବାର ରାତିରେ ଖାଇପିଇ ଖଟ ଉପରେ ଶୋଇଥିଲେ। ରାତିପ୍ରାୟ ୧୨ଟାବେଳେ ରାଜଲକ୍ଷ୍ମୀଙ୍କ ହାତକୁ ଏକ ବିଷାକ୍ତ ପାହାଡିଆ ଚିତି ସାପ କାମୁଡି ଦେଇଥିଲା। ସେ ହାତ ଛାଟି ଦେବାରୁ ସାପଟି ଯାଇ ପୁଅ ଆଦିତ୍ୟଙ୍କ ଉପରେ ପଡି ତାଙ୍କୁ ମଧ କାମୁଡିଥିଲା। ଉଭୟ ମା' ଓ ପୁଅଙ୍କୁ ପରିବାର ଲୋକେ କ.ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଦିତ୍ୟଙ୍କ ମୃତ୍ୟୁ ଘଟିଥିଲା। ରାଜଲକ୍ଷ୍ମୀଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ ତାଙ୍କର ମୃତ୍ୟୁ ଘଟିଥିଲା।

## କମେଣ୍ଟ ମରାକୁ କେନ୍ଦ୍ର କରି ଉତ୍ତେଜନା ଘଟଣା, ପରିବାର ୪ ଗିରଫ

**ଲୋଇସିଂହା,୨୩।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମରେ କମେଣ୍ଟ ମରାକୁ କେନ୍ଦ୍ର କରି ତୁମୁଳ କାଣ୍ଡ ଘଟିଥିଲା। ଉଭୟ ପକ୍ଷରୁ ମାମଲା ଥାନାକୁ ଯାଇଥିଲା। ଗ୍ରାମବାସୀଙ୍କୁ ମାଡ଼ ମାରିବା, ତଦନ୍ତରେ ପୋଲିସକୁ ବାଧା ଦେବା ଏବଂ ପୋଲିସକୁ ଆକ୍ରମଣ କରିବା ଭଳି ୩ଟି ପୃଥକ ମାମଲାରେ ଗୋଟିଏ ପରିବାର ୪ଜଣଙ୍କୁ ଲୋଇସିଂହା ପୋଲିସ ଗିରଫ କରି ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରଶାନ୍ତ ପଧାନ(୪୩), ସ୍ତ୍ରୀ ଜାନକୀ ପଧାନ(୩୯), ଝିଅ ମିକି ପଧାନ(୧୯), ପ୍ରଶାନ୍ତଙ୍କ ଶାଳକ ବିକାଶ ପଧାନ। ଜାମିନ ନାମଞ୍ଜୁର ହେବାର ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ଲଳିତା ଲାକ୍ରା ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ମୁତାବକ, ପ୍ରଶାନ୍ତଙ୍କ ଝିଅ ମିକିଙ୍କୁ ଗ୍ରାମର ଶୁଭମ୍ ସାହୁ ଓ ୨ଜଣ ସାଙ୍ଗ କମେଣ୍ଟ ମାରିଥିଲେ। ଏହାକୁ ଯୁବତୀ ଜଣକ ପ୍ରତିବାଦ କରିଥିଲେ। ଏଥିରେ ରାଗି ଯାଇ ଶୁଭମ ମିକିଙ୍କୁ ମାଡ ମାରିଥିଲେ। ପରେ ଯୁବତୀ ଏବଂ ତାଙ୍କ ପରିବାର ଲୋକେ ଶୁଭମକୁ ମାଡ ମାରିଥିଲେ। ଘଟଣା ଏତିକିରେ ଶାନ୍ତ ପଡିଥିଲା। ରବିବାର ସନ୍ଧ୍ୟାରେ ଗାଁରେ ପୁଅ ଜିଉନ୍ତିଆ ପୂଜାର୍ଚ୍ଚନା ଚାଲିଥିବା ବେଳେ ମିକି ଶୁଭମ୍‌ଙ୍କ ଭଉଣୀକୁ ମାଡ ମାରିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଘଟଣା ସଂକ୍ରାନ୍ତରେ ଗ୍ରାମବାସୀ ଲୋଇସିଂହା ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇ ଲୋଇସିଂହା ଏସ୍‌ଆଇ ରୀନାକାନ୍ତି ଡୁଙ୍ଗଡୁଙ୍ଗ ଏବଂ ପୋଲିସ କର୍ମଚାରୀ ହୀରାପୁର ଗାଁରେ ପହଞ୍ଚିଥିଲେ। ହେଲେ ଏସ୍‌ଆଇଙ୍କୁ ମିକି ଓ ତାଙ୍କ ପରିବାର ଲୋକେ ଟଣାଓଟରା କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଶୁଭମଙ୍କ ମା' ମୋହିନୀ ସାହୁ, ବନୀତା ଜାଲ ଏବଂ ଏସ୍‌ଆଇ ରୀନାକାନ୍ତି ଥାନାରେ ଏକ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ପୋଲିସ ପୃଥକ ମାମଲା(ନଂ.୨୨୬/୧୯, ୨୩୧/୧୯, ୨୩୨/୧୯) ରୁଜୁ କରିଛି। ଅପରପକ୍ଷେ ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ଶୁଭମ ସାହୁଙ୍କ ବିରୋଧରେ ଏକ ମାମଲା (ନଂ.୨୨୪।୧୯) ରୁଜୁ ହୋଇଛି। ଶୁଭମ୍ ଫେରାର ଥିବା ଥାନା ପକ୍ଷରୁ କୁହାଯାଇଛି।

### ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା

## ପ୍ରଥମ ସ୍ଥାନ ଅଧିକାର କଲା କର୍ଡ଼ଙ୍ଗ ହାଇସ୍କୁଲ

**ସୋନପୁର,୨୪।୯(ନି.ପ୍ର.)**

ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସୋନପୁରଠାରେ ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୧୧ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାଟକ ମାଧ୍ୟମରେ ଆମେ ସମାଜରେ ସଂସ୍କାର ଆଣିପାରିବା ବୋଲି କହିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ କୁମ୍ଭକାର ସଭାରେ ସଭାପତିତ୍ୱ କରିଥିଲେ। ପଞ୍ଚମହଲା ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଧର ବାଗ, ଗୌଡଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସରୋଜ କୁମାର ପଣ୍ଡା ଓ ଡିଆଇଇଟିର ଶିକ୍ଷକ ସରସ୍ୱତୀ ନାୟକ ଏହି ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ଶେଖର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ପ୍ରତିଯୋଗିତାରେ ବିନିକା ବ୍ଲକର କର୍ଡ଼ଙ୍ଗ ହାଇସ୍କୁଲ ପ୍ରଥମ, ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ସୋନପୁର ମହାରାଜା ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ସେପ୍ଟେମ୍ବର ୩୦ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କର୍ଡ଼ଙ୍ଗ ହାଇସ୍କୁଲ ଜିଲା ତରଫରୁ ନାଟକ ପରିବେଷଣ କରିବ।




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀ ।

## ଦିନ ଦ୍ୱିପ୍ରହରରେ ବାଇକ୍ ଚୋରି

**ସଇଁତଲା,୨୪।୯(ଡି.ଏନ୍.ଏ.)**

ସଇଁତଲା ବସ୍‌ଷ୍ଟାଣ୍ଡ ପାଖ ପିଏଚଡ଼ି ବିଭାଗ ପାଣିଟାଙ୍କି ନିକଟରୁ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଏକ ବାଇକ୍ ଚୋରି ହୋଇଥିବା ସଇଁତଲା ଥାନାରେ ଅଭିଯୋଗ ହୋଇଛି ।

ମିଳିଥିବା ସୂଚନା ମୁତାବକ, ବୁଢ଼ାବାହାଲ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ରଣଜିତ ସିଂ ସଇଁତଲା ରାଜସ୍ୱ ବିଭାଗ କାର୍ଯ୍ୟାଳୟ ପଛପଟେ ଥିବା ପାଣିଟାଙ୍କି ପାଖରେ ବାଇକ(ନଂ. ଓଡ଼ି୦୩ଏଲ-୧୫୦୦) ରଖି ଥିଲେ। ପରେ ସେ ତାଙ୍କ ସାଙ୍ଗଙ୍କ ଘରେ ହେଉଥିବା କାର୍ଯ୍ୟକ୍ରମକୁ ଯାଇଥିଲେ। ଏହି ସମୟରେ ବାଦଲ ସାହୁ ନାମକ ଜଣେ ବ୍ୟକ୍ତି ରଣଜିତଙ୍କୁ ବାଇକ୍ ଚାବି ମାଗି ଥିଲେ। ପରେ ସେ କାଳିଆ ନାମକ ଜଣେ ବ୍ୟକ୍ତିକୁ ବାଇକ୍ ଚାବି ଦେଇ ପରିବାର ସଦସ୍ୟଙ୍କୁ ଆଣିବାକୁ କହିଥିଲେ। କାଳିଆ ବାଇକ୍‌ରେ ଚାବି ଲଗାଇ ଅନ୍ୟ ବାଇକ୍‌ଗୁଡିକୁ ସାଇଟ କରି ବାଇକ୍ ବାହାର କରିଥିଲେ। ହେଲେ କାଳିଆ ବାହାର କରିଥିବା ଅନ୍ୟ ବାଇକଗୁଡ଼ିକୁ ସମ୍ପୃକ୍ତ ସ୍ଥାନରେ ରଖିବା ସମୟରେ ଅନ୍ୟଜଣେ ବ୍ୟକ୍ତି ରଣଜିତଙ୍କ ବାଇକ୍ ଷ୍ଟାର୍ଟ କରି ଫେରାର ହୋଇଯାଇଥିଲେ। ସେହିପରି ସମ୍ପୃକ୍ତ ଯୁବକ ଜଣକ ବୁଢ଼ାବାହାଲ ପଞ୍ଚାୟତ ମହୁଲପଡ଼ା ଛକରୁ ମାଲପଡ଼ା ଗ୍ରାମର ଶମ୍ଭୁ ସାହୁଙ୍କ ମୋବାଇଲ ଫୋନ କଲ କରିବାକୁ ମାଗି ଫେରାର ହୋଇଯାଇଥିବା ଜଣାପଡିଛି। ଏନେଇ ରଣଜିତ ସଇଁତଲା ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁକରି ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ସିସିଟିଭିରେ ଅଭିଯୁକ୍ତଙ୍କ ଫଟୋ କଏଦ ହୋଇଥିବା ଜଣାପଡିଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ନେଇ ତନାଘନା ଚଳାଇଛି।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବିନିକା,୨୪।୯(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସିସ୍ଥିତ ଦୈନିକ ବଜାର ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ମିତ୍ରସେନ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଦୁର୍ଗାପୂଜା ଅବସରରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଖି ସାଗର**
**ମାଆ ଧାନକୁଟୀ ପୁଅ ନାଗର ।**

ଢମ କହିବା ଲୋକର ଗୁଣ ହେଲା ମା' ପଛେ ଅଭାବ ଅନଟନରେ ପଡ଼ି ପରଘରେ ଧାନ କୁଟୁଆଉ, କିନ୍ତୁ ପୁଅ ତା' ନାଗର ପଣିଆ ବାହାରକୁ ଦେଖେଇ ହେବାରେ ମୋଟେ ଲାଜ କରେ ନାହିଁ। ଅଭାବ ଅନଟନରେ ଚଳୁଥିବା ବ୍ୟକ୍ତିର ଏପରି ଅଲାଜୁକ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନ ରୁସି ରସିଲି**
**ମୁହଁଟା ଯାକ କାଠ ବରୁଣ**
**ମୁଁ ଚାଲିକି ରସିଲି ।**

ଯାହା ମନ ଯେଉଁଥିରେ ମାନିଲା। ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ, ତାହା ବିପରୀତ ବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବାର କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ବୀରମହାରାଜପୁର ମହିଳା କଲେଜରେ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ

## ଆତ୍ମନିର୍ଭରଶୀଳ ହେବାକୁ ପ୍ରଚେଷ୍ଟା କର

**ଅମରପାଲି, ୨୪।୯ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଅଣୁକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ତରଫରୁ ଜିଲା ଶିଳ୍ପକେନ୍ଦ୍ର ସୁବର୍ଣ୍ଣପୁର ଆନୁକୂଲ୍ୟରେ ବୀରମହାରାଜପୁର ମହିଳା ମହାବିଦ୍ୟାଳୟରେ ଏକ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଚାକିରୀ ପଛରେ ନ ଦୌଡି ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ କରି ଆତ୍ମନିର୍ଭରଶୀଳ ହେଲେ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସ୍ୱାଗତିକା ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ, ବୀରମହାରାଜପୁର ଆତ୍ମା ଅଧିକାରୀ ମୀନକେତନ ମହାକୁର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ନିଜ ନିଜ ବିଭାଗ ତରଫରୁ ଉଦ୍ୟୋଗୀ ହେବା ପାଇଁ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଗୀତାଞ୍ଜଳି ପ୍ରଧାନ ଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ଉପାୟ ବତାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲାଶିଳ୍ପ କେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ପରିଚାଳନା କରିବା ସଙ୍ଗେ ସଙ୍ଗେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୧୪୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଫଳ ଉଦ୍ୟୋଗୀ ବୀରେନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧାପିକା ସନ୍ତୋଷିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




ଶିଳ୍ପ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଫଟୋରେ ଖବର










ଜିଲା ଓବିସି ମଞ୍ଚ ପକ୍ଷରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ୯ ଦଫା ଦାବିନେଇ ଧାରଣା (ବାମ)। ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ଛାତ୍ରୀମାନଙ୍କ ପକ୍ଷରୁ ଟ୍ରାଫିକ୍ ସଚେତନତା ରାଲି ସହର ପରିକ୍ରମା କରୁଛି (ମଝି)। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବଲାଙ୍ଗୀର ଛାତ୍ର କଂଗ୍ରେସ ପକ୍ଷରୁ କଲେଜ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ସୁନୀଲ)



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା,
ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।
- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଭବାନୀପାଟଣା,୨୪।୯(ଡି.ଏନ.ଏ.) ଭବାନୀପାଟଣା ସଦର ଥାନା ଅର୍ନ୍ତଗତ ସିଂଝରଣ ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସିଂଝରଣ ଗ୍ରାମର କେସବ ବିଶୋଇ (୨୧) ନିଜ ଘରଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ଜମିକୁ ଗତ ରବିବାର କାମ କରିବାକୁ ଯାଇଥିଲେ। ସେ ଘରକୁ ନ ଫେରିବା ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମୃତଦେହଠାବ କରିବା ପରେ ସଦର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେଶବଙ୍କ ବେକ, ପଛପଟ ଓ ପିଠିରେ କଳା ଦାଗ ରହିଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଅଶୋକ କୁମାର ରାଉତ ଜିଲା କେମେଷ୍ଟ୍ରି, ଡଗିଷ୍ଟ ଆସୋସିଏଶନ୍ ନୂତନ ସଭାପତି

ଭବାନୀପାଟଣା,୨୪।୯(ଡି.ଏନ.ଏ.)



କଳାହାଣ୍ଡି ଜିଲା ଜୁନାଗଡସ୍ଥିତ ଅଗ୍ରେସନ ଭବନଠାରେ କଳାହାଣ୍ଡି ଜିଲା କେମେଷ୍ଟ୍ରି ଓ ଡଗିଷ୍ଟ ଆସୋସିଏଶନ୍ ସାଧାରଣ ସଭା ସହିତ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଯାଇଛି। କଳାହାଣ୍ଡି ଜିଲା କେମେଷ୍ଟ୍ରି ଡଗିଷ୍ଟ ଆସୋସିଏଶନ୍ ସଭାପତି ଭାବେ ଭବାନୀପାଟଣାର ବିଶିଷ୍ଟ ଔଷଧ ବ୍ୟବସାୟୀ ଅଶୋକ କୁମାର ରାଉତ ନିର୍ବାଚିତ ହୋଇଛନ୍ତି । ସେହିପରି ପୁଣିଥରେ ସମ୍ପାଦକ ଭାବେ ବରିଷ୍ଠ ଔଷଧ ବ୍ୟବସାୟୀ ହୃଶିକେଶ ମିଶ୍ର ଏବଂ ବିଶିଷ୍ଟ ଔଷଧ ବ୍ୟବସାୟୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

■ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଦିନିକିଆ କଳାହାଣ୍ଡି ଗସ୍ତ

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ

ଭବାନୀପାଟଣା,୨୪।୯(ଡି.ଏନ.ଏ.)

ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସୋମବାର ଦିନିକିଆ କଳାହାଣ୍ଡି ଗସ୍ତରେ ଆସିଥିଲେ। ଗସ୍ତବେଳେ ବିଭିନ୍ନ ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରିବା ସହ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ସମୀକ୍ଷା କରିଥିଲେ। ମନ୍ତ୍ରୀ ସାହୁ ପ୍ରଥମେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ବୋରିଙ୍ଗପଦରଠାରେ ଥିବା ଏନଏଲପିଜିଏଫ୍ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ ବୁଲି ଦେଖିଥିଲେ। ଏହା ପରେ ସେ ବୋରିଆ ଓ ନାସିଗାଁର ୨ଟି ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ଭବାନୀପାଟଣା କଣ୍ଟାବାଞ୍ଜିସ୍ଥିତ ବାଳଗୋପାଳ ସେବା ନିକେତନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ। ଜୁନାଗଡ ବ୍ଲକ କୁଲିହାରି ଓ କେଲିଆ ଗାଁରେ ଥିବା ଛତୁଆ ୟୁନିଟ୍ ପରିଦର୍ଶନ କରିଥିଲେ। ଅପରାହ୍ନ ସାଢେ ୩ଟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ବିଭିନ୍ନ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମମତା ଯୋଜନା, ଆଇସିଡିଏସ୍ ଓ ଆଇସିପିଏସ୍ ଯୋଜନା ସମ୍ପର୍କରେ କ୍ଷେତ୍ରସ୍ଥିତି ଅଧିକାରୀମାନଙ୍କୁ ମନ୍ତ୍ରୀ ପଚାରି ବୁଝିଥିଲେ। ହିତାଧିକାରୀଙ୍କୁ ମମତା ଯୋଜନାର ଆର୍ଥିକ ସହାୟତା ଯେପରି ଠିକ୍ ସମୟରେ ମିଳିପାରିବ, ଅଙ୍ଗନୱାଡିକେନ୍ଦ୍ରଗୁଡିକ ଯେପରି ଠିକ୍ ଭାବରେ କାର୍ଯ୍ୟକାରୀ ହେବ ଏବଂ ଆଇସିଡିଏସ୍ ଓ ଆଇସିପିଏସ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତବେଳେ କଳାହାଣ୍ଡି ଜିଲାରେ ଥିବା ଶିଶୁ ଯତ୍ନ କେନ୍ଦ୍ରଗୁଡିକର ପରିଚାଳନା ଓ ବ୍ୟବସ୍ଥା ଉପରେ ସନ୍ତୋଷ ବ୍ୟକ୍ତ କରିବା ସହ ସୁରକ୍ଷା ଓ ଯତ୍ନ ଆବଶ୍ୟକ କରୁଥିବା ସମସ୍ତ ଶିଶୁମାନଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି ଦ୍ୱାରା ଉପଯୁକ୍ତ ଥଇଥାନ ଓ ବ୍ୟବସ୍ଥା କରାଯାଉଥିବାରୁ ମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ। ଏହାସହ ସିଏନ୍‌ସିପି ଶିଶୁମାନଙ୍କ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ବୈଠକରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ସମୀକ୍ଷା କରୁଛନ୍ତି ।


ଭିଡିଓ ମାଧ୍ୟମରେ ଉପସ୍ଥିତ ଚାଷୀମାନଙ୍କୁ ତାଲିମ ଦିଆଯାଉଛି।

## ଗ୍ରାମପଞ୍ଚାୟତସ୍ତରୀୟ ତାଲିମ, ଅଭିଯାନ କାର୍ଯ୍ୟକ୍ରମ

କେସିଙ୍ଗା,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କୃଷି ଓ କୃଷକ ସଶକ୍ତି ବିଭାଗ ପକ୍ଷରୁ କୀଟନାଶକ ନିରାପଦ ବ୍ୟବହାର ଓ ଗ୍ରାମପଞ୍ଚାୟତସ୍ତରୀୟ ତାଲିମ ଓ ଅଭିଯାନ କାର୍ଯ୍ୟକ୍ରମ ଲଇତରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମପଞ୍ଚାୟତସ୍ତରୀୟ ତାଲିମ ଓ ଅଭିଯାନ କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ କୀଟନାଶକର ନିରାପଦ ବ୍ୟବହାର ଓ ସୁରକ୍ଷିତ ଜୀବନର ଆଧାର ଉପରେ ଆଲୋକପାତ କରାଯାଇଥିଲା। କପା, ଧାନ, ଗହମ, ମକା, ଚିନାବାଦାମ, ମୁଗ, ବିରି, ହରଡ ଆଦି ଫସଲରେ କୀଟ ନାଶକ ଔଷକୁ କିପରି ନିରାପଦ ଭାବରେ ଛିଞ୍ଚନ କରାଯିବ ତାହା ଚାଷୀମାନଙ୍କୁ ଏକ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯିବା ସହିତ ଉପସ୍ଥିତ ଚାଷୀମାନଙ୍କୁ ତାଲିମ ମଧ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କେସିଙ୍ଗା କୃଷି ବିଭାଗ ସହକାରୀ କୃଷି ଅଧିକାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସେହିପରି ବାଲସି, ପରଇସିଙ୍ଗା, ଉତ୍କେଳା, କାଣ୍ଡେଲ ଗ୍ରାମ ପଞ୍ଚାୟତରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମଗ୍ର କେସିଙ୍ଗା ବ୍ଲକର ୨୬ ଗୋଟି ଗ୍ରାମପଞ୍ଚାୟତରେ ତାଲିମ ଓ ଅଭିଯାନ କାର୍ଯ୍ୟକ୍ରମ ଚାଲିବ ।

■ କିରାଣି ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା

## ୨ ଅଭିଯୁକ୍ତ ଜେଲ ଗଲେ

ଭବାନୀପାଟଣା,୨୪।୯(ଡି.ଏନ.ଏ.)

ସ୍ଥାନୀୟ ଭବାନୀପାଟଣା ସ୍ୱୟଂଶାସିତ କଲେଜରେ ରବିବାର ଷ୍ଟାଫ ସିଲେକଶନ୍ ବୋର୍ଡ କନିଷ୍ଠ କିରାଣି ନିଯୁକ୍ତି ପାଇଁ ଏକ ପରୀକ୍ଷା କେନ୍ଦ୍ର ହୋଇଥିଲା। ଏହି ପରୀକ୍ଷା କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ଫଟୋ ଉଠାଇ ତାଙ୍କ ସାଥିଙ୍କ ହ୍ୱାଟସଅପ୍ ଜରିଆରେ ପଠାଇଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋଲାମୁଣ୍ଡାର ବିନାୟକ ତାଣ୍ଡି ଓ ତାଙ୍କ ସାଥି ଧର୍ମଗଡର ଭକ୍ତ ସେନାପତି। ପରୀକ୍ଷାର୍ଥୀ ଓ ତାଙ୍କ ସାଙ୍ଗ ବ୍ୟତୀତ ଅନ୍ୟ କେହି ଘଟଣା ସମ୍ପର୍କରେ ଜାଣିବା ପୂର୍ବରୁ ବା ଶୋଶିଆଲ ମିଡିଆରେ ଭାଇରାଲ ହେବା ପୂର୍ବରୁ ପରୀକ୍ଷା ପରିଚାଳକ ଡ. ହିମାଂଶୁ ଷଡଙ୍ଗୀ ଏ ସମ୍ପର୍କରେ ଟାଉନ ଥାନାକୁ ଖବର ଦେଇଥିଲେ। ଖବର ପାଇବା ପରେ ଟାଉନ ଥାନା ପୋଲିସ ପ୍ରଶ୍ନପତ୍ର ପ୍ରଘଟ କରିଥିବା ତାଣ୍ଡି ଓ ତାଙ୍କ ସାଥି ସେନାପତିଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ନବାଳିକାଙ୍କୁ ବଳାତ୍କାର, ଜେଲ ଗଲେ ଅଭିଯୁକ୍ତ

କୋକସରା,୨୪।୯(ଡି.ଏନ.ଏ.)

କାଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜୟପାଟଣା ଥାନା ବଡକର୍ଲାକୋଟ ଗ୍ରାମର ଢେମ ଗଉନ୍ତିଆ (୨୬)ଙ୍କୁ ଆମପାଣି ପୋଲିସ ସୋମବାର ଗିରଫ କରି କୋର୍ଟଚାଲଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠେଇ ଦିଆଯାଇଥିବା ଆମପାଣି ଥାନା ଅଧିକାରୀ ସୂଚନା ଦେଇଛନ୍ତି । ସୂଚନା ଅନୁସରେ ଜୟପାଟଣା ଥାନା ଅନ୍ତର୍ଗତ ବଡକର୍ଲାକୋଟ ଗ୍ରାମର ଢେମ ଜଣେ ବିବାହିତ ଯୁବକ। ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଗତ ୧୩ ତାରିଖରୁ ନିଜ ଗାଁକୁ ନେଇ ବଳାତ୍କାର କରିଥିଲେ। ପରିବାର ଲୋକେ ଝିଅ ନିଖୋଜ ଥିବା ଆମପାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଖୋଜାଖୋଜି କରି ୨ ଜଣଙ୍କୁ ଶନିବାର ବଡକର୍ଲାକୋଟ ଗ୍ରାମରୁ ଉଦ୍ଧାର କରି ଆମପାଣି ଥାନାକୁ ଆଣି ପଚାରା ଉଚାରା କରିଥିଲେ। ବିବାହର ପ୍ରଲୋଭନ ଦେଖାଇ ଢେମ ବଳାତ୍କାର କରିଥିବା ନାବାଳିକା ଥାନାରେ ରବିବାର ଲିଖିତ ଅଭିଯୋଗ କରିଥିଲେ। ଆମପାଣି ଥାନାରେ ଏକ ମାମଲା (ନଂ. ୬୭/୨୦୧୯) ରୁଜୁ କରିଥିଲା। ନାବାଳିକାଙ୍କ ବୟାନ ରେକର୍ଡ ପରେ ଅଭିଯୁକ୍ତ ଢେମଙ୍କୁ ସୋମବାର ଗିରଫ କରି କୋର୍ଟଚାଣ କରାଯାଇଛି।


ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟକର୍ତ୍ତା ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଗଣବଳାତ୍କାର ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ, କଠୋର ଦଣ୍ଡ ଦାବି

ଭବାନୀପାଟଣା,୨୪।୯(ଡି.ଏନ.ଏ.)

ଜଣେ ଛାତ୍ରୀଙ୍କ ପ୍ରତି ହୋଇଥିବା ଗଣବଳାତ୍କାର ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ କଠୋର ଦଣ୍ଡ ଦାବି କରି ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟକର୍ତ୍ତା କଳାହାଣ୍ଡି ଏସ୍‌ପି ଓ ଏଡିଏମ୍‌କୁ ଭେଟି ଦାବିପତ୍ର ଦେଇଛନ୍ତି । ବିଜୁ ଛାତ୍ର ଜନତା ଦଳ କଳାହାଣ୍ଡି ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଏକ ଦଳ ଏସପି ଓ ଏଡିଏମ୍‌କୁ ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥି ସହ ପୀଡିତାଙ୍କ ପରିବାରଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ବିଜୁ ଛାତ୍ର ଜନତାଦଳ ସଭାପତି ଠାକୁରଙ୍କ ସମେତ ମଣ୍ଟୁ ନାଏକ, ଅମରଦୀପ ସିଂହ, ଅବିଶେକ ମହାପାତ୍ର, ହରିସ ଅହିର, ସୁଭ୍ରାଂଶୁ ଦାସ, ସୁନୀଲ ବେହେରା, ଜିତେନ୍ଦ୍ର ବେହେରା ଓ ଭେଙ୍କେଟେସ ପ୍ରସାଦ ମାଝି ପ୍ରମୁଖ ଥିଲେ। ଏହି ଗଣବଳାତ୍କାର ଘଟଣାରେ ୫ ଜଣଙ୍କୁ ଅଟକ ରଖି ପୋଲିସ ତନାଘନା ଚଳାଇଛି। ମଙ୍ଗଳବାର ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତୀ ବେହେରାଙ୍କ ନେତୃତ୍ୱରେ ଏକ ୩ ଦିନିଆ କମିଟି ଜୁନାଗଡରେ ପହଞ୍ଚି ଘଟଣାକୁ ନେଇ ପୋଲିସ ସହ ଆଲୋଚନା କରିଥିବା ବେଳେ ପୀଡିତାଙ୍କୁ ଜୁନାଗଡ ହସ୍ପିଟାଲରେ ସାକ୍ଷାତ କରି ଆଶ୍ୱାସନା ଦେଇଥିଲେ। କମିଶନ ଘଟଣାକୁ କଠୋର ନିନ୍ଦା କରିବା ସହିତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ବିଧାନ ପାଇଁ କମିଶନ ଓ ସରକାର ପ୍ରତିଶ୍ରୁତି ବଦ୍ଧ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୀଡିତାଙ୍କ ବାପା କମିଶନକୁ ସାକ୍ଷାତ ପରେ ପୀଡିତାଙ୍କୁ ସୁରକ୍ଷା ଓ ଥଇଥାନ ସହ ନ୍ୟାୟ ଦାବି କରିଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କାର୍ଯ୍ୟାଦେଶ ବଣ୍ଟନ

ଜୁନାଗଡ,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଲ ପଞ୍ଚାୟତରେ ସୋମବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ପାଇଁ କାର୍ଯ୍ୟାଦେଶ ବଣ୍ଟନ ହୋଇଯାଇଛି। ଏଥିରେ ପଞ୍ଚାୟତର ୨୯ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ସ୍ୱର୍ଣ୍ଣଲତା ବେହେରା, ପିଇଓ ଶିବ ପ୍ରସାଦ ସାହୁ, ଜିଆରଏସ୍ କୁସୁମ ମଞ୍ଜରୀ ମେହେର ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।


ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

■ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ଦଶମ ଦିବସ

## ମର୍ଣ୍ଣିଂ କ୍ଲବ ୨-୦ ଗୋଲରେ ବିଜୟୀ

ଭବାନୀପାଟଣା,୨୪।୯(ଡି.ଏନ.ଏ.)

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ମଙ୍ଗଳବାର ଦଶମ ମ୍ୟାଚ୍ ମର୍ଣ୍ଣିଂ କ୍ଲବ ବନାମ ଶ୍ରୀକ୍ରୀଷ୍ଣା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମର୍ଣ୍ଣିଂ କ୍ଲବ ୨-୦ ଗୋଲରେ ବିଜୟୀ ହୋଇଥିଲା। ଦଶମ ଦିବସ ମ୍ୟାଚ୍‌ରେ ଅତିଥି ଭାବେ କ୍ରୀଡା ସଙ୍ଗଠକ ତଥା ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ଜଗଦିସ ପ୍ରଧାନ ଯୋଗଦେଇଥିଲେ। ଜିତେନ୍ଦ୍ର କୁମାର ରଥ, ହର ପଟେଲ, ଦେବେନ୍ଦ୍ର ରାଉତ ଓ ଅଶୋକ ବାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥୋଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରୀପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜ୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ। ବୁଧବାର ଏକାଦଶ ମ୍ୟାଚ୍ ଷ୍ଟାର ଇଲେଭେନ୍ ବନାମ ଆଇଆରବି ନାଇନଥ୍ ବେଟାଲିୟନ୍ ମଧ୍ୟରେ ଅନୁଷ୍ଠିତ ହେବ।



ଦଶମ ଦିବସ ମ୍ୟାଚ୍‌ରେ ଖେଳାଳିଙ୍କ ସହ ଅତିଥି ବୃନ୍ଦ ।

■ ଜିଲା ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ପକ୍ଷରୁ ବିଭିନ୍ନ ଦାବି

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ

ଭବାନୀପାଟଣା,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି। ଏହି ଅବସରରେ ୧୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ଶ୍ରମ କମିଶନର ତଥା ସଚିବ, ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଭୁବନେଶ୍ୱର ଓଡିଶାଙ୍କୁ ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକମାନଙ୍କ ଏକ ବିଶାଳ ରାଲି ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ବିରାଟ ବିକ୍ଷୋଭ ସଭାରେ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଜିଲାପାଳଙ୍କ ଜରିଆରେ ସେମାନେ ଏହି ଦାବିପତ୍ର ରାଜ୍ୟ ଶ୍ରମ କମିଶନର ତଥା ସଚିବଙ୍କ ନିକଟକୁ ପଠାଇଥିଲେ। ସେମାନଙ୍କ ଦାବି ମଧ୍ୟରେ ରାଜ୍ୟ ତଥା କଳାହାଣ୍ଡି ଜିଲାର ନିର୍ମାଣ ଶ୍ରମିକମାନେ ଅକ୍ଳାନ୍ତ ପରିଶ୍ରମ କରି ସେମାନଙ୍କ ଶ୍ରମ ପ୍ରଦାନ କରୁଛନ୍ତି। ହେଲେ ସେମାନଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ଯେଭଳି ସହାୟତା ପ୍ରଦାନ କରିବା କଥା ତାହା ମିଳୁନାହିଁ। ଜିଲା ଶ୍ରମ କାର୍ଯ୍ୟାଳୟରେ ଦୀର୍ଘ ଦିନ ହେଲା ପଞ୍ଜୀକରଣ ନିମନ୍ତେ ଆସିଥିବା ଶହ ଶହ ଆବେଦନ ପତ୍ର ପଡିରହିବା, ନୂତନ ଭାବେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେବା ଓ ବିଭିନ୍ନ ସହାୟତା ପ୍ରଦାନରେ ଅସହାୟ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ଆଳ ଦେଖାଇ ସହାୟତା ପ୍ରଦାନରେ କାଳକ୍ଷେପଣ ନୀତି ଅବଲମ୍ବନ କରିବା ଆଦି ବିଭିନ୍ନ ଦାବି ରହିଛି। ଏଥିରେ ଶ୍ରମିକ ନେତା ଗୌରଚନ୍ଦ୍ର ନାଏକ, ଡମ୍ବରୁଧର ବେହେରା, ଜୀବନ ଜ୍ୟୋତି ବାଗ, ଶିଶିର ପଟ୍ଟନାୟକ, ଅନିଲ କୁମାର ସାହୁ, ଚୈତନ୍ୟ ସାହୁ, ସତ୍ୟ ମାଝି, ଆନନ୍ଦ ଶଡଙ୍ଗୀ, ସୁବାସ ଦାଶ ଓ ସୁରେନ୍ଦ୍ର କୁମାର କର ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭ ସମାବେଶର ଉଦ୍‌ବୋଧନ ଦେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ନିର୍ମାଣ ଶ୍ରମିକମାନଙ୍କ ଆୟୋଜିତ ଏକ ବିଶାଳ ରାଲି ।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କଲିନ



## ସଂକ୍ଷେପରେ



### ତେଲେନପାଲିରେ କ୍ଲଷ୍ଟରସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

**ଖପ୍ରାଖୋଲ,୨୪।୯(ଡି.ଏନ.ଏ.) :** ଖପ୍ରାଖୋଲ ବ୍ଲକ ତେଲେନପାଲିଠାରେ ମାହାତ୍ମ ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକି ଅବସରରେ କ୍ଲଷ୍ଟରସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟିକେଚନ ମାଝି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ଶ୍ରୀପତୀ କୁମ୍ଭାର, ମୁଖ୍ୟ ବକ୍ତା ଭାବେ ନବରତ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଚୂଡାମଣି ପଟେଲ, ସମ୍ମାନିତ ଅତିଥି ଭାବେ ଶଶି ନବିଶି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ୧୫ଟି ବିଦ୍ୟାଳୟର ୪୫ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗୋଲାପ ବିଶି ପରିଚାଳନା କରିଥିଲେ।

ଗାଡି ଚେକିଂ ବେଳେ ଯୁବକଙ୍କୁ ପୋଲିସର ଲାଠିମାଡ ଘଟଣା

# ନିରପେକ୍ଷ ତଦନ୍ତ, ଅଭିଯୁକ୍ତଙ୍କୁ ଗିରଫ ଦାବି

**ବଲାଙ୍ଗୀର ଅଫିସ, ୨୪।୯**



ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ପଣ୍ଡା ପରିବାର ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି।

ପାଟଣାଗଡ଼ ସହର ଉପକଣ୍ଠରେ ରବିବାର ସନ୍ଧ୍ୟାରେ ଗାଡି ଚେକିଂ ଚାଲିଥିବାବେଳେ ପୋଲିସର ଲାଠି ମାଡରେ ବଲାଙ୍ଗୀରର ଯୁବ ବ୍ୟବସାୟୀ ଦୀପଙ୍କର ପଣ୍ଡା ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରଣ ହୋଇଥିଲେ। ଚେକିଂ ନାଁରେ ପୋଲିସ ଦୀପଙ୍କରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ପରିବାର ପକ୍ଷରୁ ମଙ୍ଗଳବାର ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ପୋଲିସ ବିରୋଧରେ ଅଭିଯୋଗ କରିଥିଲେ। ଆହତ ଦୀପଙ୍କରଙ୍କ ବାପା ସତ୍ୟବ୍ରତ ପଣ୍ଡା କହିଥିଲେ ଯେ, ଘଟଣାଦିନ ସନ୍ଧ୍ୟାରେ ଦୀପଙ୍କର ନିଜ ବ୍ୟବସାୟିକ କାର୍ଯ୍ୟ ସାରି ପାଟଣାଗଡ଼ରୁ ଅସୁଲ ଟଙ୍କା ଧରି ବଲାଙ୍ଗୀର ଅଭିମୁଖେ ଫେରୁଥିଲେ। ସେତିକିବେଳେ ପାଟଣାଗଡ଼ ସହର ଉପକଣ୍ଠ ନିଛାଟିଆ ସ୍ଥାନରେ କିଛି ଲୋକ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେ ଟଙ୍କା ଧରିଥିବାରୁ ଭୟଭୀତ ହୋଇ ଆଗକୁ ବଢ଼ିଯାଇଥିଲେ। ପରେ ଆଗରେ ଥିବା ପୋଲିସ ତାଙ୍କ ବାଇକ୍‌କୁ ଅଟକାଇ ଥିଲା। ସେ ବାଇକ୍ ସ୍ପିଡ୍ କମ୍ କରି ଅଟକୁ ଥିବାବେଳେ ପଛପଟରୁ ୨ଜଣ ପୋଲିସ କର୍ମଚାରୀ ତାଙ୍କୁ ଲାଠିମାଡ କରିଥିଲେ। ଏଥିରେ ଦୀପଙ୍କର ଗୁରୁତର ଆହତ ହୋଇଥିବା ଅଭିଯୋଗ କରିଛନ୍ତି। ଲାଠି ମାଡ ଯୋଗୁ ପ୍ରଚୁର ରକ୍ତସ୍ରାବ ହେଉଥିଲେ ମଧ ଦୀପଙ୍କରଙ୍କୁ କୌଣସି ପୋଲିସ କର୍ମଚାରୀ ସେଠାରୁ ଡାକ୍ତରଖାନାକୁ ନେଇ ନ ଥିଲେ। ବାଟରେ ଯାଉଥିବା ବଲାଙ୍ଗୀରର କୁଳଭୂଷଣ ପୁରୋହିତ ଦୀପଙ୍କରଙ୍କୁ ଚିହ୍ନି ପାରି ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଦୀପଙ୍କରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପାଟଣାଗଡ ପୋଲିସ ଓ ବଲାଙ୍ଗୀର ଏସ୍‌ପିଙ୍କୁ ପରିବାର ଲୋକେ ଦାୟୀ କରିଛନ୍ତି। ଏହି ଘଟଣାର ଏକ ନିରପେକ୍ଷ ତଦନ୍ତ କରାଯାଇ ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ପୋଲିସ ଡିଜି ଓ ମାନବିକ ଅଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସୂଚନା ଦେଇଛନ୍ତି। ପୋଲିସ ଲାଠି ମାଡରେ ଦୀପଙ୍କରଙ୍କ ମୁହଁ ଫାଟି ଯିବା ସହ ଦୁଇଟି ଦାନ୍ତ ଭାଙ୍ଗିଯାଇଛି। ବୁର୍ଲା ମେଡିକାଲରେ ଦୀପଙ୍କରଙ୍କ ମୁହଁରେ ଅସ୍ତ୍ରୋପଚାର କରାଯାଇ ଏବେ ପ୍ଲେଟ୍ ଲଗାଯାଇଛି। ସେ ଏବେ କଥା କହି ପାରୁନାହାନ୍ତି କି ଖାଇ ପାରୁନାହାନ୍ତି ବୋଲି ସୂଚନା ଦିଆଯାଇଛି। ଆଗକୁ ତାଙ୍କ ମୁହଁରେ ବଡ ଧରଣର ଅସ୍ତ୍ରୋପଚାର କରାଯାଇପାରେ ବୋଲି ଡାକ୍ତର ସନ୍ଦେହ ପ୍ରକାଶ କରିଥିବାରୁ ପରିବାର ଲୋକେ ଚିନ୍ତିତ ଅବସ୍ଥାରେ ରହିଛନ୍ତି। ଖବରଦାତା ସମ୍ମିଳନୀରେ ଆହତ ଦୀପଙ୍କରଙ୍କ ସହ ତାଙ୍କ ବାପା ସତ୍ୟବ୍ରତ ଓ ବଡବାପା ଉଦିତ୍ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।




ଦେଓଗାଁ ଡିଗ୍ରୀ କଲେଜରେ ବାଣିଜ୍ୟ ବିଭାଗର ଆଲୋଚନାଚକ୍ର ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

## ଡିଗ୍ରୀ କଲେଜରେ ବାଣିଜ୍ୟ ବିଭାଗର ଆଲୋଚନାଚକ୍ର

**ଦେଓଗାଁ,୨୪।୯(ଡି.ଏନ.ଏ)**

ବଲଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ମଙ୍ଗଳବାର ବାଣିଜ୍ୟ ବିଭାଗ ପକ୍ଷରୁ ଏକବିଂଶ ଶତାବ୍ଦୀରେ ଉଦ୍ୟୋଗୀକରଣ ସୁଯୋଗ ଓ ଆହ୍ୱାନ ଶିର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱ ତଥା ବାଣିଜ୍ୟ ବିଭାଗର ମୁଖ୍ୟ ମଞ୍ଜୁ ରଞ୍ଜନ ସାଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ଡିଏଭି କଲେଜ ପୂର୍ବତନ ଅଧକ୍ଷ ପ୍ରଫେସର ବିକ୍ରମ କେଶରୀ ମିଶ୍ର, ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ରବିଶଙ୍କର ପାଣ୍ଡିଆ, ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରୀପାଲି କଲେଜ ଅଧକ୍ଷ ଡ.କିଶୋର ଚନ୍ଦ୍ର ସାହୁ ଉଦ୍ୟୋଗୀକରଣର ବିଭିନ୍ନ ଦିଗ ଏବଂ ସମ୍ମୁଖିନ ହେବାକୁ ଥିବା ଆହ୍ୱାନ ତଥା ଛାତ୍ରୀଛାତ୍ରଙ୍କର ଗୁରୁଦାୟୀତ୍ୱ ଉପରେ ବିଷଦ ଆଲୋଚନା କରିଥିଲେ। ଏହି ଅବସରରେ ବାଣିଜ୍ୟ ବିଭାଗର ୮ଜଣ ଛାତ୍ରୀଛାତ୍ର ନିଜସ୍ୱ ନିବନ୍ଧ ପାଠ କରିଥିଲେ। କଣ୍ଟାବାଞ୍ଜି କଲେଜ ଅଧାପକ ସୁମନ ପଟେଲ ଓ ସ୍ଥାନୀୟ କଲେଜ ଅଧାପକ ଡ.ସୁରେଶ ପ୍ରସାଦ ଷଡଙ୍ଗୀ ନିଜସ୍ୱ ନିବନ୍ଧ ପଠନ କରିଥିଲେ। କାର୍ଯ୍ୟକ୍ରମରେ ୮ଟି କଲେଜର ବାଣିଜ୍ୟ ଅଧାପକ ଯୋଗଦେଇ ମତାମତ ଉପସ୍ଥାପନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧାପକ ମଳୟ ରଞ୍ଜନ ରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ମହେଶ କୁମାର ମେହେର, ମଞ୍ଜରୀ ପୋଢ଼, ସନତ କୁମାର ରଥ, ସାରଦା ଭଞ୍ଜଦେଓ, ଭାଗ୍ୟଶ୍ରୀ ତ୍ରିପାଠୀଙ୍କ ସହ ସମସ୍ତ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ଦେଓଗାଁ କେନ୍ଦ୍ର ସମବାୟ ବ୍ୟାଙ୍କରେ ଋଣ ବଣ୍ଟନ କାର୍ଯ୍ୟକ୍ରମ

**ଦେଓଗାଁ,୨୪।୯(ଡି.ଏନ.ଏ)**

ବଲଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରେ ମଙ୍ଗଳବାର ଅଣକୃଷି ଋଣ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ କଳଦାର ଚୌହାନଙ୍କ ପରିଚାଳନାରେ ଅନୁଷ୍ଠିତ ଅଣକୃଷି ଋଣ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ପ୍ରାଥମିକ ଭାବେ ଫପସି ତନ୍ତୁବାୟ ସମବାୟ ସମିତିର ଫପସି ଓ ଦେଷଣ୍ଡ ଗ୍ରାମର ୭ଜଣ ବୁଣାକାରଙ୍କୁ ୪୦ ହଜାର ଟଙ୍କା ଲେଖାଏଁ ମୋଟ ୨ଲକ୍ଷ ୮୦ ହଜାର ଟଙ୍କା ଋଣ ବଣ୍ଟନ କରିଥିଲେ। ଗାଁଗୁଡିକରେ କ୍ଷୁଦ୍ର କୁଟୀର ଶିଳ୍ପିମାନେ ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେଲେ ଗ୍ରାମାଞ୍ଚଳ ଲୋକଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ ଏଣୁ ଋଣ ସହାୟତା ସାମାଜିକ ବିକାଶ ଦିଗରେ ସହାୟକ ହୋଇପାରିବ ବୋଲି ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମେହେର ଗୁରୁତ୍ୱାରୋପ କରିଥିଲେ। ଗତ ବର୍ଷ ଅଣକୃଷି ଋଣ ପ୍ରଦାନ ବାବଦକୁ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଦେଓଗାଁ ଶାଖାକୁ ୧କୋଟି ୫୦ଲକ୍ଷ ଟଙ୍କା ଲକ୍ଷ୍ୟ ରଖାଯାଇଥିବା ବେଳେ ୭ଟି କୃଷିସେବା ସମବାୟ ସମିତି ଜରିଆରେ ୯୫ଲକ୍ଷ ଟଙ୍କା ଗାଈ ଋଣ ଓ ହାତିସରା ଗ୍ରାମର ୧୧ଜଣ ବୁଣାକାରଙ୍କୁ ହସ୍ତତନ୍ତ କାର୍ଯ୍ୟର ବିକାଶ ପାଇଁ ୪ଲକ୍ଷ ୪୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ନାଇକେନସିରା, ମୁରସିଂ ଓ ସିଲେଟକାନୀ ଗ୍ରାମରେ ଥିବା ପେଡିକ୍ରାଫ୍ଟ କାରିଗରଙ୍କୁ କୌଳିକ ବୃତ୍ତିର ବିକାଶ ପାଇଁ ଜଣ ପିଛା ୫୦ ହଜାର ଟଙ୍କା ଲେଖାଏଁ ଋଣ ଆକାରରେ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଶାଖାର ସମସ୍ତ କର୍ମଚାରୀ ସହଯୋଗ ଦେଓଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିସରରେ ଅଣକୃଷି ଋଣର ଶୁଭାରମ୍ଭ କରାଯାଉଛି।



ଦେଓଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିସରରେ ଅଣକୃଷି ଋଣର ଶୁଭାରମ୍ଭ କରାଯାଉଛି।

## ରାଷ୍ଟ୍ରୀୟ ସେବା ଯୋଜନା ଦିବସ ପାଳିତ

**ଦେଓଗାଁ,୨୪।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଦିବସ ପାଳିତ ହୋଇଯାଇଛି। ପ୍ରୋଗ୍ରାମ ଅଧିକାରୀ ଦେବଦତ୍ତ ଗୁରୁଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ଯୁକ୍ତ ଦୁଇ କଲେଜ ଅଧକ୍ଷ ଉପମନ୍ୟୁ ବାଗ, ମୁଖ୍ୟବକ୍ତାଭାବେ ଅଧାପକ ପ୍ରସନ୍ନ କୁମାର ସାହୁ ସମ୍ମାନିତ ଅତିଥିଭାବେ ଅଧାପକ ସନ୍ତୋଷ କୁମାର ଜାନି ଯୋଗଦେଇ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ବାର୍ଷିକି ଅବସରରେ ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ଗାନ୍ଧୀଜୀ ଏବଂ ସାମ୍ପ୍ରତିକ ଯୁବ ସମାଜ ଶିର୍ଷକ ଏକ ଆଲୋଚନାଚକ୍ରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଅତିଥି ଏବଂ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରି ନିଜ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଅଧାପକ ବୈକୁଣ୍ଠ ନାଥ ବରର୍ତ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ଛତୁ ଚାଷ ତାଲିମ କାର୍ଯ୍ୟକ୍ରମ




ଛତୁଚାଷ ତାଲିମ ଶିବିରର ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

**ଟିକ୍ରାପଡା, ୨୪।୯(ଡି.ଏନ.ଏ.)**

ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ଗ୍ରାମରେ ଷ୍ଟେଟ ବ୍ୟାଙ୍କ, ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ, ବଲାଙ୍ଗୀର ଆନୁକୂଲ୍ୟରେ ଦଶଦିନିଆ ଛତୁ ଚାଷ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଟିକ୍ରାପଡାସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପ୍ରବନ୍ଧକ କୁବେର ତରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥଇଲେ। ତାଲିମ ପାଇଥିବା ଲୋକେ କିଭଳି ବ୍ୟାଙ୍କ ସହ ଉତ୍ତମ ଯୋଗାଯୋଗ ରଖି ସୁରୁଖୁରୁରେ ଆର୍ଥୀକ କାରବାର କରିପାରିବେ ସେ ବୁଝାଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଲକ୍ଷ୍ମୀଧର ମଲ୍ଲିକ ତାଲିମ କାର୍ଯ୍ୟକ୍ରମର ଉପଯୋଗିତା ସମ୍ବନ୍ଧରେ କହିଥିଲେ। ତାଲିମଦାତା ସୂର୍ଯ୍ୟମଣି ପ୍ରଧାନ ଛତୁ ଚାଷ କିଭଳି ଜଣେ ବ୍ୟକ୍ତିକୁ ଆତ୍ମନିଯୁକ୍ତି ପ୍ରଦାନ କରି ଆର୍ଥୀକସ୍ତର ବୃଦ୍ଧିରେ ସହାୟକ ହେଉଛି ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ମିତ୍ର ସତ୍ୟବତୀ ମୁଦୁଲି, ବ୍ୟାଙ୍କ କ୍ୟାଶିଅର ଅଭିଳାଷ ପଣ୍ଡା, ଆମ ଜଙ୍ଗଲ ଯୋଜନା ପ୍ରୋଗ୍ରାମ କୋଅର୍ଡିନେଟର ଶ୍ରୀଚରଣପାଣି ବେଜ ମଞ୍ଚାସୀନ ଥିଲେ। ପୂର୍ବତନ ସରପଞ୍ଚ ଶଙ୍କର ମାଝି, ଗାୟତ୍ରୀ ବେହେରା, ନିରୁପମା ମହାଲିଙ୍ଗ, ସ୍ୱାଧିନ ଦନ୍ତା, ସିଦ୍ଧାର୍ଥ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଝିଙ୍କିଡୁଙ୍ଗୁରି ପଞ୍ଚାୟତରୁ ଝିଙ୍କିଡୁଙ୍ଗୁରି, ଝରବାହାଲି, ଦୁକାଲଘାଟ, ଲାଫେର, ପଟାମରା ଗ୍ରାମର ୭୦ ଜଣ ସ୍ୱୟଂ ସହାୟକ ଦଳ ସଦସ୍ୟା, ଚାଷୀ, ବେକାର ଯୁବତୀଯୁବକ ଭାଗ ନେଇ ତାଲିମ ଗ୍ରହଣ କରିଥିଲେ।



ଅତିଥି ଏବଂ ଛାତ୍ରୀଛାତ୍ରମାନେ ଚାରାରୋପଣ କରୁଛନ୍ତି।

ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଜାତୀୟ ସେବା ଯୋଜନାର ସୁବର୍ଣ୍ଣ ଜୟନ୍ତୀ ପାଳିତ

**ଖପ୍ରାଖୋଲ,୨୪।୯(ଡି.ଏନ.ଏ.)**

ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସୁବର୍ଣ୍ଣ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ସୁନନ୍ଦା ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରମୋଦ କୁମାର ପାଣି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଲିଙ୍ଗରାଜ ବେହେରା, ବଳଭଦ୍ର ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢା ସହ ସମାଜ ସେବା ପ୍ରତି ମନୋନିବେଶ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଏପରି କ କଲେଜ ପରିସରରେ ସଫେଇ କାର୍ଯ୍ୟକ୍ରମ ସହ ଚାରାରୋପଣ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହରେଶ ବେହେରା, କିଶୋର ବାଗ, ଜନାର୍ଦ୍ଦନ ସୁନା, ଗୁଣମଣି ସାହୁ, ଚନ୍ଦ୍ରଧ୍ୱଜ ବାରିକଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଖପ୍ରାଖୋଲରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

**ଖପ୍ରାଖୋଲ,୨୪।୯(ଡି.ଏନ.ଏ.)**



ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗାନ୍ଧୀଜୀଙ୍କ ୧୫୦ତମ ଜନ୍ମ ବାର୍ଷିକି ପାଳନ ଅବସରରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଇନ୍ଦୁମତି ମୁନା, ବରିଷ୍ଠ ବର୍ଗରେ ଫୁଲମତି ମୁନା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ଲାବନ ପ୍ରିୟଦର୍ଶନ କନିଷ୍ଠ ବର୍ଗରେ ଏବଂ ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟର କଲ୍ୟାଣି ତାଣ୍ଡି ବରିଷ୍ଠ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ତେଲେନପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିନୋଦ ମାଝି, କନିଷ୍ଠ ବର୍ଗରେ ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟର ସପ୍ନେ ବାଗ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆୟୋଜିତ ଉଦଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ଝାଙ୍କର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ବଳଭଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ଏବିଇଓ ବୀରେନ୍ଦ୍ର ସାହୁ, ମିନିକେତନ ବରିହା ପ୍ରମୁଖ ଯୋଗଦେଇ କୃତି ଛାତ୍ରୀଛାତଙ୍କୁ ମାନପତ୍ରଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସବିତା ମହରା ପରିଚାଳନା କରିଥିବା ବେଳେ ସିଆର୍‌ସିସି ବନମାଳୀ ସାହୁ, ଶ୍ରୀପତୀ କୁମ୍ଭାର, ସୁବାଷ ନାଗ, ଶାନ୍ତନୁ ବାରିକ, ଶଶି ବିଶି, ନମିତା ମଣ୍ଡଳ, ଦିବାକର ମହାପାତ୍ର, ଦେବରାଜ ପାଣିଗ୍ରାହୀ, ଗୋପିନାଥ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିବାବେଳେ ସିଆରସିସି କୁଞ୍ଜବିହାରୀ ସରାଫ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୩ ଭୂମିହୀନଙ୍କୁ ଜମି ପଟ୍ଟା ବଣ୍ଟନ

**ଟିକ୍ରାପଡା, ୨୪।୯(ଡି.ଏନ.ଏ.)**



ମନ୍ତ୍ରୀ ଟୁକୁନି ସାହୁ ଜଣେ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ପଞ୍ଚାୟତକୁ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ମଙ୍ଗଳବାର ଗସ୍ତ କରିଥିଲେ। ଏହି ଅବସରରେ ଟିକ୍ରାପଡାଠାରେ ବସୁଧା ଯୋଜନାରେ ୩୩ ଜଣ ଭୂମିହୀନମାନଙ୍କୁ ଜମି ପଟ୍ଟା ବଣ୍ଟନ କରିବା ସହ ମିଶନ ଶକ୍ତି ଗୃହ, ଯାତ୍ରୀ ପ୍ରତୀକ୍ଷାଳୟ, ପ୍ରହରୀ ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ। ଏହାପରେ କୁଡାସିଂହା ଓ ଦେଓଗାଁ ଗ୍ରାମକୁ ଯାଇ ଗୋଷ୍ଠୀ କେନ୍ଦ୍ର ଗୃହ ଓ ମେରାବାହାଲରେ ମିଶନ ଶକ୍ତି ଗୃହର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟିକ୍ରାପଡାଠାରେ ଅନୁଷ୍ଠିତ ଜନ ସମାବେଶରେ ମନ୍ତ୍ରୀ ସାହୁ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ସଭାରେ ସଇଁତଲା ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଆଇନଜୀବୀ ଟୁନୁ ରାଜପଲିଆ ସଭା ସଂଯୋଜନା କରିଥିଲେ। ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ଅତିରିକ୍ତ ତହସିଲଦାର ଲଳିତ କୁମାର ବାଗ, ସ୍ଥାନୀୟ ସରପଞ୍ଚ ଭାରତୀ ରାଜପଲିଆ, ପୂର୍ବତନ ସରପଞ୍ଚ ଯାଜ୍ଞସେନୀ ରାଜପଲିଆ, ଏମପି ପ୍ରତିନିଧି ଅକ୍ଷୟ ରଣା, ବିଜେଡି ବ୍ଲକ ସଭାପତି ଦିଲିପ ରାଜପଲିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନଜୀବୀ ବିଶ୍ୱନାଥ ସୁଆର, ସଞ୍ଜୟ ବଗର୍ତ୍ତୀ, ପ୍ରଦୀପ ପାଣିଗ୍ରାହୀ, ଗଣେଶ ବୁଡେକ, ଦୟାନିଧି ବାଗ, ପ୍ରେମଚାନ୍ଦ କଠାର, ନରହରି ଜାଲ, ମନୋଜ ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଟିକ୍ରାପଡାଠାରେ ଗ୍ରୀଡ ସ୍ଥାପନ, ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରାଯିବା ସମେତ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାନ୍ୱୟନ କରାଯିବ ବୋଲି ମନ୍ତ୍ରୀ ସାହୁ ଘୋଷଣା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅରବିନ୍ଦ ସୁପକାର ଧନ୍ୟବାଦ ଅର୍ପଣ କରିଥିଲେ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଭବାନୀପାଟଣା, ୨୪।୯ (ଡି.ଏନ.ଏ.) ଭବାନୀପାଟଣା ସଦର ଥାନା ଅର୍ନ୍ତଗତ ସିଂଝରଣ ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସିଂଝରଣ ଗ୍ରାମର କେସବ ବିଶୋଇ (୨୧) ନିଜ ଘରଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ଜମିକୁ ଗତ ରବିବାର କାମ କରିବାକୁ ଯାଇଥିଲେ। ସେ ଘରକୁ ନ ଫେରିବା ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମୃତଦେହଠାବ କରିବା ପରେ ସଦର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେଶବଙ୍କ ବେକ, ପଛପଟ ଓ ପିଠିରେ କଳା ଦାଗ ରହିଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଉତ୍ତର ଓଡ଼ିଶା କିନ୍ନର ଉନ୍ନୟନ ପରିଷଦ ସମାବେଶ

ରାଉରକେଲା ଅଫିସ, ୨୪।୯

ହନୁମାନ ବାଟିକା ପରିସରରେ ଉତ୍ତର ଓଡ଼ିଶା କିନ୍ନର ଉନ୍ନୟନ ପରିଷଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶର ଜୟା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମୀରା ପରିଡାଙ୍କ ସମେତ ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି, ସାମାଜିକ କର୍ମୀ ମିନତୀ ଦେବତା, ପଦ୍ମିନୀ ପାଣିଗ୍ରାହୀ, ହରିହର ରାଉତରାୟ, ସଂଘ ରାଜ୍ୟ ସମ୍ପାଦକ ସାଧନା ମିଶ୍ର, ନାଜିରା ଦାଦି, ସୋନାଲି ମା, ବିବେକ ରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମହାନ୍ତି କହିଥିଲେ, ଅବହେଳା ଓ ଅଣଦେଖା ମନୋଭାବ ପାଇଁ କିନ୍ନର ସମାଜ ଅବହେଳିତ ହୋଇ ରହିଛି। ତାଙ୍କୁ ସାମାଜିକ ସୁରକ୍ଷା ମିଳିପାରୁ ନାହିଁ। ସ୍ୱାଧିନତାର ୭୩ ବର୍ଷ ପରେ ଏପରି ଅବସ୍ଥା ଲାଗି ରହିବା ବାସ୍ତବରେ ଦୁଃଖଦାୟକ ଘଟଣା ବୋଲି କହିଥିଲେ। ଏକ ସମାଜବାଦ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କ ବଞ୍ଚିବାର ଅଧିକାର ରହିଛି ବୋଲି କହିଥିଲେ। ଏନେଇ ସକାରାତ୍ମକ ମନୋଭାବ ପୋଷଣ କରିବାକୁ ସେ ମତ ପ୍ରକାଶ କରିଥିଲେ। ସମାଜିକ କର୍ମୀ ମିନତୀ ଦେବତା, ପଦ୍ମିନୀ ପାଣିଗ୍ରାହୀ ବକ୍ତବ୍ୟ ପ୍ରଦାନ କରି ସରକାର କିନ୍ନରମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ କହିଥିଲେ। ସାମାଜିକ କର୍ମୀ ହରି ରାଉତରାୟ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟ ସଭାନେତ୍ରୀ ମୀରା ପରିଡା କିନ୍ନର ସମାଜର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ମତବ୍ୟକ୍ତ କରିଥିଲେ। ଏପରି କି କିନ୍ନର ସମାଜ ନିଜ ପରାକାଷ୍ଠା ପ୍ରତିପାଦିତ କରିବାକୁ ସକ୍ଷମ ବୋଲି ମତ ପ୍ରକାଶ କରିଥିଲେ। ସମାବେଶରେ ଜିଲା ତଥା ଜିଲା ବାହାରୁ ବହୁ କିନ୍ନର ଯୋଗ ଦେଇ ନିଜ ସମସ୍ୟା ଉପସ୍ଥାପନ କରିଥିଲେ।



ଉତ୍ତର ଓଡ଼ିଶା କିନ୍ନର ଉନ୍ନୟନ ପରିଷଦ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ।

# ବ୍ରାହ୍ମଣୀ ସେତୁରେ ଫାଟ

## ଭାରୀଯାନ ଚଳାଚଳ ବାଧାପ୍ରାପ୍ତ

ରାଉରକେଲା ଅଫିସ, ୨୪।୯

ପାନପୋଷ ବ୍ରାହ୍ମଣୀ ସେତୁରେ ଫାଟ ସୃଷ୍ଟି ହୋଇଛି। ସେତୁର ଡାହଣ ପାର୍ଶ୍ୱରେ ଏହି ଫାଟ ସୃଷ୍ଟି ହୋଇଥିବା ମଙ୍ଗଳବାର ସକାଳେ ଜଣା ପଡିଥିଲା। ପୂର୍ବରୁ ସମ୍ପୃକ୍ତ ସ୍ଥାନରେ ଫାଟ ଦେଖାଦେବାରେ ଏକ ଲୁହାପ୍ଲେଟ ଲଗାଯାଇଥିଲା। ଏବେ ଚାପ ସୃଷ୍ଟି ହୋଇ ଉକ୍ତ ଲୁହାପ୍ଲେଟ ଖସି ଯାଇଛି। ଏଥିଯୋଗୁ ସମ୍ପୃକ୍ତ ସେତୁଦେଇ ଭାରିଯାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷେ ଜାତୟ ରାଜପଥ ପ୍ରାଧିକରଣ ପକ୍ଷରୁ ଫାଟ ହୋଇଥିବା ସ୍ଥାନରେ ଲୁହାପ୍ଲେଟ ଲଗାଇବାକୁ ଉଦ୍ୟମ କରାଯାଉଛି। ତେବେ ଫାଟ ଉପର ଦେଇ ଭାରୀଯାନ ଚାଳକ ଯାତାୟାତ କରିବାକୁ ନିରାପଦ ମଣୁ ନାହାନ୍ତି। ଫଳରେ ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ୧୪୩ ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଲମ୍ବାଧାଡିରେ ଭାରିଯାନ ଛିଡା ହୋଇ ରହିଥିଲା। ଅନ୍ୟପକ୍ଷେ ରାଉରକେଲାରୁ ପାନପୋଷ ଛକଦେଇ ଯାତାୟାତ କରୁଥିବା ଦୂରଗାମୀ ବସ୍ ଆସି ନ ପାରି ଦୀର୍ଘ ସମୟ ଯାଏ ଅଟକି ରହିଛି। କିଛି ଦିନ ବ୍ୟବଧାନ ପରେ ପୁଣି ସେତୁରେ ଫାଟ ସୃଷ୍ଟି ହୋଇଥିବାରୁ ପୁରୁଣା ବ୍ରାହ୍ମଣୀ ସେତୁର ସ୍ଥାୟିତ୍ୱ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଦ୍ୱିତୀୟ ସେତୁ କାମ ଅଗ୍ରଗତି କରିପାରୁ ନ ଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୦୩ତମ ଜନ୍ମଦିବସ ପାଳିତ

ରାଉରକେଲା ଅଫିସ, ୨୪।୯

ଦିବ୍ୟ ଜୀବନ ସଂଘ ରାଉରକେଲା ଶାଖା ପକ୍ଷରୁ ଛେଣ୍ଡସ୍ଥିତ ଶିବାନନ୍ଦ ଆଶ୍ରମରେ ମଙ୍ଗଳବାର ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ୧୦୩ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ସ୍ୱାମୀଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଗୁରୁପାଦ ପୂଜା, ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଓ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ପରେ ସଂଘ ସଭାପତି ସୁଶୀଲ ମିଶ୍ରଙ୍କ ପୌରହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଂଘ ସମ୍ପାଦକ ରବୀନ୍ଦ୍ର ପାଣ୍ଡବ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସ୍ୱାମୀଜୀଙ୍କ ୧୦୩ତମ ଜୟନ୍ତୀ ଉପରେ ଆଲୋକପାତ କରିଥିଲେ। ସଭାରେ ସ୍ୱାମୀ ବ୍ରହ୍ମ ସାକ୍ଷାତକାର ମହାରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଂଘ ସଭାପତି ସୁଶୀଲ ମିଶ୍ର ଆଧ୍ୟାତ୍ମିକ ଚିନ୍ତାଧାରା ଦ୍ୱାରା ଆନନ୍ଦ ଓ ଶାନ୍ତି ମିଳିଥାଏ ବୋଲି କହିଥିଲେ। ଏପରି କି ସଂଘର ନିତୀ ଓ ଆଦର୍ଶ ବଜାୟ ରଖିବା ସହ ସେବା ସସୁପରିଚାଳନା କରିବା ପାଇଁ ଉପସ୍ଥିତ ସଦସ୍ୟମାନଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ପାଣ୍ଡବ ବେହେରା, ବିଜୟାନନ୍ଦ ଅଗ୍ରୱାଲ, କବିବର ସାହୁ, ଏଚ୍.ଏନ୍. ଖାଡଙ୍ଗା, ବିଜୟ ସାହୁ, କେଦାର ସାହୁ, କାର୍ତ୍ତିକ ପାଣ୍ଡବ, କାର୍ତ୍ତିକ ବରାଳ, ଆର୍.ଏନ୍. ହୋତା, ଦିଗାମ୍ବର ପାଢ଼ୀ, ଗୋଲାପ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଭକ୍ତମାନେ।





ବିଭିନ୍ନ ଦାବି ନେଇ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ନିର୍ମାଣ ଶ୍ରମିକଙ୍କୁ ଅବହେଳା ନେଇ ବିକ୍ଷୋଭ

ରାଉରକେଲା ଅଫିସ, ୨୪।୯

କେନ୍ଦ୍ର ସରକାରଙ୍କ କର୍ପୋରେଟ ସପକ୍ଷବାଦୀ ଆଇନ ବାତିଲ, ପ୍ରସ୍ତାବିତ ଶ୍ରମ ଆଇନ ସଂଶୋଧନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନିତୀ ବିରୋଧରେ ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ମଙ୍ଗଳବାର ରାଉରକେଲା ଶ୍ରମ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିର୍ମାଣ ଶ୍ରମିକଙ୍କ ଉଦ୍ଦେଶ୍ୟରେ ବୋର୍ଡ ଗଠନ କରାଯାଇଥିବା ବେଳେ ଏହାକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି ବୋଲି ଏଥିରେ ଅଭିଯୋଗ କରାଯାଇ ଥିଲା। ନିର୍ମାଣ ଶ୍ରମିକଙ୍କ ନାମ ପଂଜିକରଣଠୁ ନେଇ ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ ଅବହେଳାକୁ ଆଉ ବରଦାସ୍ତ କରାଯିବନି ବୋଲି କୁହାଯାଇ ଥିଲା। ଆଗାମୀ ମାସକ ମଧ୍ୟରେ ଏହାର ସମାଧାନ କରା ନ ଗଲେ ସଂଗଠନ ପକ୍ଷରୁ ଦୁର୍ବାର ଆନ୍ଦୋଳନ ଡାକରା ଦିଆଯିବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଜିଲ୍ଲା ଆବାହକ ଆଇନଜୀବୀ ସଦାନନ୍ଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ନିର୍ମାଣ ଶ୍ରମିକ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଏଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନିତୀକୁ ତୀବ୍ର ସମାଲୋଚନ କରାଯାଇ ଥିଲା। ବାରମ୍ବାର ଶ୍ରମିକମାନେ ଏହି ଦପ୍ତରକୁ ଆସି ନିରାଶ ହେଉଥିବା ବେଳେ ସେମାନଙ୍କ ଅଭିଯୋଗ ଶୁଣା ଯାଉନି। ଶ୍ରମିକ କାର୍ଡ ନବିକରଣ ନେଇ କେହି ସହଯୋଗ କରୁ ନାହାନ୍ତି। ଏମିତି ଅବସ୍ଥାରେ ନିର୍ମାଣ ଶ୍ରମିକ କେମିତି ନ୍ୟାୟ ପାଇବେ ବୋଲି ସାହୁ ପ୍ରଶ୍ନ ଉଠାଇଥିଲେ। ସରକାର ଶ୍ରମିକଙ୍କ କଲ୍ୟାଣ ନେଇ ପ୍ରତିଶୃତି ଦୋହରାଉଥିବା ବେଳେ ଶ୍ରମ ଦପ୍ତର ଅସହଯୋଗ ନେଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଯୁଗ୍ମ ଶ୍ରମ କମିଶନରଙ୍କୁ ସଂଗଠନ ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ କରାଯାଇ ଥିଲା। ଶ୍ରମିକଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶୃତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ଶୋଭାଯାତ୍ରା ମହାନଗର ନିଗମ କାର୍ଯ୍ୟାଳୟ ନିକଟରୁ ବାହରି ଶ୍ରମ ଦପ୍ତର ଯାଏ ଆସିଥିଲା। ଏଥିରେ ଦୋଳଗୋବିନ୍ଦ ନାୟକ, ଅନୀଲ କୁମାର ଓ ସବିତା କେଂଚୁଆ ପ୍ରମୁଖ ଉପସ୍ଥିତ ଥିଲେ।

■ ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟ

# ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ

ରାଉରକେଲା ଅଫିସ, ୨୪।୯

ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ କରାଯାଇଥିଲା। କଲେଜ ସଭା କକ୍ଷରେ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳଙ୍କ ଅଧ୍ୟକ୍ଷତାରେ ଅୟୋଜିତ ସ୍ୱାଗତ ସମାରୋହରେ ସିନିୟର ଛାତ୍ରୀଛାତ୍ରମାନେ ନୂତନଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରୀମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡ. କିଶୋରୀ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତପସ୍ୱିନୀ ବହିଦାର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବାଣିଜ୍ୟ ବିଭାଗ ପ୍ରଧାପକ ରାଜେନ୍ଦ୍ର ସାହୁ, ପ୍ରଧାପକ ଲଳିତ ଷଡଙ୍ଗୀ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ସ୍ୱାଗତ ସାଇ, ଜ୍ୟୋତି ଘଡାଇ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ନୈନା ଭଞ୍ଜ ଓ ରାକ୍ଷୀ ଚକ୍ରବର୍ତୀ ବେଦମନ୍ତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଚାନ୍ଦ, ରାବ୍ୟା ପର୍ବିନ, ରାହୁଲ ସାହୁ, ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ସମ୍ବିତ ପହି, ଜ୍ଞାନରଞ୍ଜନ ଘଡାଇ, ଇଶ୍ୱର ପାଇକରାୟ, ଶୁଭମ ଦାସ ଓ ନିର୍ଭୟ ମହାରଣା ପ୍ରମୁଖ ସହାୟତା କରିଥିଲେ। ବନିତା ନାୟକ ଝୋଟି ମୁରୁଜରେ କଲେଜ ସମ୍ମୁଖ ରାସ୍ତାକୁ ଆକର୍ଷଣୀୟ କରିଥିଲେ। ଏଥିରେ ଅଧାପିକା ସୁଜାତା ହୋତା, ଅର୍ପିତା ମହାପାତ୍ର, ନମିତା ରଥ, ଡଃ ଯାଜ୍ଞସେନୀ ଛତ୍ରିୟା, ନିହାରିକା ଦାସ ପ୍ରତିଭା କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।





ସ୍ୱାଗତ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7894704743
B-34/7 A Block Vijay Enclave, Burari, New Delhi

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

BUSINESS BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership. fastbuild@gmail.com
Mob : 9073678360

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DHARITRI Career appointment Every Wednesday and Saturday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ । -ଡାୟୋଜିନିସ୍



## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ବ୍ରଜରାଜନଗର, ୨୪।୯ (ଡି.ଏନ୍.ଏ.) ଓରିଏଣ୍ଟ ଥାନା ଅନ୍ତର୍ଗତ କାଳୀନଗର କଲୋନୀରେ ରହୁଥିବା ସୀମା ମହାନନ୍ଦ (୧୮) ସୋମବାର ସନ୍ଧ୍ୟାରେ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନିଜ ଘର ବ୍ରଜରାଜନଗର ଥାନା ଅନ୍ତର୍ଗତ ତେଲେନପାଲି ଗ୍ରାମରେ ହୋଇଥିବାବେଳେ ପ୍ରାୟ ଏକ ବର୍ଷ ହେବ ସେ ବିବାହ କରିଥିଲେ। ଘଟଣା ସମ୍ପର୍କରେ ପୋଲିସ ଖବର ପାଇ ଶବ ଜବତ କରିବା ସହ ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପାରିବାରିକ କଳହକୁ କେନ୍ଦ୍ରକରି ସୀମା ଆତ୍ମହତ୍ୟା କରିଥିବା ପୋଲିସ କହିଛି।

### ଛିନ୍‌ତାଇ ଅଭିଯୋଗରେ ଦୁଇ ଗିରଫ

ବ୍ରଜରାଜନଗର, ୨୪।୯ (ଡି.ଏନ୍.ଏ.) ବ୍ରଜରାଜନଗର ଥାନା ଅନ୍ତର୍ଗତ କଲେଜ ରୋଡର ନୃସିଂହ ମନ୍ଦିର ପାଖରୁ ସୋମବାର ଅପରାହ୍ନ ୩ଟା ସମୟରେ ୩ଜଣ ଯୁବକ ଜଣେ ଫ୍ଲିପ୍‌କାର୍ଟ ବ୍ୟବସାୟୀଙ୍କଠାରୁ ଲୁଟ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଘଟଣାସ୍ଥଳରୁ ଦୁଇ ଜଣଙ୍କୁ ଗିରଫ କରିଥିଲା। ଛିନ୍‌ତାଇରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଥିଲେ। ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ରଣଜିତ ଜାଲ (୨୩) ଓ ଅରୁଣ କୁମାର ଦାସ (୨୩)। ପୋଲିସ ଏକ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

■ କୋଲ୍ ଇଣ୍ଡିଆରେ ବିଦେଶୀ ପୁଞ୍ଜିନିବେଶକୁ ଟ୍ରେଡ୍ ୟୁନିୟନର ବିରୋଧ

# ଲଖନପୁର କୋଇଲା କ୍ଷେତ୍ରରେ ୨ ଦିନରେ ୧୨ କୋଟି କ୍ଷତି

ଲଖନପୁର,୨୪।୯ (ଡି.ଏନ୍.ଏ.)

ଦେଶର ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍ ଇଣ୍ଡିଆକୁ ବହୁଦେଶୀୟ କମ୍ପାନୀ ହାତରେ ଟେକିଦେବା ପାଇଁ କେନ୍ଦ୍ର ସରକାର କ୍ୟାବିନେଟ୍‌ରେ ନିଷ୍ପତ୍ତି ନେଇଛନ୍ତି। ଫଳରେ ବହୁଦେଶୀୟ କମ୍ପାନୀମାନେ ଏଥିରେ ଶତପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ) କରି ନିଜ ମାଲିକାନାରେ ଦେଶରେ କୋଇଲା ବ୍ୟବସାୟ ଚଳାଇ ଲାଭବାନ ହେବେ। ଏଥିରେ କୋଲ୍ ଇଣ୍ଡିଆର ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ବିଶେଷ ଭାବେ ପ୍ରଭାବିତ ହେବେ। ଏହାର ପ୍ରଭାବ ସିଧାସଳଖ ଦେଶବାସୀଙ୍କ ଉପରେ ମଧ୍ୟ ପଡ଼ିବ। ଏସବୁକୁ ଦୃଷ୍ଟିରେ ରଖି ଶ୍ରମିକ ସଂଗଠନ ଟ୍ରେଡ୍ ୟୁନିୟନଗୁଡ଼ିକ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ କଡ଼ା ବିରୋଧକରି ସାରାଦେଶରେ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛନ୍ତି। ଏହି ପରିପେକ୍ଷୀରେ କୋଲ୍ ଇଣ୍ଡିଆର ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର କୋଇଲା କ୍ଷେତ୍ରରେ ଟ୍ରେଡ୍ ୟୁନିୟନଗୁଡ଼ିକ ମିଳିତ ଭାବେ ମଙ୍ଗଳବାର ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ଲଖନପୁର ଓ ବେଲପାହାଡ଼ ଖୋଲାମୁହଁ କୋଇଲାଖଣି ପରିଚାଳନା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏଥିରେ କୋଇଲା ଉତ୍ପାଦନ ଓ ପରିବହନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ଖଣି ଅଞ୍ଚଳରେ କୋଇଲା ଉତ୍ତୋଳନ ପାଇଁ ପ୍ରୟାସ ଚଳାଇଥିବା ବେଳେ ଶ୍ରମିକ ସଂଗଠନଗୁଡ଼ିକ କାର୍ଯ୍ୟ ବନ୍ଦ କରିଥିଲେ। ଖଣି ଅଞ୍ଚଳରେ ଥିବା ଚିଙ୍ଗିଡ଼ିଗୁଡା, ୟୁଟିଏଲ୍‌ଏସ୍, ଉବୁଡା, ବିଓସିଏମ୍ ମାଇନ୍ସର ୬ ଓ ୭ନଂ ରେଲୱେ ସାଇଡିଂ ଆଦି ବନ୍ଦ ରହିଥିଲା। ଫଳରେ କୋଇଲା ବୋଝେଇ ଟ୍ରେନ୍ ସବୁ ଅଟକି ରହିଛି। ଓପିଜିସି, ବେଦାନ୍ତ, ଏସ୍‌ଏମ୍‌ସି ଭଳି ବହୁଶିଳ୍ପାନୁଷ୍ଠାନକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଛି।



ଟ୍ରେଡ୍ ୟୁନିୟଗୁଡ଼ିକ ମିଳିତ ଭାବେ ଖଣି ଅଞ୍ଚଳରେ ପ୍ରତିବାଦ କରୁଛନ୍ତି।

■ ଦ୍ୱିତୀୟ ଦିନରେ ବିଏମ୍‌ଏସ୍‌ର ଆନ୍ଦୋଳନ

■ କୋଇଲା ଉତ୍ପାଦନ, ପରିବହନ ବାଧାପ୍ରାପ୍ତ

ଏନେଇ ଟ୍ରେଡ୍ ୟୁନିୟନଗୁଡ଼ିକ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଥିବାବେଳେ ବିଏମ୍‌ଏସ୍ ୟୁନିୟନ ୫ ଦିନିଆ ବନ୍ଦ ଡାକରା ଦେଇଛି। ବିଏମ୍‌ଏସ୍‌ର ଏହି ବନ୍ଦ ଗତ ସୋମବାରରୁ ଆରମ୍ଭ ହୋଇ ମଙ୍ଗଳବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ଶ୍ରମିକ ସଂଗଠନ ମିଳିତ ଭାବେ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ ମଧ୍ୟ ବିଏମ୍‌ଏସ୍ ୟୁନିୟନର ୫ ଦିନିଆ ବନ୍ଦ ଡାକରାକୁ ସମର୍ଥନ ଜଣାଇବେ ବୋଲି କହିଛନ୍ତି। ଏହି ବନ୍ଦ ଆଗକୁ ଯଦି ଆହୁରି ୩ଦିନ ଜାରି ରହେ ତା'ହେଲେ ଏହାର ସିଧାସଳଖ ପ୍ରଭାବ କଳକାରଖାନା ଉପରେ ପଡିବ। ଲଖନପୁର କୋଇଲା କ୍ଷେତ୍ରରୁ ଦୈନିକ ୬୦ହଜାର ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ ହେଉଥିବାବେଳେ ୨ଦିନ ହେଲାଣି ଏହା ବନ୍ଦ ରହିଛି । ଲଖନପୁର କୋଇଲା କ୍ଷେତ୍ରରେ କମ୍ପାନୀର ଦୈନିକ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ହେଉଥିବାବେଳେ ୨ଦିନରେ କ୍ଷତିର ପରିମାଣ ୧୨ କୋଟିରେ ପହଞ୍ଚିଛି ବୋଲି ପ୍ରବନ୍ଧକ ଅନିଲ କୁମାର ସିଂହ କହିଛନ୍ତି। ଆଜିର ଏହି ବନ୍ଦରେ ଶ୍ରମିକନେତା ଅଜୟ ବିଶ୍ୱାଳ, ରବୀନ୍ଦ୍ର ପ୍ରସାଦ, ଗୋପାଳ ଦୁବେ, ବୁଲୁ ପାଣିଗ୍ରାହୀ, ରାଜେନ୍ଦ୍ର ପ୍ରଧାନ, ଭୀମ ମହାନ୍ତି, ବିବି ରାମ, ବିଜୟ ଭୋଇ, କେ.ପି. ଜେନା, ଏସ୍.ଏଲ୍. ଟାର୍ଜନ୍, ମହେଶ୍ୱର ମହନ୍ତ, ସୁଜିତ ଝା, ବିଜୟ ଦାସ, ମୃତ୍ୟୁଞ୍ଜୟ ମୁଦୁଲି ପ୍ରମୁଖ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ।

### ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ଲଖନପୁର,୨୪।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଭଅଁରଖୋଲ ପଞ୍ଚାୟତ ଅଧୀନ ଠେବରା ଗ୍ରାମର ସୁରେନ ମୁଣ୍ଡାଙ୍କ ସ୍ତ୍ରୀ ଜୟସେନୀ(୪୦)ଙ୍କ ମଙ୍ଗଳବାର ବଜ୍ରପାତରେ ମୃତ୍ୟୁ ହୋଇଛି। ସୂଚନାନୁସାରେ ଜୟସେନୀ ମଧ୍ୟାହ୍ନ ୨ଟା୨୦ରେ ଗାଁ ପୋଖରୀରୁ ଗାଧୋଇ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଏଥିରେ ତାଙ୍କ ମୁଣ୍ଡବାଳ ପୋଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ଏଥିରେ ଜୟସେନୀଙ୍କ ସହିତ ଗ୍ରାମର ସୂର୍ଯ୍ୟକାନ୍ତି ମୁଣ୍ଡା ମଧ ସାମାନ୍ୟ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜୟସେନୀଙ୍କୁ ଗୁରୁତର ଅବସ୍ଥାରେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜୟସେନୀଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଲଖନପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଝାରସୁଗୁଡ଼ା ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ୍ ଏନେଇ ଲଖନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମୃତ ମହିଳାଙ୍କ ୨ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ଘଟଣାର ତଦନ୍ତ କରି ଜିଲା ପ୍ରଶାସନ ତୁରନ୍ତ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

■ ଗୁରୁ ନାନକଙ୍କ ୫୫୦ ତମ ଜନ୍ମ ଶତବାର୍ଷିକୀ ଶୋଭାଯାତ୍ରା

# ସର୍ବଧର୍ମ ସମନ୍ୱୟରେ ଗୁରୁଗ୍ରନ୍ଥ ସାହିବଙ୍କ ରଥକୁ ସ୍ୱାଗତ



ଶିଖ୍ ମହିଳାମାନେ ଝାଡୁ ମାରି ଗୁରୁଗ୍ରନ୍ଥ ସାହିବଙ୍କ ଚଲାପଥ ପରିଷ୍କାର କରୁଛନ୍ତି।

ବେଲପାହାଡ଼,୨୪।୯ (ଡ଼ି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଶିଖ୍ ସମ୍ପ୍ରଦାୟର ଧର୍ମଗୁରୁ ଶ୍ରୀଗୁରୁ ନାନକଦେବଙ୍କ ୫୫୦ ତମ ଜନ୍ମ ଶତବାର୍ଷିକୀ ଅବସରରେ ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରାରେ ବିଭିନ୍ନ ଧର୍ମର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ବ୍ରଜରାଜନଗରରୁ ବାହାରିଥିବା ଗୁରୁଗ୍ରନ୍ଥ ସାହିବଙ୍କ ସୁସଜ୍ଜିତ ରଥ ବେଲପାହାଡ଼ରେ ପହଞ୍ଚି ଥିଲା। ପୌର କାର୍ଯ୍ୟାଳୟ ନିକଟରେ ଅପେକ୍ଷାରତ ଶିଖ୍ ସମାଜ, ସିନ୍ଧି ସମାଜ, ମାରୱାଡ଼ି ସମାଜ ଓ ମୁସଲିମ ସମାଜର ଲୋକେ ଗୁରୁଗ୍ରନ୍ଥ ସାହିବଙ୍କ ରଥକୁ ସ୍ୱାଗତ କରିଥିଲେ। ପୌରପରିଷଦ ପକ୍ଷରୁ ଅଧ୍ୟକ୍ଷ ପର୍ଶୁରାମ ସାହୁ ଗୁରୁଗ୍ରନ୍ଥ ସାହିବଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶୋଭାଯାତ୍ରା ଗୁରୁଦ୍ୱାରା ଅଭିମୁଖେ ବାହାରିଥିଲା। ଶୋଭାଯାତ୍ରା ସମ୍ମୁଖରେ ଧର୍ମ ଓ ମାନବିକତା ରକ୍ଷା ପାଇଁ ଜୀବନ ଉତ୍ସର୍ଗିତ କରିଥିବା ଗୁରୁ ଗୋବିନ୍ଦସିଂଙ୍କ ପଞ୍ଚପ୍ୟାରେ(ପାଞ୍ଚଶିଷ୍ୟ) ହାତରେ ଖଣ୍ଡା ଧରି ଚାଲୁଥିଲେ। ତାଙ୍କ ସମ୍ମୁଖରେ ଶିଖ୍ ଯୁବକମାନେ ବାଜା ବଜାଇ ଓ ବିଭିନ୍ନ ପ୍ରକାର କଳାକୌଶଳ ପ୍ରଦର୍ଶନ କରୁଥିଲେ। ସବା ଆଗରେ ଶତାଧିକ ଶିଖ୍ ମହିଳା ରାସ୍ତାରେ ଝାଡୁ ଲଗାଇ ପବିତ୍ର ଗୁରୁଗ୍ରନ୍ଥ ସାହିବଙ୍କ ଚଲାପଥକୁ ପରିଷ୍କାର କରୁଥିଲେ। ଶୋଭାଯାତ୍ରା ଗୁରୁଦ୍ୱାରା ପହଞ୍ଚିଲା ପରେ ସେଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଲଙ୍ଗର (ସାମୂହିକ ଭୋଜନ)ର ବ୍ୟବସ୍ଥା ହୋଇଥିଲା। ଏଥିରେ ଗୁରୁଦ୍ୱାରା କମିଟି ପକ୍ଷରୁ ଅମ୍ରିକ ସିଂ, ଗୁରୁନାମ ସିଂ, ସତନାମ ସିଂ, ଜଗଜିତ ସିଂ, ଅବତାର ସିଂ, ଶୁକଦେବ ସିଂ, ରାଜନ ସିଂ, ଦଲବିର ସିଂ, ସିକନ୍ଦର ସିଂ ଓ ଗୁରୁନାମ ସିଂଙ୍କ ସମେତ ଶିଖ୍ ସମାଜର ଶତାଧିକ ମହିଳା ଓ ପୁରୁଷ କରସେବା ନିର୍ବାହ କରିଥିଲେ। ଶୋଭାଯାତ୍ରାକୁ ସଫଳ କରିଥିବାରୁ ବେଲପାହାଡ଼ ଗୁରୁଦ୍ୱାରା କମିଟି ସଭାପତି ଅମ୍ରିକ ସିଂ ଭ୍ରାତୃଭାବ ପ୍ରଦର୍ଶନ କରିଥିବା ବିଭିନ୍ନ ସମାଜ ଓ ଅନୁଷ୍ଠାନକୁ ଧନ୍ୟବାଦ ଜଣାଇଛନ୍ତି। ଶୋଭାଯାତ୍ରା ଆୟୋଜନରେ ଯୋଗଦାନ ଦେଇଥିବା ଅମୃତସରର ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି, ସମ୍ବଲପୁର ଗୁରୁଦ୍ୱାରା କମିଟି, ଝାରସୁଗୁଡ଼ା ଗୁରୁଦ୍ୱାରା କମିଟି ଓ ବ୍ରଜରାଜନଗର ଗୁରୁଦ୍ୱାରା କମିଟି ପ୍ରତି ଧନ୍ୟବାଦ ଜ୍ଞାପନ କରିଛନ୍ତି।



ଟୋଲ୍ ଫି ଆଦାୟ ବେଳେ ଟ୍ରକ୍‌ଗୁଡ଼ିକ ଉଭୟ ପାର୍ଶ୍ୱରେ ଛିଡ଼ା ହୋଇଛି।

### ଟୋଲ୍ ଫି ଆଦାୟ କଲା ପ୍ରଶାସନ

ବ୍ରଜରାଜନଗର, ୨୪।୯ (ଡି.ଏନ୍.ଏ.)

ଦୀର୍ଘଦିନର ବାଦବିବାଦ ପରେ ମଙ୍ଗଳବାରଠାରୁ ବହୁ ପ୍ରତୀକ୍ଷିତ ଟୋଲ୍ ଫି ଆଦାୟ ଆରମ୍ଭ ହୋଇଛି। ନୂଆଡ଼ିହିଠାରେ ଟୋଲ ଗେଟରୁ ପରୀକ୍ଷାମୂଳକ ଭାବେ ଟୋଲ୍ ଫି ଆଦାୟ କରାଯାଉଥିବା ପ୍ରଶାସନ ତରଫରୁ କୁହାଯାଇଛି। ଆଧୁନିକ ଓଡି ୨୩ ନମ୍ବର ଗାଡ଼ିଗୁଡ଼ିକ ମଧ୍ୟରେ ଚାରିଚକିଆ ଗାଡ଼ି, ଲୋକାଲ ବସ୍‌ରୁ ଟୋଲ ଆଦାୟ କରାଯିବ ନାହିଁ। କୋଇଲା ଗାଡ଼ିରୁ ଟୋଲ୍ ଆଦାୟ ବେଳେ ଗେଟ୍‌ର ଉଭୟ ପାର୍ଶ୍ୱରେ ଟ୍ରକ୍‌ଗୁଡ଼ିକ ଲମ୍ବା ଲାଇନରେ ଛିଡ଼ାହୋଇଥିଲେ।

ଇବ୍ ଥର୍ମାଲ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ଅଭିଯୋଗ ଶୁଣାଣି

# ପ୍ରଥମ ଦିନରେ ୮ ଜଣଙ୍କ ଶୁଣାଣି କଲା ପ୍ରଶାସନ

ଲଖନପୁର,୨୪।୯(ଡି.ଏନ୍.ଏ.)

ଓପଜିସିର ବନହରପାଲିସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହୋଇଥିବା କେତେକ ଲୋକ ଦୀର୍ଘ ୩୦ ବର୍ଷ ହେଲା କମ୍ପାନୀରୁ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଇବ୍ ଥର୍ମାଲ ସଂଗ୍ରାମ ସମିତି ଜରିଆରେ ଲୋକେ ନିଜର ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅଭିଯୋଗକୁ ଭିତ୍ତି କରି ଜିଲା ପ୍ରଶାସନ ୩୪ ଜଣ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ଅଭିଯୋଗ ଶୁଣାଣି କରିବା ପାଇଁ ନୋଟିସ୍ ଜାରି କରିଥିଲା। ଏହି ଅଭିଯୋଗ ଶୁଣାଣି ସେପ୍ଟେମ୍ବର ୨୪ରୁ ୨୭ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି।

ପୂର୍ବ ସୂଚନା ମତେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ପ୍ରଥମ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ଉପଜିଲାପାଳ ଶିବ ଟପ୍ପୋ ଅଭିଯୋଗ ଶୁଣାଣି କରିଥିଲେ । ପ୍ରଥମ ଦିନରେ ଜେମା ଭଇଁସାଲ, ପ୍ରକାଶ ପାଣ୍ଡେ, ଧ୍ରୁବ ପାଣ୍ଡେ, ଦିଲୀପ ସେଠ୍, ସୁରେନ୍ଦ୍ର ବଗାର, ରଜନୀ କୁମୁରା, ଆଶା ସା, ଅଷ୍ଟମୀ କାଲୋ ପ୍ରମୁଖ ୮ଜଣ ଅଭିଯୋଗକାରୀ ରହିଥିଲେ । ଏହି ଅଭିଯୋଗକାରୀମାନେ ନିଜ ନିଜ ସମସ୍ୟା ସମ୍ପର୍କରେ ବ୍ୟକ୍ତିଗତ ଭାବେ ପୂର୍ବରୁ ଉପଜିଲାପାଳଙ୍କ ନିକଟରେ ଜଣାଇଥିଲେ । ଏହାକୁ ନେଇ ଉପଜିଲାପାଳ ଟପ୍ପୋ ତାଙ୍କ କାର୍ଯ୍ୟାଳୟରେ ଶୁଣାଣି କରିଥିଲେ। ଏଥିରେ କମ୍ପାନୀ କର୍ତ୍ତୃପକ୍ଷ ଓ ସଂଗ୍ରାମ ସମିତି ସଭାପତି ଲକ୍ଷ୍ମଣ ପ୍ରଧାନ, ଉପସଭାପତି ବାସୁଦେବ ଭୋଇ, ଯୋଗେନ୍ଦ୍ର ମାଝି, ରବୀନ୍ଦ୍ର ବାରିକ ପ୍ରମୁଖ ରହିଥିଲେ। ଜିଲା ପ୍ରଶାସନ ନିକଟରେ ଲୋକେ ସେମାନଙ୍କ ଅଭିଯୋଗ ରଖିଥିଲେ। ଅଭିଯୋଗକୁ ନେଇ ଜିଲା ପ୍ରଶାସନ ଶୁଣାଣି କରିଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ସନ୍ତୋଷଜନକ ଉତ୍ତର ରଖିପାରି ନ ଥିଲେ। ଫଳରେ ଉପଜିଲାପାଳ ଟପ୍ପୋ ଅସନ୍ତୋଷ ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଏହି ୮ଜଣଙ୍କ ଅଭିଯୋଗକୁ ପୁନର୍ବାର ଶୁଣାଣି କରାଯିବ ବୋଲି କହିଥିଲେ। ଏଥିରେ କମ୍ପାନୀ ସେମାନଙ୍କର ପକ୍ଷ ରଖିବେ ବୋଲି ଉପଜିଲାପାଳ ଟପ୍ପୋ କହିଛନ୍ତି।



ଉପଜିଲାପାଳ ଶିବ ଟପ୍ପୋ ଅଭିଯୋଗ ଶୁଣାଣି କରୁଛନ୍ତି।

■ ଏନ୍‌ଏସ୍‌ଏସ୍ ଦିବସ ପାଳିତ

# ଗ୍ରାମବାସୀଙ୍କୁ ସଚେତନ କଲେ ଛାତ୍ରୀଛାତ୍ର

ଲଇକେରା, ୨୪।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପୂର୍ବରୁ ଛାତ୍ରୀଛାତ୍ରମାନେ ଏକ ରାଲିରେ ବାହାରି ସ୍ୱଚ୍ଛତା ଉପରେ ସଚେତନ କରିବା ସହିତ ପଲିଥିନ୍ ବର୍ଜନ ପାଇଁ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟର ଅଧକ୍ଷ ଦିଲୀପ କୁମାର ପଟେଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସେ ସ୍ୱଚ୍ଛତା, ଏନ୍‌ଏସ୍‌ଏସ୍ ଦିବସର ଉଦ୍ଦେଶ୍ୟ ଓ ମାସବ୍ୟାପି ହେଉଥିବା ପୋଷଣ ଅଭିଯାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ସଭାରେ ଅଧ୍ୟାପକ ଅଶୋକ କୁମାର ପଟେଲ, କମଳ ଲୋଚନ ଦାଶ, ସୁଶାନ୍ତ କୁମାର ରଥ, ପ୍ରବିଣ କୁମାର ନାଏକ, କୁନା ବାଗ, ଅଧ୍ୟାପିକା ସୁପ୍ରଭା ନାଏକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରସନ୍ନ କୁମାର ଷଣ୍ଢ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରୁଦ୍ରାକ୍ଷ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।




ଏନ୍‌ଏସ୍‌ଏସ୍ ଦିବସ ଉପଲକ୍ଷେ ଅନୁଷ୍ଠିତ ସଭା।

■ ଶ୍ରମିକ ସଂଘର ଆନ୍ଦୋଳନ, କୋଇଲା ଉତ୍ପାଦନ ଠପ୍

# ବ୍ରଜରାଜନଗର ଖଣିରେ ୩ କୋଟି ରାଜସ୍ୱ ହାନି

ବ୍ରଜରାଜନଗର, ୨୪।୯ (ଡି.ଏନ୍.ଏ)

ଝାରସୁଗୁଡ଼ା ଜିଲାରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଚବିଶ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହାଦ୍ୱାରା ସମଲେଶ୍ୱରୀ, ଲଜକୁରା, ବୁନ୍ଦିଆ ଓ ୯ ନମ୍ବର ଖଣିରୁ ପ୍ରାୟ ୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଜସ୍ୱ ହାନି ହୋଇଛି। ଶ୍ରମିକ ସଂଗଠନର ବନ୍ଦ ଡାକରା ଫଳରେ ସମସ୍ତ ଖଣିର ଉତ୍ପାଦନ ଓ ପରିବହନ ପ୍ରଭାବିତ ହୋଇଛି।

ସୂଚନା ଅନୁଯାୟୀ ସମଲେଶ୍ୱରୀ ଖୋଲାମୁହଁ ଖଣିରୁ ଦୈନିକ ୭ ହଜାର ଟନ୍, ଲଜକୁରା ୧୮ ହଜାର, ବୁନ୍ଦିଆ ଖଣିରୁ ୨ ହଜାର, ଓରିଏଣ୍ଟ କ୍ଷେତ୍ର ଅଧୀନରେ ଥିବା ୨, ୩ ଓ ୯ ନମ୍ବର ଭୂଗର୍ଭ ଖଣିରୁ ୫ ହଜାର ଟନ୍ କୋଇଲା ଉତ୍ପାଦନ ହୋଇଥାଏ। ଏହା ସହିତ ଓବିମାଲ ମଧ୍ୟ ଉତ୍ପାଦନ କରାଯାଇ ଥାଏ। ଏହି କୋଇଲା ଟ୍ରକ୍ ଓ ରେଳ ଯୋଗେ ପରିବହନ କରାଯାଇଥାଏ। ଶ୍ରମିକ ସଂଗଠନଗୁଡ଼ିକର ଅଭିଯୋଗ ହେଲା, କେନ୍ଦ୍ର ସରକାର କୋଇଲା ଉତ୍ପାଦନ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶର ଲକ୍ଷ୍ୟ ରଖି ଘରୋଇ କରଣ ପାଇଁ ଉଦ୍ୟମ ଚଳାଇଛନ୍ତି। ଏଥିରୁ କେନ୍ଦ୍ର ସରକାର ତୁରନ୍ତ ଓହରି ଯାଆନ୍ତୁ ବୋଲି ଦାବି କରି ଶ୍ରମିକ ସଂଗଠନଗୁଡ଼ିକ ବନ୍ଦ ଡାକରା ଦେଇଛନ୍ତି। କୋଇଲା ଉତ୍ପାଦନ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ କିମ୍ବା ଘରୋଇକରଣ କରାଗଲେ ଭାରତରେ ବିଭିନ୍ନ କୋଇଲା କ୍ଷେତ୍ରରେ କାମ କରୁଥିବା ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ରୋଜଗାରରେ ବାଧା ଉପୁଜିବ। କୋଇଲା କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ ହେଲେ ସେମାନେ କୋଇଲାର ଦରଦାମ୍ ନିୟନ୍ତ୍ରଣ କରିବେ। ତାଙ୍କ ଇଚ୍ଛାନୁସାରେ ବଜାରରେ ଚଢ଼ାଦରରେ କୋଇଲା ବିକ୍ରି ହେବ। ଥରେ କୋଇଲା କ୍ଷେତ୍ର ସରକାରଙ୍କ ହାତରୁ ଚାଲିଗଲେ ଦେଶରେ କୋଇଲାରୁ ଉତ୍ପାଦିତ ସମସ୍ତ ସାମଗ୍ରୀର ମୂଲ୍ୟ ବଢ଼ିବାରେ ଲାଗିବ। ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ଦେଖା ଦେବ। ମଙ୍ଗଳବାର ଆନ୍ଦୋଳନରେ ଏଚ୍‌ଏମ୍‌ଏସ୍, ଆଇଏନ୍‌ଟିୟୁସି, ସି-୨ ଓ ଏଆଇଟିୟୁସି ଶ୍ରମିକ ସଂଗଠନର ନେତାମାନେ ସାମିଲ ଥିଲେ। ସଂଗଠନର କର୍ମକର୍ତ୍ତାମାନେ ପ୍ରଥମେ ବିଭିନ୍ନ ଖଣି ଅଞ୍ଚଳ ବୁଲି ଉତ୍ପାଦନ ଓ ପରିବହନକୁ ବନ୍ଦ କରିଥିଲେ। ପରେ ଇବ୍ କ୍ଷେତ୍ର ଓ ଓରିଏଣ୍ଟ କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଉଭୟ କାର୍ଯ୍ୟାଳୟ ବନ୍ଦ କରି ଦିଆଯାଇଥିଲା। ଏହି ୪ ଗୋଟି ଶ୍ରମିକ ସଂଗଠନର ନେତାମାନେ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛନ୍ତି। ହେଲେ ବିଏମ୍‌ଏସ୍ ୫ ଦିନିଆ ବନ୍ଦ ଡାକରା ଦେଇଛି। ଏହି ସଂଗଠନ ସୋମବାର ଲଖନପୁର ଅଞ୍ଚଳରେ ବନ୍ଦ କରିଥିଲା। ଏହାର ପ୍ରଭାବ ବ୍ରଜରାଜନଗର ଅଞ୍ଚଳର କୌଣସି ଖଣି ଉପରେ ପଡିନଥିଲା। ଆସନ୍ତା ବୁଧବାର ସକାଳ ୬ଟାରେ ଉତ୍ପାଦନ ଓ ପରିବହନ ସ୍ୱାଭାବିକ ହେବ ବୋଲି ୪ ଗୋଟି ଶ୍ରମିକ ସଂଗଠନ ପକ୍ଷରୁ ଘୋଷଣା କରାଯାଇଛି।




ଟ୍ରେଡ୍ ୟୁନିୟନ୍ କର୍ମକର୍ତ୍ତା ସମବେତ ହୋଇ ବନ୍ଦ ପାଳନ କରୁଛନ୍ତି।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



## ସଂକ୍ଷେପରେ

### ମନ୍ତ୍ରୀ ପ୍ରତାପ ଜେନାଙ୍କୁ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦାବିପତ୍ର

**ଲହଣୀପଡା, ୨୪।୯ (ଡି.ଏନ.ଏ)** ପଞ୍ଚାୟତରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଲହଣୀପଡା ବ୍ଲକ ଗସ୍ତ ସମୟରେ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏମାନେ ମଜୁରିଆଠାରୁ ବି କମ୍ ପାରିଶ୍ରମିକ ପାଉଛନ୍ତି। ଏହାଦ୍ୱାରା ପରିବାର ପ୍ରତିପୋଷଣ ବହୁ କଷ୍ଟ ହେଉଛି। ପିଲାମାନଙ୍କୁ ପାଠ ପଢ଼ାଇବାରେ ମଧ ଏମାନେ ଅସମର୍ଥ । ଅଭିଯୋଗ କଲେ ମଧ ଏମାନଙ୍କ କଥା କେହି ବିଚାରକୁ ନେଉନାହାନ୍ତି ବୋଲି ଦୁର୍ଯ୍ୟୋଧନ କାଲୋ, ନିଳକେତନ ମାହାନ୍ତ, ଲାଲମୋହନ ମହାକୁଡ, ସତୀଶ ସିଂ, ଲଛମନ ମାହାନ୍ତ, ହେମନ୍ତି ମାହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି।

### ଲହଣୀପଡା କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଲହଣୀପଡା, ୨୪।୯ (ଡି.ଏନ.ଏ)** ଲହଣୀପଡା ମହାବିଦ୍ୟାଳୟରେ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ହୃଷିକେଶ ମାହାନ୍ତ ଅଧକ୍ଷତା କରିଥିଲେ। ଅଧାପକ ପ୍ରସନ୍ନ କୁମାର ପ୍ରଧାନ, ଚୁଡାମଣୀ ସାହୁ, ମୀନା ମହାନ୍ତ, ବରିଷ୍ଠ କିରାଣି ହରିହର ମାହାନ୍ତ ଉପସ୍ଥିତ ରହି ନବାଗତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଅଧାପକ ନିହାରରଞ୍ଜନ ମାହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ତୃତୀୟ ବର୍ଷର ଛାତ୍ରୀ କଳ୍ପନା କିଶାନ ଧନ୍ୟବାଦ ପ୍ରଦାନ କରିଥିଲେ।

### ବାଇକ୍‌ରୁ ପଡ଼ି ଯୁବକ ମୃତ

**ବାଲିଶଙ୍କରା, ୨୪।୯ (ଡି.ଏନ.ଏ)** କିଞ୍ଜିରକେଲା ଥାନା ଅନ୍ତର୍ଗତ ବେହେରାଡିହି ପଞ୍ଚାୟତ କେନ୍ଦାଯୋର ଗ୍ରାମର ନବୀନ ଖାଖା ନାମକ ଯୁବକଙ୍କ ବାଇକରୁ ପଡି ମୃତ୍ୟୁ ଘଟିଛି। ସେ ତିଲେଇକାନୀସ୍ଥିତ ସମୁଦି ଘରୁ ଫେରିବା ସମୟରେ ଭାରସାମ୍ୟ ହରାଇ ପଡିଯାଇଥିଲେ । ସ୍ଥାନୀୟ ଗ୍ରାମବାସୀ କିଞ୍ଜିରକେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ମୃତ ଘୋଷଣା କଲେ । ଖବର ପାଇ କିଞ୍ଜିରକେଲା ପୋଲିସ ମୃତଦେହକୁ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଡିଓଙ୍କ ବିରୋଧରେ କର୍ମଚାରୀ ଜିଲା ପ୍ରଶାସନର ଦ୍ୱାରସ୍ଥ

**ଲେଫ୍ରିପଡା,୨୪।୯(ଡି.ଏନ.ଏ.)** ଲେଫ୍ରିପଡା ବିଡିଓ ପଲ୍ଲବୀ ରାଣୀ ରାଜ୍‌ଙ୍କ ବିରୋଧରେ ବ୍ଲକ୍ ଏବଂ ପଞ୍ଚାୟତ କର୍ମଚାରୀମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜିଆରଏସ୍, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବ୍ଲକ୍ କର୍ମଚାରୀଙ୍କୁ ନିୟମିତ ହଇରାଣ କରିବା, ରାତି ପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ କରିବା, ଗାଳିଗୁଲଜ ଦେବା, ଦରମା ବନ୍ଦ୍ ଧମକ ଦେବା, ଜାତିଆଣ ଆକ୍ଷେପ କରିବା ଇତ୍ୟାଦି ତାଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ବ୍ଲକ୍ ଅଧକ୍ଷା କାମିନୀ କାଲୋଙ୍କୁ ମଧ କର୍ମଚାରୀ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ବିଡିଓ ପଲ୍ଲବୀ ରାଣୀ ରାଜ୍ କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଗିଦ୍ କରାଯାଉଛି।

■ ସାହାଜବାହାଲ ପଞ୍ଚାୟତ

# ମୃତ ହିତାଧିକାରୀଙ୍କ ନାଁରେ ୨ବର୍ଷ ପର୍ଯ୍ୟନ୍ତ ଭତ୍ତା ଉଠାଣ

**ବଡଗାଁ, ୨୪।୯ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ପଞ୍ଚାୟତ ଅଞ୍ଚଳର ୧୮ରୁ ଊର୍ଦ୍ଧ୍ୱ ମୃତ ହିତାଧିକାରୀଙ୍କ ନାଁରେ ୨ବର୍ଷ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ, ବିଧବା ଭତ୍ତା ଉଠାଣ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ତାଙ୍କ ନାମ ତାଲିକାରୁ କଟାଯାଇଥାଏ। କିନ୍ତୁ ଏହି ପଞ୍ଚାୟତରେ ମୃତ ହିତାଧିକାରୀଙ୍କ ନାମ ତାଲିକାରୁ ନ କାଟି ଟଙ୍କା ଉଠାଣ ହୋଇ ଆସୁଛି। ଅନୁସନ୍ଧାନରୁ ଜଣାପଡିଛି ଯେ, ଶଙ୍କରାପୋଷ ଗ୍ରାମର ଚିତ୍ରମଣୀ ପରୁଆଙ୍କ ସ୍ତ୍ରୀ ପାନିବୁଡି ପରୁଆଙ୍କ ୨୦୧୭ ଡିସେମ୍ବର ୨୦ ତାରିଖ ମୃତ୍ୟୁ ହୋଇଥିଲା। ତାଙ୍କ ନାମ ତାଲିକାରୁ ନ କାଟି ୨୦୧୯ ଫେବୃୟାରୀ ପର୍ଯ୍ୟନ୍ତ ଭତ୍ତା ଉଠାଣ କରାଯାଇଛି। ଏହି ଗ୍ରାମର ବିଷ୍ଣୁ ପ୍ରସାଦଙ୍କ ୨ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା ବେଳେ ଆସମତୀ ମାଝୀଙ୍କ ମଧ ୨ବର୍ଷ ପୂର୍ବେ ମୃତ୍ୟୁ ଘଟିଛି। ହେଲେ ଚଳିତ ବର୍ଷ ଫେବୃୟାରୀ ମାସ ପର୍ଯ୍ୟନ୍ତ ଉଭୟଙ୍କ ଭତ୍ତା ଉଠାଣ କରାଯାଇଛି। ସେହିପରି ସାହାଜବାହାଲ ଗ୍ରାମର ସ୍ୱର୍ଗତ ଦୁବରାଜ ପରୁଆଙ୍କ ସ୍ତ୍ରୀ ସୁମତିଙ୍କ ୨୦୧୭ ଅଗଷ୍ଟ ୧୪ ତାରିଖ, ଦାନିଏଲ ଟପ୍ପୋଙ୍କ ୨୦୧୮ ସେପ୍ଟେମ୍ବର ୯, କୁଲିଆସ ଟେଟେଙ୍କ ସ୍ତ୍ରୀ ତାରସିଲାଙ୍କ ୨୦୧୮ ଡିସେମ୍ବର ୨୮, ଦୁଆନ ନାଏକଙ୍କ ୨୦୧୮ ଅକ୍ଟୋବର ୮ ତାରିଖ, ସାହାଜବାହାଲ ବିରଙ୍ଗାପଡାର ଫିଲିପ୍ ସୁରେନଙ୍କ ୨୦୧୭ ମାର୍ଚ୍ଚରେ ମୃତ୍ୟୁ ଘଟିଥିଲେ ମଧ ଚଳିତ ବର୍ଷ ଫେବୃୟାରୀ ମାସ ପର୍ଯ୍ୟନ୍ତ ଏମାନଙ୍କ ନାମରେ ଭତ୍ତା ଉଠିଛି। ସାହାଜବାହାଲ ଗ୍ରାମର ଚାହାବତୀ କୁସୁମଙ୍କ ୨୦୧୮ ଜାନୁୟାରୀରେ ମୃତ୍ୟୁ ହୋଇଥିଲେ ମଧ ୭ ମାସ ଉଠାଣ ପରେ ସେପ୍ଟେମ୍ବର ମାସରେ ତାଙ୍କ ନାଁ ତାଲିକାରୁ କଟାଯାଇଛି। ଜ୍ଞାନଚନ୍ଦ୍ର ବରୁଆଙ୍କ ୨୦୧୮ ଜାନୁୟାରୀ ୨୬ ତାରିଖ ମୃତ୍ୟୁ ଘଟିଥିଲା । ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ତାଙ୍କ ଭତ୍ତା ଉଠାଣ ପରେ ନାମ କଟାଯାଇଛି। ଉଷାରାଣୀ ଦାସଙ୍କ ୨୦୧୭ ଅଗଷ୍ଟ ୬ ତାରିଖ ମୃତ୍ୟୁ ଘଟିଥିଲା। ୨୦୧୮ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୧୩ ମାସ ଭତ୍ତା ଉଠାଣ କରାଯାଇଥିଲା ବେଳେ ଚିନ୍ତାମଣୀ ନାଏକଙ୍କ ମୃତ୍ୟୁର ୪ମାସ ପରେ ତାଙ୍କ ନାଁ ତାଲିକାରୁ ଅନ୍ତର କରାଯାଇଛି। ଏମାନଙ୍କ ଭଳି ସେନ୍ଦରିଟାଙ୍ଗର ଗ୍ରାମର ମସମତୀ ଡେଲକି, ହେମ ଡେଲକି, ମଚାମରା ଗ୍ରାମର ଯୋଶେଫ ବାର୍ଲା, ମୋରିସ ବାର୍ଲାଙ୍କ ନାମ ବର୍ଷେ ପରେ ତାଲିକାରୁ କଟାଯାଇଛି। ତେବେ ୨ ବର୍ଷ ପର୍ଯ୍ୟନ୍ତ ମୃତ ହିତାଧିକାରୀଙ୍କ ନାମ ତାଲିକାରୁ କଟା ନ ଯାଇ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେଲେ ଆବେଦନ କରିଥିବା ହିତାଧିକାରୀ ଭତ୍ତା ପାଇବାକୁ ସାମିଲ ହୋଇଥାନ୍ତି। କିନ୍ତୁ ମୃତ ହିତାଧିକାରୀଙ୍କ ନାମ କଟା ଯାଉ ନ ଥିବାରୁ ଆବେଦନ କରିଥିଲେ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଅଙ୍ଗନୱାଡି, ଆଶାକର୍ମୀମାନେ ମୃତ୍ୟୁ ଘଟୁଥିବା ବ୍ୟକ୍ତିଙ୍କ ରିପୋର୍ଟ ଡାକ୍ତରଖାନାରେ ଦେଇଥାନ୍ତି। ଏହାର ଏକ ନକଲ ପଞ୍ଚାୟତରେ ଦେବାର ବ୍ୟବସ୍ଥା କଲେ ମୃତ୍ୟୁ ଘଟୁଥିବା ହିତାଧିକାରୀଙ୍କ ନାମ ସେଇ ମାସ ତାଲିକାରୁ କଟା ଯାଇପାରିବ। ଏହି ଦୁର୍ନୀତି ଉପରେ ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋଙ୍କୁ ପଚାରିବାରୁ କେତେକ ମୃତ ହିତାଧିକାରୀଙ୍କ ନାଁରେ ଆସିଥିବା ଭତ୍ତା ଟଙ୍କା ଉଠାଣ ହୋଇଥିବା ସ୍ୱୀକାର କରିଛନ୍ତି। କେତେକ ମୃତ ହିତାଧିକାରୀଙ୍କ ପରିବାର ଲୋକେ ହିଁ ଟଙ୍କା ଉଠାଇଥିବା ସେ କହିଛନ୍ତି।



ସୁନ୍ଦରଗଡ଼ କଳାକାର ମଞ୍ଚର ନୂଆଁଖାଇ ଭେଟଘାଟରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

■ ସୁନ୍ଦରଗଡ଼ କଳାକାର ମଞ୍ଚର ନୂଆଁଖାଇ ଭେଟଘାଟ

## ନାଚଗୀତରେ ଦୁଲୁକିଲା ସିଭିକ ସେଣ୍ଟର

**ସୁନ୍ଦରଗଡ,୨୪।୯(ଡି.ଏନ୍.ଏ.)**

ସ୍ଥାନୀୟ ସିଭିକ ସେଣ୍ଟର (ମାଦ୍ରିକାଲୋ ଭବନ)ରେ ସୁନ୍ଦରଗଡ କଳାକାର ମଞ୍ଚ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧକ୍ଷା ପଦ୍ମିନୀ ଶେଖର ଦେଓ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ସନ୍ତୋଷ ଅମାତ, ହାସ୍ୟ କବି ଦୁର୍ଗା ମାଧବ ପଣ୍ଡା, ରଞ୍ଜୁ ଠାକୁର, ଗୋପାଳ ପୃଷେଠ, ଭୂପେନ୍ ଅମାତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଆବାହକ ରୋଶନ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଦୀପ ଦତ୍ତ, ଭାରତ ଗୌରବ ଦାଶ, କେଦାର ପଟେଲ, ହାସ୍ୟ କଳାକାର ଯୋଗେଶ ଯୋଯୋ, ଚୁଲବୁଲି ହୋତା, ତରୁଣ କୁମାର, ଧୀରେନ ମହାକୁଳ, ସୁନୀତା ସରାଫ ପ୍ରମୁଖ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରିୟଙ୍କା ଜେନା, ମନୋଜ ସାହୁ, କବିତା ସାହୁ, ବିବେକ ନାଏକ, ପୂଜା ପଟେଲ, ଲିପ୍‌ସା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା ମୁଖ୍ୟ ଡାକ୍ତରଖାନାରେ ଡାଇଲିସିସ୍ ସେବା ମିଳୁନି

**ସୁନ୍ଦରଗଡ, ୨୪।୯ (ଡି.ଏନ୍.ଏ.)**

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୦୧୮ରେ କିଡନୀ ରୋଗୀଙ୍କ ପାଇଁ ଡାଇଲିସିସ ସେବା ଆରମ୍ଭ ହୋଇଛି। ହେଲେ ଠିକ ଭାବେ ଏହା ଉପଲବ୍ଧ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଡାଏଲିସିସ କେନ୍ଦ୍ରରେ ଆନୁସଙ୍ଗିକ ସୁବିଧା, ସୁଯୋଗ ଅଭାବରୁ ଏଠାକୁ ଆସୁଥିବା ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ମଙ୍ଗଳବାର ପୂର୍ବତନ କାଉନସିଲର ଡା ହିମାଂଶୁ ଶେଖର ଷଡଙ୍ଗୀ ଡାଇଲିସିସ କେନ୍ଦ୍ରକୁ ଯାଇଥିଲେ। ଡାଇଲିସ ସେବା ଅବ୍ୟବସ୍ଥାକୁ ଦେଖି ଏହି କେନ୍ଦ୍ର ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥାର ମ୍ୟାନେଜରଙ୍କ ସହିତ ଆଲୋଚନା କରିଥିଲେ। ତେବେ ଏ ଦିଗରେ ଯଥାଶିଘ୍ର ପଦକ୍ଷେପ ନେବା ପାଇଁ ସେ ଜିଲା ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ, କିଡ୍‌ନୀ ସମସ୍ୟାରେ ପୀଡିତ ରୋଗୀମାନଙ୍କର ଜୀବନ ବଞ୍ଚାଇବା ପାଇଁ ଡାଇଲିସିସ ଗୁରୁତ୍ୱପୂର୍ଣ୍ଣ।

■ ଜିଲା ଫୁଟବଲ ଚମ୍ପିୟନଶିପ୍

## ବୀରମିତ୍ରପୁର ୟଙ୍ଗ ଆସୋସିଏଶନ, ସୁନ୍ଦରଗଡ଼ ଆକ୍ସନ କ୍ଲବ ଫାଇନାଲକୁ ଉନ୍ନୀତ

**ସୁନ୍ଦରଗଡ,୨୪ ।୯ (ଡି.ଏନ୍.ଏ.)**

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ଜିଲା ଫୁଟବଲ ଚମ୍ପିନଶିପ୍‌ର ୧୬ତମ ଦିବସରେ ୨ଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ସନ୍ତୋଷ ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ସେମି ଫାଇନାଲ ମ୍ୟାଚ୍ ୟଙ୍ଗ ଆସୋସିଏଶନ୍ ବୀରମିତ୍ରପୁର ସହିତ ଭବାନୀପୁର ଫୁଟବଲ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୀରମିତ୍ରପୁର ଦଳ ୨-୦ ଗୋଲରେ ଭବାନୀପୁର ଦଳକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ମ୍ୟାଚ୍ ଆକ୍ସନ କ୍ଲବ ସୁନ୍ଦରଗଡ ସହିତ କ୍ରିପଟନ କ୍ଲବ କୁମବାହାଲ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆକ୍ସନ କ୍ଲବ ସୁନ୍ଦରଗଡ ୪-୧ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ବୁଧବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ୧୬ତମ ଦିବସରେ ଅତିଥି ଓ ଆୟୋଜକଙ୍କ ସହ ଖେଳାଳି



ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତ ଅଫିସ ପରିସରରେ ମଙ୍ଗଳବାର ଭୀମଭୋଇ ସାମର୍ଥ ଶିବିରକୁ ଉଦଘାଟନ କରାଯାଉଛି।

■ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର

## ୧୩୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଲା

**ଲହଣୀପଡା, ୨୪।୯ (ଡି.ଏନ.ଏ)**

ଲହଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ପରିସରରେ ମଙ୍ଗଳବାର ଭୀମଭୋଇ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ପଣ୍ଡିତଚରଣ ମୁଣ୍ଡା, ଉପାଧକ୍ଷା ସୁକମତୀ ମାହାନ୍ତ, ଖୁଣ୍ଟଗାଁ ସରପଞ୍ଚ ଅଜୟ କୁମାର ନାଏକ, ତାଳବାହାଲି ସରପଞ୍ଚ ବୁଧୁ ନାଏକ, କୁଲିପୋଷ ସରପଞ୍ଚ ବୈଲୋଚନ ନାଏକ, ଡଲେଇସରା ସରପଞ୍ଚ ବୁଦୁନି ନାଏକ, ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ଏହି ଶିବିରରେ ହଳଦୀକୁଦର, ଡଲେଇସରା, ମହଲପଦା, ଫୁଲଝର ଏବଂ ଖୁଣ୍ଟଗାଁ ପଞ୍ଚାୟତ ଲୋକମାନେ ଯୋଗ ଦେଇଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାର ଡାକ୍ତର କବି ଶତପଥୀଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ୧୩୭ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୬୬ ଜଣ ସାର୍ଟିଫିକେଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ୧୦ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମାହାନ୍ତଙ୍କ ତତ୍ତ୍ୱାବଧାନରେ ସୁପରଭାଇଜର ଅରୁଣା ସାହୁ, ଭାଲେରିଆ ବାଗେ, ଅମରେନ୍ଦ୍ର ସାଣ୍ଡିଲ, ନୃସିଂହଚରଣ ବରାଲ, ଶ୍ରୀକାନ୍ତ ସାହୁପ୍ରମୁଖ ସହଯୋଗ କରିଥିଲେ।

## ୨ରେ ଜିଲାସ୍ତରୀୟ ଶିକ୍ଷା, ଶିକ୍ଷକ ସମ୍ମିଳନୀ

**ସୁନ୍ଦରଗଡ, ୨୪।୯ (ଡି.ଏନ୍.ଏ.)**

ଆସନ୍ତା ୨୮ ତାରିଖ ଶନିବାର ସୁନ୍ଦରଗଡ ସିଭିକ ସେଣ୍ଟରଠାରେ ଜିଲାସ୍ତରୀୟ ଶିକ୍ଷା ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହେବ । ଜିଲା ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଯୋଗଦେବେ ବୋଲି ସଂଘର ସାଧାରଣ ସଂପାଦକ ତଥା ସମ୍ମିଳନୀର ଆବାହକ ଗୋବିନ୍ଦ ଚନ୍ଦ୍ର ସୁଆର ସୂଚନା ଦେଇଛନ୍ତି। ଜିଲାର ୧୭ଟି ବ୍ଲକ, ୪ଟି ପୌରାଞ୍ଚଳର ସମସ୍ତ ବର୍ଗର ଶିକ୍ଷକମାନଙ୍କୁ ନେଇ ଜିଲାରେ ପ୍ରଥମଥର ପାଇଁ ଏଭଳି ସମ୍ମିଳନୀର ଆୟୋଜନ ହେଉଛି। ଏହି ସମ୍ମିଳନୀରେ ଜିଲାପାଳ, ସାଂସଦ, ସମସ୍ତ ବିଧାୟକ, ଜିଲା ପରିଷଦ ଅଧକ୍ଷ ଓ ଶିକ୍ଷା ବିଭାଗର ସମସ୍ତ ଅଧିକାରୀମାନଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିବା ସମ୍ମିଳନୀର ଆବାହକ ସୁଆର ଏକ ପ୍ରେସ୍ ବିବୃତିରେ ସୂଚିତ କରିଛନ୍ତି।

■ ସରଡେଗା ରେଲୱେ ସାଇଡିଂ

## ସମ୍ମତିପତ୍ର, ପ୍ରଦୂଷଣ ନିୟନ୍ତ୍ରଣ ଆଇନ୍ ଉଲ୍ଲଂଘନ

**ସୁନ୍ଦରଗଡ, ୨୪।୯ (ଡି.ଏନ୍.ଏ.)**

ହେମଗିର ବ୍ଲକସ୍ଥିତ ମହାନଦୀ କୋଲଫିଲଡ ଲିମିଟେଡର ବସୁନ୍ଧରା କ୍ଷେତ୍ର ଅନ୍ତର୍ଗତ ସରଡେଗା ରେଲୱେ ସାଇଡିଂରେ ପ୍ରଦୂଷଣ ନିୟନ୍ତ୍ରଣ ଆଇନ୍ ଓ ସମ୍ମତିପତ୍ରର ଉଲଘଂନ ହେଉଛି। ପ୍ରତିଦିନ କୁଲଡା ଖୋଲାମୁହଁ କୋଇଲା ଖଣିରୁ କନିକା ରେଲୱେ ସାଇଡିଂକୁ କୋଇଲା ପରିବହନ ହେଉଛି। ଷ୍ଟକୟାର୍ଡରେ ରଖାଯିବା ପରେ ସେଠାରୁ ରେଳ ଯୋଗେ ଅନ୍ୟ ସ୍ଥାନକୁ ପରିବହନ କରାଯାଉଛି । ୨୦୧୮ ଫେବୃୟାରୀରୁ ଆରମ୍ଭ ହୋଇଥିବା ସରଡେଗା ରେଲୱେ ସାଇଡିଂରେ ସମ୍ମତିପତ୍ରର ଉଲଘଂନ କରାଯାଉଛି। କୋଇଲା ବୋଝେଇ ଓ ଖଲାସ ସମୟରେ କୋଇଲା ଧୂଳିଗୁଣ୍ଡ ଉଡି ପାଖ ବିଦ୍ୟାଳୟ ଘରର ଛାତ, ମଧାହ୍ନ ଭୋଜନ ଓ ଘରର ଆସବାବପତ୍ରରେ କୋଇଲା ଆସ୍ତରଣ ପଡୁଛି । କମ୍ପାନୀ କର୍ତ୍ତୃପକ୍ଷ ସାଇଡିଂ ଆରମ୍ଭ ପୂର୍ବରୁ କରିଥିବା ସମ୍ମତିପତ୍ରର ସର୍ତ୍ତାବଳୀ ପାଳନ କରୁ ନାହାନ୍ତି। ସର୍ତ୍ତାବଳୀ ଅନୁଯାୟୀ କୋଇଲା ଷ୍ଟକୟାର୍ଡ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ୭ମିଟର ଉଚ୍ଚତା ବିଶିଷ୍ଟ ପାଚେରି ନିର୍ମାଣ କରିବା, ପାଚେରିକୁ ଲାଗି ୧୫ମିଟରର ବୃକ୍ଷ ରୋପଣ କରିବା, ସ୍ଥାୟୀ ଜଳସିଞ୍ଚନର ବ୍ୟବସ୍ଥା, ପାଚେରିଠାରୁ କମ୍ ଉଚ୍ଚରେ କୋଇଲା ଷ୍ଟକୟାର୍ଡ ରହିବା, କୋଇଲା ବୋଝେଇ ଓ ଖଲାସ ବେଳେ ଯେମିତି କୋଇଲା ଧୂଳିକଣା ଉଡି ପାରିବ ନାହିଁ ଏବଂ ବାୟୁ ମଣ୍ଡଳ ଓ ଜଳ ଉତ୍ସଗୁଡିକ ଦୂଷିତ ହେବ ନାହିଁ ସେଥିପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ପ୍ରାବଧାନ ରହିଛି । କିନ୍ତୁ ନିୟମ ପାଳନ ହେଉନି। ରେଲୱେ ସାଇଡିଂ ଆରମ୍ଭ ହେବାର ଦେଢ଼ବର୍ଷରୁ ଅଧିକ ସମୟ ହୋଇ ଗଲାଣି। ବାରମ୍ବାର ଏ ସଂପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଏପର୍ଯ୍ୟ ସମସ୍ୟାର ସମାଧାନ ପାଇଁ ତତ୍ପରତା ପ୍ରକାଶ ପାଉନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଉଦାସୀନତାର ସୁଯୋଗ ନେଇ ପ୍ରତିଦିନ ଖୋଲା ମେଲାରେ କୋଇଲା ପରିବହନ ହେଉଛି। ଷ୍ଟକୟାର୍ଡରେ ଖଲାସ ଓ ବୋଝେଇ ଆଦି ନିୟମିତ ଚାଲିଛି।

## ଫଟୋରେ ଖବର



ରାଜଗାଙ୍ଗପୁର ସରବତୀଦେବୀ ମହିଳା କଲେଜର ଜଣେ ଚତୁର୍ଥ ଶ୍ରେଣୀ ଆଦିବାସୀ ମହିଳାଙ୍କୁ ଯୌନ ନିର୍ଯାତନା ଘଟଣାରେ ୪୮ ଘଣ୍ଟା ଭିତରେ ଦୋଷୀଙ୍କୁ ଗିରଫ କରିବାକୁ ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ ମଙ୍ଗଳବାର କଲେଜ ସମ୍ମୁଖରେ ଖବରଦାତାମାନଙ୍କୁ ସୂଚନା ଦେଉଛନ୍ତି।

■ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ବାର୍ଷିକ ଉତ୍ସବ

## ବକ୍ତୃତା, ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତା

**ଲହଣୀପଡା, ୨୪।୯ (ଡି.ଏନ.ଏ.)**

ଲହଣୀପଡା ବ୍ଲକ ଲଟେଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକ ଅବସରରେ ବ୍ଲକସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଲହଣୀପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ବ୍ରହ୍ମା, କେଶବ ଚନ୍ଦ୍ର ମାହାନ୍ତ, କାର୍ତ୍ତିକ ଚନ୍ଦ୍ର ସାହୁ, ଏବିଇଓ ନରହରି କିଶାନ ଯୋଗ ଦେଇଥିଲେ। ଏମାକ୍ରିପା ମିଞ୍ଜ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ସିଆରସିସି ରମେଶ ଚନ୍ଦ୍ର ମାହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ବିଶ୍ୱଜିତ ମହାପାତ୍ର, ଜୟଦେବ ମାହାନ୍ତ, ଭଜମନ ମାହାନ୍ତ, ହେମନ୍ତ କୁମାର ମାହାନ୍ତ, ବସନ୍ତ ମାହାନ୍ତ, ରାଜକୁମାରୀ ମହାକୁଳ, ରାଜକିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ କମଳ ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ ।



ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ବାର୍ଷିକ ଉତ୍ସବରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତାର ପ୍ରତିଯୋଗୀ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଚୋରି ମାମଲାର ପର୍ଦ୍ଦାଫାଶ, ୬ ଗିରଫ

ପଦ୍ମପୁର,୨୪।୯(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁରର ବିଗତ ଦିନରେ ସଂଘଟିତ ସିରିଜ୍ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ପଦ୍ମପୁର ରାଜାପଡ଼ାର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବୁର୍ଲାରେ ରହୁଥିବା ଚନ୍ଦ୍ର ଗୁର୍ଲା ଓରଫ ବେଡ଼ା(୨୧), ରାଜାପଡ଼ାର ସଞ୍ଜୟ ଗୁର୍ଲା(୩୧), ଆଲୋକ କଲେତ୍(୨୮), ଜୟଦ୍ରଥ ଡୁଙ୍ଗୁରୀ(୩୫), ମାହାରପଡ଼ାର ଗୋପୀ ନାଏକ(୨୦) ଏବଂ ଭେଡଁରିଆର ପବିତ୍ର ମେହେର(୩୩)। ସେମାନଙ୍କ ପାଖରୁ ୨ଟି ସୁନାଚେନ, ଗୋଟିଏ ସୁନାମୁଦି, ମଙ୍ଗଳସୂତ୍ର, ନାକଫୁଲ, ଲକେଟ୍, ରୂପା ଅଳଙ୍କାର ଏବଂ ୨ଟି ମୋବାଇଲ ଜବତ ହୋଇଛି । ମୁଖ୍ୟ ଅଭିଯୁକ୍ତ ଜଣେ ପେସାଦାର ଚୋର ଏବଂ ସେ ଥାନାପଡ଼ାର ଦିନେଶ ବେହେରା, କାର୍ତ୍ତିକ ପଟେଲ, ବିଜୁ ଯଶୱାନୀ ଆଦିଙ୍କ ଘରେ ସଂଘଟିତ ଚୋରି ମାମଲାରେ ସମ୍ପୃକ୍ତ ଥିବା ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସେହିପରି ଅନ୍ୟ ଅଭିଯୁକ୍ତମାନେ ଚୋରି ସାମଗ୍ରୀକୁ ମୁଖ୍ୟ ଅଭିଯୁକ୍ତଙ୍କଠାରୁ ଆଣି ରଖିଥିଲେ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ମାନସ ପ୍ରଧାନ ଉପସ୍ଥିତ ଥିଲେ ।

### ଟ୍ରାକ୍ଟର ସହ କାଠ ଜବତ, ୨ ଗିରଫ

ପାଇକମାଳ, ୨୪।୯(ଡି.ଏନ.ଏ)

ପାଇକମାଳ ବନ ବିଭାଗ ପକ୍ଷରୁ ଚଢାଉ କରି ସୋମବାର ରାତି ୮ଟାରେ ସାଲେପାଲି ଛକରେ ଏକ କାଠ ବୋଝେଇ ଟ୍ରାକ୍ଟର (ନଂ.ଓଡି୧୭ଡି/୮୬୭୩)କୁ ଜବତ କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଜୟନ୍ତ ସାହୁ ଓ ଦେବବନ୍ଧୁ ସାହୁ। ଟ୍ରାକ୍ଟରରେ ୧୧୫ ଖଣ୍ଡ ବଲି ଗଛ ବୋଝେଇ ହୋଇ ପାଇକମାଳ ଆଡକୁ ଆସୁଥିବା ବେଳେ ବନ କର୍ମଚାରୀମାନେ ଏହାକୁ ଜବତ କରିଥିଲେ । ଏ ନେଇ ଏକ ମାମଲା (ନଂ. ୬୧/୧୯) ରୁଜୁ ହୋଇଛି ।

### ବଢୁଛି ନିଶାକାରବାର

ଅତାବିରା, ୨୪।୯ (ଡି.ଏନ.ଏ)

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମାଞ୍ଚଳରେ ଅବକାରୀ ଓ ପୋଲିସ ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଦିନକୁ ଦିନ ନିଶା କାରବାର ବଢିବାରେ ଲାଗିଛି । ଏହି ର୍ୟାକେଟ ସକ୍ରିୟ ହୋଇ ଡ୍ରଗ୍ସ, କଫ ସିରପ, ବିଦେଶୀ ମଦ, ଗଞ୍ଜେଇ ଚୋରାଚାଲାଣ କରୁଥିଲେ ମଧ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ନିଶା କାରବାର କରୁଥିବା ର୍ୟାକେଟ ବାଇକ, ବୋଲେରୋ ଆଦି ଯାନବାହନରେ ବୌଦ୍ଧ, ଛତିଶଗଡ, ସମ୍ବଲପୁର, ବଲାଙ୍ଗୀର ଅଞ୍ଚଳରୁ ଗ୍ରାମାଞ୍ଚଳକୁ ଆଣୁଛନ୍ତି। ଏହାକୁ ବିକ୍ରି ପାଇଁ ଗ୍ରାମାଞ୍ଚଳର ଯୁବକମାନଙ୍କୁ ଏଜେଣ୍ଟ ଭାବେ ନିଯୁକ୍ତ କରୁଛନ୍ତି । ନିଶା କାରବାର କରୁଥିବା ର୍ୟାକେଟ ଓ ଅସାଧୁ ପୋଲିସ ଅଧିକାରୀଙ୍କ ପ୍ରତି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏ ନେଇ ଅତାବିରା ଥାନା ଆଇଆଇସି ପୁରୋଷତ୍ତମ ଭୋଇ ଓ ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆଙ୍କୁ ପଚରାଯିବାରୁ ନିଶା କାରବାର କରୁଥିବା ର୍ୟାକେଟ ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

### ବ୍ରାହ୍ମଣ ସମାଜର ନୂତନ କମିଟି ଗଠିତ

ଭେଡ଼େନ,୨୪।୯(ଡ଼ି.ଏନ.ଏ)

ଭେଡ଼େନ ସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବ୍ଲକ ବ୍ରାହ୍ମଣ ସମାଜର ଏକ ବୈଠକ ବିମଳେଶ୍ୱର ରଥଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିରେ ନୂତନ କମିଟି ଗଠିତ ହୋଇଥିଲା। ପ୍ରିୟବ୍ରତ କର ସଭାପତି, ଗଣ୍ଡାରାମ ଦାଶ, ଜୟ ନାରାୟଣ ପାଢ଼ୀ ଉପସଭାପତି, ପ୍ରଫୁଲ୍ଲ ପଣ୍ଡା ସମ୍ପାଦକ, ମାଧବ ଚନ୍ଦ୍ର ମହାପାତ୍ର, ହୃଷିକେଶ ଧର ସହ ସମ୍ପାଦକ, ପ୍ରେମ ପ୍ରକାଶ ପୁରୋହିତ କୋଷାଧ୍ୟକ୍ଷ, ନନ୍ଦି କିଶୋର ହୋତା, ପ୍ରଫୁଲ୍ଲ ଦାଶ ସହ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି। ଏହାସହ ଉପଦେଷ୍ଟା ଭାବେ ବିମଳେଶ୍ୱର ରଥ, ଭକ୍ତ ଚରଣ ରଥ ଏବଂ ଜୟନ୍ତ ଶତପଥି ରହିଥିବାବେଳେ ଉପଦେଷ୍ଟା ମଣ୍ଡଳୀରେ ୯ଜଣ ଅଛନ୍ତି।

■ ହାଇକୋର୍ଟର ସ୍ଥାୟୀବେଞ୍ଚ ସ୍ଥାପନ ଦାବି ପ୍ରସଙ୍ଗ

# ଅର୍ଥନୈତିକ ଅବରୋଧ ଆରମ୍ଭ

ବରଗଡ଼ ଅଫିସ୍,୨୪।୯

ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଦିନକୁ ଦିନ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସୋମବାର କାର୍ଯ୍ୟବନ୍ଦ କରି ବରଗଡ଼ ଜିଲା ଓକିଲ ସଂଘ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଜିଲାପାଳ ଅଫିସକୁ ଯାଇ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେହିପରି ମଙ୍ଗଳବାରଠାରୁ ବରଗଡ଼ରେ ଅର୍ଥନୈତିକ ଅବରୋଧ ଆରମ୍ଭ କରିଛି ଓକିଲ ସଂଘ। ଓକିଲଙ୍କ ଏଭଳି ଆନ୍ଦୋଳନ ଯୋଗୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅଫିସ୍, ବ୍ଲକ, ତହସିଲ, ରେଜିଷ୍ଟ୍ରି, ଆୟକର, ବିକ୍ରିକର, ଜିଲା କୋଷାଗାର ଏବଂ ଜିଲାପାଳ କାର୍ଯ୍ୟାଳୟ ଆଦି ସରକାରୀ ଅଫିସ ଗୁଡ଼ିକ ଅଚଳ ହୋଇ ପଡ଼ିଛି । ଏଥିରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ବ୍ୟାଙ୍କ ଗୁଡ଼ିକୁ ବାଦ୍ ଦିଆଯାଇଛି। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

ପ୍ରକାଶ ଯେ, ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି । ପଶ୍ଚିମ ଓଡ଼ିଶାବାସୀଙ୍କ ହିତ ପାଇଁ ଓକିଲମାନେ ଏହି ଦାବି କରି ଆସୁଥିବାବେଳେ ଏଥିପାଇଁ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଛନ୍ତି। ଏହାସତ୍ତ୍ୱେ ଦାବି ପୂରଣ ହୋଇପାରି ନାହିଁ । ହାଇକୋର୍ଟର ଆଉ ଏକ ବେଞ୍ଚ ସ୍ଥାପନ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଉଦ୍ୟମ କରିଥିବାବେଳେ ହାଇକୋର୍ଟ ବାର୍ ଆସୋସିଏଶନ ତାକୁ ବିରୋଧ କରି ମୁଖ୍ୟ ବିଚାରପତିଙ୍କ ଅଦାଲତକୁ ବର୍ଜନ କରିଛି । ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉଦ୍ୟମକୁ ଜିଲା ଓକିଲ ସଂଘ ସ୍ୱାଗତ କରିଥିବାବେଳେ ହାଇକୋର୍ଟ ବାର ଆସୋସିଏଶନର ସେଭଳି କାର୍ଯ୍ୟକୁ ନିନ୍ଦା କରି ଆନ୍ଦୋଳନକୁ ତୀବ୍ର କରିବାରେ ଲାଗିଛି।

ଏହି କ୍ରମରେ କାର୍ଯ୍ୟବନ୍ଦ ସହିତ ଅର୍ଥନୈତିକ ଅବରୋଧ ଆରମ୍ଭ କରିଛି ଜିଲା ଓକିଲ ସଂଘ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ସଂଘର ସମସ୍ତ କର୍ମକର୍ତ୍ତା ସଂଘ କାର୍ଯ୍ୟାଳୟରୁ ବାହାରି ଅଫିସ ଗୁଡ଼ିକୁ ବନ୍ଦ କରିଥିଲେ। ସେହିପରି ଜିଲାପାଳ ଅଫିସରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉପସ୍ଥିତ ଥିବାବେଳେ ଓକିଲମାନେ ସେମାନଙ୍କ ଆନ୍ଦୋଳନର ଆଭିମୁଖ୍ୟ ଉପରେ ଅବଗତ କରିଥିଲେ। ଜିଲାପାଳ ପ୍ରଧାନ ତାଙ୍କ ଅଫିସରୁ ବାହାରି ଯିବା ପରେ ଓକିଲମାନେ ଜିଲାପାଳ ଅଫିସକୁ ମଧ୍ୟ ଅଚଳ କରି ଦେଇଥିଲେ । ସଂଘ ସଭାପତି ବେଲାଳସେନ ସରାଫ, ଉପସଭାପତି ସରୋଜ ତ୍ରିପାଠୀ, ସାଧାରଣ ସମ୍ପାଦକ ହେମନ୍ତ ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।







ଅର୍ଥନୈତିକ ଅବରୋଧରେ ଓକିଲଙ୍କ ବିକ୍ଷୋଭ ପ୍ରଦର୍ଶନ (ବାମ) । ଓକିଲଙ୍କ ଆନ୍ଦୋଳନ ଯୋଗୁ ଜିଲା କୋଷାଗାର ଅଫିସ ବନ୍ଦ ରହିଛି ।

### ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ରାଜନେତା

ବରଗଡ଼ ଅଫିସ୍,୨୪।୯

ବରଗଡ଼ ବ୍ଲକ ନୂଆପାଲି ଗ୍ରାମରେ ଆତ୍ମହତ୍ୟା କରିଥିବା ମୃତ ଚାଷୀ ମହେନ୍ଦ୍ର ସାହୁଙ୍କ ପରିବାର ଲୋକଙ୍କୁ ମଙ୍ଗଳବାର କଂଗ୍ରେସ, ଭାଜପା ପ୍ରତିନିଧି ଦଳ ପୃଥକ ଭାବେ ଭେଟି ସମବେଦନା ଜଣାଇଛନ୍ତି। କଂଗ୍ରେସ ପ୍ରତିନିଧି ମଣ୍ଡଳୀରେ ରବିନ ଦାଶ, ଆନନ୍ଦ ପ୍ରଧାନ, ବିମଳ ଦାଶ, ନେପାଳ ସାହୁ, ବାଦଲ ଖମାରୀ, ସାଧୁ ବାରିକ, ପ୍ରମୋଦ ସାହୁ ପ୍ରମୁଖ ରହିଥିଲେ । ମୃତକଙ୍କ ପରିବାର ଲୋକଙ୍କୁ ସରକାରଙ୍କ ପକ୍ଷରୁ କୌଣସି ସହାୟତା ରାଶି ମିଳି ନ ଥିବା ଯୋଗୁ ସେମାନେ ଉଦବେଗ ପ୍ରକାଶ କରିଥିଲେ । ସେହିପରି ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ଡା. ଅରୂପାନନ୍ଦ ସାହୁ, ରବି ନାରାୟଣ ଦାଶ, ପ୍ରୀତମ ସିଂ, ଅବନୀକାନ୍ତ ପଣ୍ଡା ପ୍ରମୁଖ ମୃତ ଚାଷୀଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ । ଏହା ସହିତ ସ୍ଥାନୀୟ ବିଡ଼ିଓ, ତହସିଲଦାରଙ୍କୁ ଭେଟି ତାଙ୍କ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ, ଝିଅପୁଅଙ୍କ ମାଗଣା ଶିକ୍ଷା ବ୍ୟବସ୍ଥା ତଥା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଆର୍ଥିକ ସାହାଯ୍ୟ ପାଇଁ ଦାବି ଉପସ୍ଥାପନ କରିବା ସହିତ ମାସକ ମଧ୍ୟରେ ରାଶନ ସାମଗ୍ରୀ ଯୋଗାଇ ଦେବେ ବୋଲି ଏହି ପ୍ରତିନିଧିମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।

ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା

## ଆଇନଜୀବୀଙ୍କ କଲ୍ୟାଣ ପାଇଁ ଉଦ୍ୟମ ଜାରିରହିଛି

ରାଉରକେଲା ଅଫିସ, ୨୪।୯

ରାଜ୍ୟର ପ୍ରତି ଜିଲାରେ ସହର ମହକୁମାଠାରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ନ୍ୟାୟିକ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହିତ ଆଇନଜୀବୀମାନଙ୍କ ସାମୂହିକ କଲ୍ୟାଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଓଡିଶା ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ରାଉରକେଲା ଗସ୍ତରେ ଆସିଥିବା ବେଳେ ଏହା କରିଛନ୍ତି। ରାଉରକେଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ସ୍ଥାନୀୟ ପାନ୍ଥନିବାସ ଠାରେ ଆବାହକ ସନ୍ତୋଷ ନାୟକଙ୍କ ଅଧକ୍ଷତାରେ ଆଇନଜୀବୀ ମାନଙ୍କ ବିଭିନ୍ନ ସମସ୍ୟା ଓ କଲ୍ୟାଣ ପାଇଁ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ମନ୍ତ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାସହ ଏହି ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିବା ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧକ୍ଷ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ସୁନ୍ଦରଗଡ଼ ଜିଲା ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନା ସମୟରେ ଆବାହକ ସନ୍ତୋଷ ନାୟକ ଆଇନଜୀବୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥଇଲେ। ରାଉରକେଲାରେ ହାଇକୋର୍ଟର ଏକ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ସହ ରାଉରକେଲାକୁ ଏକ ରେଭେନ୍ୟୁ ଜିଲା ଭାବେ ଘୋଷଣା କରାଯିବା ପାଇଁ ଅନୁରୋଧ ଜଣାଇଥିଲେ। ଏଥିସହିତ ଆଇନଜୀବୀମାନେ ଯେପରି ସେମାନଙ୍କ ବକେୟା ପ୍ରାପ୍ୟ ପାଇବେ ଏବଂ ଅଦାଲତ ବନ୍ଦ ଥିବା ଦିବସ ଗୁଡ଼ିକରେ ସେମାନଙ୍କୁ ଯେପରି ପ୍ରାପ୍ୟ ମିଳିବ, ଆଇନଜୀବୀଙ୍କୁ ସରକାରୀ ବାସଗୃହ ଯୋଗାଣ, ହରିଆନା ରାଜ୍ୟ ସରକାରଙ୍କ ଭଳି ବାସଗୃହ ନିର୍ମାଣ ପାଇଁ ସୁଲଭ ମୂଲ୍ୟରେ ଜମି ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା ବିଚାର ବିମର୍ଶ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମ ଅବସରରେ ଆଇନଜୀବୀ ଅନୁସୟା ପଣ୍ଡା, ବିଜୟ ପଟ୍ଟନାୟକ, ଅଶୋକ ପ୍ରଦାନ ଓ ଆସିଫ ଅଲ୍ଲୀ ଆଇନ ସାମ୍ମୁଖ୍ୟର ନୂତନ ସଦସ୍ୟ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇଜନୀବୀ ସାମ୍ମୁଖ୍ୟର ଜିଲା ଆବାହକ ଅଶୋକ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ସୁଜୟ ପାଣି, ଗିରୀଶ ମହାପାତ୍ର, ରବିନ୍ଦ୍ର ସେନାପତି, ଆର୍ତ୍ତ ମହାରଣା, ନିରଞ୍ଜନ ଦାସ, ବିଜୟ ଦାସ, ସତ୍ୟନାରାୟଣ ମହାପାତ୍ର, ଚନ୍ଦ୍ରମଣି ଜେନା, ଶୈଳେନ୍ଦ୍ର ବାରିକ, ଧର୍ମେନ୍ଦ୍ର ରାଏ, ଶ୍ରୀନିବାସ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ରାଉରକେଲାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

## ରାଉରକେଲାର ବିକାଶ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଓ ବିଧାୟକ ସାରଦା ନାୟକଙ୍କ ସହ ଅନ୍ୟ ଅଧିକାରୀମାନେ।

ରାଉରକେଲା ଅଫିସ, ୨୪।୯

ସୁନ୍ଦରଗଡ଼ ଜିଲା ରାଉରକେଲା ସହରରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ମନ୍ତ୍ରୀ ପ୍ରତାପ ଜେନା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ତଥା ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧକ୍ଷ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଜେନା ଓ ବିଧାୟକ ନାୟକ ଛେଣ୍ଡ କଲୋନୀ ହନୁମାନ ମନ୍ଦିର ନିକଟରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ପହଞ୍ଚି ୬୭.୫୪ଲକ୍ଷ ଟଙ୍କାରେ ଡ୍ରେନ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ଛେଣ୍ଡ କଲୋନୀସ୍ଥିତ କଳିଙ୍ଗ ବିହାର କୋଅପରେଟିଭ କଲୋନୀ ନିକଟରେ ୯୭.୯୨ ଲକ୍ଷ ଟଙ୍କା ବ୍ୟୟରେ ମୁଖ୍ୟ ଡ୍ରେନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସିଭିଲ ଟାଉନସିପଠାରେ ୯୬.୧୬ ଲକ୍ଷ ଟଙ୍କାରେ ଡ୍ରେନ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ମନ୍ତ୍ରୀ ଜେନା ଓ ବିଧାୟକ ନାୟକ ଉଭୟେ ସ୍ମାର୍ଟସିଟି ପ୍ରକଳ୍ପ ଅଧୀନରେ ୨୬କୋଟି ଟଙ୍କା ବ୍ୟୟରେ ପାନପୋଷ ଛକଠାରୁ ଆମେଡ଼କର ଛକ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ସ୍ମାର୍ଟ ରୋଡ ପାଇଁ ଗାନ୍ଧୀ ଛକଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ଜେନା ଉପସ୍ଥିତ ଜନସାଧାରଣଙ୍କୁ ରାଉରକେଲାର ବିକାଶ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତି ବଦ୍ଧ ବୋଲି ମତପକ୍ରାଶ କରିଥିଲେ। ଏହି ଅବସରରେ ରାଉରକେଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ମନ୍ତ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟସିଟି ଲିମିଟେଡର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ ପଟେଲ, ମହାନଗର ନିଗମର ସୁଧାଂଶୁ ଭୋଇ, ଉପାୟୁକ୍ତା ସୀତାଦେବୀ ମାଝି, ନିର୍ବାହୀଯନ୍ତ୍ରୀ ଅଶୋକ ପରିଡ଼ା, ଉପ ନିର୍ବାହିଯନ୍ତ୍ରୀ ଜୟନ୍ତ ମୈତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଞ୍ଚାୟତ କଲେଜରେ ସ୍ୱଚ୍ଛତା ପକ୍ଷ ପାଳିତ

ବରଗଡ଼ ଅଫିସ୍,୨୪।୯

ବରଗଡ଼ ପଞ୍ଚାୟତ କଲେଜରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ କଲେଜର ସମର ଶିକ୍ଷାର୍ଥୀ ବାହିନୀ (ଏନସିସି), ଜାତୀୟ ସେବା ଯୋଜନା (ଏନଏସଏସ) ସ୍ୱେଚ୍ଛାସେବୀମାନେ କଲେଜ ପରିସରକୁ ସଫାସୁତୁରା କରିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳ ସଂରକ୍ଷଣ, ପ୍ଲାଷ୍ଟିକମୁକ୍ତ ପରିବେଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ସଞ୍ଜୟ କୁମାର ଦାଶ, ଅଧ୍ୟାପକ ପତିତପାବନ ସାହୁ, ଡଃ ନକୁଳ ସେଠ, ଅଧ୍ୟାପକ ସୁବଳ ମେହେର, ଶେଷନ ବିଶି, ସୁରେଶ କୁମାର ମାଝି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।





ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧ୍ୟକ୍ଷ ଓ ଅନ୍ୟମାନେ ।

### ବିଦ୍ୟୁତ ବିଭ୍ରାଟ, ଚରମ ସୀମାରେ ଜନଅସନ୍ତୋଷ

ଭେଡ଼େନ,୨୪।୯(ଡ଼ି.ଏନ.ଏ)

ଭେଡ଼େନ ବ୍ଲକର ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ବିଦ୍ୟୁତ ବିଭ୍ରାଟ ଦେଖାଦେଉଛି। ବିଶେଷ କରି ପର୍ବପର୍ବାଣି ସମୟରେ ଏହା ଅତ୍ୟନ୍ତ ତୀବ୍ର ହେବା ଫଳରେ ଜନସାଧାରଣ ଅତିଷ୍ଠ ହୋଇ ପଡ଼ିଲେଣି। ଗତ ରବିବାର ସନ୍ଧ୍ୟାରେ ପୁଅ ଜିଉଁତିଆ ପାଳନ ସମୟରେ ଲାଇନ ଯିବା ପରେ ରାତିସାରା ଲାଇନ ଆସି ନ ଥିଲା। ସୋମବାର ଅପରାହ୍ନ ୧ଟାରେ ମାତ୍ର ଅଧଘଣ୍ଟା ପାଇଁ ଲାଇନ ଆସିବା ପରେ ପୁଣି ଚାଲିଯାଇଥିଲା। ସୋମବାର ଦିନସାରା ଓ ରାତିସାରା ଲାଇନ ଆଉ ଆସି ନ ଥିଲା । ମଙ୍ଗଳବାର ଅପରାହ୍ନରେ ଲାଇନ ଆସିବା ପରେ ମଧ ମଝିରେ ମଝିରେ ଚାଲି ଯାଉଛି। ଲାଇନ ନ ଥିବାରୁ ସମସ୍ତ ଅଫିସ କାମ ଅଚଳ ହୋଇପଡୁଛି।

## ବୃଦ୍ଧାଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ସରଣ୍ଡା, ୨୪।୯ (ଡି.ଏନ.ଏ)

ଅତାବିରା ବ୍ଲକ କୁଲୁଣ୍ଡା ଗ୍ରାମର ଅସହାୟ ବୃଦ୍ଧା ରଇବାରୀ ବିଶାଳ (୭୦)ଙ୍କ ମୃତଦେହକୁ ସମ୍ବଲପୁର ସ୍ଥିତ ରାଜଘାଟଠାରେ ସତ୍କାର କରାଯାଇଛି। ଗତ ମେ ୩୧ ତାରିଖରେ ଉକ୍ତ ବୃଦ୍ଧାଙ୍କ ସ୍ୱାମୀ ବିଶିକପଟିଆ ବିଶାଳଙ୍କ ଦେହାନ୍ତ ହୋଇଥିଲା। ଏମାନେ ରାୟଗଡ ଅଞ୍ଚଳରୁ ପ୍ରାୟ ୪୦ ବର୍ଷ ତଳୁ ଆସିଥିଲେ । ଏଠାରେ ତାଙ୍କର କେହି ସମ୍ପର୍କୀୟ ନ ଥିବାରୁ ମୃତଦେହ ସଂସ୍କାର ପାଇଁ କେହି ବି ଆସି ନ ଥିଲେ। ଫଳରେ ସ୍ୱେଚ୍ଛାସେବୀ ଅମୃତ କୁମାର ବାରିକଙ୍କ ନେତୃତ୍ୱରେ ବାବେବିରାର ଅଭିନୟ ଦୀପ ଓ ଗୋବିନ୍ଦ ରାଓ ଏକ ଗାଡିରେ ମୃତଦେହକୁ ନେଇ ରାଜଘାଟରେ ଅନ୍ତିମ ସଂସ୍କାର କରିଥିଲେ ।



ସ୍ୱେଚ୍ଛାସେବୀମାନେ ମୃତଦେହ ସଂସ୍କାର ପାଇଁ ଆଣିଛନ୍ତି ।

# ୭୦୦କୋଟିର କାର୍ଯ୍ୟ ଯୋଜନା ଅନୁମୋଦିତ

- ୯ ରୁର୍ବାନ ଅଞ୍ଚଳ ପାଇଁ ଗୁରୁତ୍ୱ
- ୮ ନୂତନ ଅଞ୍ଚଳ ସାମିଲ ପାଇଁ ସୁପାରିସ
- ପୂର୍ବରୁ ଆରମ୍ଭ ହୋଇଥିବା ପ୍ରକଳ୍ପର ସମୀକ୍ଷା କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ରାଜ୍ୟରେ ଚିହ୍ନଟ କରାଯାଇଥିବା ୯ଟି ରୁର୍ବାନ ଅଞ୍ଚଳ ପାଇଁ ସରକାର ୭୦୦ କୋଟି ଟଙ୍କାର କାର୍ଯ୍ୟ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ଷମତାସମ୍ପନ୍ନ କମିଟି ବୈଠକରେ ଏହି ଅନୁମୋଦନ ମିଳିଛି। ଲୋକସେବା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ ସିଂ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ନେଇ ତଥ୍ୟ ଉପସ୍ଥାପିତ କରିଛନ୍ତି। ଏଗୁଡିକୁ ଅନୁମୋଦନ ଦେବା ସହିତ ପୂର୍ବରୁ ଆରମ୍ଭ ହୋଇଥିବା ପ୍ରକଳ୍ପ ଗୁଡିକର ଫଳାଫଳ ନେଇ ସମୀକ୍ଷା କରିବାକୁ ତୃତୀୟ ପକ୍ଷକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ବିଡିଓ ଏବଂ ଅନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିୟମିତ ବ୍ୟବଧାନରେ ପ୍ରେରଣା ଦେବା ଲାଗି ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ମଧରେ ସମନ୍ୱୟ ରକ୍ଷାକରିବା ପାଇଁ ବିଧିବଦ୍ଧ ଆନୁଷ୍ଠାନିକ ବ୍ୟବସ୍ଥା କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ପରାମର୍ଶ ଦେଇଛନ୍ତି। ବୈଠକରେ ନୂତନ ୮ ଅଞ୍ଚଳକୁ ରୁର୍ବାନ ମିଶନରେ ସାମିଲ କରିବା ଲାଗି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ସୁପାରିସ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ମାଲକାନଗିରି ଜିଲାର କାଲିମେଳା, ନୂଆପଡାର କୋମନା, କେନ୍ଦୁଝର ସଦର, ଗଜପତିର ମୋହନା, ପୁରୀ ସଦର, ଯାଜପୁର ଜିଲାର ଦାନଗଦି, ସୁବର୍ଣ୍ଣପୁରର ଉଲୁଣ୍ଡା ଏବଂ ସମ୍ବଲପୁରର ଢାକୁଆଡ ଆଦି ଅଞ୍ଚଳ ଏହାର ଅନ୍ତର୍ଭୁକ୍ତ କରାଯିବ। ବୈଠକରେ ଗଞ୍ଜାମ ଜିଲାର ଦହିତା ଓ କେଶପୁର, ବଲାଙ୍ଗୀର ଜିଲାର ସିବତଳା, କନ୍ଧମାଳର କୋଠଗଡ, ନବରଙ୍ଗପୁରର ମୁର୍ତାମା, ବାଲେଶ୍ୱର ଜିଲାର ରାଇବଣିଆ, ସୁନ୍ଦରଗଡର କାଉରମୁଣ୍ଡା, କୋରାପୁଟର ମରିଚମାଳ ଏବଂ ରାୟଗଡା ଜିଲାର ପୁଟ୍ଟା ସିଂ ଅଞ୍ଚଳ ପାଇଁ ସମୁଦାୟ ୭୦୦କୋଟି ଟଙ୍କାର କାର୍ଯ୍ୟଯୋଜନା ଅନୁମୋଦିତ ହୋଇଛି। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ମିଶନର ପ୍ରଥମ ପର୍ଯ୍ୟାୟରେ ୫ଟି ଅଞ୍ଚଳରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଆରମ୍ଭ ହୋଇଛି। କଟକ ଜିଲାର ତଳବସନ୍ତ, ଖୋର୍ଦ୍ଧାର ରାଣୀପଡା, ଝାରସୁଗୁଡ଼ାର ସାମସିଂହ, କଳାହାଣ୍ଡିର ଉତ୍‌କେଳା ଏବଂ ମୟୂରଭଞ୍ଜର ଠାକୁରମୁଣ୍ଡା ରୁର୍ବାନ ଅଞ୍ଚଳ। ୨୦୧୬-୧୭ ମସିହାଠାରୁ ଏହି ୫ ଅଞ୍ଚଳରେ ୪୦୦କୋଟି ଟଙ୍କା ଆକଳନରେ ୫ ବର୍ଷିଆ ଯୋଜନା କାର୍ଯ୍ୟାନ୍ୱୟନ କରାଯାଉଛି। ତୃତୀୟ ପକ୍ଷଙ୍କ ଦ୍ୱାରା ଏହି ପ୍ରକଳ୍ପର ମଧ୍ୟବର୍ତ୍ତିକାଳୀନ ଫଳାଫଳ ଆକଳନ ପାଇଁ ଅସୀତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି।